# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୯/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 29/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 123 | ମୂଲ୍ୟ ₹୭/-




## ଦୁଃଖ ବଖାଣିଲେ ବରୁଣ ଧାୱନ

'ବର୍ଡର ୨'ର ସଫଳତା ସତ୍ତ୍ୱେ ଅଭିନେତା ବରୁଣ ଧାୱନ ଝିଅ ଲାରାଙ୍କ ଗମ୍ଭୀର ରୋଗକୁ ନେଇ ଦୁଃଖିତ ଅଛନ୍ତି। ଏହା ବର୍ଣ୍ଣନା କରିବା ବେଳେ ସେ ଭାବପ୍ରବଣ ହୋଇପଡ଼ିଥିଲେ।

୦୨

୧୪

## ଆଣ୍ଟୋନେଲିଙ୍କୁ ପୋଲ୍ ପୋଜିଶନ

ଜାପାନିଜ ଫର୍ମୁଲା-୧ ଗ୍ରାଁ.ପ୍ରି ପାଇଁ ପୋଲ ପୋଜିଶନ ହାସଲ କରିଛନ୍ତି ମର୍ସିଡିଜ ଡ୍ରାଇଭର କିମି ଆଣ୍ଟୋନେଲି।






ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଥିବାବେଳେ ଲକ୍‌ଡାଉନ୍ ଭଳି ସ୍ଥିତି ଉପୁଜିପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଭାରତ ତଥା ଓଡ଼ିଶାରେ ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ଏବେଠୁ ସାଇକେଲ ଚଲାଇବା ଅଭ୍ୟାସ କରିବାକୁ ଆହ୍ୱାନ ଦେଇ ବନ୍ଦେ ମାତରମ୍ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ସଚେତନତା ସୃଷ୍ଟି କରାଯାଉଛି। **(ଫଟୋ : ମନୋରଞ୍ଜନ ମିଶ୍ର)**

# ମୋଦି-ଟ୍ରମ୍ପ ଆଲୋଚନାରେ ମସ୍କ

## ଖଣ୍ଡନ କଲା ଭାରତ

ଟ୍ରମ୍ପ ପ୍ରଶାସନଠାରୁ ଦୀର୍ଘଦିନ ଧରି ଦୂରେଇ ରହିଥିବା ଆମେରିକୀୟ ବ୍ୟବସାୟୀ ଏଲନ୍ ମସ୍କ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ନିକଟରେ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲା। ହେଲେ ଏହି ସମୟରେ ଏଲନ୍ ମସ୍କ ଉପସ୍ଥିତ ରହିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ତାହାକୁ ନେଇ ବିବାଦ ଦେଖାଦେଇଛି। ନ୍ୟୁୟର୍କ ଟାଇମ୍ସର ଏ ସଂକ୍ରାନ୍ତ ରିପୋର୍ଟକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଅନ୍ୟପକ୍ଷରେ ବିଶ୍ଳେଷକଙ୍କ ମତରେ ମସ୍କ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟକୁ ସୁରକ୍ଷା ଦେବା ଲାଗି ଟ୍ରମ୍ପଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛନ୍ତି।



ଡୋନାଲ୍ଡ ଟ୍ରମ୍ପ | ଏଲନ୍ ମସ୍କ | ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ,୨୮।୩**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାର୍ଚ୍ଚ ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟେଲିଫୋନ୍ କରି ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଫେବୃଆରୀ ୨୮ରେ ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯୁଦ୍ଧ ଆରମ୍ଭ କରିଥିଲେ ମଧ୍ୟ ଏହାର ୨୪ ଦିନ ପରେ ଟ୍ରମ୍ପ ମୋଦିଙ୍କୁ ଫୋନ୍ କରିଥିଲେ। ଯୁଦ୍ଧ ଅବଧି ମଧ୍ୟରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ଆଲୋଚନା ଥିଲା। ହେଲେ ଏହି ସମୟରେ ଏଲନ୍ ମସ୍କ ଉପସ୍ଥିତ ରହିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବିବାଦ ତେଜିଛି। ବିଶ୍ୱର ଦୁଇ ପ୍ରମୁଖ ନେତାଙ୍କ କଥାବାର୍ତ୍ତା ବେଳେ ଜଣେ ବେସରକାରୀ ବ୍ୟକ୍ତି କିଭଳି ଉପସ୍ଥିତ ରହିଲେ ବୋଲି ପ୍ରଶ୍ନ ଉଠିଛି।

ଟ୍ରମ୍ପ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀଙ୍କ ନାମ ପ୍ରକାଶ ନ କରି ନ୍ୟୁୟର୍କ ଟାଇମ୍ସ ଏହି ରିପୋର୍ଟ ପ୍ରକାଶ କରିଥିଲେ ହେଁ ଏହି ବିଷୟକୁ ଭାରତ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ପ୍ରବକ୍ତା ନ୍ୟୁୟର୍କ ଟାଇମ୍ସର ଏହି ରିପୋର୍ଟକୁ ଖଣ୍ଡନ କରି କହିଛନ୍ତି, ଉକ୍ତ ରିପୋର୍ଟ ଆମେ ପଢ଼ିଛୁ। କିନ୍ତୁ ଟ୍ରମ୍ପ-ମୋଦିଙ୍କ ଆଲୋଚନା ସମୟରେ କେବଳ ସେହି ଦୁଇ ଜଣ ହିଁ ଉପସ୍ଥିତ ଥିଲେ, ସେଠାରେ ଅନ୍ୟ କେହି ନ ଥିଲେ। ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ଦୁଇ ନେତା ଆଲୋଚନା କରୁଥିଲାବେଳେ ସେଠାରେ ଅନ୍ୟ ଜଣଙ୍କ ଉପସ୍ଥିତି କିଭଳି ସମ୍ଭବ ହେବ ବୋଲି ପ୍ରବକ୍ତା ଜଣକ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରିବା ପରେ ପ୍ରଧାନମନ୍ତ୍ରୀ ମୋଦି 'X'ରେ ପୋଷ୍ଟକରି ଯୁଦ୍ଧକୁ ନେଇ ଉପୁଜିଥିବା ସଙ୍କଟର ସମାଧାନ ଦିଗରେ କଥାବାର୍ତ୍ତା ହୋଇଥିବା ଉଲ୍ଲେଖ କରିଥିଲେ। ବିଶେଷକରି ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ବୈଶ୍ୱିକ ଇନ୍ଧନ ଯୋଗାଣ କ୍ଷେତ୍ରକୁ ପ୍ରଭାବିତ କରିଥିବାରୁ ଏହାକୁ ମୁକ୍ତ କରି ତୈଳ ଓ ଗ୍ୟାସ୍ ଯୋଗାଣ କ୍ଷେତ୍ରକୁ ସ୍ୱାଭାବିକ କରିବାକୁ ଆଲୋଚନା ହୋଇଥିବା ମୋଦି କହିଥିଲେ।

# ଯୁକ୍ତ୨ ପରୀକ୍ଷା ଦେଲେନି ୫୦୩୧ ଛାତ୍ରୀଛାତ୍ର

## ଏପ୍ରିଲ ୨ରୁ ଖାତାଦେଖା

ଭୁବନେଶ୍ୱର,୨୮।୩ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶନିବାର ଶେଷ ହୋଇଛି। ଚଳିତ ବର୍ଷ ମୋଟ ୪ ଲକ୍ଷ ୧ ହଜାର ୬୨୩ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବାବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ୫୦୩୧ ଛାତ୍ରୀଛାତ୍ର ପରୀକ୍ଷା ଦେଇନାହାନ୍ତି। କଳାରେ ସର୍ବାଧିକ ୩୧୫୭ ପିଲା ପରୀକ୍ଷା ଦେଇ ନ ଥିବାବେଳେ ବିଜ୍ଞାନରେ ୯୨୪, ବାଣିଜ୍ୟରେ ୫୪୯ ଓ ଧନ୍ଦାମୂଳକ ଶିକ୍ଷାରେ ୪୦୧ ଜଣ ଅନୁପସ୍ଥିତ ରହିଥିବା ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏପ୍ରିଲ ୨ରୁ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଖାତାଦେଖା ଚାଲିବ। ଅନ୍‌ଲାଇନ୍ ଖାତାଦେଖା ପାଇଁ ୭୫ଟି ଏବଂ ଅଫ୍‌ଲାଇନ୍ ପାଇଁ ୭୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ୨ରୁ ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୫ରୁ ୨୬ ଯାଏ ଖାତାଦେଖା ହେବ। ମୋଟ ୧୬ ହଜାର ଅଧ୍ୟାପିକା/ଅଧ୍ୟାପକ ମୂଲ୍ୟାୟନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମାସେ ମଧ୍ୟରେ ମୂଲ୍ୟାୟନ ସରିବା ପରେ ଟେବୁଲେଶନ୍ ଓ ଅନ୍ୟାନ୍ୟ ପ୍ରକ୍ରିୟା ସାରି ୪୦ରୁ ୪୫ ଦିନ ଅର୍ଥାତ୍ ମେ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୂଲ୍ୟାୟନକାରୀଙ୍କ ପାଇଁ ପାନୀୟ ଜଳ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପକ୍ଷପାତିତା ଭାର**

# ଏପ୍ରିଲ ୧ରୁ ନୂଆ ସୁଭଦ୍ରା ଆବେଦନ

ଭୁବନେଶ୍ୱର,୨୮।୩ (ସୁଚିସ୍ମିତା ସାହୁ)

ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ତଥା ପ୍ରମୁଖ କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'ରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀ ସାମିଲ ହେବେ। ଏଥିପାଇଁ ଏପ୍ରିଲ ୧ରୁ ନୂଆ ଆବେଦନ ଆରମ୍ଭ ହେବ। ଏହା ଏପ୍ରିଲ ୩୦ ପର୍ଯ୍ୟନ୍ତ ଅର୍ଥାତ୍ ଏକମାସ ଧରି ଚାଲିବ। ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ। ୨୦୨୬ ଏପ୍ରିଲ ୧ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଆବଶ୍ୟକ ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ଦୁଇଟି କିସ୍ତିରେ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ ବୋଲି ଶନିବାର ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରିପାରିବେ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ପାଇପାରିବେ। ସୁଭଦ୍ରା ଯୋଜନାରେ ଯେପରି କୌଣସି ଯୋଗ୍ୟହିତାଧିକାରୀ ବାଦ୍ ନ ପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି ବୋଲି ସୂଚନା ଦିଆଯାଇଛି।










**ଇଣ୍ଡିଗୋ ବିମାନର ଜରୁରୀ ଅବତରଣ**

ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଶନିବାର ସକାଳେ ୧୬୧ ଯାତ୍ରୀଙ୍କୁ ନେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଦିଲ୍ଲୀ ଯାଉଥିବାବେଳେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏହାକୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରାଯାଇଥିବାବେଳେ କୌଣସି କ୍ଷୟକ୍ଷତି ଘଟି ନ ଥିବା ଅଗ୍ନିଶମ ବିଭାଗ କହିଛି।



ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ଏକଚାଟିଆ ଶାସନ ବ୍ୟବସ୍ଥା ବିରୋଧରେ ଶନିବାର ୱାଶିଂଟନଠାରେ ଅନୁଷ୍ଠିତ 'ନୋ କିଙ୍ଗ୍ସ ପ୍ରୋଟେଷ୍ଟ'ରେ ବହୁସଂଖ୍ୟାରେ ଲୋକେ ଯୋଗ ଦେଇଛନ୍ତି।

# ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଓଲି ଗିରଫ

କାଠମାଣ୍ଡୁ,୨୮।୩ (ପି.ଟି.)

ନେପାଳର ନୂଆ ପ୍ରଧାନମନ୍ତ୍ରୀ ଭାବେ ବଲେନ୍ଦ୍ର ଶାହ ଶପଥ ନେବାର ଦିନକ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ଶନିବାର ଗିରଫ କରାଯାଇଛି। ଗତବର୍ଷ ନେପାଳରେ ଜେନ୍ ଜି ଆନ୍ଦୋଳନ ଦମନକୁ ନେଇ ତଦନ୍ତ କମିଶନଙ୍କ ରିପୋର୍ଟ ଆଧାରରେ ନୂଆ ସରକାର ଓଲିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସିପିଏନ୍-ୟୁଏମ୍ଏଲ୍ ଅଧ୍ୟକ୍ଷ ଓଲିଙ୍କୁ ଭକ୍ତପୁର ଜିଲାର ଗୁଣ୍ଡୁ ଅଞ୍ଚଳରୁ ଗିରଫ କରାଯାଇଥିବାବେଳେ ପୂର୍ବତନ ଗୃହମନ୍ତ୍ରୀ ତଥା ନେପାଳୀ କଂଗ୍ରେସ ନେତା ରମେଶ ଲେଖକଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଥିବା ପୋଲିସ କହିଛି।

ଗତବର୍ଷ ସେପ୍ଟେମ୍ବର ୮ ଓ ୯ରେ ନେପାଳରେ ଜେନ୍ ଜି ଆନ୍ଦୋଳନ ଜୋର୍‌ଦାର ହୋଇଥିଲା, ଯେଉଁଥିରେ ବହୁ ଯୁବକଙ୍କ ସମେତ ୭୬ ଜଣଙ୍କ ଜୀବନ ଯାଇଥିଲା। ଆନ୍ଦୋଳନକୁ ଦମନ କରିବାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଓଲି ଏବଂ ଗୃହମନ୍ତ୍ରୀ ଲେଖକ ସମ୍ପୃକ୍ତ ଥିବା ଅଭିଯୋଗ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଆପରାଧିକ ଆଇନ ଅନୁଯାୟୀ ଉଭୟଙ୍କ ବିରୋଧରେ

## ପ୍ରତିବାଦରେ ସିପିଏନ୍-ୟୁଏମ୍ଏଲ୍‌ର ବିକ୍ଷୋଭ


କେ.ପି. ଶର୍ମା ଓଲି

ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତ କମିଶନ ସୁପାରିସ କରିଥିଲେ।

ଓଲିଙ୍କ ଗିରଫଦାରିକୁ ନେଇ ନେପାଳୀ ରାଜନୈତିକ ଦଳଗୁଡ଼ିକ ନବଗଠିତ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଦଳର ଅଧ୍ୟକ୍ଷଙ୍କୁ ଗିରଫ କରାଯିବା ଏକ ରାଜନୈତିକ ପ୍ରତିଶୋଧ ବୋଲି କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ୟୁନାଇଟେଡ୍ ମାର୍କ୍ସିଷ୍ଟ-ଲେନିନିଷ୍ଟ) (ସିପିଏନ୍-ୟୁଏମ୍ଏଲ୍) ସମ୍ପାଦକ ମହେଶ ବସନେଟ୍ କହିଛନ୍ତି। ଓଲିଙ୍କ ଗିରଫଦାରି ପ୍ରତିବାଦରେ ସିପିଏନ୍-ୟୁଏମ୍ଏଲ୍ ପକ୍ଷରୁ ନେପାଳର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଛି।

# ନାଗରିକଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ରାଜନାଥ

ନୂଆଦିଲ୍ଲୀ,୨୮।୩

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗିରହିଥିବାବେଳେ ସରକାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଯୁଦ୍ଧର ଯେକୌଣସି ପ୍ରଭାବରୁ ଭାରତୀୟମାନଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ଯୁଦ୍ଧ ସ୍ଥିତିକୁ ନେଇ ରାଜନାଥଙ୍କ ଅଧ୍ୟକ୍ଷତାରେ ଏକ ଅଣଆନୁଷ୍ଠାନିକ ମନ୍ତ୍ରୀଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇନ୍ଧନ ଯୋଗାଣ, ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଉପଲବ୍ଧତା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସ୍ଥିରତା ଓ ଯୋଗାଣ ଶୃଙ୍ଖଳର ସୁଦୃଢ଼ତାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ସରକାର ନେଇ ଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରାଯାଇଥିଲା। ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ୍ ସିଂ ପୁରୀ, ଶକ୍ତି ମନ୍ତ୍ରୀ ମନୋହରଲାଲ୍, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମଧ୍ୟପ୍ରାଚ୍ୟରେ ରୁଷିଆ-ୟୁକ୍ରେନ୍ ପରୋକ୍ଷ ଲଢ଼େଇ

**ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧକୁ ସପ୍ତାହ ମଧ୍ୟରେ ଶେଷ କରିବାକୁ ଯୋଜନା କରିଥିଲେ ହେଁ ଏହି ଯୁଦ୍ଧ ଏବେ ଦୀର୍ଘମିଆଦୀ ଯୁଦ୍ଧରେ ପରିଣତ ହୋଇଛି। ଦୁଇ ଶତ୍ରୁ ରାଷ୍ଟ୍ରଙ୍କ ଆକ୍ରମଣକୁ ଇରାନ୍ ଯେଭଳି ମୁକାବିଲା କରିଚାଲିଛି ତାହା କେବଳ ଆମେରିକା କିମ୍ବା ଇସ୍ରାଏଲ ନୁହେଁ, ପାଶ୍ଚାତ୍ତ ଜଗତର ବହୁ ଶକ୍ତିଶାଳୀ ଦେଶକୁ ମଧ୍ୟ ବିସ୍ମିତ କରିଦେଇଛି। ତେବେ ଇରାନ୍‌ର ଏହି ଦୃଢ଼ ସାମର୍ଥ୍ୟ ପଛରେ ତାହାର ଡ୍ରୋନ୍ କ୍ଷମତା ହିଁ ଶତ୍ରୁ ରାଷ୍ଟ୍ରଙ୍କ ପାଇଁ କାଳ ହୋଇଛି। କିନ୍ତୁ ଇରାନ୍ ନିର୍ମିତ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଅସ୍ତ୍ର ଯୋଗାଣକୁ ନେଇ ମଧ୍ୟପ୍ରାଚ୍ୟ ଏବେ ଏକ ଗୋଲକ ଚକ୍ର (ୱିପନ୍ ସପ୍ଲାଇ ଲୁପ୍)ରେ ପରିଣତ ହୋଇଛି। କେବଳ ସେତିକି ନୁହେଁ, ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟ ପରୋକ୍ଷ ଯୁଦ୍ଧକୁ ଓହ୍ଲାଇଛନ୍ତି।**

ତେହରାନ୍/ରିଆଧ ,୨୮।୩

ଫେବୃଆରୀ ୨୮ରେ ଆରମ୍ଭ ହୋଇଥିବା ଇରାନ୍-ଆମେରିକା ଯୁଦ୍ଧ ୧ ମାସରେ ପହଞ୍ଚିଛି। ଇରାନ୍‌ର ଆୟାତୋଲ୍ଲା ଖାମେନେଇ ନେତୃତ୍ୱାଧୀନ ସରକାରକୁ ହଟାଇ ସେଠାରେ ନୂଆ ସରକାର ପ୍ରତିଷ୍ଠା କରିବା ସହ ସପ୍ତାହ ମଧ୍ୟରେ ଯୁଦ୍ଧ ଶେଷ କରିବାକୁ ଯୋଜନା କରିଥିବା ଆମେରିକା ଏବେ ମହାଯୁଦ୍ଧ ମଧ୍ୟକୁ ଠେଲି ହୋଇଯାଇଛି। ଆମେରିକା ଓ ଇସ୍ରାଏଲ ଭଳି ୨ ମହାଶକ୍ତିଙ୍କୁ ଇରାନ୍ ଲଗାତର ଭାବେ ଯେଭଳି ମୁକାବିଲା କରିଚାଲିଛି; ତାହା କେବଳ ଏହି ଦୁଇ ରାଷ୍ଟ୍ର ନୁହନ୍ତି, ବିଶ୍ୱର ଅନ୍ୟ ଶକ୍ତିଶାଳୀ ରାଷ୍ଟ୍ରଙ୍କୁ ମଧ୍ୟ ବିସ୍ମିତ କରିଦେଇଛି। ତେବେ ଇରାନ୍‌ର ଏହି ଦୃଢ଼ ସାମର୍ଥ୍ୟ ପଛରେ ତାହାର ବୃହତ୍ ଡ୍ରୋନ୍ କ୍ଷମତା ହିଁ ସହାୟକ ହୋଇଛି। ସ୍ୱଳ୍ପ ବ୍ୟୟରେ ଇରାନ୍ ନିର୍ମାଣ କରିଥିବା ଡ୍ରୋନ୍ ଦ୍ୱାରା ଆମେରିକାକୁ ଟାର୍ଗେଟ କରି ଉପସାଗରୀୟ ଅଞ୍ଚଳର ବିଭିନ୍ନ ଦେଶ ଉପରେ ଆକ୍ରମଣ କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲାବେଳେ ଆମେରିକା ଏହି ଡ୍ରୋନ୍‌କୁ ପ୍ରତିହତ କରିବାକୁ ବହୁ କୋଟି ଟଙ୍କା ମୂଲ୍ୟର ଟୋମାହକ୍ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ପଡ଼ିଛି। ଆମେରିକାର ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଆଗରେ ଇରାନ୍‌ର ଏହି ଶସ୍ତା ଡ୍ରୋନ୍ ମହଙ୍ଗା


ଇରାନ୍‌ର 'ସାହିଦ୍-୧୩୬ କାମିକାଜେ' ଡ୍ରୋନ।

ପଡ଼ିଥିଲାବେଳେ ଏହାକୁ ନେଇ ଚର୍ଚ୍ଚା ବଢ଼ିଛି। ସବୁଠୁ ବଡ଼ କଥା ହେଲା ଇରାନ୍ ନିର୍ମିତ ଡ୍ରୋନ୍ ପରେ ରୁଷିଆ ଦ୍ୱାରା ଆହୁରି ବିକଶିତ ହେବା ପରେ ଏହାକୁ ଇରାନ୍ ଏବେ ଶତ୍ରୁ ରାଷ୍ଟ୍ରଙ୍କ ବିରୋଧରେ ପ୍ରୟୋଗ କରିଛି।

୨୦୨୨ରେ ଆରମ୍ଭ ହୋଇଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବେଳେ ଇରାନ୍ ରୁଷିଆକୁ 'ସାହିଦ୍-୧୩୬ କାମିକାଜେ' ଡ୍ରୋନ ଯୋଗାଇଥିଲା। ରୁଷିଆ ଏହି ଶ୍ରେଣୀର ଡ୍ରୋନ୍‌କୁ ଆହୁରି ବିକଶିତ କରି ଏହାର ନାମକରଣ 'ଗେରାନ୍-୨' ରଖି ୟୁକ୍ରେନ ବିପକ୍ଷରେ ବ୍ୟବହାର କରିଥିଲା। ୪ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଏହି ଯୁଦ୍ଧରେ ରୁଷିଆ ଡ୍ରୋନ୍‌କୁ ପ୍ରତିହତ କରିବାକୁ ୟୁକ୍ରେନ ମଧ୍ୟ ନୂଆ ଉପାୟ ଯୋଡି ଏହାକୁ ଆହୁରି ବିକଶିତ କରିଥିଲା। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ରୁଷିଆ ଇରାନ୍‌କୁ ଗେରାନ୍-୨ ଡ୍ରୋନ୍ ଦେଇ ଋଣ ଶୁଝିଥିଲାବେଳେ ଏହାକୁ ଇରାନ୍ ସାଉଦି ଆରବ, କାତାର, ବାହାରିନ୍, ୟୁଏଇ, ଜୋର୍ଡାନ ଆଦି ରାଷ୍ଟ୍ର ବିରୋଧରେ ନିୟୋଜିତ କରିଛି। ଅପରପକ୍ଷେ ଇରାନ୍‌ର ଡ୍ରୋନ୍ ଆକ୍ରମଣରୁ ସୁରକ୍ଷା ଦେବାକୁ ୟୁକ୍ରେନ ଏହିସବୁ ରାଷ୍ଟ୍ରଙ୍କୁ ସହଯୋଗ କରୁଛି। ଫଳରେ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଏବେ ରୁଷିଆ ଏବଂ ୟୁକ୍ରେନ୍ ପରୋକ୍ଷ ଭାବେ ଲଢ଼େଇକୁ ଓହ୍ଲାଇଛନ୍ତି।

## ୨୨୮ ଡ୍ରୋନ୍ ବିଶେଷଜ୍ଞ ପଠାଇଛି ୟୁକ୍ରେନ୍

ଆମେରିକା ପ୍ରାୟ ମାସ ଧରି ଇରାନ୍ ଯୁଦ୍ଧରେ ଲିପ୍ତ ରହିଥିବାରୁ ୟୁକ୍ରେନ୍‌କୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡିକରୁ ମିଳୁଥିବା ସହାୟତା ହ୍ରାସ ପାଇଛି। ବିକଳ୍ପ ସମ୍ବଳ ଯୋଗାଡ଼ ଲକ୍ଷ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏବେ ଉପସାଗରୀୟ ଦେଶଗୁଡିକର ସହାୟତା ଲୋଡିଛନ୍ତି। ସାଉଦି ଆରବ, କାତାର, ବାହାରିନ୍, ୟୁଏଇ, ଜୋର୍ଡାନ ଆଦି ଦେଶକୁ ଡ୍ରୋନ୍ ସହାୟତା କରିବାକୁ ସେ ୨୨୮ ବିଶେଷଜ୍ଞଙ୍କୁ ପଠାଇବା ସହିତ ଗତ ୨୬ ତାରିଖରେ ସାଉଦି ଆରବ ଗସ୍ତ କରି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମନ୍‌ଙ୍କୁ ଭେଟି ଉପସାଗରୀୟ ଦେଶଗୁଡିକ ସହ ସାମରିକ ସହଯୋଗ ପ୍ରତିଷ୍ଠା କରିବାକୁ ଆଲୋଚନା କରିଛନ୍ତି।

# ନାବାଳିକା ପୀଡ଼ିତାଙ୍କ ପରିଚୟ ପ୍ରଘଟକୁ ନିନ୍ଦାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୮।୩

ନାବାଳିକା ବଳାତ୍କାର ପୀଡ଼ିତାଙ୍କ ପରିଚୟ ପ୍ରଘଟ କରାଯିବାକୁ ସୁପ୍ରିମକୋର୍ଟ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ପୀଡ଼ିତାଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ ନାମ ଯେପରି କୋର୍ଟ ଅର୍ଡରଗୁଡ଼ିକରେ ନ ରହେ, ତାହା ସୁନିଶ୍ଚିତ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ନିପୁନ୍ ସାକ୍ସେନା ମାମଲାର ରାୟରେ ସୁପ୍ରିମକୋର୍ଟ କହିଥିଲେ, ବଳାତ୍କାର ପୀଡ଼ିତାଙ୍କ ନାମ କିମ୍ବା ପରୋକ୍ଷରେ ଏପରି କୌଣସି ତଥ୍ୟ ଛାପା ଗଣମାଧ୍ୟମ, ଇଲେକ୍ଟ୍ରୋନିକ୍ ମାଧ୍ୟମ, ସୋସିଆଲ ମିଡିଆ ଇତ୍ୟାଦିରେ ପ୍ରକାଶ କରାଯାଇପାରିବ ନାହିଁ, ଯେଉଁଥିରୁ ପୀଡ଼ିତାଙ୍କୁ ଚିହ୍ନଟ କରାଯାଇପାରିବ ଓ ତାଙ୍କ ପରିଚୟ ସାମ୍ନାକୁ ଆସିବ। ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି, ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶନାମା ଅନୁପାଳନରେ ହୋଇଥିବା ତ୍ରୁଟି ପାଇଁ ଅଦାଲତଗୁଡ଼ିକର ଉଦାସୀନତା ଓ ଏଭଳି ଅପରାଧ ଯୋଗୁ ସାମାଜିକ କଳଙ୍କ ସମ୍ପର୍କିତ ସଚେତନତାର ଅଭାବ ଦାୟୀ।

# ଦିନକରେ ଇରାନ୍‌ରେ ୫୦ ଏୟାର ଷ୍ଟ୍ରାଇକ୍

ତେହରାନ୍/ତେଲ୍ ଆଭିଭ୍ ,୨୮।୩

ଇରାନ୍-ଆମେରିକା ଯୁଦ୍ଧ ଥମିବା ବଦଳରେ ବେଳକୁ ବେଳ ଆହୁରି ଭୟାନକ ହେବାରେ ଲାଗିଛି। ଇରାନ୍‌କୁ ଆମେରିକା ଦେଇଥିବା ୧୦ ଦିନିଆ ଯୁଦ୍ଧ ବିରତି ମହଲତ ସତ୍ତ୍ୱେ ଇରାନ୍ ଉପରେ ଘନ ଘନ ଆକ୍ରମଣ ଜାରି ରହିଛି। ଶନିବାର ଇସ୍ରାଏଲ ଇରାନ୍‌ର ୩ ସହର ଉପରେ ବୋମାମାଡ଼ କରିଛି। ଏହି ସହରଗୁଡିକରେ ରହିଥିବା ଇରାନ୍‌ର ପ୍ରମୁଖ ଅସ୍ତ୍ର ନିର୍ମାଣକାରୀ କାରଖାନାକୁ ଟାର୍ଗେଟ କରି ଇସ୍ରାଏଲର ୫୦ ଲଢୁଆ ବିମାନ ବୋମାମାଡ଼ କରିଛନ୍ତି। ଇରାନ୍‌ର ବାଲିଷ୍ଟିକ୍ ମିଶାଇଲ ଓ ଆଣ୍ଟି-ଏୟାରକ୍ରାଫ୍ଟ ମିଶାଇଲ ଶିଳ୍ପ ସମେତ ହମାସ୍ ଏବଂ ହିଜ୍‌ବୁଲ୍ଲା ଭଳି ଆତଙ୍କବାଦୀ ସଂଗଠନଗୁଡିକୁ ଇରାନ୍ ଯୋଗାଉଥିବା ଅତ୍ୟାଧୁନିକ ଡିଭାଇସ୍ କାରଖାନା ଉପରେ ବୋମାମାଡ଼ କରାଯାଇଛି ବୋଲି ଇସ୍ରାଏଲର ଆଇଡିଏଫ୍ କହିଛି। ଏହି ଆକ୍ରମଣରେ ଏକାଧିକ ଲୋକ ଆହତ ହୋଇଥିଲାବେଳେ ବହୁ ଶିଳ୍ପ ୟୁନିଟ୍ ସମେତ କେତେକ ଆବାସିକ ଘର ଧ୍ୱଂସ ହୋଇଯାଇଥିବା କୁହାଯାଇଛି।

## ଯୁଦ୍ଧରେ ସାମିଲ ହେଲା ହୁଟି ସଙ୍ଗଠନ

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୟେମେନ୍‌ର ହୁଟି ବିଦ୍ରୋହୀ ସଙ୍ଗଠନ ସାମିଲ ହୋଇଛି। ଇରାନ୍‌ର ଛାୟା ସେନା ଭାବେ ପରିଚିତ ଏହି ସଙ୍ଗଠନ ଶନିବାର ଇସ୍ରାଏଲର କେତେକ ସାମରିକ ଘାଟିକୁ ଟାର୍ଗେଟକରି ବାଲିଷ୍ଟିକ୍ ମିଶାଇଲ ମାଡ଼ କରିଛି। ଇରାନ୍ ଯୁଦ୍ଧରେ ହୁଟି ବିଦ୍ରୋହୀ ସାମିଲ ହେବାପରେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଜଟିଳ ରୂପ ନେବ ବୋଲି ଆଶଙ୍କା ବଢ଼ିଛି।

# ଇଥାନଲ୍ ମିଶ୍ରଣ ତୈଳ ନିର୍ଭରଶୀଳତା କମାଇବ

ନୂଆଦିଲ୍ଲୀ,୨୮।୩

ପଶ୍ଚିମ ଏସିଆରେ ମାସେ ହେଲା ଲାଗିରହିଥିବା ଯୁଦ୍ଧଜନିତ ଚ୍ୟାଲେଞ୍ଜକୁ ଭାରତ ପୂରା ଦମ୍‌ରେ ସାମ୍ନା କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ଜେୱାରଠାରେ ନଏଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରକୁ ଉଦ୍‌ଘାଟନ କରିବା ଅବସରରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନାଗରିକମାନଙ୍କ ସୁରକ୍ଷା ପାଇଁ ଦେଶ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛି। ଯୁଦ୍ଧ ଯୋଗୁ ଖାଦ୍ୟ, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, କୋଇଲା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପ୍ରଭାବିତ ହୋଇଛି। ପ୍ରତ୍ୟେକ ଦେଶ ଏହିସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଆଶଙ୍କା କରାଯାଉଛି। ତେବେ ଭାରତ ଏହି ସଙ୍କଟ ବିରୋଧରେ ପୂରା ଦମ୍‌ରେ ଲଢ଼େଇ କରୁଥିବା ମୋଦି କହିଛନ୍ତି। ଏହି ଅବସରରେ ସେ ପେଟ୍ରୋଲରେ ଇଥାନଲ ମିଶ୍ରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ଦ୍ୱାରା ତୈଳ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଇଥାନଲ୍ ଉତ୍ପାଦନ ଏବଂ ପେଟ୍ରୋଲରେ ଏହାର ମିଶ୍ରଣକୁ ବଢ଼ାଯାଇ ନ ଥିଲେ ଦେଶକୁ ପ୍ରତିବର୍ଷ ୪.୫ କୋଟି ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ କରିବାକୁ ପଡୁଥାନ୍ତା। କୃଷକଙ୍କ କଠିନ ପରିଶ୍ରମ ଯୋଗୁ ଦେଶ ଲାଭବାନ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ନଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




# କୋଲାଥୁର୍‌ରୁ ଲଢ଼ିବେ ଷ୍ଟାଲିନ୍

ଚେନ୍ନାଇ,୨୮।୩

୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଶାସକ ଡିଏମ୍‌କେ (ଦ୍ରାବିଡ ମୁନ୍ନେତ୍ରା କାଝାଗମ୍) ଶନିବାର ୧୬୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ଅବଶିଷ୍ଟ ୭୦ ଆସନ ସହଯୋଗୀ ଦଳଗୁଡ଼ିକ ପାଇଁ ଛାଡ଼ିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମେଣ୍ଟ ସହଯୋଗୀମାନଙ୍କ ସହ ଆସନ ବୁଝାମଣା ସୂତ୍ର ସହ ଦଳୀୟ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ କରିଛନ୍ତି। ପ୍ରାର୍ଥୀ ତାଲିକାରେ ଅଧିକାଂଶ ମନ୍ତ୍ରୀଙ୍କୁ ରଖାଯାଇଥିବାବେଳେ ୬୦ରୁ ଉର୍ଦ୍ଧ୍ୱ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। ସହଯୋଗୀ ଦଳ ମଧ୍ୟରେ କଂଗ୍ରେସ ୨୮ ଆସନରେ ପ୍ରାର୍ଥୀ ଦେବାକୁ


ଏମ୍.କେ. ଷ୍ଟାଲିନ୍

ଥିବାବେଳେ ଡିଏମ୍‌ଡିକେ ୧୦, ଭିସିକେ ୮, ସିପିଆଇ ୫, ସିପିଆଇ(ଏମ୍) ୫, ଏମ୍‌ଡିଏମ୍‌କେ ୪ ଆସନରେ ଲଢ଼ିବ।

## ୧୬୪ ଆସନରେ ପ୍ରାର୍ଥୀ ଦେଲା ଡିଏମ୍‌କେ

ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧ୍ୟକ୍ଷ ଷ୍ଟାଲିନ୍ ପୁନର୍ବାର କୋଲାଥୁର୍ ଆସନରୁ ଲଢ଼ିବାକୁ ଯାଉଥିବାବେଳେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଚେପକ୍-ତ୍ରିପ୍ଲିକେନ୍ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମା ସୁବ୍ରମଣ୍ୟମ, ଏଚ୍ଆର୍ ଏବଂ ସିଇ ମନ୍ତ୍ରୀ ପି.କେ. ସେକରବାବୁ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଟି.ଏମ୍. ଅନବରସାନ ସେମାନଙ୍କ ପୂର୍ବ ଆସନରେ ଲଢ଼ିବାକୁ ସ୍ଥିର ହୋଇଛି। ଏପରିକି ଏଆଇଏଡିଏମ୍‌କେରୁ ଆସି ନିକଟରେ ଡିଏମ୍‌କେରେ ସାମିଲ ହୋଇଥିବା ନେତା ମଧ୍ୟ ଟିକେଟ ପାଇଛନ୍ତି। ୩ ଥରର ମୁଖ୍ୟମନ୍ତ୍ରୀ ଓ ପନୀରସେଲ୍‌ଭାମଙ୍କୁ ବୋଦିନାୟାକ୍କାନୁର ଆସନ ଦିଆଯାଇଥିବାବେଳେ ପୌଲ ମନୋଜ ପାଣ୍ଡିଆନ୍ ଅଲଙ୍କୁଲମ୍ ଏବଂ ପୂର୍ବତନ ମନ୍ତ୍ରୀ ଆର୍. ବୈଥିଲିଙ୍ଗମ୍ ଓରାଥାନାଡୁ ଆସନରୁ ଲଢ଼ିବେ।



# ଦୁଃଖ ବଖାଣିଲେ ବରୁଣ ଧାୱନ

ମୁମ୍ବାଇ

ଅଭିନେତା ବରୁଣ ଧାୱନ ଇଣ୍ଡଷ୍ଟ୍ରିର ସବୁଠାରୁ ନିର୍ଭରଯୋଗ୍ୟ ଅଭିନେତା ଭାବରେ ଉଭା ହୋଇଛନ୍ତି। ଆଜିକାଲି ସେ ତାଙ୍କର ବ୍ଲକବଷ୍ଟର ୱାର୍ ଡ୍ରାମା ଫିଲ୍ମ 'ବର୍ଡର ୨'ର ସଫଳତାରେ ବେଶ୍ ଖୁସି ଅଛନ୍ତି। କିନ୍ତୁ ଏହି ଖୁସି ଭିତରେ ତାଙ୍କୁ ଏକ ଦୁଃଖ ଘାରୁଛି। ତାଙ୍କ ଝିଅ ଲାରା ଏକ ଗମ୍ଭୀର ରୋଗର ଶିକାର ହୋଇଛନ୍ତି। ନିକଟରେ ଏକ ସାକ୍ଷାତକାରରେ ବରୁଣ ନିଜ ଦୁଃଖ କାହାଣୀ ବର୍ଣ୍ଣନା କରି ଭାବପ୍ରବଣ ହୋଇପଡ଼ିଛନ୍ତି। ଲାରାଙ୍କୁ ମାତ୍ର ୧.୫ ବର୍ଷ ହୋଇଥିବାବେଳେ ହିପ୍ ଡେଭଲପମେଣ୍ଟାଲ ଡିସ୍‌ପ୍ଲାସିଆ (DDH) ରୋଗରେ ପୀଡିତ ହୋଇଥିଲେ। ଏହି ରୋଗ ସାଧାରଣ ଭାବରେ ଚାଲିବା ଏବଂ ଦୌଡ଼ିବା କ୍ଷମତାକୁ ପ୍ରଭାବିତ କରେ। ପ୍ରାରମ୍ଭିକ ସମୟରେ ଆର୍ଥ୍ରାଇଟିସ ହେବାର ସମ୍ଭାବନା ଥାଏ ଏବଂ ସ୍ଲିପ୍ ଡିସ୍କର ବିପଦ ବଢ଼ିଯାଏ। ଭାରତରେ ଏପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ବ୍ୟାପକ ସ୍କ୍ରିନିଂ ଉପଲବ୍ଧ ନାହିଁ। ଅଢ଼େଇ ମାସ ପର୍ଯ୍ୟନ୍ତ ଝିଅର ଚିକିତ୍ସା ଚାଲିଥିଲା। ଆମ ପରିବାର ପାଇଁ ଏହି ସମୟ ବେଶ୍ କଷ୍ଟଦାୟକ ଥିଲା। ଏବେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ବରୁଣ କହିଛନ୍ତି। ଅନେକ ବର୍ଷର ଡେଟିଂ ପରେ ବରୁଣ-ନତାଶା ଦଲାଲ ୨୦୨୧ ଜାନୁଆରୀ ୨୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୨୪, ଜୁନ୍ ୩ରେ ସେମାନେ ଝିଅ ଲାରାଙ୍କୁ ସ୍ୱାଗତ କରିଥିଲେ।



ନୟାଗଡ଼ ଜିଲା ଦଶପଲ୍ଲା ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଟାକେରା ପିଠାଖାଇ ଘାଟିରେ ଶୁକ୍ରବାର ରାତିରେ ଦୁର୍ଘଟଣାଗ୍ରସ୍ତ ଟୁରିଷ୍ଟ ବସ୍।

# ପିଠାଖାଇ ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣା, ୫ ମୃତ

■ ୩୫ ଆହତଙ୍କ ମଧ୍ୟରୁ ୨ ଗୁରୁତର
■ ୪ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ନୟାଗଡ଼/ଦଶପଲ୍ଲା,୨୮।୩ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଟାକେରା ପିଠାଖାଇ ଘାଟିରେ ଶୁକ୍ରବାର ରାତି ପ୍ରାୟ ୧ଟାରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୫ ଆହତ ହୋଇଛନ୍ତି।

ମୃତକମାନେ ହେଲେ ବସ୍‌ର ଦ୍ୱିତୀୟ ଡ୍ରାଇଭର ଗଞ୍ଜାମ ଜିଲା କୁଲାଡ଼ର ପ୍ରବୀଣ କୁମାର ସାହୁ (୨୮)। ମୃତ ଯାତ୍ରୀ ହେଲେ ବ୍ରହ୍ମପୁର ଅଶୋକନଗର ୩ୟ ଲେନ୍‌ର ଏଲ. ହରିପାତ୍ର (୬୨) ଓ ସ୍ତ୍ରୀ ଏଲ. ଲକ୍ଷ୍ମୀ ପାତ୍ର(୫୫), ବ୍ରହ୍ମପୁର ବ୍ୟାଙ୍କ କଲୋନୀ ୮ମ ଲେନର ସୁପ୍ରଭା ସାହୁ (୫୩) ଓ ବ୍ରହ୍ମପୁର ଧୋବାବନ୍ଧ ସାହିର ସୁମନ୍ତି ସାହୁ(୨୯)। ଆହତ ୩୫ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

ପ୍ରକାଶ ଯେ, ଗଞ୍ଜାମ ଜିଲା ସୋରଡ଼ାରୁ ଶୁକ୍ରବାର ରାତିରେ ୫୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଅନିଲ ନାମକ ବସ୍ (ଓଡି଼୦୨ସି ୨୦୮୮) ବଲାଙ୍ଗୀର ଜିଲା ହରିଶଙ୍କର ଓ ନୃସିଂହନାଥ ଯାଉଥିଲା। ବସ୍ ଦଶପଲ୍ଲାରେ ପହଞ୍ଚିବା ପରେ ସ୍ଥାନୀୟ ଏକ ଢାବାରେ ସମସ୍ତେ ରାତିରେ ଖାଇଥିଲେ। ସେଠାରୁ ବାହାରିବା ପରେ ବସ୍‌ଟି ଭାରସାମ୍ୟ ହରାଇ ରାତି ପ୍ରାୟ ୧ ଟାରେ ପିଠାଖାଇ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ପ୍ରଥମେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ପରେ ଏକ ପଥରରେ ବାଜି ଓଲଟି ପଡ଼ିଥିଲା। ଶୁକ୍ରବାର ରାତିରେ ନୟାଗଡ଼ ଜିଲାରେ ବର୍ଷା, ପବନ ହୋଇଥିବାରୁ ବିଦ୍ୟୁତ୍ ନ ଥିଲା। ଦୁର୍ଘଟଣା ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକ, ୫ ଆମ୍ବୁଲାନ୍ସ, ୨ ଦମକଳ ଗାଡ଼ିରେ କର୍ମଚାରୀଙ୍କ ସମେତ ଦଶପଲ୍ଲା ଥାନା ପୋଲିସ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ବସ୍ ପଛ ପାଖକାଚ ଭାଙ୍ଗି କେତେକ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ୟ କେତେକଙ୍କୁ ଗାଡ଼ିର ସମ୍ନା କାଚ ଭାଙ୍ଗାଯାଇ ଉଦ୍ଧାର କରାଯାଇଥିଲା। ବସ୍‌ର ସମସ୍ତ ☞ପୃଷ୍ଠା-୫

## ମା'ଙ୍କୁ ହରାଇଲେ ଭଉଣୀଭାଇ



ଆଈଙ୍କ ପାଖରେ ମା'ଙ୍କୁ ହରାଇଥିବା ଭଉଣୀଭାଇ।

ବ୍ରହ୍ମପୁର,୨୮।୩(ଅଶୋକ କୁମାର ସାହୁ)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ଟାକେରା ପିଠାଖାଇ ଘାଟିରେ ଟୁରିଷ୍ଟ ବସ୍ ଦୁର୍ଘଟଣାରେ ମୃତକମାନଙ୍କ ମଧ୍ୟରେ ବ୍ରହ୍ମପୁର ଧୋବାବନ୍ଧ ସାହିର ସୁମନ୍ତି ସାହୁ ଅଛନ୍ତି। ସ୍ୱାମୀ ପରିତ୍ୟକ୍ତା ସୁମନ୍ତିଙ୍କ ପୁଅ ଅଭିଜିତ (୧୫) ଓ ଝିଅ ସୁରଭି (୧୪) କାନ୍ଦି କାନ୍ଦି ଏବେ ଆମେ ଅନାଥ ହୋଇଗଲୁ ବୋଲି କହିଛନ୍ତି। ସୁମନ୍ତିଙ୍କ ମା' ସତ୍ୟ ସାହୁ କହିଛନ୍ତି, ପିଲାଙ୍କୁ ଛାଡି ଝିଅ ବୁଲିବାକୁ ଯାଇଥିଲା। ୪ ଦିନରେ ଫେରିବି ବୋଲି କହିଥିଲା। ହେଲେ ସେ ସବୁଦିନ ପାଇଁ ଛାଡ଼ି ଚାଲିଗଲା। ମୁଢ଼ି ଓ ମିକ୍ସଚର କରି ଝିଅ ତାର ପରିବାର ପୋଷୁଥିଲା। ଏବେ

### ପାଳିବା ଚିନ୍ତାରେ ଆଈ

ପିଲା ୨ଟି ମୋ ପାଖରେ ଅଛନ୍ତି। କେମିତି ନାତିନାତୁଣୀଙ୍କୁ ପୋଷିବେ ତାକୁ ନେଇ ସତ୍ୟ କାନ୍ଦୁଛନ୍ତି। ଏଭଳି ଦୁଃଖଦ ସମୟରେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ ତାଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ କହିଛନ୍ତି ଯେ, ଦୁର୍ଘଟଣା ହୃଦୟ ବିଦାରକ ଥିଲା। ନୟାଗଡ଼ରୁ ମୃତଦେହ କିଭଳି ଆସିବ ତାକୁ ନେଇ ବିଧାୟକ କେ. ଅନିଲ କୁମାର ଯୋଜନା କରୁଛନ୍ତି। ସୁମନ୍ତିଙ୍କର ଘର ଦ୍ୱାର ନ ଥିବାବେଳେ ସରକାରଙ୍କ ତରଫରୁ ତାଙ୍କ ପରିବାରକୁ ସବୁକିଛି ସହାୟତା ଯୋଗାଇ ଦେବା ପାଇଁ ଚେଷ୍ଟା ଚାଲିଥିବା ସେ କହିଛନ୍ତି।

# ଟ୍ରିବ୍ୟୁନାଲରେ ବୈଷୟିକ କମିଟି ରିପୋର୍ଟ ଦାଖଲ

ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)

**ମହାନଦୀ ଜଳ ବିବାଦ ମାମଲା**

■ ମୋଟ୍ ୧୨ ଥର ବସିସାରିଲାଣି ବୈଷୟିକ କମିଟି ବୈଠକ
■ ୧୧ରେ ପରବର୍ତ୍ତୀ ଶୁଣାଣି, ୧୩ରେ ସରୁଛି ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ

ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦକୁ ନେଇ ଶନିବାର ଟ୍ରିବ୍ୟୁନାଲରେ ଶୁଣାଣି ହୋଇଛି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଏହି ଶୁଣାଣି କରାଯାଇଛି। ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଶୁଣାଣି ସମୟରେ ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ସେ ଓଡ଼ିଶା ବୈଷୟିକ ଟିମ୍‌ର ସମ୍ପୂର୍ଣ୍ଣ ବିବରଣୀ ଟ୍ରିବ୍ୟୁନାଲରେ ଉପସ୍ଥାପନ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ଛତିଶଗଡ଼ ସରକାର ମଧ୍ୟ ତାଙ୍କ ବୈଷୟିକ ଟିମ୍‌ର ରିପୋର୍ଟ ଟ୍ରିବ୍ୟୁନାଲରେ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟମାନେ କିଛିଦିନ ତଳେ ଓଡ଼ିଶା ଏବଂ ଛତିଶଗଡ଼ ଗସ୍ତରେ ଆସିଥିଲେ। ଏହି ଅବସରରେ ସେମାନେ ହୀରାକୁଦଠାରୁ ଆରମ୍ଭକରି ମହାନଦୀ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ଟ୍ରିବ୍ୟୁନାଲ ସଦସ୍ୟମାନଙ୍କୁ ରାଜ୍ୟ ଅତିଥି ଭାବେ ମାନ୍ୟତା ମିଳିବା ସହ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥିଲା। ସେହିପରି ଉକ୍ତ ଟିମ୍ ମାର୍ଚ୍ଚ ୭ରୁ ୧୧ ପର୍ଯ୍ୟନ୍ତ ଛତିଶଗଡ଼ ଯାଇ ସ୍ଥିତି ପରଖିଥିଲେ।

ଏଜି ଆଚାର୍ଯ୍ୟ କହିଛନ୍ତି, ଶନିବାର ଟ୍ରିବ୍ୟୁନାଲରେ ସରକାରଙ୍କ ପକ୍ଷରୁ ସେ ମହାନଦୀ ବାବଦରେ ବିସ୍ତୃତ ତଥ୍ୟ ରଖିଛନ୍ତି। ଗତ ୨୫ ତାରିଖରେ ୨ ରାଜ୍ୟକୁ ନେଇ ଗଠିତ ବୈଷୟିକ କମିଟିର ଶେଷ ବୈଠକ ହୋଇଥିଲା। ବୈଷୟିକ କମିଟିର ବୈଠକ ଏହା ଭିତରେ ମୋଟ୍ ୧୨ ଥର ଅନୁଷ୍ଠିତ ହୋଇସାରିଛି। ତେଣୁ ଟ୍ରିବ୍ୟୁନାଲରେ ବୈଷୟିକ କମିଟି ରିପୋର୍ଟକୁ ରଖାଯାଇଥିଲା। ଏହାସହ ଟ୍ରିବ୍ୟୁନାଲଙ୍କ ଅବଧି ଆସନ୍ତା ୧୩ ତାରିଖରେ ସରିବାକୁ ଯାଉଛି। ☞ପୃଷ୍ଠା-୫

# ଏସ୍‌ସିବି ପ୍ଲାଷ୍ଟିକ ସର୍ଜରି ବହିର୍ବିଭାଗରେ ନିଆଁ

କଟକ,୨୮।୩(ଶିଲ୍ପା ପ୍ରିୟଦର୍ଶିନୀ)

**ଶର୍ଟସର୍କିଟରୁ ପଙ୍ଖାରୁ ନିଆଁ, ଭୟଭୀତ ଲୋକେ**

ଏସ୍‌ସିବି ମେଡିକାଲ ପିଛା ଛାଡୁନି ଅଗ୍ନିକାଣ୍ଡ। ଶନିବାର ପୁଣି ମେଡିକାଲରେ ଶର୍ଟସର୍କିଟରୁ ନିଆଁ ଲାଗିଛି। ଅପରାହ୍ଣ ପ୍ରାୟ ୪ଟା ସମୟରେ ମେଡିକାଲର ପ୍ଲାଷ୍ଟିକ ସର୍ଜରି ବହିର୍ବିଭାଗର ଲିଫ୍ଟ ସମ୍ମୁଖରେ ଥିବା ପଙ୍ଖା ବୁଲୁଥିବାବେଳେ ହଠାତ୍ ଏଥିରୁ ନିଆଁ ଓ ଧୂଆଁ ବାହାରିଥିଲା। ପଙ୍ଖାରୁ ନିଆଁ ବାହାରିବା ଦେଖି ଉକ୍ତ ବିଭାଗରେ ଥିବା ରୋଗୀ, ସମ୍ପର୍କୀୟ, ଡାକ୍ତର ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଉପସ୍ଥିତ କର୍ମଚାରୀମାନେ ତୁରନ୍ତ ଅଗ୍ନିଶମ ବିଭାଗକୁ ଅବଗତ କରିବାରୁ ଘଟଣାସ୍ଥଳରେ ଉକ୍ତ ବିଭାଗର ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ପଙ୍ଖାରେ ସାମାନ୍ୟ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରକାଶ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ପ୍ରକାଶ ଯୋଗ୍ୟ, ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ☞ପୃଷ୍ଠା-୫




## ଥାନାରୁ ଅଭିଯୁକ୍ତ ଫେରାର: ଏଏସ୍‌ଆଇ, ୨ କନ୍‌ଷ୍ଟେବଲ ନିଲମ୍ବିତ

ଯାଜପୁର/ବ୍ରହ୍ମବରଦା (ହର୍ଷବର୍ଦ୍ଧନ ବେହେରା/ଯଯାତି କେଶରୀ ବେହେରା),୨୮।୩

ଯାଜପୁର ଜିଲା ବ୍ରହ୍ମବରଦା ଥାନାରୁ ଜଣେ ଅଭିଯୁକ୍ତ ଫେରାର ହେବା ମାମଲାରେ ଏସ୍‌ପି ୟସପ୍ରତାପ ଶ୍ରୀମଲ ଶନିବାର ଏଏସ୍‌ଆଇ ଅଚ୍ୟୁତାନନ୍ଦ ଦାସ, କନ୍‌ଷ୍ଟେବଲ ବିଦ୍ୟାପତି ପଲେଇ ଓ ସନ୍ତୋଷ ସାହୁଙ୍କୁ ନିଲମ୍ବନ କରିଛନ୍ତି। ଯାଜପୁର ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଘଟଣାର ତଦନ୍ତ କରି ଏସପିଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାସହ ନିଲମ୍ବିତ ପୋଲିସ କର୍ମଚାରୀମାନଙ୍କ ବିରୋଧରେ ଆହୁରି ତଦନ୍ତ ଜାରି ରହିଛି ବୋଲି ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବ୍ରହ୍ମବରଦା ଥାନା ☞ପୃଷ୍ଠା-୫

# ଝଡ଼ବର୍ଷା: ୧୬ ଜିଲାକୁ ୟେଲୋ ୱାର୍ଣ୍ଣିଂ

**୨୨ ସ୍ଥାନରେ ୩୫ ଡିଗ୍ରୀ ଉପରେ ତାପମାତ୍ରା**

ଭୁବନେଶ୍ୱର,୨୮।୩(ବନ୍ଦନା ସେଠୀ)

ଏବେ ରାଜ୍ୟରେ ଦିନବେଳା ପ୍ରଚଣ୍ଡ ଖରା ଅନୁଭୂତ ହେଉଥିବାବେଳେ ଅପରାହ୍ଣରୁ ବିଭିନ୍ନ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚୁଛି। ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଓ ବାୟୁ ପରିବର୍ତ୍ତନ ପ୍ରଭାବରେ ଏପ୍ରିଲ ୩ ଯାଏ ବିଭିନ୍ନ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ଓ କୁଆପଥର ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ରବିବାର ୧୬ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି ଏବଂ ରାୟଗଡ଼ା ଜିଲାରେ ବର୍ଷା ସମୟରେ ୪୦ରୁ ୫୦ କି.ମି ବେଗରେ ପବନ ବହିବା ନେଇ ସତର୍କ ସୂଚନା ଦିଆଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କୋରାପୁଟ ଏବଂ ମାଲକାନଗିରି ଜିଲାରେ ବର୍ଷା ସମୟରେ ୩୦ରୁ ୪୦ କି.ମି ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସୋମବାର ୧୯ ଜିଲାକୁ ଓ ମଙ୍ଗଳବାର ୨୫ଟି ଜିଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ☞ପୃଷ୍ଠା-୫

## ରାତିଅଧରେ ଚାଲିଗଲା ୨ ଜୀବନ

ବାରିପଦା,୨୮।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାର ଆଖପାଖ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଝଡ଼ ତୋଫାନ ଓ ପ୍ରବଳ ବର୍ଷାରେ ବ୍ୟାପକ କ୍ଷତି ଘଟିଛି। ପୃଥକ ସ୍ଥାନରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ କୁଳିଅଣା ଥାନା ଅଧୀନ କାଠଶିରସି ଅଞ୍ଚଳର ରାମଦାସ ହାଁସଦା(୩୩) ଓ ଅନ୍ୟ ଜଣେ ଖୁଣ୍ଟା ଥାନା ଅଧୀନ କାଦଡିହା ଅଞ୍ଚଳର ନଗେନ ମୁର୍ମୁ (୩୫)। ଏ ସଂକ୍ରାନ୍ତରେ ପୋଲିସ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଝଡ଼ତୋଫାନ ଯୋଗୁ ୩ଜଣ ଗୁରୁତର ଆହତ ହୋଇ ବାରିପଦା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାଏକଙ୍କ ବଳିଦାନ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ଛକ, ସମୟ: ସକାଳ ୯ଟା।
- ରାମକ୍ରିଷ୍ଣ ମିଶନ ପକ୍ଷରୁ 'ଭାଲ୍ୟୁ ଏଜୁକେଶନ ଫର୍ ଟିଚର୍ସ' ସେମିନାର, ସ୍ଥାନ: ରାମକ୍ରିଷ୍ଣ ମିଶନ ପରିସର, ସମୟ: ସକାଳ ୯ଟା ୧୫।
- ଚିଲିକା ଆଞ୍ଚଳିକ ବିକାଶ ପରିଷଦର ତ୍ରୟୋଦଶ ବାର୍ଷିକୋତ୍ସବ ଓ ସାଧାରଣ ଅଧିବେଶନ, ସ୍ଥାନ: ରେଡ୍‌କ୍ରସ ଭବନ ପରିସର, ସମୟ: ସକାଳ ୯ଟା ୩୦।
- ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପାଇକ ବିଦ୍ରୋହ ଦିବସ ପାଳନ, ସ୍ଥାନ: ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟ, ରାଜ୍ୟ ସଂଗ୍ରହାଳୟ ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ଇଚିକିଲି ମିଚିକିଲି ପରିବାର ପକ୍ଷରୁ 'ମାମୁଘର ସ୍ମୃତି, ସଂସ୍କୃତି ଓ କଳ୍ପନାର ଏକ ସୁନ୍ଦର ଜଗତ' ଆଲୋଚନାଚକ୍ର, ସ୍ଥାନ: ଇଚିକିଲି ମିଚିକିଲି କାର୍ଯ୍ୟାଳୟ, ଇନ୍‌ଫୋସିଟି ଏରିଆ, ସମୟ: ଅପରାହ୍ନ ୫ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୦୨ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ପୂର୍ବ ରଙ୍ଗ ଜାତୀୟ ନାଟକ ଉତ୍ସବରେ 'ଅନୁକୂଳ ଅତୋପର', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୨ତମ ବାର୍ଷିକୋତ୍ସବ 'ବୈଶାଖୀ-୨୦୨୬', ସ୍ଥାନ: ନହରକଣ୍ଟା ସ୍ଥିତ ବିଦ୍ୟାଳୟ ନିକଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ୪୭ତମ ବାର୍ଷିକ ରାମଲୀଳାର ରାମ ନାଟକ 'ଗଙ୍ଗା ସ୍ନାନ ଓ ତାଡ଼କା ବଧ', ସ୍ଥାନ: ବେଣ୍ଣୁପୁର ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ପକ୍ଷରୁ ରାମଲୀଳାର ନାଟକ 'ଶ୍ରୀରାମଙ୍କ ଜନ୍ମ', ସ୍ଥାନ: ଗୋତଲବିନ୍ଧା ଗ୍ରାମର ସୀତା ରାମେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମ ନାଟକ 'ମାରିଚ ସୁବାହୁ ବଧ ଓ ତାଡ଼କା ବଧ, ସ୍ଥାନ: କାକରୁଦ୍ରପୁରସ୍ଥିତ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ରାମଲୀଳାର ରାମ ନାଟକ ପରିବେଷଣ, ସ୍ଥାନ: ବାଇରୁଆ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୮ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ ପରିସର, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ବାର୍ଷିକୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦଧିବାମନ ଦେବଙ୍କ ପୀଠ, ସୁଆଁଳ, ବେଗୁନିଆ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ତଳସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।
- ମୁଖାପିନ୍ଧା ରାମଲୀଳା ନାଟକ, ସ୍ଥାନ: ବ୍ରାହ୍ମଣ ସାହି, ବାଘମାରୀ, ସମୟ: ସନ୍ଧ୍ୟା ୮ଟା।

## ବାଲେଶ୍ୱର

- ବିଶ୍ୱ ମୁଢ଼ି ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ରାମ-ଶଙ୍କରଙ୍କ ପ୍ରତିଷ୍ଠାର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ୪୫ତମ କଳିନାଶନ ଯଜ୍ଞ, ସ୍ଥାନ: ନହରପାଟଣା ବାରୁଣୀ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭୂଜା ଖିଆ ପୀରବାବାଙ୍କ ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଭୂଜାଖିଆ ପୀର ସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପତିରାଜପୁର ମେଳଣ କମିଟିର ସମୀକ୍ଷା ବୈଠକ, ସ୍ଥାନ: ପତିରାଜପୁର ମେଳଣ ପଡିଆ, ଖଇରା ବ୍ଲକ, ସମୟ: ଅପରାହ୍ନ ୩ଟା।
- ଭସାଣି ଶୋଭାଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ପ୍ରେମପୃଥିବୀର ସାରସ୍ୱତ ବନ୍ଧୁମିଳନ ଓ ପ୍ରେମ ପଖାଳ ମହୋତ୍ସବ, ସ୍ଥାନ: ଆରଡ଼ି ଛକ ପ୍ରେମନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ରକ୍ତଦାନ ଶିବିର, ସ୍ଥାନ: ଚମ୍ପୁଆ ପୋଲିସ ଷ୍ଟେସନ, ସମୟ: ସକାଳ ୮ଟା
- ଶ୍ରୀରାମ ଙ୍କ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବଞ୍ଜୋ, ସମୟ: ସକାଳ ୯ଟା।
- ପ୍ରମୁଖ ଜନଗୋଷ୍ଠୀ କାର୍ଯ୍ୟକ୍ରମ, ସ୍ଥାନ: ନଗର ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସହିଦ ରାଜ କିଶୋର ମୁଣ୍ଡା ଜୟନ୍ତୀ, ସ୍ଥାନ: ନୂଆଗାଁ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଶିମିଳିପାଳ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ରଙ୍ଗାମାଟିଆ କଲ୍ୟାଣ ମଣ୍ଡପ ତକତପୁର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଛଉ ପଡିଆ ନିଜସ୍ୱ ଗୃହ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଚିତ୍ରଡା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ମୋରଡ଼ା, ସମୟ: ସନ୍ଧ୍ୟା ୫ ଟା।

## ବ୍ରହ୍ମପୁର

- ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ, ସ୍ଥାନ: ମଣ୍ଡଳ କାରାଗାର, ସମୟ: ସକାଳ ୮ ଟା।
- ଗୁରୁକୁଳ ଇଣ୍ଟରନ୍ୟାସନାଲ ସ୍କୁଲରେ ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ ଟା।
- ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ବାର୍ଷିକୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ମଧ୍ୟାହ୍ନ ୧୨ ଟା।

## ଗଞ୍ଜାମ

- ଶ୍ରୀଅରବିନ୍ଦ ଦିବ୍ୟ ଚେତନା ଆଶ୍ରମ, ଶ୍ରୀଅରବିନ୍ଦ ପାଠଚକ୍ର ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଆସିକା ସହର ଉପକଣ୍ଠ ରେଡିଦାମୋଦରପଲ୍ଲୀ, ସମୟଁ ସକାଳ ୭ଟା।

## ଢେଙ୍କାନାଳ

- ସାଇ ସତ୍‌ସଙ୍ଗ ସେବା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ- ଢେଙ୍କାନାଳ ଶ୍ରୀରାମ ମଣ୍ଡପ, ସମୟ: ସକାଳ ସାଢେ ୮ଟା।
- ଭୁବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୭ ତମ ବାର୍ଷିକ ଉତ୍ସବ , ସ୍ଥାନ: ଭୁବନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ଟା ୩୦।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୨ ତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ,ସମୟ: ସକାଳ ୯ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ଶ୍ରୀରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମାର ୨୮ ତମ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ଏନ୍‌ଏସି ହାଇସ୍କୁଲ ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମହା ନାମଯଜ୍ଞ, ସ୍ଥାନ: ଶ୍ରୀଗୋପୀନାଥଜୀଉ ମନ୍ଦିର, ଓଲଡ଼ି ମଠ, ସମୟ: ସକାଳ ୬ଟା।
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ବିଜୟା ଦଶମୀ ମହାଯଜ୍ଞ, ସ୍ଥାନ: ମେଳଣ ପଡିଆ, ମେଡିକାଲ ବଜାର, ଧାମନଗର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ବିଂଶ ବାର୍ଷିକୀ କଳିକଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ଡିହବଳରାମପୁର କଚେରୀପଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀହନୁମାନଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମା' ମହୀପାଳୁନୀ ମନ୍ଦିର, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହନୁମାନ ବାଟିକା ପରିସର, ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡ଼ା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମାଣିକପାଟଣା, ଆଳି, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ସମ୍ଭବ ପତ୍ରିକାର ୨୨ତମ ବାର୍ଷିକ ସମାରୋହ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିରଜା କୃପା ସାହିତ୍ୟ ପରିବାର ପକ୍ଷରୁ ୫ମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ନ ୨ଟା ।

## ରାୟଗଡ଼ା

- ଶିଶୁ ମହୋତ୍ସବ ପାଇଁ ଆଙ୍କା ମାଳା ଅଣାଯିବା କାର୍ଯ୍ୟକ୍ରମ, ସ୍ଥାନ: କାଶୀ ବିଶ୍ୱନାଥ ମନ୍ଦିର, ଗୁଣପୁର, ସମୟ: ସକାଳ ୬ଟା।
- ଶିଶୁ ମହୋତ୍ସବ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ସିବିସିସି ଖେଳ ପଡିଆ,ଗୁଣପୁର, ସମୟ: ଅପରାହ୍ନ ୫ଟା।
- ମା' ମଝିଘରିଆଣୀଙ୍କ ସୁନାବେଶ, ସ୍ଥାନ: ମଝିଘରିଆଣୀ ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ଟା ୫୦।

## କୋରାପୁଟ

- ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ କୋଭିଡ ହସ୍ପିଟାଲ ସମ୍ମୁଖ, ଜୟପୁର, ସମୟ: ସକାଳ ୮ଟା।
- ୟୁନିସେଫ ଓ ସିୟୁଓ ପକ୍ଷରୁ ଦକ୍ଷତା ବିକାଶ କର୍ମଶାଳା, ସ୍ଥାନ: କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ସକାଳ ୯ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: କୋରାପୁଟ ମେଡିକାଲ କଲେଜ ଛକ, ସମୟ: ସକାଳ ୯ଟା।
- ବିଏସ୍ଏଫ୍ ପକ୍ଷରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନୀ ଓ ଡଗ୍ ଶୋ, ସ୍ଥାନ: ରାଜାନଗର, ଜୟପୁର, ସମୟ: ସକାଳ ୯ଟା ୩୦।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିରେ ସଭା ଓ ସମାବେଶ, ସ୍ଥାନ: ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ତିରୋଧାନ ଦିବସରେ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ନନ୍ଦପୁର ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ନେଇ ସାଧାରଣ ସଭା, ସ୍ଥାନ: ତେନ୍ତୁଳିଗୁମ୍ମା, ବୈପାରିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଲ୍ୟାମ୍ପସ ପକ୍ଷରୁ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: କଳା ବିକାଶ କେନ୍ଦ୍ର ସମ୍ମୁଖ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ହିନ୍ଦୁ ନବବର୍ଷ ଉପଲକ୍ଷେ ଆରଏସ୍ଏସ୍‌ର ଶୋଭାଯାତ୍ରା, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୩ଟା।
- ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉଦ୍‌ଯାପନୀ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି

- ସାମ୍ବାଦିକ ସଂଘ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଓ ଅଧିବେଶନ, ସ୍ଥାନ: ମାଲକାନଗିରି ଏଜୁକେସନ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ବେଙ୍ଗଲୀ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ନରନାରାୟଣ ସେବାଶ୍ରମ, ପୋଟରୁ, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର

- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ କୁଦୋପାଲି ଶହୀଦ ଶୀର୍ଷକ କର୍ମଶାଳା, ସ୍ଥାନ: ଅମୃତ ବିହାର, ସମୟ : ପୂର୍ବାହ୍ନ ୧୦ଟା।
- ମା'କାମାକ୍ଷା ଦେବୀଙ୍କ ଚୈତ୍ର ସ୍ୱତନ୍ତ୍ର ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ସକାଳ ୯ଟା ୩୦।
- ହାଟପଡା ବୀର ବଜରଙ୍ଗ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ମୀନକେତନ ଦେହେରୀ ନୌକା ପ୍ରତିଯୋଗୀତା ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶା ରାଜ୍ୟ ଶାଖାର ପ୍ରତିଭା ସମ୍ମାନ ଓ କବିତା ପାଠୋତ୍ସବ, ଓଡ଼ିଶା ସାଂସ୍କୃତିକ ସଭା ଭବନ, ସମୟ : ପୂର୍ବାହ୍ନ ୧୧ଟା।
- କୁଚିଣ୍ଡା ଗୁଦଗୁଦା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ୍: କୁଚିଣ୍ଡା କଲେଜ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ରାମ ନବମୀ କମିଟି ପକ୍ଷରୁ ୭୮ତମ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ମନ କୀ ବାତ କାର୍ଯ୍ୟକ୍ରମ ଓ ଏସ୍ଆଇଆର ଉପରେ ବୈଠକ, ସ୍ଥାନ: ଅଗ୍ରେସନ ଭବନ, ଲୋଇସିଂହା, ସମୟ : ସକାଳ ୯ଟା।
- ଶ୍ରୀ ଶ୍ରୀ ୧୦୦୮ ଶ୍ରୀ ଡଙ୍ଗରବୁଢ଼ା ପୁଞ୍ଜିପଥର ପୂଜା ମହୋତ୍ସବ ତଥା ବତିଶ ପ୍ରହରୀ ନାମଯଜ୍ଞ, ସ୍ଥାନ: ପୁଞ୍ଜିପଥର ମନ୍ଦିର,ସର୍ଗିଗୁଡା, କଣ୍ଟାବାଞ୍ଜି, ସମୟ : ପୂର୍ବାହ୍ନ ୯ଟା ୧୫ ମିନିଟ।
- କନ୍ଦାଜୁରି ଚକ ଡୁମାଲ ସମ୍ପ୍ରଦାୟ ବୈଠକ,ସ୍ଥାନ: କର୍ଲିପାଟ, ଲୋଇସିଂହା, ସ୍ଥାନ: ଅପରାହ୍ନ ୪ଟା ।

## ରାଉରକେଲା

- ବାସନ୍ତୀକ ଦୁର୍ଗାପୂଜା ପୀଠେ ୧୦ମୀ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନର ବାର୍ଷିକ ବୈଠକ, ସ୍ଥାନ: କୋଏଲନଗର ଅବସର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଆଶ୍ରମରେ ଶିଶୁ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୬ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ।
- ରାମନବମୀ ଶୋଭାଯାତ୍ରା, ସ୍ଥାନ: ସାରନଗରୀ, ଦକ୍ଷିଣ ରାଉରକେଲା, ରାଉରକେଲା, ସମୟ: ଅପରାହ୍ନ ୩ଟା।

## ବରଗଡ଼

- ବହଲତଳିଏନ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା, ସ୍ଥାନ: ଗାଇସିଲେଟ,ସମୟ:ସକାଳ ୮ଟା।
- ରାମାୟଣ ପାରାୟଣ,ରାମଜୀ ମଠ, ଗାଇସିଲେଟ,ସମୟ:ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଣାପ୍ରତିଷ୍ଠା ଉତ୍ସବ,ସ୍ଥାନ:ବିଜାଢୋଲ, ଝାରବନ୍ଧ,ସମୟ:ସକାଳ ୯ଟା।
- ଚାଳିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଅବସରରେ କଳସଯାତ୍ରା,ସ୍ଥାନ: ଖଣ୍ଡହଥା, ବରଗଡ଼,ସମୟ: ସକାଳ ୯ଟା।
- ଏକକ ଅଭିନୟ ପ୍ରତିଯୋଗିତା,ସ୍ଥାନ:ସୌଖିନ ରଙ୍ଗମଞ୍ଚ, ବରଗଡ଼,ସମୟ:ସକାଳ ୧୦ଟା।
- ଜେନିଥ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସନ୍ଧ୍ୟା ୫ଟା।
- ସମର୍ପଣ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ବିଶ୍ୱ ନାଟ୍ୟ ଦିବସ ପାଳନ,ସ୍ଥାନ: ସୌଖିନ ରଙ୍ଗମଞ୍ଚ, ବରଗଡ଼,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କଳାହାଣ୍ଡି ଓକିଲ ସଂଘର ସମ୍ବର୍ଦ୍ଧନା ସଭା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବହୁଜନ ସମାଜ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ଆମ୍ବେଡକର ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ତୃତୀୟ ଦିବସରେ ନାଟକ ବନବାସ, ସ୍ଥାନ: ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ରାମନବମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବଚନ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ବରଘାଟ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ତୃତୀୟ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ତୃତୀୟ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖମାରରେ ରାମଲୀଳା ତୃତୀୟ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନିକା ଶିଶୁମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଶ୍ରୀରାମ ଲୀଳା ନାଟକର ତୃତୀୟ ରଜନୀ, ସ୍ଥାନ: ଖଇରମାଲ,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।
- ଶ୍ରୀରାମ ଲୀଳା ନାଟକ ରାମ ବନବାସ ପରିବେଷଣ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର ବ୍ଲକ, ସମୟ: ରାତି ୧୦ଟା।

## ନୂଆପଡ଼ା

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ୧୨ନଂ. ୱାର୍ଡ କୁଅଁରପଡ଼ା, ସମୟ: ସକାଳ ୮ଟା ୩୦।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ରିଷଗାଁ, ସମୟ: ସକାଳ ୮ଟା ୩୫।
- ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଜାମଗାଁ, ସମୟ: ସକାଳ ୮ଟା ୩୦।
- ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଟିକ୍ରାପଡ଼ା ଗାଁ ମୁନସିପଡ଼ା, ସମୟ: ସକାଳ ୯ଟା।
- ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଭେଲା ଗାଁ, ସମୟ: ଅପରାହ୍ନ ୫ଟା ୧୫।
- ଶ୍ରୀରାମ ନବମୀ ମେଳା ଉପଲକ୍ଷେ ଶ୍ରୀରାମ କଥା ଉଦ୍‌ଯାପନ, ସ୍ଥାନ: ଖଡିଆଳ ବ୍ଲକ ନେହେନା ଗାଁ ଶ୍ରୀର ଗାଁ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା, ସମୟ: ସକାଳ ୯ଟା।
- ଉଦନ୍ତି ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଉଚ୍ଚବିଦ୍ୟାଳୟ ପଡିଆ ସିନାପାଲି, ସମୟ: ସନ୍ଧ୍ୟା ୬ଟା।
- ନୂଆପଡ଼ା କବାଡି ପ୍ରିମିୟର ଲିଗ୍ ଉଦ୍‌ଯାପନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ ବୈଠକୀ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଭେଲା ଗାଁ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ୨୪ପ୍ରହରୀ ନାମ ଯଜ୍ଞ, ସ୍ଥାନ: ସାଗରପାଲି, ନାମ ମଣ୍ଡପ, ଲଖନପୁର, ସମୟ: ସକାଳ ୮ଟା।
- ଶିବଙ୍କ ରୁଦ୍ରାଭିଷେକ ପୂଜା, ସ୍ଥାନ: ମହାକାଳ ମନ୍ଦିର,ବାଗଡିହି, ସମୟ: ସକାଳ ୮ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରଣୀ ଗଙ୍ଗା।
ପେଯ ପିଇ କରି ବାନ୍ଧିଚୁ ସଙ୍ଗା।**

କୃପଣ ନ ହେଲେ ସଞ୍ଚୟ କରିବା କଷ୍ଟକର। ଭବିଷ୍ୟତକୁ ସୁଦୃଢ଼ ଏବଂ ସୁରକ୍ଷିତ କରିବା ଲାଗି ସଞ୍ଚୟ ମନୋବୃତ୍ତି ରଖିବା ବୁଦ୍ଧିମତ୍ତାର ପରିଚୟ ହୋଇଥାଏ। ଘରକୁ ସ୍ୱର୍ଗଠାରୁ ସୁନ୍ଦର କରିବାରେ ଗୃହିଣୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପରିସ୍ଥଳେ ବହୁ କଷ୍ଟ କରି ଘର ପ୍ରତି ପୂର୍ଣ୍ଣ ସମର୍ପିତା ଥିବା ଗୃହିଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ମୁଣ୍ଡ ଟାକୁ ଟାକୁ
କାହୁଁ ଆଣିଥିଲି ଥାକୁଲିଟାକୁ
ଚୁଡ଼ା କୁଟି ଖାଇବାକୁ।**

ଆବଶ୍ୟକତାଠୁ ଅଧିକ ମୋଟା ହେଲେ ବ୍ୟକ୍ତି ସ୍ୱଚ୍ଛନ୍ଦରେ କାମଦାମ କରିପାରି ନ ଥାଏ। ଥାକୁଲି ସ୍ତ୍ରୀ ମୋଟୀ ହୋଇଥିବା ଦୃଷ୍ଟିରୁ ଆଦୌ କାର୍ଯ୍ୟଦକ୍ଷ ହୋଇପାରୁ ନ ଥିବାବେଳେ ତା'ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅବଶିଷ୍ଟାଂଶ

### ପ୍ଲସ୍‌୨ ପରୀକ୍ଷା...

ସହ ସମସ୍ତ ପ୍ରକାର ସୁବିଧା କରାଯିବ ବୋଲି ପରିଡ଼ା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ଗୋଟିଏ ବିଷୟରେ ମାର୍କ ବଢ଼ାଇବାକୁ ପ୍ରଥମଥର ପାଇଁ ଛାତ୍ରୀଛାତ୍ରଙ୍କୁ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା କରାଯିବ। ମୁଖ୍ୟ ପରୀକ୍ଷାରେ ପାସ୍ କରିଥିବା ଛାତ୍ରୀଛାତ୍ର ଗୋଟିଏ ବିଷୟରେ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଦେଇପାରିବେ। ସେହିପରି ଗୋଟିଏ ବିଷୟରେ ଫେଲ୍ ଛାତ୍ରୀଛାତ୍ର ପୂର୍ବପରି ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରୀଛାତ୍ର ସୁଯୋଗ ପାଇବେ ବୋଲି ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଜୀବନଚର୍ଯ୍ୟା ସୁନ୍ଦର ରହିବ। ରାଶ୍ୟାଧିପ ମଙ୍ଗଳଙ୍କ ଏକାଦଶସ୍ଥ ସ୍ଥିତିଜନିତ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବେ। ଅଶ୍ୱିନୀ ନକ୍ଷତ୍ର ସକାଶେ ସମସ୍ୟାଗୁଡ଼ିକ ବ୍ୟସ୍ତତା ସୃଷ୍ଟି କରାଇବେ। ପାରସ୍ପରିକ ଆଲୋଚନା ଭିତରେ ସମାଧାନ ପୂର୍ବକ ପରିବାରରେ ଶାନ୍ତି ଫେରିଆସିବ।

**ବୃଷ** – ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ମନମୁଖି ଶାସନ ଓ ସ୍ୱାଧୀନ ମତବ୍ୟକ୍ତ ଘରୋଇ କଳହକୁ ଜନ୍ମଦେବ। କୃତ୍ତିକା ନକ୍ଷତ୍ରର କାମ ଚାପ ସହ ଦୈହିକ ଅସୁସ୍ଥତାର ସୂଚନା ରହିଛି। ପ୍ରକାଶନ, ଆଇନ ଅଦାଲତ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ କ୍ଷେତ୍ର ପୂର୍ବପରି ଚାଲୁ ରହିବ। ସାଙ୍ଗସାଥୀ କହିବେ ବହୁତ, କିନ୍ତୁ କାମ କଲାବେଳକୁ ଦେଖାମିଳିନପାରେ।

**ମିଥୁନ** – କର୍ମାଧିପତି ବୃହସ୍ପତି ରାଶିରେ ଅବସ୍ଥାନ କରି କର୍ମାରମ୍ଭ ସକାଶେ ଅନୁପ୍ରେରିତ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ କଳହ ଲାଗିପାରେ। ବନ୍ଧୁଙ୍କ ସହିତ ଟଙ୍କା ପଇସା ସମ୍ପର୍କିତ ଝାମେଲାର ସମ୍ମୁଖୀନ ହେବେ। ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ବିଷୟରେ ସନ୍ତୋଷଜନକ ଫଳ ପାଇବେ।

**କର୍କଟ** – ପାପଗ୍ରହ ଦୃଷ୍ଟି ବିବର୍ଜିତ ରାଶ୍ୟାଧିପ ଚନ୍ଦ୍ର ଦୈହିକ, ମାନସିକ ଓ ସାମାଜିକ ସ୍ଥିତିକୁ ସୁଦୃଢ଼ କରାଇବ। ଧନାଧିପ ରବିଙ୍କ ସୁପ୍ରଭାବରେ ବନ୍ଧୁଙ୍କ ନିକଟରୁ ଅର୍ଥ ପାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ, ସଭାସମିତିରେ, ସଠିକ୍ ସିଦ୍ଧାନ୍ତ ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଅର୍ଥନୈତିକ ସ୍ଥିତି ଓ ପାରିବାରିକ ସଦ୍ଭାବର ଅଭାବ ରହିବ ନାହିଁ।

**ସିଂହ** – ଚନ୍ଦ୍ରଙ୍କ କୋଣଭାବସ୍ଥ ରବି ଯୋଗୁ ଆଜିର ପରିସ୍ଥିତି ଓ ରହୁଥିବା ପରିବେଶରେ କିଛି ସ୍ୱାଭାବିକତା ଫେରିପାରେ। ଶନିକ୍ଷେତ୍ରସ୍ଥ ବୁଧଙ୍କ ଯୋଗୁ ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ବିଳମ୍ବରେ ପାଇଯିବେ। କର୍ମ କ୍ଷେତ୍ରରେ ବାଧା ଉପୁଜିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ଚିନ୍ତିତ ହେବେ।

**କନ୍ୟା** – ଏକାଦଶସ୍ଥ ଚନ୍ଦ୍ର ଉଦ୍ୟମକୁ ଚରିତାର୍ଥ କରାଇବ। ଦିନଚର୍ଯ୍ୟା ମଧ୍ୟରେ ଯାହାକୁ ଯାହା କହିବେ କିମ୍ବା କରିବେ, ସବୁ ସୁବିଧାରେ ସମ୍ପନ୍ନ ହେବ। ଦୀର୍ଘଦିନର ଚେଷ୍ଟା ପରେ ଉପରିସ୍ଥଙ୍କ ସହୃଦୟତାରୁ ଋଣସୂତ୍ରରେ ଆଜି ହିଁ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟର ପ୍ରତିବନ୍ଧକ ଓ ଯାତ୍ରାରେ ଦୁଶ୍ଚିନ୍ତା ବଢ଼ିପାରେ।

**ତୁଳା** – ଆଶା ବାସ୍ତବତାରେ ପରିଣତ ହେବା ସହ ଯାହା ପାଇବା କଥା ତାହା ପାଇବେ। ଶନିଙ୍କ ସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ କାଳକ୍ଷେପଣ ନୀତି ସମସ୍ୟା ଓ ବିଳମ୍ବ ସୃଷ୍ଟି କରିବ। ଅତି ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଶୁଭପ୍ରଦ ହେବ, ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନି।

**ବିଛା** – ଭାଗ୍ୟାଧିପତି ଚନ୍ଦ୍ରଙ୍କ ଆରୋହଣ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ କରାଇବ। ପରିବାରାଧିପତି ଶନିଙ୍କ ଦୁଃସ୍ଥାନ ସ୍ଥିତି ବିନା କାରଣରେ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି କରାଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କ୍ରୀଡ଼ା, ସାମ୍ବାଦିକତା, ସାହିତ୍ୟରେ ସୁନାମ ଅର୍ଜନ କରିବେ।

**ଧନୁ** – ଆଜି ବୈଷୟିକ ଅଭିବୃଦ୍ଧିରୁ ଖୁସି ହେବେ, କିନ୍ତୁ ବିଭିନ୍ନ କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବିବାଦ କାରଣରୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ ଏବଂ ପାରିବାରିକ, ପରିବହନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର** – କେନ୍ଦ୍ରସ୍ଥ ଶୁକ୍ର ଆପଣଙ୍କ ପାରିବାରିକ ଏବଂ କର୍ମକ୍ଷେତ୍ରକୁ ଜୀବନଯାତ୍ରାକୁ ସରସ, ସୁନ୍ଦର କରାଇପାରନ୍ତି। ଭୁଲ୍ ବୁଝାମଣା ନେଇ ଅଶାନ୍ତି ଓ କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ଦେଖାଦେଇପାରେ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ** – ଶୁଭଗ୍ରହ ପ୍ରଭାବରୁ ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରଫୁଲ୍ଲତା କାର୍ଯ୍ୟ ସିଦ୍ଧି ପାଇଁ ମନୋବଳ ସୃଷ୍ଟି କରିବ। ସକାଳେ ଶୁଭ ଖବର ପାଇ ଖୁସି ହୋଇଯିବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ।

**ମୀନ** – ଉଚ୍ଚାରୋହୀ ରବିଙ୍କ ଯୋଗୁ ଆପଣଙ୍କ ପ୍ରତିଷ୍ଠା ଓ ଲୋକ ସମ୍ପର୍କକୁ ନିଜ ଲୋକମାନେ ଭଲ ଦୃଷ୍ଟିରେ ଦେଖିନପାରନ୍ତି। ବାରମ୍ବାର ଚେଷ୍ଟା କରି ଆସୁଥିବା କାମଗୁଡ଼ିକ ଆଜି ଠିକ୍ ଭାବରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ର କରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ।

ଆଜି ମାର୍ଚ୍ଚ ୨୯ ତାରିଖ, ଚୈତ୍ର ଶୁକ୍ଳପକ୍ଷର ସର୍ବସମ୍ମତ କାମଦା (ଶମ୍ଭୁ) ଏକାଦଶୀଯୁକ୍ତ ଦ୍ୱାଦଶୀ ରବିବାର। ରବିନାରାୟଣ ବ୍ରତ, ଶ୍ରୀମନ୍ଦିରରେ ସୀତା ବିବାହ, ଶହୀଦ୍ ଲକ୍ଷ୍ମଣନାୟକଙ୍କ ଫାଶୀ ଦିବସ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ଘ.୨।୩୮ମି. ଗତେ ମଘା/ସିଂହ, ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୬ ଗତେ ଘ.୦୯।୫୦ ମଧ୍ୟେ, ଘ.୦୧।୨୨ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୫ ଗତେ ଘ.୦୫।୫୬ମି. ରାହୁକାଳ।

# ଦୀପାଳି-ଟଙ୍କଧର କଥା କଟାକଟି

## ରାମନବମୀ ଶୋଭାଯାତ୍ରାକୁ ନେଇ ଝାରସୁଗୁଡ଼ା ରାଜନୀତି ସରଗରମ

**ଝାରସୁଗୁଡ଼ା,୨୮।୩(ଆଶିଷ ରଞ୍ଜନ ଦାଶ)**

ରାମନବମୀ ଶୋଭାଯାତ୍ରାକୁ ନେଇ ଝାରସୁଗୁଡ଼ା ରାଜନୀତି ସରଗରମ ହୋଇଛି। ପରମ୍ପରା ଓ ଶୃଙ୍ଖଳାକୁ କେନ୍ଦ୍ରକରି ପୂର୍ବତନ ବିଧାୟିକା ଦୀପାଳୀ ଦାସ ଏବଂ ବର୍ତ୍ତମାନର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ମଧ୍ୟରେ କଥା କଟାକଟି ଚାଲିଛି। ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେବା ସହ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଶୁକ୍ରବାର ରାମନବମୀ ଶୋଭାଯାତ୍ରା ଚାଲିଥିବାବେଳେ ରାମାୟଣର ରାବଣ ଓ ସୂର୍ପଣଖାର ଉପାଖ୍ୟାନ ଦେଇ ବିଧାୟକ ତ୍ରିପାଠୀ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ବହୁ ପୂର୍ବରୁ ଝାରସୁଗୁଡ଼ାରେ ରାମନବମୀ ଶୋଭାଯାତ୍ରାରେ ଆଖଡ଼ା ଦଳଗୁଡ଼ିକ ଏକତ୍ର ନିଜର ପ୍ରଦର୍ଶନକରି ଆସୁଥିବାବେଳେ ଗତ କିଛି ବର୍ଷ ତଳେ ଶୋଭାଯାତ୍ରାରେ ଆଖଡ଼ା ଦଳକୁ ବିଭାଜନ କରାଯାଇଛି। ତେଣୁ ଏହି ବିଭାଜନ କିଏ କରିଥିଲା ବୋଲି ଟଙ୍କଧର ଦୀପାଳୀଙ୍କ ପରିବାର ପ୍ରତି ଟାର୍ଗେଟକରି ମତ ରଖିଥିଲେ। ଶନିବାର ସକାଳେ ଏହାର ଉତ୍ତର ରଖିଛନ୍ତି ବିଜେଡି ନେତ୍ରୀ ଦୀପାଳୀ ଦାସ। ସେ ବିଧାୟକଙ୍କୁ ସମାଲୋଚନାକରି କହିଛନ୍ତି, ନିଜର ଶସ୍ତା ଲୋକପ୍ରିୟତା ଓ ଶକ୍ତି ପ୍ରଦର୍ଶନ ପାଇଁ ବିଧାୟକ ଝାରସୁଗୁଡ଼ାର ବର୍ଷ ବର୍ଷର ସାଂସ୍କୃତିକ ପରମ୍ପରାରେ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି। ବିଧାୟକଙ୍କ ଶୋଭାଯାତ୍ରା ଯୋଗୁ ବିଭିନ୍ନ ଆଖଡ଼ା ଦଳ ନିଜର ପ୍ରଦର୍ଶନ ସମ୍ପୂର୍ଣ୍ଣ କରିପାରିଲେ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଫଳରେ ଅଞ୍ଚଳବାସୀ ଶୋଭାଯାତ୍ରାକୁ ଉପଭୋଗ କରିପାରିଲେ ନାହିଁ। ଜନସାଧାରଣ ବିଧାୟକଙ୍କୁ ଦେଖିବାକୁ ଆସି ନ ଥିଲେ, ରାମନବମୀ ଶୋଭାଯାତ୍ରା ଦେଖିବାକୁ ଆସିଥିଲେ ବୋଲି ଦୀପାଳୀ କହିଛନ୍ତି। ଦୀପାଳୀଙ୍କ ଏହି ମତ ପରେ ବିଭିନ୍ନ ଆଖଡ଼ା ଦଳ ଓ ସଙ୍ଗଠନର କର୍ମକର୍ତ୍ତା ବିଧାୟକଙ୍କ ସପକ୍ଷରେ ମୁହଁ ଖୋଲିଛନ୍ତି। ଦୀପାଳୀ ବିଧାୟକ ତ୍ରିପାଠୀଙ୍କୁ ବଦନାମ କରିବା ଭିତ୍ତିହୀନ ଏବଂ ମୂଲ୍ୟହୀନ ବୋଲି ଶନିବାର ଅପରାହ୍ଣରେ ଏକ ଘରୋଇ ହୋଟେଲରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶୁକ୍ରବାର ରାମନବମୀ ଶୋଭାଯାତ୍ରାରେ ପ୍ରଥମେ ଶିବଶକ୍ତି ଆଖଡ଼ା ତରଫରୁ ଶୋଭାଯାତ୍ରା ଚାଲିଥିଲା। ତାଙ୍କ ପଛରେ ଚୌକିପଡ଼ା ଆଖଡ଼ା ଶୋଭାଯାତ୍ରା ଚାଲିଥିଲା। ଏତେ ଭିଡ଼ ରହିଥିଲା, ଆଗକୁ ବଢ଼ିବା ବହୁତ କଷ୍ଟକର ଥିଲା। ତେଣୁ ଚୌକିପଡ଼ା ପଛରେ ଥିବା ଡିଏକ୍ସ କ୍ଲବ୍ ଆଗକୁ ବଢ଼ିପାରୁ ନ ଥିଲା। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଡିଏକ୍ସ କ୍ଲବ ତରଫରୁ ଶୋଭାଯାତ୍ରାରେ ଆସୁଥିଲେ। ତାଙ୍କ ମନରେ କାହାକୁ ହଇରାଣ କରିବାର ଅଭିପ୍ରାୟ ନ ଥିଲା। ବିଧାୟକ ତ୍ରିପାଠୀ ଝାରସୁଗୁଡ଼ାର ଜନସାଧାରଣ ରାମନବମୀର ଧାର୍ମିକ ପରିବେଶକୁ କିପରି ଉପଭୋଗ କରିପାରିବେ ସେଥିପ୍ରତି ବହୁ ପ୍ରୟାସ କରିଥିଲେ। ସମସ୍ତ ଆଖଡ଼ା ଓ ସଙ୍ଗଠନର ଧାର୍ମିକ ଭାବନାକୁ ବିଧାୟକ ତ୍ରିପାଠୀ ଯଥୋଚିତ ସମ୍ମାନ ଦେଇଛନ୍ତି। ତାଙ୍କ ନାମରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମୂଲ୍ୟହୀନ ବୋଲି ଆଖଡ଼ା କମିଟି କର୍ମକର୍ତ୍ତାମାନେ ମତ ପ୍ରକାଶ କରିଛନ୍ତି।


ଦୀପାଳି ଦାସ


ଟଙ୍କଧର ତ୍ରିପାଠୀ




# ଅଶୋକ ପଣ୍ଡା ନୂତନ ସେଲ୍ ଅଧ୍ୟକ୍ଷ

**ରାଉରକେଲା,୨୮।୩(ସଙ୍ଗୀତା ଜେନା)**

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବେ ଡ. ଅଶୋକ ପଣ୍ଡାଙ୍କୁ ଚୟନ କରାଯାଇଛି। ନୂଆଦିଲ୍ଲୀରେ ଶନିବାର ହୋଇଥିବା ଏହି ଚୟନ ପ୍ରକ୍ରିୟାରେ ଡ. ପଣ୍ଡାଙ୍କୁ ବଛାଯାଇଥିଲା। ପଣ୍ଡା ସେଲ୍‌ର ବିତ୍ତ ନିର୍ଦ୍ଦେଶକ ତଥା ନିର୍ଦ୍ଦେଶକ (ବାଣିଜ୍ୟ) ଅତିରିକ୍ତ ଦାୟିତ୍ୱରେ ଥିଲେ। ଏହି ଅବସରରେ ନୂତନ ସିଏମ୍‌ଡିଙ୍କୁ ବିଏମ୍‌ଏସ୍, ଆର୍‌ଏସ୍‌ଏସ୍ ସମେତ ଅନ୍ୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସିଟୁର ସର୍ବଭାରତୀୟ ଉପାଧ୍ୟକ୍ଷ ତଥା ଏନ୍‌ଜେସିଏସ୍ ସଦସ୍ୟ ବିଷ୍ଣୁ ମହାନ୍ତି, ଷ୍ଟିଲ ଏମ୍ପ୍ଲଏଜ୍ ଟ୍ରେଡ୍ ୟୁନିୟନ(ସିଟୁ)ର ସାଧାରଣ ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ବସନ୍ତ ନାୟକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଶନିବାର ସିଏମ୍‌ଡି ପଦବୀ ପାଇଁ ଅନୁଷ୍ଠିତ ସାକ୍ଷାତକାରରେ ବର୍ତ୍ତମାନ ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମାଙ୍କ ସମେତ ସେଲ୍‌ର ବିଭିନ୍ନ ୟୁନିଟ୍ ତଥା ଭାରତୀୟ ରେଲୱେର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।


ଅଶୋକ ପଣ୍ଡା

# ରାମନବମୀ ଶୋଭାଯାତ୍ରାରେ ଗୁଳି ଫୁଟାଇଲେ ବିଧାୟକ

**ବଲାଙ୍ଗୀର/ଟିଟିଲାଗଡ଼,୨୮।୩ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)**

- ଟିଟିଲାଗଡ଼ ବିଧାୟକ, ପିଏସ୍‌ଓଙ୍କ ବିରୋଧରେ ମାମଲା, ବନ୍ଧୁକ ଜବତ
- ବିଧାୟକଙ୍କ ପିଏସ୍‌ଓ ନିଲମ୍ବିତ
- ଖେଳଣା ବନ୍ଧୁକ ଫୁଟାଇଛି, ବିଜେଡି ଅପପ୍ରଚାର କରୁଛି: ନବୀନ

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଶୁକ୍ରବାର ଶ୍ରୀରାମ ନବମୀ ଉତ୍ସବ ଶୋଭାଯାତ୍ରାରେ ଫୁଟିଛି ଗୁଳି। ଆଉ ଏହି ଗୁଳି ଚଳାଇଛନ୍ତି ସ୍ଥାନୀୟ ବିଧାୟକ ନବୀନ ଜୈନ। ନବୀନ ଏକାଧିକ ସ୍ଥାନରେ ଫାଙ୍କା ଗୁଳିଚାଳନା କରିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଉପସ୍ଥିତିରେ ସେ କିଭଳି ଫାଙ୍କା ଗୁଳିଚାଳନା କଲେ ବୋଲି ବିଜେଡି ପ୍ରଶ୍ନ କରିବା ସହ ଏନେଇ ବିଧାୟକଙ୍କୁ କଡ଼ା ସମାଲୋଚନା କରିଛି। ଅନ୍ୟପଟେ ଜୈନ ଏଭଳି ଅଭିଯୋଗକୁ ଖଣ୍ଡନ କରି ବନ୍ଧୁକ ନୁହେଁ, ଏହା ଖେଳଣା ବନ୍ଧୁକ ଥିଲା ବୋଲି କହିଛନ୍ତି। ରାମନବମୀ ରାଲିରେ ଲୋକେ ଖୁସି ମନାଉଥିଲେ। ଏଠାରେ କେହି ଜଣେ ତାଙ୍କୁ ଖେଳଣା ବନ୍ଧୁକ ଦେବାରୁ ସେ ଚଳାଇଥିଲେ ବୋଲି କହି ବିଜେଡିକୁ ସମାଲୋଚନା କରିଛନ୍ତି। ଅତିରିକ୍ତ ଏସ୍‌ପି ହିଂସାଂଶୁ ଶେଖର ବେହେରା କହିଛନ୍ତି, ବିଧାୟକ ଏବଂ ତାଙ୍କ ପିଏସ୍‌ଓଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଉକ୍ତ ବନ୍ଧୁକକୁ ଜବତ କରାଯାଇଛି। ଜବତ ବନ୍ଧୁକ(.୩୨ ବୋର୍) ଇଣ୍ଡିଆନ ଅର୍ଡିନାଂଶ ଫ୍ୟାକ୍ଟ୍ରିରେ ନିର୍ମିତ ହୋଇଥିବାବେଳେ ଏହାର ଲାଇସେନ୍ସ ବିଧାୟକଙ୍କ ନାମରେ ରହିଛି। ବନ୍ଧୁକରୁ ୩ରାଉଣ୍ଡ ଗୁଳି ବ୍ଲାଙ୍କ ଫାୟାରିଂ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ବିଧାୟକଙ୍କ ପିଏସ୍‌ଓ ପ୍ରେମଚାନ୍ଦ ନାଗଙ୍କୁ ନିଲମ୍ବିତ କରାଯାଇଥିବା ବେହେରା କହିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବଲାଙ୍ଗୀର ଗସ୍ତକରି ମାମଲାର ଛାନ୍‌ଭିନ୍ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଶ୍ରୀରାମ ନବମୀ ଉପଲକ୍ଷେ ଠିକାଦାରପଡ଼ା ରାଧାକୃଷ୍ଣ ମନ୍ଦିରରୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଟିଟିଲାଗଡ଼ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ କୁନି କୁନି ପିଲାମାନେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ଭୂମିକାରେ ସଜେଇ ହୋଇ ସୁସଜ୍ଜିତ ରଥରେ ପରିକ୍ରମା କରୁଥିଲେ। ଏହି ଶୋଭାଯାତ୍ରାରେ ସହରର ଶତାଧିକ ମହିଳା, ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବି ମୁତୟନ ହୋଇଥିଲେ। ସହରର ଶାସ୍ତ୍ରୀ ଛକରେ ଶୋଭାଯାତ୍ରା ପହଞ୍ଚିବା ପରେ ବିଧାୟକ ଏଥିରେ ସାମିଲ ହୋଇଥିଲେ। ସେଠାରେ ବିଧାୟକ ଏକ ପିସ୍ତଲ (ବନ୍ଧୁକ) ଉପରମୁହାଁ କରି ଫାଙ୍କା ଗୁଳିଚାଳନା କରିଥିଲେ। ଗୁଳି ଫୁଟାଇବା ପରେ ଏହାକୁ ବିଧାୟକ ପ୍ୟାଣ୍ଟ ଭିତରେ ଭରି ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହି ସମୟରେ ତାଙ୍କ ପିଏସ୍‌ଓ ଏବଂ ଅନ୍ୟ ପୋଲିସ ମଧ୍ୟ ଉପସ୍ଥିତ ଥିଲେ। ଏନେଇ ବିଜେଡି ପକ୍ଷରୁ ବିଧାୟକଙ୍କୁ କଡ଼ା ସମାଲୋଚନା କରାଯିବା ସହ ରବିବାର ଟିଟିଲାଗଡ଼ ଥାନାରେ ବିଧାୟକଙ୍କ ବିରୋଧରେ ଅଭିଯୋଗ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଏଭଳି ପ୍ରତିକ୍ରିୟା ପରେ ଜୈନ କହୁଛନ୍ତି, ରାଲିରେ ସେ ଖେଳଣା ବନ୍ଧୁକ ଫୁଟାଇଛନ୍ତି। ଟିଟିଲାଗଡ଼ର ବିକାଶ କଥା ଛାଡ଼ି ଏଭଳି ପ୍ରସଙ୍ଗକୁ ଧରି ବିଜେଡି ଅପପ୍ରଚାର କରିବାକୁ ଚେଷ୍ଟା କରୁଛି। ତେବେ ବିଧାୟକ ନବୀନ ଖେଳନା ବନ୍ଧୁକ ଧରିଥିବା କହୁଥିବାବେଳେ ପୋଲିସ ଲାଇସେନ୍ସପ୍ରାପ୍ତ ବନ୍ଧୁକକୁ ଜବତ କରିଥିବା କହିବା ଘଟଣା ଏବେ ଆଲୋଚନାର ବିଷୟ ପାଲଟିଛି।

## ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

**ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)**

ରାମନବମୀ ଅବସରରେ ଟିଟିଲାଗଡ଼ରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିଲା। ଏଥିରେ ଅରାଜକତାର ସମସ୍ତ ସୀମାରେଖାକୁ ଉଲ୍ଲଂଘନକରି ବିଧାୟକ ନବୀନ ଜୈନ ବନ୍ଧୁକ ବାହାରକରି ସର୍ବସାଧାରଣଙ୍କ ସାମ୍ନାରେ ଉପରକୁ ଫାଙ୍କା ଗୁଳିଚାଳନା କରିଥିଲେ। ଏହା ଡବଲ ଇଞ୍ଜିନ ସରକାରରେ ଭାଜପା ବିଧାୟକଙ୍କ ଔଦ୍ଧତ୍ୟର ନଗ୍ନ ଚିତ୍ର ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଟୁକୁନି ସାହୁ କହିଛନ୍ତି, ନବୀନ ଜୈନ ସରକାରୀ ଦଳର ବିଧାୟକ ହୋଇ ସରକାରୀ ନ୍ୟାୟ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି। ଜଣେ ଜନପ୍ରତିନିଧି ହୋଇ ଟିଟିଲାଗଡ଼ ପରି ଶାନ୍ତିପୂର୍ଣ୍ଣ ଜାଗାରେ ସର୍ବସାଧାରଣରେ ଗୁଳି ଫୁଟାଇବା ଏକ ଧର୍ତ୍ତବ୍ୟ ଅପରାଧ। ତେଣୁ ଏହି ଅପରାଧ ସଂଜ୍ଞାନକୁ ନେଇ ପୋଲିସ ନବୀନ ଜୈନଙ୍କୁ ତୁରନ୍ତ ଗିରଫ କରୁ। ଜୈନଙ୍କ ପାଇଁ ଏଭଳି ଘଟଣା ନୂଆ ନୁହେଁ। ପୂର୍ବରୁ ହୋଲି ଶୋଭାଯାତ୍ରାରେ ମଧ୍ୟ ନିଶାସକ୍ତ ଅବସ୍ଥାରେ ଜଣେ କର୍ମୀଙ୍କୁ ଏକ ଚଳନ୍ତା ଅଟୋରୁ ସେ ଠେଲିଦେଇଥିଲେ। ଫଳରେ ତତ୍‌କ୍ଷଣାତ୍ ସେହି କର୍ମୀ ଜଣଙ୍କ ମୃତ୍ୟୁ ଘଟିଥିଲା। ଯେହେତୁ ସେ ସରକାରୀ ଦଳର ବିଧାୟକ ସେଥିଲାଗି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଫଳରେ ତାଙ୍କ ଔଦ୍ଧତ୍ୟ ଆହୁରି ବଢ଼ି ଭୟଙ୍କର ରୂପ ନେଉଛି। ଭାଜପା ସରକାରରେ ଖୋଲାଖୋଲି ଭାବେ ବହୁ ବିଧାୟକ ଓ ମନ୍ତ୍ରୀ ଆଇନ ଶୃଙ୍ଖଳା ବ୍ୟବସ୍ଥାର ଉଲ୍ଲଂଘନ କରୁଛନ୍ତି। ଅନ୍ୟ ସ୍ଥାନରେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଆଇନକୁ ଫୁଙ୍କରି ବିନା ହେଲ୍‌ମେଟ୍‌ରେ ବିଶୃଙ୍ଖଳିତ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ଟୁକୁନି ଅଭିଯୋଗ କରିଛନ୍ତି।


ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଶୁକ୍ରବାର ରାମନବମୀ ରାଲିରେ ଗୁଳି ଫୁଟାଉଥିବା ଦୃଶ୍ୟ।

# ସହରରେ ୨୫, ଗ୍ରାମାଞ୍ଚଳରେ ୪୫ ଦିନରେ ଗୋଟେ ଗ୍ୟାସ୍: ମନ୍ତ୍ରୀ ପାତ୍ର

**ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)**

**ସହରାଞ୍ଚଳରେ ପିଏନ୍‌ଜି ବ୍ୟବସ୍ଥା ପାଇଁ ଦିଲ୍ଲୀ ବୈଠକରେ ଆଲୋଚନା**

ଦେଶରେ ଗୋଟେ ଭୟର ବାତାବରଣ ସୃଷ୍ଟି କରାଯାଇଛି। ଲୋକମାନେ ଆଗକୁ କାଳେ ଲମ୍ବା ଯୁଦ୍ଧ ହୋଇଯିବ ଏବଂ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲ ମିଳିବ କି ନାହିଁ ସେହି ଚିନ୍ତାରେ ରହୁଛନ୍ତି। ତେଣୁ ଆଗୁଆ ଗ୍ୟାସ୍, ପେଟ୍ରୋଲ ଏବଂ ଡିଜେଲ ମହଜୁଦ ରଖିବା ଲାଗି ସେମାନେ ଚିନ୍ତା କରୁଛନ୍ତି। ଏସବୁ ସ୍ଥିତିକୁ ଦେଖିବା ପରେ ୩୦ ପ୍ରତିଶତ ଅଧିକ ଗ୍ୟାସ୍ ବୁକିଂ ହୋଇଛି। ସହରାଞ୍ଚଳ ଲୋକଙ୍କୁ ୨୫ ଏବଂ ଗ୍ରାମାଞ୍ଚଳ ଲୋକଙ୍କୁ ୪୫ ଦିନରେ ଗୋଟିଏ ଏଲ୍‌ପିଜି ଦେବା ଲାଗି ଯୋଜନା ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ଏଥିରେ ମୁଖ୍ୟତଃ ୯ଟି ରାଜ୍ୟକୁ ଡକାଯାଇଥିଲା। ୯ ରାଜ୍ୟର ଯୋଗାଣ ମନ୍ତ୍ରୀମାନେ ଆସିଥିଲେ। ଏହି ବୈଠକ କେନ୍ଦ୍ର ମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ହରଦୀପ ପୁରୀ ସିଂ ଏଥିରେ ଉପସ୍ଥିତ ଥିଲେ। ପାଇପ୍ ଯୋଗେ ଗ୍ୟାସ୍ ପହଞ୍ଚାଇବା ଲାଗି ଆଲୋଚନା ହୋଇଛି। ଓଡ଼ିଶାରେ ସେଭଳି ପିଏନ୍‌ଜି(ପାଇପ୍‌ଡ ନ୍ୟାଚୁରାଲ ଗ୍ୟାସ୍) ସୁବିଧା ବିଶେଷତଃ ନାହିଁ। ଭୁବନେଶ୍ୱରରେ ମଧ୍ୟ ସବୁଠାରେ ଏହି ବ୍ୟବସ୍ଥା କରାଯାଇନାହିଁ। ତେଣୁ ରାଜ୍ୟର ସହରଗୁଡ଼ିକରେ କିପରି ଲୋକଙ୍କୁ ପାଇପ୍ ଯୋଗେ ପିଏନ୍‌ଜି ଦିଆଯିବ ସେନେଇ ଆଲୋଚନା ହୋଇଛି। ଏହାଦ୍ୱାରା ଲୋକଙ୍କୁ ଘରେ ପହଞ୍ଚାଇବାକୁ ଯେଉଁ ଗାଡ଼ି ଅସୁବିଧା ରହୁଛି ତାହା ହେବ ନାହିଁ, ଲୋକଙ୍କୁ ଏହା ୧୨ରୁ ୧୩ ଟଙ୍କା କମ୍ ଦରରେ ମଧ୍ୟ ମିଳିବ। ନଗରଗୁଡ଼ିକୁ ପିଏନ୍‌ଜି ଗ୍ୟାସ୍ ବ୍ୟବସ୍ଥା ପହଞ୍ଚାଇବା ମୁଖ୍ୟ ଲକ୍ଷ୍ୟ। ସହରାଞ୍ଚଳରେ ଲୋକଙ୍କୁ ୨୫ ଏବଂ ଗ୍ରାମାଞ୍ଚଳରେ ୪୫ ଦିନରେ ଗୋଟିଏ ଲେଖାଏ ଗ୍ୟାସ୍ ଦିଆଯିବ। ଗ୍ୟାସ୍, ପେଟ୍ରୋଲ କିମ୍ବା ଡିଜେଲର କିଛି ଅଭାବ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଭୟର ବାତାବରଣ ଥିବାରୁ ଲୋକମାନେ ଅଧିକ ମହଜୁଦ କରିବା ଲାଗି ବ୍ୟସ୍ତ ହୋଇପଡୁଛନ୍ତି ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।


କୃଷ୍ଣଚନ୍ଦ୍ର ପାତ୍ର

## ୩ୟ ପୃଷ୍ଠାର ଅବଶିଷ୍ଟାଂଶ

### ଟ୍ରିବ୍ୟୁନାଲରେ ବୈଷୟିକ...

ତେଣୁ ୨ ରାଜ୍ୟ ମିଳିତ ଭାବେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ଲାଗି ଅନୁରୋଧ କରିଥିଲେ। ସେହି ଅନୁଯାୟୀ କେନ୍ଦ୍ର ସରକାରଙ୍କୁ କାର୍ଯ୍ୟକାଳ ବୃଦ୍ଧି ଲାଗି ଟ୍ରିବ୍ୟୁନାଲ ଅନୁରୋଧ କରିଛନ୍ତି। ଆସନ୍ତା ୧୧ ତାରିଖ ଶୁଣାଣି ରହିଛି। ଉଭୟ ରାଜ୍ୟ ଆପୋସ ବୁଝାମଣା ସପକ୍ଷରେ ଥିବା ବିଷୟ ଜଣାଇଥିବା ପୀତାମ୍ବର ସୂଚନା ଦେଇଛନ୍ତି।

### ଏସ୍‌ସିବି ପ୍ଲାଷ୍ଟିକ...

ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତ୍ୟେକ କୋଠାରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପରେ କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ମେଡିକାଲ, କଲେଜ ଓ ହଷ୍ଟେଲର ପ୍ରତ୍ୟେକ କୋଣଅନୁକୋଣ ଯାଞ୍ଚ କରାଯାଇଥିଲା।

### ପିଠାଖାଇ ଘାଟିରେ...

ଯାତ୍ରୀ ଆହତ ହୋଇଥିବାବେଳେ ୩୫ ଜଣ ଯାତ୍ରୀଙ୍କ ଅବସ୍ଥା ଭଲ ନ ଥିଲା। ଆହତମାନଙ୍କୁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଯାତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କ ସୂଚନା ଅନୁସାରେ ବସ୍‌ଟି ଦ୍ରୁତ ଗତିରେ ଯାଉଥିଲା। ଦଶପଲ୍ଲା ଅଞ୍ଚଳର ଏକ ଢାବାରେ ଖାଇବା ପରେ ପୁଣି ବସ୍ ଦ୍ରୁତ ଗତିରେ ଚାଲିଥିଲା। ଘାଟ ବୁଲାଣିରେ ଡ୍ରାଇଭର କାଟି ନ ପାରିବାରୁ ବସ୍‌ଟି ଓଲଟି ପଡ଼ିଥିଲା। ବସ୍‌ରେ ଜଣେ ଡ୍ରାଇଭର ବିଶ୍ରାମ ନେଇଥିବାବେଳେ ୨ୟ ଡ୍ରାଇଭର ଚଲାଉଥିଲେ। ମୁଁ ଆଗ ସିଟ୍‌ରେ ବସିଥିଲି। ବସ୍ ଓଲଟିବା ପରେ ଜଣେ ଆହତଙ୍କ ସୂଚନା ଅନୁସାରେ କାଚ ଭାଙ୍ଗି ଯାଇଥିଲା। ମୁଁ ଭଙ୍ଗା କାଚ ଦେଇ ବାହାରକୁ ଯାଇ ଆହତମାନଙ୍କୁ ଉଦ୍ଧାର କରିବାକୁ ରାଜପଥରେ ଯାଉଥିବା ଟ୍ରକ୍ ଡ୍ରାଇଭରଙ୍କୁ ସାହାଯ୍ୟ ମାଗିଥିଲି। ବସ୍‌ର ପ୍ରକୃତ ଡ୍ରାଇଭର ଅଜିତ ଗୌଡ଼ଙ୍କ ସୂଚନା ଅନୁସାରେ ସେ ଆଗକୁ ଗାଡ଼ି ଚଲାଇବା ପାଇଁ ବିଶ୍ରାମ ନେଇଥିଲେ। ଦୁର୍ଘଟଣାରେ ମୁଁ ଚେତାଶୂନ୍ୟ ହୋଇପଡିଥିଲି। ନୟାଗଡ଼ ଡାକ୍ତରଖାନାରେ ମୋର ଚେତା ଆସିଲା। ବସ୍ ଧକ୍କା କେଉଁଠି ହୋଇଛି, କାହିଁକି ହେଲା, କିଏ ମଲେ କିଛି ଜାଣିନାହିଁ ବୋଲି କହିଥିଲେ। ଏମ୍‌ଭିଆଇ ପ୍ରକାଶ କୁମାର ଦୀପ୍‌ଙ୍କ ସୂଚନା ଅନୁସାରେ ବସ୍‌ର କାଗଜପତ୍ର ଠିକ୍ ଥିଲା। ଟାୟାର ବି ନୂଆ ରହିଛି। ଟୁରିଷ୍ଟ ଡ୍ରାଇଭର ଘାଟି ରାସ୍ତାର ସାର୍କ କର୍ପ ଟର୍ନିଂ ସମ୍ପର୍କରେ ଜାଣି ନ ପାରି ଦ୍ରୁତ ଗତିରେ ନେଉଥିବାବେଳେ ଅଟକାଇ ନ ପାରି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିବା ଜଣାପଡୁଛି। ଡ୍ରାଇଭର ନିଶାସକ୍ତ ଥିଲେ କି ନାହିଁ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅତିରିକ୍ତ ଜିଲାପାଳ ରୋଜିନା ଦାସ କୁହନ୍ତି, ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଛି। ଦୁଇ ଜଣଙ୍କୁ ରେଫର କରାଯାଇଛି। ଆହତଙ୍କ ଚିକିତ୍ସା କରାଯାଉଛି। ମୃତକ ଓ ଆହତଙ୍କୁ ରେଡକ୍ରସ୍ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ। ୫ ମୃତଦେହ ଜିଲା ପ୍ରଶାସନ ନିଜ ଖର୍ଚ୍ଚରେ ସେମାନଙ୍କ ଗାଁରେ ପହଞ୍ଚାଇ ଦେଇଛି ବୋଲି କହିଥିଲେ।

ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ୫ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ଦଶପଲ୍ଲା ପୋଲିସ ନଂ. ୭୪/୨୬ରେ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଛି।

ସୂଚନାଯୋଗ୍ୟ, ବସ୍‌ଟି ସୋରଡାରୁ ୬୦ ତୀର୍ଥଯାତ୍ରୀଙ୍କୁ ନେଇ ୩ଦିନିଆ ଟୁରରେ ହରିଶଙ୍କର ଓ ସମ୍ବଲପୁର ଦେଇ ଘଟଗାଁ ତାରିଣୀ ହୋଇ ପୁରୀ ସହ ୧୧ ଟି ସ୍ଥାନ ବୁଲିଥାନ୍ତା ବୋଲି ଜଣାପଡିଛି।

### ଥାନାରୁ ଅଭିଯୁକ୍ତ...

ଅଧୀନ ରାଉତରାପୁର ପଞ୍ଚାୟତସ୍ଥିତ କୁଣ୍ଡପାଟଣା ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି କରିବା ଘଟଣାରେ ଉତ୍ତରପ୍ରତାପ ଗ୍ରାମପଞ୍ଚାୟତର ଚାନ୍ଦମୋହିନୀ ଗ୍ରାମର ଆଶିଷ ବେହେରା(୨୪)ଙ୍କୁ ପୋଲିସ ୨୭।୯।୨୦୨୫ରେ ଅଟକ ରଖି ପଚରାଉଚୁରା କରିଥିଲା। ଏନେଇ ବ୍ରହ୍ମବରଦା ଥାନାରେ ୨୩୨/୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ୨୮।୯।୨୦୨୫ ଭୋର ସମୟରେ ରାତ୍ରି ଦାୟିତ୍ୱରେ ଥିବା ଉପରୋକ୍ତ ପୋଲିସ କର୍ମଚାରୀମାନେ ଶୋଇ ପଡ଼ିଥିବା ଦେଖି ଅଭିଯୁକ୍ତ ଆଶିଷ କୌଶଳ କ୍ରମେ ଖସି ପଳାଇଥିଲେ। ଥାନା ଭିତରୁ ଏକ ମୋବାଇଲ ଏବଂ ଟାବଲେଟ ମଧ୍ୟ ନେଇ ଯାଇଥିଲେ। ଏପରିକି ସେ ଥାନା ନିକଟରେ ଥିବା ବରଦାସାହିର ଚିନ୍ମୟ କୁମାର ରାଉତ(ରାଜୁ)ଙ୍କ ଏକ ବାଇକ ଚୋରି କରି ସେଥିରେ ଫେରାର ମାରିଥିଲେ। ସେ ଫେରାର ହେବା ସମୟରେ ସାମନ୍ତରାପୁରସ୍ଥିତ କଚେରି ମେଳଣ ପଡ଼ିଆଠାରେ ଥିବା ଏକ ବରଗଛରେ ପିଟି ହୋଇ ଗୁରୁତର ହୋଇଥିଲେ।

### ଝଡ଼ବର୍ଷା: ୧୬...

ଅନ୍ୟପକ୍ଷରେ ଶନିବାର ୨୨ଟି ସ୍ଥାନର ତାପମାତ୍ରା ୩୫ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା। ତାଳଚେର ଏବଂ ଭବାନୀପାଟଣାରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଝାରସୁଗୁଡାରେ ୩୮.୨ ଡିଗ୍ରୀ, ସୋନପୁର ୩୮.୨ ଡିଗ୍ରୀ, ବଲାଙ୍ଗୀର ୩୮ ଡିଗ୍ରୀ, ଅନୁଗୋଳ ୩୬.୭ ଡିଗ୍ରୀ, ବରଗଡ଼ ୩୬.୬ ଡିଗ୍ରୀ, ନୟାଗଡ଼ ୩୬.୫ ଡିଗ୍ରୀ, ନୂଆପଡା ୩୬.୫ ଡିଗ୍ରୀ, ହୀରାକୁଦ ୩୬.୪ ଡିଗ୍ରୀ, ସମ୍ବଲପୁର ୩୬.୪ ଡିଗ୍ରୀ, ରାଉରକେଲା ୩୬.୨ ଡିଗ୍ରୀ, ଢେଙ୍କାନାଳ ୩୬.୧ ଡିଗ୍ରୀ, ପାରଳାଖେମୁଣ୍ଡି ଓ ନବରଙ୍ଗପୁରରେ ୩୬ ଡିଗ୍ରୀ ରହିଥିଲା।

No. 15001/11/2526
ଓଡ଼ିଶା ସରକାର



**ମହାନ ସ୍ୱାଧୀନତା ସଂଗ୍ରାମୀ**
**ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**
**୨୯ ମାର୍ଚ୍ଚ, ୨୦୨୬**

ସକାଳ ୮ ଘଟିକା - ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସକାଳ ଘ.୮.୩୦ ମିନିଟ୍ - ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲ୍ ଛକ ଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସକାଳ ୯ ଘଟିକା - ଓଡ଼ିଶା ବିଧାନ ସଭା ପାର୍ଶ୍ୱ ଗେଟ୍ ନମ୍ବର -୧ ସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା
ସମ୍ମାନନୀୟ ଅତିଥି-ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକଗଣ
ମୁଖ୍ୟ ବକ୍ତା - ଡଃ ସୋମା ଚାନ୍ଦ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

OIPR-15001/15001/2/25-26/0011
ସୂଚନା ଓ ଲୋକସମ୍ପର୍କ ବିଭାଗ

ମଣିଷର ସ୍ୱର୍ଗାରୋହଣ ନୁହେଁ– ବରଂ ତା'ର ଆତ୍ମା ମଧକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି । କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ । – ଶ୍ରୀଅରବିନ୍ଦ

# ପକ୍ଷପାତିତା ଭାର



ଆକାର ପଟେଲ

ଏକ ପରିକଳ୍ପିତ ସ୍ଥିତିର ପରିଣାମ ସମ୍ପର୍କରେ ବିଚାର କରାଯାଉ । କଳ୍ପନା କରନ୍ତୁ ଯେ ଦୁଇଟି ବଡ଼ କ୍ଷେପଣାସ୍ତ୍ର ହ୍ୱାଇଟ୍ ହାଉସ ଉପରେ ମାଡ଼ କଲା । ପ୍ରଥମଟି ଏପରି ସମୟରେ ଆବାସିକ କ୍ୱାର୍ଟର୍ସଗୁଡ଼ିକୁ ଆଘାତ କଲା ଯେତେବେଳେ ସମସ୍ତେ ଘରେ ଥିଲେ । ମନେକରାଯାଉ, ରାଷ୍ଟ୍ରପତି ଟ୍ରମ୍ପ, ତାଙ୍କ ପତ୍ନୀ ମେଲାନିଆ, ପୁଅ ଡୋନାଲ୍ଡ ଓ ଏରିକ ଏବଂ ସେମାନଙ୍କ ସ୍ତ୍ରୀ ଓ ପିଲାମାନେ ଘରେ ଥିବା ସମୟରେ ପ୍ରଥମ କ୍ଷେପଣାସ୍ତ୍ର ମାଡ଼ରେ ସମସ୍ତେ ପ୍ରାଣ ହରାଇଲେ । ପରେ ଏକତ୍ରିତ ହୋଇଥିବା ଅନ୍ୟସବୁ ପରିବାରର ସଦସ୍ୟଙ୍କୁ ସାହାଯ୍ୟ କରିବାକୁ ଉଦ୍ଧାରକାରୀମାନେ ଯିବା ବେଳେ ଦ୍ୱିତୀୟ କ୍ଷେପଣାସ୍ତ୍ରରେ ସେମାନଙ୍କ ପ୍ରାଣ ଚାଲିଗଲା । ଏହାପରେ, କଳ୍ପନା କରନ୍ତୁ ଯେ ଟ୍ରମ୍ପଙ୍କ କ୍ୟାବିନେଟ ସଦସ୍ୟ ବୈଦେଶିକ ମନ୍ତ୍ରୀ (ସେମାନେ କହନ୍ତି ବିଦେଶ ସଚିବ) ରୁବିଓ, ପ୍ରତିରକ୍ଷା ମନ୍ତ୍ରୀ ପିଟର ହେଗସେଥ ଏବଂ ଅନ୍ୟମାନଙ୍କର ପରିବାର ସହିତ ଘରେ ମୃତ୍ୟୁ ଘଟିଛି । କଳ୍ପନା କରନ୍ତୁ, ଆମେରିକାର ଏକ ସ୍କୁଲ ଉପରେ ଆକ୍ରମଣ କରାଯାଇ ୧୫୦ରୁ ଅଧିକ ଛାତ୍ରୀଙ୍କୁ ହତ୍ୟା କରାଯାଇଛି । ଏହା ବ୍ୟତୀତ କଳ୍ପନା କରନ୍ତୁ ଯେ ଏତେ ଲୋକଙ୍କୁ ହତ୍ୟା କରିଥିବା ଏକ ସଂସ୍ଥା ଗୁପ୍ତ ଭାବରେ ଆମେରିକାର ଗୋଟିଏ ଯୁଦ୍ଧଜାହାଜକୁ ଆକ୍ରମଣ କରି ବୁଡ଼ାଇ ଦେଇ ଅଧିକାଂଶ ନାବିକଙ୍କୁ ହତ୍ୟା କରିଛି । ପାଠକମାନଙ୍କୁ ଏହି କଳ୍ପିତ ବିଷୟଗୁଡ଼ିକ ଉପରେ ବିଚାର କରିବା ପାଇଁ ଭାବିବାକୁ ପଡ଼ିବ ନାହିଁ, କାରଣ ଏସବୁ ଘଟଣା ଆମେରିକୀୟଙ୍କ କ୍ଷେତ୍ରରେ ନୁହେଁ ବରଂ ପ୍ରକୃତରେ ଇରାନୀମାନଙ୍କ ସହିତ ଘଟିଛି ଏବଂ ସେସବୁ ଆମେରିକା କରିଥିଲା । ଯଦି ଉପରୋକ୍ତ ବିଷୟଗୁଡ଼ିକ ବିଭ୍ରାନ୍ତକାରୀ ଲାଗୁଛି, ତେବେ ଏହାର କାରଣ ହେଉଛି ଆମେ ଇରାନୀମାନଙ୍କ ବିଷୟରେ ଚିନ୍ତା ନ କରି ଆମେରିକୀୟଙ୍କୁ ଭିନ୍ନ ଭାବରେ ଦେଖିବାକୁ ବାଧ୍ୟ ହୋଇଛୁ । ଇରାନକୁ ନିରନ୍ତର ଭାବେ ନିନ୍ଦା କରିବା ଏବଂ ଧମକ ଦିଆଗଲେ ମଧ୍ୟ (ଯେପରି ଇରାକ, ଆଫଗାନିସ୍ତାନ ଇତ୍ୟାଦି କ୍ଷେତ୍ରରେ ହୋଇଥିଲା) ଆମେ ଆମେରିକୀୟମାନଙ୍କ ପ୍ରତି ଯେପରି ସହାନୁଭୂତି ଦେଖାଇପାରୁଛୁ ଇରନୀଙ୍କ ପ୍ରତି ସେତିକି ଦେଖାଇ ପାରିନାହୁଁ । ଏବେ ଆମେ କଳ୍ପିତ ଭାବନାକୁ ଛାଡ଼ି ଯୁଦ୍ଧ ଶେଷ କରିବା ପାଇଁ ଦୁଇପକ୍ଷ ଯେଉଁ ଦୁଇଟି ସର୍ତ୍ତାବଳୀ ତାଲିକା ଦେଇଛନ୍ତି ତାହା ଉପରେ ବିଚାର କରିବା । ଆମେରିକୀୟଙ୍କ ତାଲିକାରେ ୧୫ଟି ବିଷୟ ରହିଛି । ଏଗୁଡ଼ିକ ହେଲା: ୧. ଇରାନକୁ ଏହାର ପରମାଣୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିବ । ୨. ସମସ୍ତ ୟୁରାନିୟମ ସମୃଦ୍ଧୀକରଣ ବନ୍ଦ ହେଉ । ୩. ଏହାର ଅବାଧ ଯାଞ୍ଚ ପାଇଁ ଆମେରିକାକୁ ଅନୁମତି ମିଳୁ । ୪. ବାଲିଷ୍ଟିକ କ୍ଷେପଣାସ୍ତ୍ର ବିକାଶ ବନ୍ଦ କରୁ । ୫. ସାମରିକ କ୍ଷମତା ହ୍ରାସ କରୁ । ୬. ପାଲେଷ୍ଟାଇନ ଏବଂ ଲେବାନନ୍‌ର ଗୋଷ୍ଠୀଗୁଡ଼ିକୁ ସମର୍ଥନ ବନ୍ଦ କରୁ । ୭. ବିଦେଶରେ ପ୍ରଭାବ ଶେଷ କରୁ । ୮. ହର୍ମୁଜ ଷ୍ଟ୍ରେଟର ନିୟନ୍ତ୍ରଣ ହସ୍ତାନ୍ତର କରୁ । ୯. ଜାହାଜ ଚଳାଚଳ ପଥ ଉପରେ ନିୟନ୍ତ୍ରଣ ଛାଡୁ । ୧୦. ଉପସାଗରରେ ଆମେରିକୀୟ ସହଯୋଗୀଙ୍କ ବିରୋଧରେ ଆକ୍ରମଣ ବନ୍ଦ କରୁ । ୧୧. ଆଞ୍ଚଳିକ ଯୁଦ୍ଧ ହ୍ରାସ କରୁ । ୧୨. ଆମେରିକା ନେତୃତ୍ୱାଧୀନ ଆଲୋଚନାରେ ସାମିଲ ହେଉ । ୧୩. ଦୀର୍ଘକାଳୀନ ତଦାରଖ ଏବଂ ଅନୁପାଳନ ସର୍ତ୍ତାବଳୀକୁ ଗ୍ରହଣ କରୁ । ୧୪. ଅସ୍ତ୍ରଶସ୍ତ୍ର ସ୍ଥାନାନ୍ତର ସୀମିତ ରଖୁ । ୧୫. ଭବିଷ୍ୟତରେ ଆଚରଣ ପରିବର୍ତ୍ତନ କରୁ । ଇରାନୀଙ୍କ ପାଖରେ ପାଞ୍ଚଟି ସର୍ତ୍ତର ତାଲିକା ଅଛି –୧. ଇରାନୀ ନେତାଙ୍କ ହତ୍ୟା ବନ୍ଦ ହେବା ଉଚିତ । ୨. ଭବିଷ୍ୟତରେ କୌଣସି ଯୁଦ୍ଧ ନ ହେବାର ଗ୍ୟାରେଣ୍ଟି ଦିଆଯାଉ । ୩. ଏହି ଯୁଦ୍ଧର କ୍ଷତି ଭରଣା କରାଯାଉ । ୪. ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଚଳାଇଥିବା ବ୍ୟାପକ ଯୁଦ୍ଧ ବନ୍ଦ ହେଉ । ୫. ହର୍ମୁଜ ଷ୍ଟ୍ରେଟ ଉପରେ ଇରାନର ସାର୍ବଭୌମ ଅଧିକାରକୁ ସ୍ୱୀକୃତି ଦିଆଯାଉ ।

ଆମେ ଏଠାରେ ଆଉ କିଛି ବିଷୟକୁ ଅନୁଧ୍ୟାନ କରିପାରିବା । ଇରାନ ଅନେକ ବିଷୟ କହିଛି ଏବଂ ବିଶ୍ୱ ସେସବୁକୁ ଶୁଣିଥିଲେ ମଧ୍ୟ ତାଲିକାରେ ସେଥିରୁ କେତେକ ବିଷୟ ନାହିଁ । ଭାରତ, ପାକିସ୍ତାନ, ଆମେରିକା ଓ ଇସ୍ରାଏଲ ପରି ୟୁରାନିୟମ ସମୃଦ୍ଧୀକରଣ ଏବଂ ଶାନ୍ତିପୂର୍ଣ୍ଣ ପରମାଣୁ କାର୍ଯ୍ୟକ୍ରମ ପାଇଁ ଇରାନର ଅଧିକାର ଅଛି । ହେଲେ ସେମାନେ ଏହାକୁ କାହିଁକି ସାମିଲ କରୁନାହାନ୍ତି ? ଦେଖିବାକୁ ଗଲେ, ଇରାନର ତାଲିକାଟି ପ୍ରତିରକ୍ଷାମୂଳକ ଏବଂ ଯେଉଁମାନେ ଏହା ବିରୋଧରେ ଯୁଦ୍ଧ କରିଛନ୍ତି ସେମାନଙ୍କ ଉପରେ କୌଣସି ଦାବି ରଖେ ନାହିଁ । ଟ୍ରମ୍ପଙ୍କ ତାଲିକା ବିଷୟରେ କ'ଣ କୁହାଯାଇପାରେ ? ଏହା ଆକ୍ରମଣାତ୍ମକ, ସର୍ବୋଚ୍ଚବାଦୀ ତଥା ପାଗଳାମି ବା ବିଶୃଙ୍ଖଳ ଭାବନାକୁ ପ୍ରକାଶ କରେ । ଆକ୍ରମଣକୁ ଦେଖିଲେ କୌଣସି ପ୍ରକାରେ ବୁଝାମଣାର ସୁଯୋଗ ନାହିଁ । ଉନ୍ମତ୍ତ ଆଚରଣ ଦୃଷ୍ଟିରୁ ଅନୁମାନ କରାଯାଏ ଯେ, ଆମେରିକା ଏବଂ ଇସ୍ରାଏଲ ଏବେ ଏହି ସଂଘର୍ଷ ଜାରି ରଖିବା ସ୍ଥିତିରେ ଅଛନ୍ତି । ଏହି କାରଣରୁ, ଦୁର୍ଭାଗ୍ୟବଶତଃ ଏହି ସଂଘର୍ଷ ଏବଂ ଏହାର ପ୍ରଭାବ ସହ ଜଡ଼ିତ ଆମ ସମସ୍ତଙ୍କର ଯନ୍ତ୍ରଣା ଶୀଘ୍ର ଶେଷ ହେବାର ଆଶା ନାହିଁ ।

ଏବେ ଗୋଟିଏ ଶେଷ କଥା ବିଚାର କରନ୍ତୁ । ଯଦି ଆମେ ଯାହା କଳ୍ପନା କରିଥିଲୁ ତାହା ଘଟିଥାନ୍ତା ଏବଂ ଆମେରିକା, ଟ୍ରମ୍ପ ଏବଂ ତାଙ୍କ ପରିବାର, ତାଙ୍କ ମନ୍ତ୍ରୀ ଏବଂ ଆମେରିକୀୟ ସ୍କୁଲ ଛାତ୍ରୀ ଏବଂ ନାବିକମାନଙ୍କୁ ହତ୍ୟା କରାଯାଇଥାନ୍ତା, ତେବେ କ'ଣ ଆମ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଫେବୃଆରୀ ୨୮ ପରଠାରୁ ଯାହା କହି ଆସିଛନ୍ତି ତାହା କହିଥାନ୍ତେ ଏବଂ କରିଥାନ୍ତେ ? ମୋର ସନ୍ଦେହ ରହୁଛି । ଆମେ 'ବସୁଧୈବ କୁଟୁମ୍ବକମ' କହୁ । ତେବେ ଆମେ କ'ଣ ପ୍ରକୃତରେ ଏହା କହିବାକୁ ଚାହୁଁଛୁ ଯେ ଭାରତର ଜ୍ଞାନ ହେଉଛି ବିଶ୍ୱ ଏବଂ ଏହାର ସମସ୍ତ ଲୋକଙ୍କୁ ଗୋଟିଏ ପରିବାର ଭାବରେ ବିବେଚନା କରିବା ? ଉତ୍ତର ହେଉଛି 'ନା', ଯାହା ଭାରତର କାର୍ଯ୍ୟରେ ସ୍ପଷ୍ଟ ଭାବରେ ପ୍ରତୀୟମାନ । ଯେଉଁ ସମ୍ପର୍କୀୟମାନେ ଭୌଗୋଳିକ ଦୃଷ୍ଟିରୁ ନିକଟତର (ଇରାନ ଏବଂ ଭାରତର ୧୯୪୭ ପର୍ଯ୍ୟନ୍ତ ଏକ ଭୌତିକ ସୀମା ଥିଲା), କିନ୍ତୁ ମାନସିକ ଭାବରେ ଦୂରରେ ଥିଲେ, ସେମାନଙ୍କୁ ବି ଏଡ଼ାଇ ଦିଆଯାଇପାରେ ଏବଂ ସେମାନଙ୍କର ଆଘାତକୁ ଅଣଦେଖା ବି କରାଯାଇପାରେ, ଯେପରି ଆମେ ଇରାନ କ୍ଷେତ୍ରରେ କରିଛୁ । ମୁଁ ପ୍ରଶ୍ନ କରୁଛି, ବିଶ୍ୱକୁ ଏବଂ ଏଠାରେ ଘଟୁଥିବା ଘଟଣାଗୁଡ଼ିକୁ ଅନୁଧ୍ୟାନ କରିବା ସମୟରେ ଆମେ ଅବିଶ୍ୱାସ ଓ ପକ୍ଷପାତିତାରେ ନିଜକୁ ଭାରଗ୍ରସ୍ତ କରିଛୁ ବାଲି ଭାବୁଛୁ କି?

Email:aakar.patel@gmail.com

# ବ୍ୟକ୍ତିଗତ ସ୍ୱାଧୀନତା ଓ ସାମାଜିକ ଦାୟିତ୍ୱବୋଧ



ବୃହସ୍ପତି ସାମଲ

ଭାରତୀୟ ସଂସ୍କୃତି ଓ ପାରମ୍ପରିକ ଚିନ୍ତାଧାରାରେ ବିବାହ କେବଳ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଏକ ସାଧାରଣ ସମ୍ପର୍କ ନୁହେଁ, ବରଂ ଦୁଇଟି ପରିବାର ମଧ୍ୟରେ ଏକ ପବିତ୍ର ବନ୍ଧନ । ବେଦ ଓ ପୁରାଣଗୁଡ଼ିକରେ ଗୃହସ୍ଥ ଜୀବନକୁ ସମାଜର ମୂଳ ଆଧାର ଭାବେ ଉଲ୍ଲେଖ କରାଯାଇଛି । ବିବାହ ପରେ ନବବଧୂ କେବଳ ଘରର ସଦସ୍ୟ ଭାବେ ନୁହେଁ, ବରଂ ସମ୍ମାନ ଓ ସମନ୍ୱୟର କେନ୍ଦ୍ରବିନ୍ଦୁ ଭାବେ ପରିବାରକୁ ସୁସଂଗଠିତ କରନ୍ତି । ଏହି ପାରମ୍ପରିକ ଧାରଣା ନାରୀଙ୍କୁ ପାରିବାରିକ ଦାୟିତ୍ୱର ରକ୍ଷକ ଭାବେ ସୂଚିତ କରୁଥିଲେ ବି ଜଣେ ବିବାହିତ ନାରୀର ବ୍ୟକ୍ତିଗତ ସ୍ୱାଧୀନତା ଓ ପାରିବାରିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ।

ଏହି ପରିପ୍ରେକ୍ଷୀରେ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସାମ୍ପ୍ରତିକ ଅବଲୋକନ ଭାରତୀୟ ଆଇନ ବ୍ୟବସ୍ଥାରେ ବ୍ୟକ୍ତିଗତ ସ୍ୱାଧୀନତାର ଏକ ଶକ୍ତିଶାଳୀ ସ୍ୱୀକୃତିକୁ ପ୍ରତିଫଳିତ କରୁଛି । ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଯଦି ଜଣେ ପ୍ରାପ୍ତବୟସ୍କା ନାରୀ ସ୍ୱତନ୍ତ୍ର ଭାବେ ବସବାସ କରିବାକୁ ଚାହାନ୍ତି, ତେବେ ତାଙ୍କ ମାତାପିତା କିମ୍ବା ଶ୍ୱଶୁରଘର ପକ୍ଷରୁ ତାଙ୍କୁ ସେମାନଙ୍କ ସହିତ ରହିବାକୁ ବାଧ୍ୟ କରିବାର କୌଣସି ଆଇନଗତ ଅଧିକାର ନାହିଁ । ସାମ୍ବିଧାନିକ ଦୃଷ୍ଟିକୋଣରୁ ଏହା ଦେଶର ପ୍ରତ୍ୟେକ ନାଗରିକଙ୍କୁ ମିଳୁଥିବା ବ୍ୟକ୍ତିଗତ ସ୍ୱାଧୀନତା ଓ ମର୍ଯ୍ୟାଦା ସହ ସମନ୍ୱୟ ରକ୍ଷା କରୁଥିବା ବେଳେ, ଏପରି ରାୟ ତା'ର ଆଇନଗତ ସଠିକତାର ଊର୍ଦ୍ଧ୍ୱରେ ଏକ ଗଭୀର ସାମାଜିକ ତଥା ନୈତିକ ପ୍ରଶ୍ନ ସୃଷ୍ଟି କରୁଛି । ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସମାଜ କିପରି ଏଭଳି କ୍ରମବର୍ଦ୍ଧିଷ୍ଣୁ ବ୍ୟକ୍ତିଗତ ସ୍ୱାଧୀନତା ହାସଲ କରିବାର ମାନସିକତା ଓ ବୟସ୍କ ମାତାପିତା, ଶାଶୁଶ୍ୱଶୁର ଓ ଅନ୍ୟ ପରିଜନଙ୍କୁ ନେଇ ପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖୁଥିବା ପାରମ୍ପରିକ ନୈତିକ ଦାୟିତ୍ୱବୋଧ ମଧ୍ୟରେ ସନ୍ତୁଳନ ରକ୍ଷା କରିବ ? ଭାରତରେ, ଯେଉଁଠି ପାରିବାରିକ ବିଧିବ୍ୟବସ୍ଥା ଐତିହାସିକ ଭାବେ ସାମାଜିକ ସୁରକ୍ଷାର ମୂଳ ଅଙ୍ଗ ରୂପେ କାମ କରିଆସିଛି, ପ୍ରାପ୍ତବୟସ୍କା ଅଥବା ବିବାହିତା ମହିଳାଟିଏ ବ୍ୟକ୍ତିଗତ ସ୍ୱାଧୀନତା ଆଳରେ ପରିବାରରୁ ଦୂରେଇ ଯିବାର ପରିଣାମ ଅତ୍ୟନ୍ତ ନୈରାଶ୍ୟଜନକ ଓ ନକାରାତ୍ମକ ହୋଇପାରେ । ତେଣୁ ଏହି ବିଷୟରେ ଏକ ସମାଲୋଚନାତ୍ମକ ବିଶ୍ଳେଷଣ ପାଇଁ ବ୍ୟକ୍ତିଗତ ଅଧିକାର ସହିତ ପରିବାର ଓ ବୃଦ୍ଧ ମାତାପିତା ତଥା ଶାଶୁଶ୍ୱଶୁର ସମ୍ମୁଖୀନ ହେଉଥିବା ପରିବର୍ତ୍ତନଶୀଳ ଆହ୍ୱାନକୁ ବୁଝିବାର ଆବଶ୍ୟକତା ରହିଛି ।

ଭାରତ ବର୍ତ୍ତମାନ ଏକ ବଡ଼ ଜନସାଂଖ୍ୟିକ ଓ ସାମାଜିକ ପରିବର୍ତ୍ତନ ଭିତରେ ଗତିଶୀଳ । ଉଲ୍ଲେଖନୀୟ ଘଟଣା ହେଉଛି ବୟସ୍କଙ୍କ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି । ୨୦୧୧ରେ ୮.୬% ଥିବା ବୟସ୍କଙ୍କ ହାର ଅବିରତ ବୃଦ୍ଧି ପାଇ ୨୦୨୬ରେ ପ୍ରାୟ ୨୩ କୋଟିକୁ ପହଞ୍ଚିଛି, ଯାହା ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୧୫% । ୨୦୫୦ ସୁଦ୍ଧା ଏହି ସଂଖ୍ୟା ୨୦%ରୁ ଅଧିକ ହୋଇ ଭାରତକୁ ଏକ ପ୍ରକାଶ୍ୟ ବୟସ୍କ ସମାଜରେ ପରିଣତ କରିବ । ଭାରତର ଅଧିକାଂଶ ବୟସ୍କ ନାଗରିକ ତାଙ୍କ ସନ୍ତାନସନ୍ତତି ଓ ପରିବାର ଉପରେ ମାନସିକ, ଆର୍ଥିକ ଓ ସାମାଜିକ ସମର୍ଥନ ପାଇଁ ନିର୍ଭରଶୀଳ ଥିବାରୁ ଏହି ଜନସାଂଖ୍ୟିକ ପରିବର୍ତ୍ତନ ପାରମ୍ପରିକ ପାରିବାରିକ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି କରୁଛି । ସହରୀକରଣ, ଚାକିରି, ଉଚ୍ଚ ଶିକ୍ଷା ଓ ବ୍ୟକ୍ତିଗତ ସ୍ୱାଧୀନତା ପ୍ରତି କ୍ରମବର୍ଦ୍ଧିଷ୍ଣୁ ଆକାଂକ୍ଷା ଯୋଗୁ ଭାରତରେ ସଂଯୁକ୍ତ ପରିବାର ପ୍ରଣାଳୀ ଦୁର୍ବଳ ହୋଇ ଏକ ସଂକୁଚିତ ପରିବାର ପ୍ରଥା ଆଡକୁ ଧାବମାନ । ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ଭାରତର ସରକାରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ସେତେଟା ମଜଭୁତ ନୁହେଁ । ଫଳରେ ବୃଦ୍ଧ ମାତାପିତାଙ୍କ ପାଇଁ ପ୍ରଧାନ ଓ ପ୍ରାଥମିକ ସହାୟତା କେନ୍ଦ୍ର ସାଜିଥିବା ଏସବୁ ସଂଯୁକ୍ତ ପରିବାରରୁ ଦୂରେଇ ଯାଇ ଏଇ ବୟସ୍କ ନାଗରିକମାନେ ଏକୁଟିଆପଣ ଓ ଅବହେଳାର ସମ୍ମୁଖୀନ ହେଉଛନ୍ତି । ଅଧିକନ୍ତୁ, ବୟସ୍କଙ୍କ ଆର୍ଥିକ ଦୁର୍ବଳତା ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି । ଜାତିସଂଘ ଜନସଂଖ୍ୟା ତହବିଲ ରିପୋର୍ଟ ଅନୁସାରେ ଭାରତର ୪୦%ରୁ ଅଧିକ ବୟସ୍କ ଗରିବତମ ଆର୍ଥିକ ଶ୍ରେଣୀରେ ଅଛନ୍ତି ଏବଂ ପ୍ରାୟ ୧୮.୭% ବୟସ୍କଙ୍କ ପାଖରେ କୌଣସି ନିୟମିତ ଆୟ ନାହିଁ । ଏହି ତଥ୍ୟଗୁଡ଼ିକ ଏକ କଠୋର ସତ୍ୟକୁ ପ୍ରକାଶ କରେ ଯେ ଭାରତର ଅନେକ କୋଟି ବୟସ୍କ ନାଗରିକ ତାଙ୍କର ଜୀବନ ଓ ସମ୍ମାନ ରକ୍ଷା ପାଇଁ ପରିବାର ଉପରେ ନିର୍ଭରଶୀଳ । ପାରିବାରିକ ସମ୍ପର୍କ ଦୁର୍ବଳ ହେଲେ ଏହାର ପରିଣାମ କେବଳ ଭାବନାତ୍ମକ ନୁହେଁ, ଆର୍ଥିକ ଓ ସାମାଜିକ ମଧ୍ୟ ହୁଏ ।



ଏହି ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ବସବାସ ସ୍ୱାଧୀନତାର ଆଇନଗତ ସ୍ୱୀକୃତିକୁ ସତର୍କତାର ସହ ବୁଝିବା ଆବଶ୍ୟକ । ପ୍ରାପ୍ତବୟସ୍କ, ବିଶେଷ କରି ବିବାହିତା ନାରୀମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଅଦାଲତଙ୍କ ଉପରୋକ୍ତ ନ୍ୟାୟିକ ନିର୍ଦ୍ଦେଶ ପାରିବାରିକ ହିଂସା, ବୈବାହିକ ବିବାଦ କିମ୍ବା ମାନସିକ ଚାପ ଥିବା ସମୟରେ ତାଙ୍କ ସୁରକ୍ଷା ପାଇଁ ଆବଶ୍ୟକ ହୋଇପାରେ । କିନ୍ତୁ ଯଦି ଏହି ବ୍ୟକ୍ତିଗତ ସ୍ୱାଧୀନତା ସମସ୍ତ ପାରିବାରିକ ଦାୟିତ୍ୱରୁ ମୁକ୍ତ ହୋଇଯାଏ, ତେବେ ତାହା ଏକ ସାମାଜିକ ସମସ୍ୟା ପ୍ରକଟ କରିବା ସ୍ୱାଭାବିକ । ଭାରତୀୟ ସମାଜରେ ବିବାହ ସମ୍ପର୍କ ସହିତ କିଛି ଦାୟିତ୍ୱ ଓ ପରସ୍ପର ଆଶା ଜଡିତ ରହେ । ବୃଦ୍ଧ ମାତାପିତା ଓ ଶାଶୁଶ୍ୱଶୁରଙ୍କ ପ୍ରତି ଦାୟିତ୍ୱ ଏହି ପାରମ୍ପରିକ ମୂଲ୍ୟବୋଧର ଏକ ପ୍ରମୁଖ ଅଂଶ । ଯଦିଓ ଏହି ଦାୟିତ୍ୱ ସବୁବେଳେ ଆଇନରେ ବାଧ୍ୟତାମୂଳକ ନୁହେଁ, ସାମାଜିକ ସମନ୍ୱୟ ରକ୍ଷା ପାଇଁ ଏହା ଆବଶ୍ୟକ । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଭାରତ ସରକାର ମାତାପିତା ଓ ବୟସ୍କ ନାଗରିକ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ ୨୦୦୭ ପରି ଆଇନ ପ୍ରଣୟନ କରିଛନ୍ତି, ଯାହା ଅନୁସାରେ ସନ୍ତାନମାନେ ତାଙ୍କ ମାତାପିତାଙ୍କ ଭରଣପୋଷଣ କରିବାକୁ ଆଇନଗତ ଭାବେ ବାଧ୍ୟ । ତଥାପି କେବଳ ଆଇନ ଦ୍ୱାରା ପାରିବାରିକ ସମ୍ପର୍କର ନୈତିକ ମୂଲ୍ୟବୋଧକୁ ପୂରଣ କରିହେବ ନାହିଁ । ଆଇନ ଆର୍ଥିକ ସହାୟତାକୁ ବାଧ୍ୟ କରିପାରେ, କିନ୍ତୁ ସେହି ସ୍ନେହ, ମମତା ଓ ସମ୍ମାନକୁ ଜନ୍ମ ଦେଇପାରେ ନାହିଁ, ଯାହା ବୃଦ୍ଧ ମାତାପିତା ତାଙ୍କ ପରିବାରରୁ ଆଶା କରନ୍ତି ।

ଆଉ ଗୋଟିଏ ସମସ୍ୟା ହେଉଛି ବୟସ୍କଙ୍କ କ୍ରମବର୍ଦ୍ଧିଷ୍ଣୁ ଏକାକୀ ବସବାସ । ସାମାଜିକ ସଂଗଠନମାନଙ୍କ ରିପୋର୍ଟ ଅନୁସାରେ ୨୩%ରୁ (୧୮%ରୁ ଊର୍ଦ୍ଧ୍ୱ ମହିଳା ଓ ୫%ରୁ ଊର୍ଦ୍ଧ୍ୱ ପୁରୁଷ) ବୟସ୍କ ନାଗରିକ ଏବେ ପରିବାରର ସମର୍ଥନ ବିନା ଏକୁଟିଆ ରହୁଛନ୍ତି । ଆବର୍ତ୍ତୀୟ ଶ୍ରମଶକ୍ତି ସର୍ବେକ୍ଷଣ ୨୦୨୩-୨୪ ଅନୁଯାୟୀ ପାଖାପାଖି ୧୫ କୋଟି ବୟସ୍କ ନାଗରିକ ମଧ୍ୟରୁ ଅନ୍ୟୂନ ତିନି କୋଟି (୨୦%, ଯାହା ସହରାଞ୍ଚଳରେ ୨୧.୬% ଓ ଗ୍ରାମାଞ୍ଚଳରେ ୧୮.୩%) ଏହିଭଳି ପରିବାରର ବିନା ସହାୟତାରେ ସମୟ ଅତିବାହିତ କରୁଛନ୍ତି । ଏହି ପରିସ୍ଥିତି ପରିବାରର ପାରମ୍ପରିକ ମୂଲ୍ୟବୋଧ ଓ ଆଧୁନିକ ଜୀବନ ଶୈଳୀ ମଧ୍ୟରେ କ୍ରମବର୍ଦ୍ଧିଷ୍ଣୁ ଦୂରତାକୁ ପ୍ରକାଶ କରେ । ଗୋଟିଏ ପଟେ ସମାଜରେ ବ୍ୟକ୍ତିଗତ ସ୍ୱାଧୀନତା ଗୁରୁତ୍ୱ ପାଉଥିବା ବେଳେ, ଅନ୍ୟ ପଟେ ପାରିବାରିକ ବନ୍ଧନ ଦୁର୍ବଳ ହୋଇ ବୟସ୍କମାନେ ଅସୁରକ୍ଷିତ ହେଉଛନ୍ତି ।

ଏହିଭଳି ସ୍ଥିତିରେ ବ୍ୟକ୍ତିଗତ ସ୍ୱାଧୀନତା ଓ ପାରିବାରିକ ଦାୟିତ୍ୱବୋଧ ଭିତରେ ଏକ ସନ୍ତୁଳନ ଦୃଷ୍ଟିକୋଣ ରହିବା ଆବଶ୍ୟକ । ବ୍ୟକ୍ତିଗତ ସ୍ୱାଧୀନତା ଲୋକତନ୍ତ୍ରର ମୂଳ ଆଧାର ଓ ଏହାକୁ ସୁରକ୍ଷିତ ରଖିବା ଦରକାର । ବିଶେଷତଃ ନାରୀମାନେ ଅତ୍ୟଧିକ ସାମାଜିକ କଟକଣାର ସମ୍ମୁଖୀନ ହୋଇଥିବାରୁ ତାଙ୍କ ସ୍ୱାଧୀନତାର ଆଇନଗତ ସ୍ୱୀକୃତି ଲିଙ୍ଗ ସମାନତା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । କିନ୍ତୁ ଏହି ସ୍ୱାଧୀନତା ପାରିବାରିକ ଦାୟିତ୍ୱରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବା ଉଚିତ ନୁହେଁ । ଏକ ସୁସ୍ଥ ସମାଜ ଉଭୟ ବ୍ୟକ୍ତିଗତ ଅଧିକାର ଓ ସାମୂହିକ ଦାୟିତ୍ୱକୁ ପୋଷଣ କରିବା ଆବଶ୍ୟକ । ତେଣୁ ଅଦାଲତର ଏହି ରାୟ କେବଳ ଏକ ଆଇନଗତ ପ୍ରଶ୍ନ ନୁହେଁ, ବରଂ ଆମ ସମାଜର ପରିବର୍ତ୍ତିତ ନୈତିକ ପରିଦୃଶ୍ୟର ପ୍ରତିଫଳନ । ଆଇନ ଅଧିକାରକୁ ନିର୍ଦ୍ଧାରଣ କରେ, କିନ୍ତୁ ପରିବାରର ସ୍ଥିରତା, କରୁଣା, ସମ୍ମାନ ଓ ଦାୟିତ୍ୱ ମୂଲ୍ୟବୋଧ ଉପରେ ନିର୍ଭର କରେ । ଏକ ସନ୍ତୁଳନ ଦୃଷ୍ଟିଭଙ୍ଗୀ ହିଁ ଉଭୟକୁ ସୁରକ୍ଷିତ ରଖିପାରିବ ।

ମୋ: ୯୪୩୭୦୨୨୬୬୯

# ଗ୍ରାହକଙ୍କ ବୌଦ୍ଧିକ ସତର୍କତା



ଓମ୍ ପ୍ରକାଶ ଦଳାଇ

ସାମ୍ପ୍ରତିକ ପଣ୍ୟକୈନ୍ଦ୍ରିକ ସଭ୍ୟତାରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଅଧିକ ମୁନାଫାଖୋର ମନୋବୃତ୍ତି ପୋଷଣ କରି ଅନେକ ସମୟରେ ଗ୍ରାହକମାନଙ୍କୁ ଶୋଷଣର ଚକ୍ରବ୍ୟୂହରେ ଆବଦ୍ଧ କରନ୍ତି । ଏହି ପରିପ୍ରେକ୍ଷୀରେ, ୧୯୬୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ ଏଫ୍. କେନେଡିଙ୍କ ଦ୍ୱାରା ପ୍ରଦତ୍ତ ଐତିହାସିକ ଅଭିଭାଷଣ ଗ୍ରାହକ ସଚେତନତାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲା । ଭାରତୀୟ ସମ୍ବିଧାନ ଓ ବୈଧାନିକ ବ୍ୟବସ୍ଥା ଅନୁଯାୟୀ, 'ଗ୍ରାହକ ସୁରକ୍ଷା ଆଇନ-୨୦୧୯' ମାଧ୍ୟମରେ କ୍ରେତାମାନଙ୍କୁ ସୁରକ୍ଷା, ସୂଚନା, ଚୟନ, ଶୁଣାଣି ଏବଂ ପ୍ରତିକାର ଭଳି ଷଡ଼ବିଧ ମୌଳିକ ଅଧିକାର ପ୍ରଦାନ କରାଯାଇଛି । ବିଶେଷକରି ସାମ୍ପ୍ରତିକ ଡିଜିଟାଲ ଯୁଗରେ ଇ-କମର୍ସ ଓ ଅନ୍‌ଲାଇନ କାରବାର ବୃଦ୍ଧି ପାଉଥିବାରୁ ବିଭ୍ରାନ୍ତିକର ବିଜ୍ଞାପନ ଓ ସାଇବର ଠକେଇ ଏକ ଆହ୍ୱାନ ଭାବେ ଉଭା ହୋଇଛି । ଜଣେ ସଚେତନ ଗ୍ରାହକ ଭାବେ କ୍ରୟ ସମୟରେ ଠିକ୍ ବିଲ୍ ଗ୍ରହଣ କରିବା, ସାମଗ୍ରୀର ସ୍ଥିତିସ୍ଥାପକତା ଓ ଗୁଣବତ୍ତା ଯାଞ୍ଚ କରିବା ଏବଂ ଅସାଧୁ ବ୍ୟବସାୟିକ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ଏକ ନୈତିକ ଦାୟିତ୍ୱ । 'ଜାଗୋ ଗ୍ରାହକ ଜାଗୋ'ର ମୂଳମନ୍ତ୍ର କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏହା ଏକ ଶୋଷଣମୁକ୍ତ ଓ ସ୍ୱଚ୍ଛ ବଜାର ବ୍ୟବସ୍ଥାର ମୂଳଦୁଆ । ଯଦି ପ୍ରତ୍ୟେକ ଗ୍ରାହକ ନିଜର ବୈଧାନିକ ଶକ୍ତି ପ୍ରତି ଅବଗତ ରହନ୍ତି, ତେବେ ବ୍ୟବସାୟିକ କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ମନମୁଖି ଶାସନ ଓ ପ୍ରତାରଣାର ଅନ୍ତ ଘଟିବ ଏବଂ ଏକ ସମୃଦ୍ଧ ଅର୍ଥନୀତି ଗଠିତ ହୋଇପାରିବ । ଆଧୁନିକ ପଣ୍ୟକୈନ୍ଦ୍ରିକ ଅର୍ଥବ୍ୟବସ୍ଥାର ଜଟିଳ ଆବର୍ତ୍ତ ମଧ୍ୟରେ ଗ୍ରାହକ ହେଉଛନ୍ତି ସର୍ବବୃହତ୍ ଅର୍ଥନୈତିକ ଗୋଷ୍ଠୀ, ମାତ୍ର ବିଡ଼ମ୍ବନାର ବିଷୟ ଏହି ଯେ ସେମାନେ ପ୍ରାୟତଃ ବ୍ୟବସାୟିକ କୂଟନୀତି ଓ ପ୍ରତାରଣାର ସହଜ ଶିକାର ହୋଇଥାନ୍ତି । ଏହି ପରିପ୍ରେକ୍ଷୀରେ, ପ୍ରତିବର୍ଷ 'ବିଶ୍ୱ ଗ୍ରାହକ ଅଧିକାର ଦିବସ' ଭାବେ ପାଳନ କରାଯାଇ ଜଣେ ସାଧାରଣ କ୍ରେତାକୁ ତା'ର ବୈଧାନିକ ଶକ୍ତି ଓ ଅଧିକାର ସମ୍ପର୍କରେ ସଚେତନ କରାଯାଏ । ସାମ୍ପ୍ରତିକ ସମୟରେ ଭାରତୀୟ ପରିପ୍ରେକ୍ଷୀରେ 'ଗ୍ରାହକ ସୁରକ୍ଷା ଆଇନ-୨୦୧୯' ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଗ୍ରାହକମାନଙ୍କୁ ସୁରକ୍ଷା, ସୂଚନା, ଚୟନ, ଶୁଣାଣି, କ୍ଷତିପୂରଣ ଏବଂ ଗ୍ରାହକ ଶିକ୍ଷା ଭଳି ଷଡ଼ବିଧ ସାମ୍ବିଧାନିକ କବଚ ପ୍ରଦାନ କରିଛି ।

ବର୍ତ୍ତମାନର ଡିଜିଟାଲ ବିପ୍ଳବ ଓ ଇ-କମର୍ସର ପ୍ରାଦୁର୍ଭାବ ଯୋଗୁ ବଜାରର ସ୍ୱରୂପ ପରିବର୍ତ୍ତିତ ହୋଇଛି, ଯାହାଫଳରେ ବିଭ୍ରାନ୍ତିକର ବିଜ୍ଞାପନ,



ସାଇବର ପ୍ରତାରଣା ଏବଂ ନକଲି ସାମଗ୍ରୀର ବିକ୍ରୟ ଭଳି ନୂତନ ଆହ୍ୱାନ ସୃଷ୍ଟି ହୋଇଛି । ଅସାଧୁ ବ୍ୟବସାୟୀଙ୍କ ମୁନାଫାଖୋର ମନୋବୃତ୍ତି ଓ କୃତ୍ରିମ ଅଭାବ ସୃଷ୍ଟି କରିବା ଭଳି ଅପପ୍ରଥାକୁ ରୋକିବା ପାଇଁ ଗ୍ରାହକଙ୍କ ମଧ୍ୟରେ ବୌଦ୍ଧିକ ଜାଗରଣ ଅପରିହାର୍ଯ୍ୟ । ଜଣେ ସତର୍କ କ୍ରେତା ଭାବେ କ୍ରୟ ସମୟରେ ଠିକ୍ ବିଜ୍ଞପ୍ତି ପଢ଼ିବା, କ୍ୟାଶ ମେମୋ ବା ବିଲ୍ ସଂଗ୍ରହ କରିବା ଏବଂ ସାମଗ୍ରୀର ଗୁଣବତ୍ତା ଚିହ୍ନ (ଯଥା- ISI, AGMARK, FSSAI) ଯାଞ୍ଚ କରିବା ଏକ ନୈତିକ ଉତ୍ତରଦାୟିତ୍ୱ । ଯେତେବେଳେ ଜଣେ ଗ୍ରାହକ ନିଜର ଅଧିକାର ପ୍ରତି ସଜାଗ ରହେ, ସେତେବେଳେ ବଜାରରେ ସ୍ୱଚ୍ଛତା ଓ ସାଧୁତା ପ୍ରତିଷ୍ଠିତ ହୁଏ ।

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଓଡ଼ିଶାରେ ଗ୍ରାହକ ଅଧିକାରର ସ୍ଥିତି ଏକ ଜଟିଳ ସନ୍ଧିକ୍ଷଣରେ ପହଞ୍ଚିଛି, ଯେଉଁଠାରେ ବୈଧାନିକ ସୁରକ୍ଷା ସତ୍ତ୍ୱେ ଉପଭୋକ୍ତାମାନେ ବ୍ୟାପକ ଶୋଷଣର ସମ୍ମୁଖୀନ ହେଉଛନ୍ତି । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବିଶେଷକରି ପେଟ୍ରୋଲ ପମ୍ପ ଓ ସୁନା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକରେ ଓଜନ ଓ ପରିମାପରେ ହେଉଥିବା ହେରଫେର ଚିନ୍ତାର ବିଷୟ ପାଲଟିଛି । ନିକଟରେ ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗର ଯାଞ୍ଚ ଅନୁଯାୟୀ ଶତାଧିକ ପ୍ରତିଷ୍ଠାନ ବିରୋଧରେ ଅନିୟମିତତା ପାଇଁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯାଇଛି । ଓଡ଼ିଶାରେ ଗ୍ରାହକ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ବା 'ରାଜ୍ୟ ଗ୍ରାହକ ବିବାଦ ପ୍ରତିକାର କମିଶନ' ଏବଂ ଜିଲା କମିଶନଗୁଡ଼ିକରେ ବିଚାରପତି ଓ କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଛି, ଯାହା ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ପରିସ୍ଥିତିରେ, ରାଜ୍ୟ ସରକାରଙ୍କ 'ଓଡ଼ିଶା ଗ୍ରାହକ କଲ୍ୟାଣ ପାଣ୍ଠି' ମାଧ୍ୟମରେ ପଞ୍ଚାୟତ ସ୍ତରରେ ସଚେତନତା ସୃଷ୍ଟି କରିବା ସହ 'ଇ-ଦାଖଲ' ପରି ଡିଜିଟାଲ ମଞ୍ଚକୁ ପ୍ରୋତ୍ସାହିତ କରାଯାଉଛି, ଯେଉଁଥିରେ ଗ୍ରାହକମାନେ ନିଜର ଅଭିଯୋଗ ଘରେ ବସି ଦାଖଲ କରିପାରିବେ । ବଜାରର ଏହି ସ୍ୱେଚ୍ଛାଚାରିତାକୁ ପ୍ରତିହତ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ନାଗରିକ ନିଜର 'କ୍ୟାଶ ମେମୋ' ବା ବିଲ୍ ମାଗିବା ପ୍ରତି ସଜାଗ ରହିବା ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏକ ନୈତିକ ତଥା ବୈଧାନିକ ଦାୟିତ୍ୱ ।

ଗ୍ରାହକ ଶୋଷଣର ମୂଳୋତ୍ପାଟନ ପାଇଁ କେବଳ ସରକାରୀ ନିୟମାବଳୀ ଯଥେଷ୍ଟ ନୁହେଁ, ବରଂ ଏଥିପାଇଁ ପ୍ରତ୍ୟେକ କ୍ରେତାଙ୍କର ବୌଦ୍ଧିକ ସତର୍କତା ଓ ନୈତିକ ଦାୟିତ୍ୱବୋଧ ଏକ ଅପରିହାର୍ଯ୍ୟ କବଚ । କ୍ରୟ ସମୟରେ ଅନ୍ଧବିଶ୍ୱାସ ପରିହାର କରି ସାମଗ୍ରୀର ସ୍ଥିତିସ୍ଥାପକତା, ଶୁଦ୍ଧତା ମାନକ ଚିହ୍ନ ଏବଂ ସର୍ବୋପରି ଏକ ବୈଧାନିକ ଜିଏସ୍‌ଟି ବିଲ୍ ସଂଗ୍ରହ କରିବା ହିଁ ଅସାଧୁ ବ୍ୟବସାୟୀଙ୍କ କୂଟକାପଟ୍ୟ ବିରୋଧରେ ସର୍ବଶ୍ରେଷ୍ଠ ପ୍ରମାଣ । ବଜାରର ସ୍ୱେଚ୍ଛାଚାରିତାକୁ ପ୍ରତିହତ କରିବା ପାଇଁ ବ୍ୟକ୍ତିଗତ ସ୍ତରରୁ ଊର୍ଦ୍ଧ୍ୱକୁ ଯାଇ ସଂଗଠିତ ଗ୍ରାହକ ପରିଷଦ ମାଧ୍ୟମରେ ସାମୂହିକ ସ୍ୱର ଉତ୍ତୋଳନ କରିବା ଦ୍ୱାରା ହିଁ ଶୋଷଣକାରୀ ଶକ୍ତିଙ୍କ ଉପରେ ଚାପ ସୃଷ୍ଟି କରାଯାଇପାରିବ ।

ପିରିଜିପୁର, ପୁରୀ
ମୋ: ୭୦୭୭୫୬୩୭୭୧

## ଏଇ ଭାରତରେ

କୃଷି ଉତ୍ପାଦନ ବୃଦ୍ଧି କରିବା ସକାଶେ କୃଷକମାନେ ବ୍ୟାପକ ଭାବେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରୁଛନ୍ତି । ବିଶେଷକରି ସେମାନେ ପାରମ୍ପରିକ ପଦ୍ଧତିରେ କୀଟନାଶକ ସିଞ୍ଚନ କରୁଛନ୍ତି ଏବଂ ଏହା ଯୋଗୁ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାରମ୍ପରିକ ପଦ୍ଧତିରେ ଅଧିକ କୀଟନାଶକ ଦରକାର ହୋଇଥାଏ ଏବଂ ଖର୍ଚ୍ଚ ବି ବେଶି ହୁଏ । ଏବେ ଏହି ସମସ୍ୟା ଦୂର କରିପାରୁଛି ଏକ ରୋବୋ । ମହାରାଷ୍ଟ୍ର ନାସିକ୍ ଜିଲା ଅସ୍ୱାନଖେଦ ଗାଁର ଆଦିତ୍ୟ ପିଙ୍ଗଲେ ଏହି ରୋବୋ ନିର୍ମାଣ କରିଛନ୍ତି । ଉଲ୍ଲେଖନୀୟ, ଏହି ରୋବୋ ଅଦରକାରୀ ଜିନିଷରୁ ତିଆରି ହୋଇଛି । ଆଦିତ୍ୟ ଏଭଳି ଏକ ରୋବୋ ନିର୍ମାଣ କରିବା ପୂର୍ବରୁ ସାଲାମ ମୁମ୍ବାଇ ଫାଉଣ୍ଡେଶନରୁ ମୋବାଇଲ ମରାମତି ପ୍ରଶିକ୍ଷଣ ନେଇଥିଲେ । ସେହି ସମୟରେ ସେ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଭାଗନେଇ ତାହାର ନିର୍ମାଣ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ । ରୋବୋ ନିର୍ମାଣରେ ତାଙ୍କୁ ସାଙ୍ଗ ପରାଶରାମ ଓ ଅଭିଜିତ୍ ସହଯୋଗ କରିଥିଲେ । ଆଦିତ୍ୟ ନିର୍ମାଣ କରିଥିବା ରୋବୋ ୧୨ ଭୋଲ୍ଟ ବ୍ୟାଟେରିରେ ଚାଲୁଛି । ରୋବୋ ସହଜରେ ରିଚାର୍ଜ କରାଯାଇପାରୁଛି । ମୋବାଇଲ ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଉଛି । ଏହା ଏକାଥରକେ ୧୬ ଲିଟର କୀଟନାଶକ ନେଇ ଫସଲରେ ସିଞ୍ଚନ କରୁଛି । ରୋବୋଟି ପୂରା ହାଲୁକା ଓ ଶସ୍ତା ।

## ଚିରନ୍ତନୀ

ରଙ୍ଗର ଢେଉ ନାଚେ ବିଲେ ବାଡ଼େ ବିଚରି
ଗନ୍ଧର ଧୂପ ତହିଁ ଉଠାଇ
ମଳୟର ନିର୍ଝର ଫେରିଆସେ ମରତେ
ସ୍ୱର୍ଗର ପାରିଜାତ ଫୁଟାଇ
ଫେରିଆସେ ଯଉବନ ଉଦାମ ଗତିରେ
ବନ୍ଧନରାଶି ଶତ ତୁଟାଇ ।
–(ଜୀବନ-ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | 6 | 5 | |
| | | | | | | | | 2 |
| | | | | | | | 9 | |
| | 6 | | | 7 | | | 8 | |
| | 4 | | 6 | 5 | | | | |
| | | 5 | | 9 | 3 | | 1 | |
| | | 3 | 5 | 8 | | | | |
| | | | | | 1 | | 7 | 3 |
| | 8 | | 4 | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 8 | 1 | 4 | 5 | 2 | 9 |
| 9 | 4 | 8 | 7 | 2 | 5 | 3 | 6 | 1 |
| 5 | 2 | 1 | 6 | 3 | 9 | 8 | 4 | 7 |
| 3 | 1 | 7 | 5 | 6 | 2 | 9 | 8 | 4 |
| 6 | 5 | 9 | 4 | 8 | 1 | 2 | 7 | 3 |
| 2 | 8 | 4 | 9 | 7 | 3 | 6 | 1 | 5 |
| 1 | 9 | 5 | 2 | 4 | 8 | 7 | 3 | 6 |
| 4 | 7 | 2 | 3 | 9 | 6 | 1 | 5 | 8 |
| 8 | 6 | 3 | 1 | 5 | 7 | 4 | 9 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଯୁଦ୍ଧ ନୁହେଁ ଶାନ୍ତି ଦରକାର

ମହାଶୟ,
ଗତ ଚାରିବର୍ଷ ଧରି ରୁଷିଆ ଏବଂ ୟୁକ୍ରେନ ଭିତରେ ସଂଘର୍ଷ ଚାଲିଛି । ଚଉଦ ହଜାରରୁ ଅଧିକ ଲୋକ ଏହି ଯୁଦ୍ଧରେ ମୃତ୍ୟୁବରଣ କରି ସାରିଲେଣି । ଏହି ଯୁଦ୍ଧର ଅବସାନ ହେବା ଦେଖାଯାଉନାହିଁ । ଏତିକି ବେଳେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିଛନ୍ତି । ଇରାନକୁ ନ୍ୟୁକ୍ଲିୟର ପ୍ରୋଗ୍ରାମକୁ ସ୍ଥଗିତ କରିବା ପାଇଁ ଆମେରିକା ଓ ଇସ୍ରାଏଲ ଧମକ ଦେଉଛନ୍ତି । ଇସ୍ରାଏଲ ଏବଂ ଆମେରିକାର ସୈନ୍ୟ ଘାଟିକୁ ଇରାନ ଟାର୍ଗେଟ କରିଛି । ବିଶେଷ କରି କତାର, ବାହାରିନ, ଇରାକରେ ଥିବା ଆମେରିକାର ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି । ଏହି ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ଓ ଗ୍ୟାସ ସଙ୍କଟ ଦେଖିବାକୁ ମିଳିଛି । ଭାରତରେ ଲୋକମାନେ ଲମ୍ବା ଲାଇନରେ ଠିଆ ହୋଇ ଗ୍ୟାସ ସିଲିଣ୍ଡର ନେଉଛନ୍ତି । ସିଲିଣ୍ଡର ମୂଲ୍ୟ ବଢ଼ିଯାଇଛି । ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲା ଖାମେନେଇଙ୍କ ମୃତ୍ୟୁ ଘଟିଛି । ତେବେ ଆମେରିକା ଯୁଦ୍ଧ ବିରତି ଘୋଷଣା କରିଥିବା ବେଳେ ଇରାନ ତରଫରୁ କୌଣସି ଯୁଦ୍ଧ ବିରତି ଘୋଷଣା କରାଯାଇନାହିଁ । ବର୍ତ୍ତମାନ ଏହି ସମସ୍ୟା ଭିତରେ ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି । ସମଗ୍ର ବିଶ୍ୱ ଏହି ସଙ୍କଟରୁ ମୁକ୍ତି ପାଇବା ପାଇଁ ଚାହୁଁଛି । ମଧ୍ୟସ୍ଥତା ପାଇଁ ପାକିସ୍ତାନ ଓ ତୁର୍କୀ ଆଗେଇ ଆସିଛନ୍ତି କିନ୍ତୁ ଏହା କେତେଦୂର ସଫଳ ହୋଇପାରିବ ଜଣାନାହିଁ । ଭାରତରେ ଏହି ମଧ୍ୟସ୍ଥତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି କାହିଁକି ଭାରତକୁ ମଧ୍ୟସ୍ଥତା ପାଇଁ ଦେଶଗୁଡ଼ିକ ଅନୁରୋଧ କଲେ ନାହିଁ ? ଭାରତ ଉପରେ ଦେଶଗୁଡ଼ିକ କାହିଁକି ଭରସା କରିପାରିଲେ ନାହିଁ । ଯାହା ହେଲେ ମଧ୍ୟ ଆମକୁ ଶାନ୍ତି ଦରକାର । ଆଶା କରାଯାଏ ଏହି ଯୁଦ୍ଧର ଅବସାନ ହେବ ।

– କାଳୀ ଦାସ, ବ୍ରହ୍ମପୁର, ଖୋଡାସିଙ୍ଗି, କଳିଙ୍ଗନଗର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଛୁଟିଦିନରେ ହେମଗିରରୁ ସୁନ୍ଦରଗଡ଼ ବସସେବା ବାଧାପ୍ରାପ୍ତ**

**ହେମଗିର (ଚୈତନ୍ୟ ପଟେଲ):** ହେମଗିର ମହକୁମାଠାରେ ଛୁଟିଦିନରେ ବସ ଗୁଡ଼ୁ ନ ଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ସହ ସହ ଲୋକ ହେମଗିରଠାରୁ ସୁନ୍ଦରଗଡ଼କୁ ଶିକ୍ଷା, ସ୍ୱାସ୍ଥ୍ୟ ତଥା ବିଭିନ୍ନ କାମରେ ଯାଆନ୍ତି। ହେଲେ ଛୁଟିଦିନଗୁଡ଼ିକରେ ବସସେବା ବନ୍ଦ ହେବାଦ୍ୱାରା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ପ୍ରତ୍ୟେକ ଛୁଟିଦିନଗୁଡିକରେ ବସ ସେବା ବାଧାପ୍ରାପ୍ତ ହେଉଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଆରଟିଓ ଓ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ଖମପୁର ଗ୍ରାମରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

**ବାଲିଶଙ୍କରା,୨୮।୩ (ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ ଖମପୁର ଗ୍ରାମରେ ରାମନବମୀ ଉପଲକ୍ଷେ ଅନୁଷ୍ଠିତ ଅଷ୍ଟପ୍ରହର ନାମସଂକୀର୍ତ୍ତନ ଶନିବାର ସମାପନ ହୋଇଯାଇଛି। ଗତ ୨୫ ତାରିଖରେ ନୂତନ ମଣ୍ଡପ ପ୍ରତିଷ୍ଠା କରାଯାଇଥିଲା। ୨୬ରେ ଗ୍ରାମର ମହିଳାମାନଙ୍କ ଦ୍ୱାରା ନିକଟସ୍ଥ ପୁଷ୍କରିଣୀରୁ ୧୦୮ କଳସ ଧାରଣ କରି ଯାତ୍ରାରେ ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ୨୭ ତାରିଖ ଦିନ ନାମ ଧରି ଅହୋରାତ୍ର ନାମଜପ କରିଥିଲେ। ୨୮ରେ ନାମ ଛାଡ଼ି ନଗରପରିକ୍ରମା ସହ ଦଧିଭାଣ୍ଡ ଭଞ୍ଜନ କରିଥିଲେ। ଏଥିରେ କର୍ତ୍ତାଭାବେ ଅରବିନ୍ଦ ଶେଖର ଦେଓ ଓ ତାଙ୍କ ସହଧର୍ମିଣୀ ତୃପ୍ତି ଶେଖର ଦେଓ ଦାୟିତ୍ୱ ତୁଲାଇଥିବାବେଳେ ପୂଜକଭାବେ ଟଙ୍କଧର ପଣ୍ଡା, କେଶବ ସା ଓ ରାମକୃଷ୍ଣ ଷଡ଼ଙ୍ଗୀ ତୁଲାଇଥିଲେ। ଉକ୍ତ ସମାରୋହକୁ ପୀତାମ୍ବର ଶେଖର ଦେଓ, ଲୀଳାମ୍ବର ଶେଖର ଦେଓ, ପ୍ରବୀଣ ଶେଖର ଦେଓ, ପୃଥ୍ୱୀରାଜ ଶେଖର ଦେଓ, ଜଗନ୍ନାଥ ଶେଖର ଦେଓ, ବିଶ୍ୱନାଥ ସାହୁ, ସହ ଜଗନ୍ନାଥ ମନ୍ଦିର କମିଟିର ସମସ୍ତ ସଦସ୍ୟା ସଦସ୍ୟ ସହାୟତାର ହାତ ବଢ଼ାଇଥିଲେ। ଆଖପାଖ ଗ୍ରାମର ୧୦ଟି ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ଆବଶ୍ୟକତା ଉପରେ ଆଲୋକପାତ

### ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଇଣ୍ଟର ସ୍କୁଲ କୁଇଜ୍ ପ୍ରତିଯୋଗିତା

**ସୁନ୍ଦରଗଡ,୨୮।୩(ଜୟ ନାରାୟଣ ମେଣ୍ଡୁଲି)**



ସ୍ୱରିତ ଉପାଧ୍ୟାୟଙ୍କୁ ପୁରସ୍କୃତ କରାଯାଉଛି।

ସମଗ୍ର ବିଶ୍ୱରେ ବଢୁଥିବା ଜଳବାୟୁ ପରିବର୍ତ୍ତନ, ଅନିୟନ୍ତ୍ରିତ ଜଙ୍ଗଲ କ୍ଷୟ ଓ ଜୈବ ବିବିଧତାର ହ୍ରାସ ଭଳି ପରିବେଶଗତ ସମସ୍ୟା ଆଜି ମାନବ ସମାଜ ପାଇଁ ଗଭୀର ଚିନ୍ତାର ବିଷୟ ହୋଇପଡ଼ିଛି। ପ୍ରାକୃତିକ ସମ୍ପଦର ସୁରକ୍ଷା ବିନା ସ୍ଥାୟୀ ଉନ୍ନତି ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ ସତର୍କ କରୁଥିବା ବେଳେ ଏହି ଦିଗରେ ଛାତ୍ରୀଛାତ୍ରଙ୍କୁ ଛୋଟବେଳୁ ସଚେତନ କରିବା ଅତ୍ୟାବଶ୍ୟକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ସୁନ୍ଦରଗଡ ଦର୍ଶନ ଏକାଡେମୀଠାରେ ବନ ଓ ବନ୍ୟପ୍ରାଣୀ ସୁରକ୍ଷାକୁ କେନ୍ଦ୍ରକରି ଏକ ସଚେତନତା କାର୍ଯ୍ୟକ୍ରମ ସହ ଇଣ୍ଟର-ସ୍କୁଲ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକର ୧୨ଟି ସ୍କୁଲର ୪୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦର୍ଶନ ଏକାଡେମୀର ଦଶମ ଶ୍ରେଣୀର ଛାତ୍ର ସରିତ ଉପାଧ୍ୟାୟ ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଜୟୀ ହୋଇଥିଲେ। ଲିପ୍ସା ମାଝୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିବେକ କିସପଟ୍ଟା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ତଥା ନଗଦ ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ସଚେତନତା ସଭା ଓ ପୁରସ୍କାର ବିତରଣୀ ସମାରୋହରେ ଦର୍ଶନ ଏକା, କାଜଲ ପଟେଲ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବର୍ଷା ସାହୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ତଥ୍ୟଭିତ୍ତିକ ବଳିଷ୍ଠ ଉପସ୍ଥାପନା ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ ବନଖଣ୍ଡରୁ ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ଯୋଗଦେଇ ବନ ଓ ବନ୍ୟପ୍ରାଣୀ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ତଥା ପିଲାଟି ଦିନରୁ ଏ ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ମତପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ, ଦର୍ଶନ ଏକା, ଅଧ୍ୟକ୍ଷ ଡ. ପ୍ରଦୀପ ଆର.ଭି. ଯୋଗଦାନ କରି ଜଙ୍ଗଲ, ପରିବେଶ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ସଚେତନ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି କୁଇଜ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମନରେ ପରିବେଶ ପ୍ରତି ଆଗ୍ରହ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ପ୍ରେରଣା ଯୋଗାଇବା ସହ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଶା କରାଯାଉଛି।

## ମା' ବନଦୁର୍ଗାଙ୍କ ବାସନ୍ତିକ ଦୁର୍ଗାପୂଜା ଉଦ୍‌ଯାପିତ

**ଟେନ୍‌ସା,୨୮।୩(ସମୀର କୁମାର ପାଢ଼ୀ)**



ସୁନ୍ଦରଗଡ଼ ଜିଲା ଟେନ୍‌ସାର ବଡ଼ ଘାଟିରେ ଥିବା ମା' ବନଦୁର୍ଗାଙ୍କ ପୀଠରେ ୫ଦିନ ଧରି ଚାଲିଥିବା ମହା ବାସନ୍ତିକ ଦୁର୍ଗାପୂଜା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ପୂଜକ ପ୍ରଶାନ୍ତ ଶତପଥୀ (ନିଲୁ ବାବା)ଙ୍କ ଅଧ୍ୟକ୍ଷତାରେ ମା'ଙ୍କ ୫ଦିନ ଧରି ବେଲବରଣୀ, ମହା ସପ୍ତମୀ, ମହା ଅଷ୍ଟମୀ, ବଳିଦାନ, ମହାନବମୀ, ଦଶହରା ଆଦି ପୂଜାର୍ଚ୍ଚନା କରାଯିବା ସହ ଚଣ୍ଡୀପାଠ, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ, ବିଶ୍ୱ ଶାନ୍ତି ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଆଳତି ଦେଖିବାକୁ ଭିଡ଼ ଜମାଉ ଥିଲେ। ମା'ଙ୍କ ପୀଠଟି ଏହି ବାସନ୍ତୀ ଦୁର୍ଗାପୂଜାରେ ରାତିଦିନ ଚଳଚଞ୍ଚଳ ହୋଇ ଉଠିଥିଲା। ଏଣୁ ଏହି ବାସନ୍ତୀ ଦୁର୍ଗାପୂଜାରେ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଧାଇଁ ଆସିଥାନ୍ତି। ଚଳିତବର୍ଷ ପୂଜା ଭଲ ହୋଇଛି ବୋଲି ଆୟୋଜକ ବରଦା ପ୍ରଶାଦ ମହାନ୍ତି ପ୍ରକାଶ କରିଛନ୍ତି। ସନ୍ତୋଷ ଦାସ ତାଙ୍କର ଧର୍ମପତ୍ନୀ କର୍ତ୍ତା ଭାବେ ଯୋଗଦେଇଥିଲେ। ଟେନ୍‌ସାର ଶୁଭଙ୍କର ନାୟକ, ବାମଦେବ ଭୁଈଁଆ, ପିଣ୍ଟୁ ସାହୁ, ପୀତାମ୍ବର ସାହୁଙ୍କ ସମେତ ଟେନ୍‌ସା ଜନସାଧାରଣମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ରାମ ନବମୀ, ସ୍ୱାମିଜୀଙ୍କ ସନ୍ନ୍ୟାସ ଦୀକ୍ଷାନ୍ତ ଦିବସ ପାଳିତ

**ରାଉରକେଲା,୨୮।୩ (ବିପ୍ଳବ ରଞ୍ଜନ ଦାଶ)**

ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ରାଉରକେଲା ସେକ୍ଟର- ୧୯ସ୍ଥିତ ଶାରଳା ମନ୍ଦିର ଯୋଗ କେନ୍ଦ୍ର ପରିସରରେ ଶନିବାର ଶ୍ରୀରାମ ନବମୀ ଓ ପରମ ପୂଜ୍ୟ ସ୍ୱାମିଜୀ ମହାରାଜାଙ୍କ ସନ୍ନ୍ୟାସ ଦୀକ୍ଷାନ୍ତ ଦିବସ ପାଳନ କରାଯାଇଛି। ଏଥିରେ ସହ ରାଜ୍ୟ ପ୍ରଭାରୀ ଅକ୍ଷୁର ମାର୍ଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁଙ୍କ ପୌରୋହିତ୍ୟରେ ୧୧ କୁଣ୍ଡୀୟ ଯଜ୍ଞ କରାଯାଇଥିଲା। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ରାମରାଜ୍ୟ ପ୍ରତିଷ୍ଠା ହୋଇପାରିବ ବୋଲି ମାର୍ଥା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁ, ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର କୁମାର ବେହେରା, ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ବିଏସ୍‌ଟି ମହାମନ୍ତ୍ରୀ ଆରତୀ ସାହୁ, ମହିଳା ମହାମନ୍ତ୍ରୀ ରଞ୍ଜିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଙ୍ଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ସଙ୍ଗଠନର କାର୍ଯ୍ୟକର୍ତ୍ତା।

# ୧୫୦ ଆଦିବାସୀ ବାଳିକାଙ୍କୁ ତାଲିମ ପ୍ରଦାନ


ଏମ୍‌ପି ଜୁଏଲ ଓରାମ ସମ୍ବୋଧିତ କରୁଛନ୍ତି।

### କୃତ୍ରିମ ବୁଦ୍ଧିମତ୍ତା ତାଲିମ ଶିବିର

**ଲହୁଣୀପଡ଼ା,୨୮।୩(ଦାଶରଥି ପଣ୍ଡା)**

ଆମେରିକାର ୱାର୍ଲଡ ୱମାନ ଫାଉଣ୍ଡେଶନ ତରଫରୁ ଆଦିବାସୀ ବାଳିକାଙ୍କ ପାଇଁ ଏକ ଦିନିକିଆ କୃତ୍ରିମ ବୁଦ୍ଧିମତ୍ତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୧୫୦ ଆଦିବାସୀ ବାଳିକାଙ୍କୁ ତାଲିମ ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ ଜିଲାର କେନ୍ଦୁଡ଼ିହି ସ୍ଥିତ ସମରା ଓରାମ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଭବିଷ୍ୟତ ନିଯୁକ୍ତିକୁ ଦୃଷ୍ଟିରେ ରଖି ଅଂଶଗ୍ରହଣକାରୀଙ୍କୁ ବାସ୍ତବଧର୍ମୀ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗୀକରଣ ନେଇ ଡିଜିଟାଲ କୌଶଳ ସମ୍ପର୍କରେ ପ୍ରାଥମିକ ସ୍ତରରେ ଶିକ୍ଷା ପ୍ରଦାନ କରାଯାଇଥିଲା। ପରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟ ଉଦ୍ୟୋକ୍ତା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ଆଦିବାସୀ ମହିଳା ଓ ବାଳିକାଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବା ନେଇ ୱାର୍ଲଡ ୱମାନ ଫାଉଣ୍ଡେଶନର ଉଦ୍ୟମ ପ୍ରଶଂସନୀୟ। ଏହି ଶିବିର ଏକ ସ୍ୱୟଂ ସମୃଦ୍ଧ ସର୍ବକୁଶଳୀ ଏବଂ ସଶକ୍ତ ଆଦିବାସୀ ସମାଜ ଗଠନ କରିବାରେ ସହାୟକ ହେବ ବୋଲି ଓରାମ କହିଥିଲେ। ଆଦିବାସୀ ସମ୍ପ୍ରଦାୟକୁ ଉଦୀୟମାନ ବୈଷୟିକ ଜ୍ଞାନ କୌଶଳ ସମ୍ପର୍କରେ ପ୍ରଶିକ୍ଷିତ କରାଯିବା ଦ୍ୱାରା ସମନ୍ୱିତ ଓ ସନ୍ତୁଳିତ ବିକାଶ ସମ୍ଭବପର ହେବା ସାଙ୍ଗକୁ ଭାରତର ଡିଜିଟାଲ ରୂପାନ୍ତରଣରେ କୌଣସି ସମ୍ପ୍ରଦାୟ ସାମିଲ ନ ହୋଇ ପାରିବାର ସମ୍ଭାବନାକୁ ଦୂର କରାଯାଇ ପାରିବ ବୋଲି ଓରାମ ମତବ୍ୟକ୍ତ କରିଥିଲେ। ୱାର୍ଲଡ ୱମାନ ଫାଉଣ୍ଡେଶନର ପ୍ରତିଷ୍ଠାତ୍ରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲସଏଞ୍ଜେଲସ ନିବାସୀ ରୂପା ଦାଶ ପାଇଲଟ ପ୍ରକଳ୍ପ ମାଧ୍ୟମରେ ନିକଟ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଏକ ନିୟୁତ ଆଦିବାସୀ ମହିଳା ଓ ବାଳିକା ଓ ରୋଜଗାର କ୍ଷମ ଏବଂ ସମନ୍ୱିତ ବିକାଶ ଯୋଗ୍ୟ ବନାଯିବାର ଯୋଜନା ରହିଥିବା ପ୍ରକାଶ କରିଥିଲେ। ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଦିଗରେ ଅଟୋମେସନ ଏନିହୋୟାର, ଶ୍ରୀମତୀ ଅନୁ ଓ ନବୀନ ଜୈନଙ୍କ ପରିବାର ଏବଂ ୱାର୍ଲଡ ୱମାନ ଫଣ୍ଡ ସହଯୋଗ କରିଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ୱାର୍ଲଡ ୱମାନ ଫାଉଣ୍ଡେସନ ଆମେରିକାରେ ପଞ୍ଜୀକୃତ ଏକ ଦାତବ୍ୟ ଅନୁଷ୍ଠାନ। ବର୍ତ୍ତମାନ ଏହା ୨୦ଟି ଦେଶରେ କାର୍ଯ୍ୟରତ। ବିଶ୍ୱ ବ୍ୟାପୀ ଏହାର ୧୫,୦୦୦ ସଦସ୍ୟ ରହିଛନ୍ତି । ୨୦୫୦ ମସିହା ସୁଦ୍ଧା ବିଶ୍ୱରେ ୧୦ ଲକ୍ଷ ମହିଳା ଓ ବାଳିକାଙ୍କୁ ସଶକ୍ତ ଓ ସ୍ୱୟଂ ସମ୍ପନ୍ନ କରିବା ୱାର୍ଲଡ ୱମାନ ଫାଉଣ୍ଡେଶନର ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଅଟୋମେଶନ ଏନିହୋୟାରର ପ୍ରବନ୍ଧକ ନାଗରାଜା ବି. ଜି ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟର ଟ୍ରଷ୍ଟି ଗୁରୁ ଚରଣ ଓରାମ, ଇନ୍ଦୁମତି ଓରାମ, ଜୟା ଓରାମ, ଫୁଲଚାନ୍ଦ ଓରାମ ତଥା ୱାଲ୍ଡ ଓମେନ ଫାଉଣ୍ଡେଶନର ସିଇଓ ରୂପା ଦାସ ତଥା ଫାଉଣ୍ଡେଶନର କର୍ମକର୍ତ୍ତା ଅନାୟ ଦାସ, ଏନଏସଆଇସିର ପ୍ରବନ୍ଧକ ଦୁର୍ଗା ମାଧବ ନାୟକ, କର୍ମତି ଓରାମ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଟ୍ରଷ୍ଟର ପ୍ରତିଷ୍ଠାତା ତଥା କେନ୍ଦ୍ରମନ୍ତ୍ରୀଙ୍କ ଦିବଙ୍ଗତ ସହଧର୍ମିଣି ସ୍ୱର୍ଗତଃ ଝିଙ୍ଗିଆ ଓରାମ ତଥା ସ୍ୱର୍ଗତଃ ସମରା ଓରାମଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟର ତତ୍ତ୍ୱାବଧାରିକା ବିଜୟିନୀ କିସପଟ୍ଟା, ପୂର୍ଣ୍ଣଚନ୍ଦ୍ର ଓରାମ, ନିରଞ୍ଜନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ୪ ପାଉଁଶ ବୋଝେଇ ହାଇୱା ଜବତ

**ବଡ଼ଗାଁ,୨୮।୩(ଅଶୋକ ଷଡଙ୍ଗୀ)**



ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେଇ ରାଜଗାଙ୍ଗପୁର ପଟକୁ ଯାଉଥିବା ବେଆଇନ ପାଉଁଶ ବୋଝେଇ ୪ ହାଇୱାକୁ ବଡ଼ଗାଁ ତହସିଲ ବିଭାଗ ପକ୍ଷରୁ ଶନିବାର ସକାଳେ ଜବତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଝାରସୁଗୁଡା ଅଞ୍ଚଳରେ ଥିବା କାରଖାନାରୁ ନିର୍ଗତ ପାଉଁଶ ଗୁଣ୍ଡ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଡମ୍ପିଂ ହୋଇଆସୁଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। କିଛିଦିନ ତଳେ ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ବେଆଇନ ପାଉଁଶ ବୋଝେଇ ଗାଡ଼ିଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାର ବିଭିନ୍ନ ତହସିଲ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ସକାଳେ ତହସିଲଦାର ଝରଣା ପ୍ରଧାନ, ଅତିରିକ୍ତ ତହସିଲଦାର ରମେଶ ବୋଇତାଇ ଚଢ଼ାଉ କରି ୪ଟି ପାଉଁଶ ବୋଝେଇ ହାଇୱା ଜବତ କରିଥିବା ସୂଚନା ମିଳିଛି। ଏନେଇ ତହସିଲଦାର ଝରଣା ପ୍ରଧାନଙ୍କୁ ଯୋଗାଯୋଗ କରାଯିବାରୁ, ସେ ୪ ଗାଡ଼ିକୁ ଜବତ କରିବା ସହ ଏହି ବିଷୟରେ ସୁନ୍ଦରଗଡ଼ ଆରଟିଓଙ୍କୁ ଅବଗତ କରାଇଥିବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ପାଉଁଶ ଗୁଣ୍ଡ ଜିଲାର ଗ୍ରାମାଞ୍ଚଳରେ ମଧ୍ୟ ପଶିଲାଣି। ଏଥିଯୋଗୁ ଜଳ, ବାୟୁ ଓ ମୃତ୍ତିକା ବିଷାକ୍ତ ହେବା ଆଶଙ୍କା କରାଯାଉଛି।

## ୪ର୍ଥ ଥର ସଭାପତି ହେଲେ ଅଶୋକ


ଉପସ୍ଥିତ ସଭାପତି, ସମ୍ପାଦକ ଓ ଅନ୍ୟମାନେ।

### ରାଜଗାଙ୍ଗପୁର ଓକିଲ ସଂଘ ନିର୍ବାଚନ

**ରାଜଗାଙ୍ଗପୁର,୨୮।୩(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଓକିଲସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସଭାପତି ପଦ ପାଇଁ ୪ର୍ଥ ଥର ଅଶୋକ ପାଣି ନିକଟତମ ପ୍ରତିଦ୍ୱନ୍ଦି ସମରେନ୍ଦ୍ର ସରୋନିଆକୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦରେ ବିକାଶ ସରପଟିଆ ନିକଟତମ ପ୍ରତିଦ୍ୱନ୍ଦି ରଞ୍ଜିତା ଦଣ୍ଡସେନାଙ୍କୁ ପରାସ୍ତ କରି ୩ୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ନୀଦ୍ୱନ୍ଦରେ ଉପସଭାପତି ଭାବେ ଦିଲ୍ଲୀପ ସାହୁ, ସହସମ୍ପାଦକ ରାଜେନ୍ଦ୍ର ଗିରି, ଲାଇବ୍ରେରୀ ସମ୍ପାଦକ ସୌମ୍ୟା ସ୍ୱରୁପା ପାଣିଗ୍ରାହୀ, କୋଷାଧ୍ୟକ୍ଷ ମିଲଖା ଲାକ୍ରା, ଏକଜିକ୍ୟୁଟିଭ ସଦସ୍ୟଭାବେ ଭାବେ ଜିରାମଣି ଲାକ୍ରା, ପ୍ରଦୀପ କେଶରୱାନି, ରାଜେଶ ଶର୍ମା, ରିନା ଏକ୍କା, ସାଲମି ଟିର୍କୁ, ସନ୍ତୋଷ ସାହୁ ଓ ସୁନିତା ଡୁଙ୍ଗଡୁଙ୍ଗ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଦିଲ୍ଲୀପ ସିଂ ଓ ସହ ନିର୍ବାଚନ ଅଧିକାରୀ ଭାବେ ସୁଧାଂଶୁ ନାଏକ ରହି ନିର୍ବାଚନ ପରିଚାଳନା କରିଥିଲେ। ବିଜେତା ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ରାମନବମୀରେ ହନୁମାନଙ୍କ ପୂଜାର୍ଚ୍ଚନା

**ରାଉରକେଲା,୨୮।୩(ବିପ୍ଳବ ରଞ୍ଜନ ଦାଶ)**

କୋଏଲ ନଗର ଏ' ବ୍ଲକ ହନୁମାନ ମନ୍ଦିର ପଞ୍ଚମୁଖୀ ଶ୍ରୀରାମ ହନୁମାନ ସେବା ସମିତି ପକ୍ଷରୁ ଶୁକ୍ରବାର ରାମନବମୀରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟା ସମୟରେ ଆଧ୍ୟାତ୍ମିକ ସଙ୍ଗୀତ ସହ ସ୍ଥାନୀୟ କଳାକାର ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ରାମନବମୀ ଉତ୍ସବକୁ କମିଟି କମିଟି ସଭାପତି ପ୍ରଦୀପ ପାଢ଼ୀ, ସଦସ୍ୟ ମୁନା ସାମନ୍ତରାୟ, ବସନ୍ତ ଦାସ, ମିକା ସିଙ୍ଗ, ପ୍ରଶାନ୍ତ ଦାସ, ସୁଶୀଲ ଚନ୍ଦ୍ର ବେହେରା, ବିଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିରତୋଳା ଯୋଗୀଯୋଗୀଆଣୀ ପାହାଡ଼ରେ ବାଘ !

**ସୁନ୍ଦରଗଡ,୨୮।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ବିରତୋଳା ଯୋଗୀଯୋଗୀ ଆଣୀ ପାହାଡ ତଳେ ଏକ ବାଘ ବିଚରଣ କରୁଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଭୋର ସମୟରେ ବିରତୋଳା ଖେଳ ପଡିଆର ଅନତି ଦୂର ଯୋଗୀଯୋଗୀଆଣୀ ପାହାଡ଼ ପାଖରେ ଏକ ଗାଈକୁ ଏକ ଅଜଣା ଜନ୍ତୁ ଶିକାର କରିଥିବା ଦେଖିବାକୁ ମିଳିଛି। ଶିକାର କରିବା ସହ କିଛି ଦୂର ପର୍ଯ୍ୟନ୍ତ ଟାଣି ଟାଣି ନେଇଥିବା ଜଣାପଡିଛି। ପାଦ ଚିହ୍ନ ଓ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଜଙ୍ଗଲୀ ବାଘ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ହେଲେ ବନ ବିଭାଗ ତରଫରୁ ଏହା ବାଘ କି ନୁହଁ ତାହା ସ୍ପଷ୍ଟ କରାଯାଇ ନାହିଁ। ସଦର ରେଞ୍ଜ ଅଫିସର ବାସୁଦେବ ନାୟକ କହିଛନ୍ତି, ସେହି ପାହାଡ ଅଞ୍ଚଳରେ କ୍ୟାମେରା ସଂଯୋଗ କରାଯିବା ସହ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ।

## ମହୁଲ ସଂଗ୍ରହ ପାଇଁ ବାଉଁଶ ଟୋକେଇ, ଜାଲ ବଣ୍ଟନ

**କୁଆଁରମୁଣ୍ଡା,୨୮।୩(ମହେନ୍ଦ୍ର କୁମାର ସାହୁ)**

ମହୁଲର ଅଭାବୀ ବିକ୍ରିକୁ ରୋକିବା ପାଇଁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହଯୋଗର ହାତ ବଢ଼ାଯାଇଛି। ଏହି କ୍ରମରେ ଗତ ଗୁରୁବାର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପଦମପୁର ଓ ଝାରବେଡ଼ା ପଞ୍ଚାୟତର ୩୦ ଜଣ ମହିଳାଙ୍କୁ ସେମାନଙ୍କ ଅଞ୍ଚଳରୁ ମହୁଲ ସଂଗ୍ରହ କରିବା ନିମନ୍ତେ ବାଉଁଶ ଟୋକେଇ ଓ ଜାଲ ବଣ୍ଟନ କରାଯାଇଛି। ସେମାନେ ମହୁଲ ସଂଗ୍ରହ କରି ସରକାରୀ ଧାର୍ଯ୍ୟ ମୂଲ୍ୟରେ ବ୍ଲକ ଜୀବିକା ମିଶନରେ ସେଗୁଡ଼ିକୁ ବିକ୍ରି କରି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ହିତାଧିକାରୀଙ୍କୁ ଉପରୋକ୍ତ ସାମଗ୍ରୀ ପ୍ରଦାନ ସମୟରେ ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଝାରବେଡ଼ା ସରପଞ୍ଚ ରୀନା ଓରାମ, ନିର୍ବାହୀ ଅଧିକାରୀ, ଜିପିଏଲ୍‌ଏଫ୍ ସଭ୍ୟାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ସଂଯୋଜିକା ରଶ୍ମିତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।


ମହୁଲ ସଂଗ୍ରହ ନିମନ୍ତେ ମହିଳାଙ୍କୁ ଜାଲ ଓ ଟୋକେଇ ପ୍ରଦାନ କରୁଛନ୍ତି କୁଆଁରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ।

# ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ଜନ୍ମଉତ୍ସବ ମଞ୍ଚସ୍ଥ

### ବଡ଼ଗାଁ ରାମଲୀଳା ଯାତ୍ରା ଉଦ୍‌ଘାଟିତ

**ବଡ଼ଗାଁ,୨୮।୩(ଅଶୋକ ଷଡଙ୍ଗୀ)**


ବିଷ୍ଣୁଙ୍କ ସହିତ ଦେବଗଣଙ୍କ ଆଲୋଚନା।

କଳା ଓ ସଂସ୍କୃତିର ଗ୍ରାମ ବଡ଼ଗାଁ। ଏଠାକାର ବୟସ୍କ ବ୍ୟକ୍ତିଠାରୁ ଛୋଟ ପିଲା ପ୍ରାୟ ସମସ୍ତେ ଜଣେ ଜଣେ କଳାକାର। ପରମ୍ପରାକୁ ଆଦରି ନେଇଥିବା ଗ୍ରାମବାସୀ କଳା, ସଂସ୍କୃତି ଓ ପରମ୍ପରା ପ୍ରତି ସଚେତନ ଥିବାରୁ ଦୀର୍ଘ ଅଢେଇ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ନିରବଚ୍ଛିନ୍ନ ଭାବେ ପ୍ରତିବର୍ଷ ଯାତ୍ରା ସମ୍ପନ୍ନ ହୋଇଆସୁଛି। ଆଶ୍ଚର୍ଯ୍ୟ ଲାଗେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅତ୍ୟାଧୁନିକତା ବୈଷୟିକ ଜ୍ଞାନ କୌଶଳର ମାତ୍ରାଧିକ ବ୍ୟବହାର ସତ୍ତ୍ୱେ ଯାତ୍ରାର ଗତାନୁଗତିକ ଧାରା ବଜାୟ ରହିଛି। ଆଧୁନିକ ଚାକଚକ୍ୟରେ ଉଦ୍‌ଭାସିତ ନ ହୋଇ ସମୟ ସହିତ ତାଳଦେଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜୀବନ ଉପରେ ଆଧାରିତ ସେହି ଅମୃତମୟ ଉପାଦେୟ କଥାବସ୍ତୁ 'ରାମାୟଣ' ର ପ୍ରତିଟି ଦୃଶ୍ୟାବଳୀ ଓ ଚରିତ୍ରଗୁଡ଼ିକୁ ଅଭିନୟ ମାଧ୍ୟମରେ ସରସ ସୁନ୍ଦର ଓ ଜୀବନ୍ତ କରିତୋଳିବାରେ ବାସ୍ତବିକ ବଡ଼ଗାଁ ଗ୍ରାମବାସୀଙ୍କ ଉଦ୍ୟମର ପଟାନ୍ତର ନାହିଁ। ଶୁକ୍ରବାର ବଡ଼ଗାଁ ରାମଲୀଳା ଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ଜନ୍ମଉତ୍ସବ ମଞ୍ଚସ୍ଥ ହୋଇଥିଲା।

ଧରିତ୍ରୀ ମାତା(କ୍ଷିତି) ଅସୁରମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ବ୍ରହ୍ମାଙ୍କୁ ଜଣାଇଲେ। ଦେବଗଣଙ୍କୁ ନେଇ ବ୍ରହ୍ମା ବିଷ୍ଣୁଙ୍କଠାରେ ଶରଣ ପଶି ଆଲୋଚନା କଲେ। ସେଠାରେ ବିଷ୍ଣୁ ଅଯୋଧ୍ୟା ନଗରୀରେ ରାଜା ଦଶରଥଙ୍କ ଘରେ ଚାରିପୁତ୍ର ଜନ୍ମ ନେବେ ଓ ଅତ୍ୟାଚାରରୁ ମହିଭାର ଲାଘବ କରିବେ ବୋଲି ଆଶ୍ୱାସନା ଦେଲେ। ଅନ୍ୟପଟେ ଲୋମପାଦ ରାଜାଙ୍କ ନଗରୀରେ ବର୍ଷାଭାବରୁ ହାହାକାର ଦେଖାଦେଇଥିଲା। ଲୋମପାଦ ନଗରୀର ବେଶ୍ୟା ଜରକା ଋଷ୍ୟଶୃଙ୍ଗ ଋଷିଙ୍କୁ ବୁଝାଇ ନଗରୀକୁ ଡାକି ଆଣିଥିଲେ। ନଗରୀରେ ଋଷିଙ୍କ ପାଦ ପଡ଼ିବାରୁ ବର୍ଷା ହୋଇଥିଲା। ସେଠାରେ ରାଜା ଦଶରଥ ଋଷିଙ୍କୁ ଅନୁରୋଧ କରି ଅଯୋଧ୍ୟା ଆଣି ପୌତ୍ରିଷ୍ଟି ଯଜ୍ଞ କରାଇଥିଲେ। ଯଜ୍ଞର ଚରୁ ଅନ୍ନ ଦେଇ ଋଷି ବାହୁଡ଼ି ଯାଇଥିଲେ। ସେହି ଚରୁ ଅନ୍ନକୁ ରାଜା ଦଶରଥ, ପତ୍ନୀ କୈକେୟୀ କୌଶଲ୍ୟା ଓ ସୁମିତ୍ରାଙ୍କୁ ଖାଇବାକୁ ଦେଲେ। ଏହାପରେ ତିନି ରାଣୀଙ୍କ ଗର୍ଭରୁ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଜନ୍ମ ନେଲେ। ଏହି ବିଷୟବସ୍ତୁକୁ କଳାକାରମାନେ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ନଟ ନଟୀଙ୍କ କଥୋପକଥନ ଦୃଶ୍ୟରୁ ଯାତ୍ରା ଆରମ୍ଭ ହୋଇଥିଲା। ନଟ, ନଟୀ, ବ୍ରହ୍ମା,ବିଷ୍ଣୁ, ଲକ୍ଷ୍ମୀ, କ୍ଷୀତି ସୁମିତ୍ରା, କୈକେୟୀ, ଋଷ୍ୟଶୃଙ୍ଗ ଋଷି, ରାଜା ଦଶରଥ ଭୂମିକାରେ ଯଥାକ୍ରମେ, ରୋହିତ ନାୟକ, ଶିବମ ପଣ୍ଡା, ସୁରଥ ପାଣିଗ୍ରାହୀ, ଓମ୍ ପ୍ରକାଶ ତ୍ରିପାଠୀ, ଶିବମ ସା, ଆକାଶ ପୃଷ୍ଟି , ମୋନୁ ପାଣିଗ୍ରାହୀ, ଦିବ୍ୟ ଲୋଚନ ପୃଷେଟ ଅଭିନୟ କରିଥିଲେ। ଅର୍ଜୁନ ନାୟକ ଓ ବିଭୂତି ଭୂଷଣ ନାୟକ ମୁଖ୍ୟ ଗାୟକ, ଅଚ୍ୟୁତ ସାହୁ, ସୁଧୀର ନାୟକ, ଭିକାରୀ ଚରଣ ସା, ନୃପ ପୃଷେଟ ମୁଖ୍ୟ ପାଳିଆ ଓ ପଙ୍କଜ ମାଝୀ ବାଦ୍ୟକାର କାର୍ଯ୍ୟ ତୁଲାଇଥିଲେ। ଯାତ୍ରା ସଂସଦ ସଭାପତି ଦିଲ୍ଲୀପ ପୁରୋହିତଙ୍କ ସହିତ କମିଟି କାର୍ଯ୍ୟକର୍ତ୍ତା ଓ ରାମ ସେବକମାନେ ରାମାୟଣ ପୋଥିରେ ମାଲ୍ୟାର୍ପଣ କରି ଯାତ୍ରାକୁ ଉଦ୍‌ଘାଟନ କରିଥିଲେ।

## ସଂକ୍ଷେପରେ

### ପ୍ରଫୁଲ୍ଲ କୁମାର ସଭାପତି, ମନୋଜ କୁମାର ସମ୍ପାଦକ

**କଣ୍ଟାବାଞ୍ଜି ଓକିଲ ସଂଘ ନିର୍ବାଚନ**

କଣ୍ଟାବାଞ୍ଜି,୨୮।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଦିନ ସିଭିଲ କୋର୍ଟ ପରିସର ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ପ୍ରଫୁଲ୍ଲ କୁମାର ନାୟକ ସଭାପତି ଓ ମନୋଜ କୁମାର ଦାଶ ସମ୍ପାଦକ ଭାବେ ପୁର୍ନବାର ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ପର୍ଶୁରାମ ସଗରିଆ ନିର୍ବାଚିତ ହୋଇଥିବା ବେଳେ ଜଗଦୀଶ ଦୀକ୍ଷିତ ସହ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଂଘର ବରିଷ୍ଠ ସଭ୍ୟ କାନନ କିଶୋର ପଣ୍ଡା, ଜଗନ୍ନାଥ ନାୟକ ଓ ବିଷ୍ଣୁ ପ୍ରସାଦ ଶର୍ମା ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଏହି ନିର୍ବାଚନରେ ସଂଘର ମୋଟ ୮୦ ଜଣ ସଭ୍ୟାସଭ୍ୟ ନିଜର ମତଦାନ ସାବ୍ୟସ୍ତ କରିଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଲୋଇସିଂହା,୨୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା-ବଲାଙ୍ଗୀର ରାସ୍ତା ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ଘଣ୍ଟି ସାଜିଛି। ବେପରୁଆ ଗାଡି ଚାଳନା ଯୋଗୁ ନିୟମିତ ଭାବେ ଏହି ରାସ୍ତାରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି। ଶନିବାର ଭୋର ସମୟରେ ଏହି ରାସ୍ତାର ସରଗାଡଠାରେ ଏକ ଟ୍ରାଭେଲର ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସରଗାଡ ଗ୍ରାମର ତିରଲି ନାଗ (୫୨)। ଏହି ଦୁର୍ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଓ ପରିବାରବର୍ଗ କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ମୃତଦେହ ରଖି ଦୀର୍ଘ ୫ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ବଲାଙ୍ଗୀର ସଦର ପୋଲିସ ଓ



ଲୋଇସିଂହା ତହସିଲଦାର ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଲୋଇସିଂହା ତହସିଲଦାର ଟିଙ୍କୁନୁ ପୁଟା ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ପୁଟା ଜିଲା ରେଡକ୍ରସରୁ ୨୦ ହଜାର ଟଙ୍କା ସହାୟତା ମୃତକଙ୍କ ପରିବାରବର୍ଗଙ୍କୁ ପ୍ରଦାନ କରିଥିଲେ। ପୋଲିସ ପକ୍ଷରୁ ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡିକୁ ଧରିବା ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବା ପ୍ରତିଶ୍ରୁତି ମିଳିବା ପରେ ପୂର୍ବାହ୍ନ ୧୧ଟାରେ ରାସ୍ତାରୋକୋ ହଟିଥିଲା। ଏହାପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରାସ୍ତାରୋକୋରେ ସ୍ଥାନୀୟ ସରପଞ୍ଚ ସରୋଜ ସାହୁ, ସମିତି ସଭ୍ୟ ବୀରେନ୍ଦ୍ର ସାହୁ ସାମିଲ ହୋଇଥିଲେ।

ପ୍ରକାଶ ଯେ, ସରଗାଡ ଗ୍ରାମର ତିରଲି ଗ୍ରାମ ନିକଟସ୍ଥ ଏକ କ୍ରଶରରେ ଶ୍ରମିକ ଭାବେ କାମ କରନ୍ତି। ସବୁଦିନ ପରି ସାଇକେଲ ଯୋଗେ କ୍ରଶରକୁ ଯାଇଥିଲେ। ହେଲେ କୌଣସି କାରଣରୁ ଶନିବାର କ୍ରଶରରେ କାମ ବନ୍ଦ ଥିବା ଜାଣିବାକୁ ପାଇ ଘରକୁ ଫେରୁଥିଲେ। କିନ୍ତୁ ବାଟରେ ବାଦିମୁଣ୍ଡାରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଏକ ଟ୍ରାଭେଲର ତାଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ସେ ସାଇକେଲ ସହ ରାସ୍ତା ପାର୍ଶ୍ୱକୁ ଛିଟିକି ପଡବା ସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଶ୍ରମିକ ଜଣକ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଅସହାୟ ହୋଇ ପଡିଛନ୍ତି। କଲେଜରେ ପାଠ ପଢୁଥିବା ୨ ଝିଅ ଓ ଏକମାତ୍ର ପୁଅଙ୍କ ପାଠପଢା ଚିନ୍ତା ବଢିଯାଇଛି।

**ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ**

# ସଞ୍ଜୟ ସଭାପତି, ଜ୍ୟୋତିରଞ୍ଜନ ସମ୍ପାଦକ




ନବ ନିର୍ବାଚିତ ସଭାପତି ଓ ସମ୍ପାଦକ।

**ଲୋଇସିଂହା ଓକିଲ ସଂଘର ନୂତନ କର୍ମକର୍ତ୍ତା**

ଲୋଇସିଂହା,୨୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କୋର୍ଟ ପରିସରରେ ଲୋଇସିଂହା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସଞ୍ଜୟ ଷଡଙ୍ଗୀ ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ଜ୍ୟୋତି ରଞ୍ଜନ ପଟେଲ, ଉପସଭାପତି କ୍ଷେତ୍ରପାଳ ସାହୁ, ଯୁଗ୍ମ ସମ୍ପାଦକ ପ୍ରବୀଣ କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ ସମ୍ପଦ କୁମାର ପୋଢ ଏବଂ ଗ୍ରନ୍ଥାଗାରିକ ଭାବେ ରଘୁମଣି ସେଠ ମନୋନୀତ ହୋଇଛନ୍ତି। ଏହାଛଡା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଇନଜୀବୀ ପ୍ରଦୀପ କୁମାର ତ୍ରିପାଠୀ, ପ୍ରଶାନ୍ତ ବେହେରା, ରମାକାନ୍ତ ନାଏକ, ଦୁର୍ଗିଭାଇ ଅଗ୍ରୱାଲ, ଶଶାଙ୍କ ଶେଖର ଭୋଇ ପ୍ରମୁଖ ଅଛନ୍ତି। ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ସାହୁ ନିର୍ବାଚନ ଅଧିକାରୀ ବାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ସୁଧାଂଶୁ ଦାଶ ସଭାପତି, କୈଳାଶ ବିଶ୍ୱାଳ ସମ୍ପାଦକ

**ବଙ୍ଗୋମୁଣ୍ଡା ଓକିଲ ସଂଘ ନିର୍ବାଚନ**

କଣ୍ଟାବାଞ୍ଜି,୨୮।୩ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଦିନ ସିଭିଲ କୋର୍ଟ ପରିସର ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସୁଧାଂଶୁ କୁମାର ଦାଶ ସଭାପତି, କୈଳାଶ କୁମାର ବିଶ୍ୱାଳ ସମ୍ପାଦକ, ପ୍ରଦିପ କୁମାର ଶର୍ମା ଉପସଭାପତି, ହେମନ୍ତ ନାୟକ ଯୁଗ୍ମ ସମ୍ପାଦକ , ବୁଦ୍ଧଦେବ ସଗରିଆ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

### ବିକାଶ ସଭାପତି ଓ କାର୍ତ୍ତିକେଶ୍ୱର ସମ୍ପାଦକ

**ବାର୍ ସଂଘ ନିର୍ବାଚନ**

ଟିଟିଲାଗଡ,୨୮।୩(ଶରତ ମିଶ୍ର)

ଟିଟିଲାଗଡ଼ ବାର୍ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ମୋଟ ୧୬୩ ଜଣ ଆଇନଜୀବୀ ମତଦାନ ସାବ୍ୟସ୍ତ କରିଥିଲେ। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଜାରି ସୂଚନା କ୍ରମେ ପୂର୍ବ ଦୁଇ ବାର୍ ସଂଘ ସଭାପତିଙ୍କ ତୁଳନାରେ ବହୁ ଅଧିକ ଭୋଟରେ ବିକାଶ ଭୋଇ ବାର୍ ସଂଘର ସଭାପତି ଭାବରେ ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି । ସେହିପରି ପ୍ରୀତମ ପଣ୍ଡା ଦ୍ୱିତୀୟ ଥର ପାଇଁ ଉପସଭାପତି ଭାବରେ ବିଜୟୀ ହୋଇଛନ୍ତି । କୋଷାଧ୍ୟକ୍ଷ ପଦ ପାଇଁ ଅନୁଷ୍ଠିତ ନିର୍ବାଚନରେ ପୃଥ୍ୱୀରାଜ ସିଂ ବିଜୟୀ ହୋଇଛନ୍ତି। ସଂଘର ସମ୍ପାଦକ ଭାବେ କାର୍ତ୍ତିକେଶ୍ୱର ଛତର, ଯୁଗ୍ମ ସମ୍ପାଦକ ଭାବେ ପଙ୍କଜ ବାଗ ନିର୍ବାଚିତ ହୋଇଛନ୍ତି। ଏହାଛଡା କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ଆଲୋକ ନାୟକ, ଲଳିତ ତାଣ୍ଡି, ପ୍ରଦୀପ ମହାପାତ୍ର, ରାଜେନ୍ଦ୍ର ମିଶ୍ର, ମୋହନଲାଲ ଜୈନ, ରଘୁନାଥ ରଥ, ପ୍ରୀତମ ନାଗ, ସୁଧୀର ମିଶ୍ର, ଜୟରାଜ ସାହୁ, ବୀରେନ୍ଦ୍ର ବାଗ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପରିଚାଳନାରେ ସହକାରୀ ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ ବିଶି, ସୁଧାଂଶୁ ମହାନ୍ତି, କାର୍ତ୍ତିକ ମାଝୀ ପ୍ରମୁଖ ସହାୟତା କରିଥିଲେ ।

### ଶ୍ରୀରାମ ନବମୀରେ ଶୋଭାଯାତ୍ରା

ଲାଠୋର,୨୮।୩(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଶ୍ରୀରାମ ନବମୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଶତାଧିକ ମହିଳା ପୁରୁଷ ଶୁକ୍ରବାର ସନ୍ଧ୍ୟାରେ ଲାଠୋର ରାଧାକୃଷ୍ଣ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ । ସମଗ୍ର ଗ୍ରାମ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ଶୋଭାଯାତ୍ରା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା । ଏହି ଅବସରରେ ପ୍ରବୀଣ ଅଗ୍ରୱାଲ, କାଶୀନାଥ ମେହେର, ସୁଶାନ୍ତ ବେହେରା, ଦିନେଶ ମେହେର, ରାଜକୁମାର ମେହେର, ଦୀପକ ବେହେରା, ପୃଥ୍ୱିରାଜ ବୁଡେକ, ରୋହିତ ଶବରଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ରହି ସହଯୋଗ କରିଥିଲେ । ଲାଠୋର ଥାନା ଅଧିକାରୀ ଅବିନାଶ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୁତୟନ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

# ସ୍ୱପ୍ନ ଦେଖି ପରିଶ୍ରମ କଲେ ସଫଳତା ମିଳେ



ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

ଲାଠୋର,୨୮।୩(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭଇଁସାଲଙ୍କ ଅଧ୍ୟକ୍ଷତାରେ ଶନିବାର ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ଦାସ ଯୋଗଦେଇ ପାଠ ପଢ଼ିବା ସାଙ୍ଗକୁ ଉତ୍ତମ ବ୍ୟବହାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଚରିତ୍ର ଚିତ୍ରଣ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଭୁବନେଶ୍ୱର ବାରିକ ଯୋଗଦେଇ ସ୍ୱପ୍ନ ଦେଖି କଠୋର ପରିଶ୍ରମ କଲେ ସଫଳତା ମିଳେ ବୋଲି ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମୁକୁନ୍ଦଲାଲ ସାହୁ ଯୋଗଦେଇ ଭଲ ପାଠ ପଢ଼ି ବିଦ୍ୟାଳୟ ତଥା ଗାଁର ଯଶ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ବର୍ତ୍ତମାନର ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମେହେର ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜୟଦେବ ଶାଣ୍ଡେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ଅବସରରେ ଛାତ୍ରୀଛାତ୍ର ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ତେବେ ନେହା ତାଣ୍ଡିଙ୍କ ଦେଶ ଭକ୍ତି ସଙ୍ଗୀତ ଏବଂ ମାହି ତାଣ୍ଡିଙ୍କ ଗୁରୁ ଭକ୍ତି ପଂକ୍ତି ବିଶେଷ ଆକର୍ଷଣ ଥିଲା। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ଉପହାର ଦିଆଯାଇଥିଲା। ଶିକ୍ଷକ ସମୀର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଚେତାନନ୍ଦ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରବୀନ୍ଦ୍ର ସିଂ ନାଏକ, ଯୁଗୁଲେଶ୍ୱର ବାଗ, ମହାଦେବ ନାଗଙ୍କ ସହ ଅଭିଭାବକ ଆକାଶ ଗୁର୍ଲା ଓ ଲିଙ୍ଗରାଜ ସୁନା ଉପସ୍ଥିତ ରହି ସହଯୋଗ କରିଥିଲେ।

# ବଧୂହତ୍ୟା ଅଭିଯୋଗ

ଗୁଡଭେଲା,୨୮।୩(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ମହିପୁର ଗ୍ରାମର ଅନୁପମା ମହାନନ୍ଦଙ୍କୁ ତାଙ୍କ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଶନିବାର ତାଙ୍କ ବାପା ଗୋବିନ୍ଦ ନାଗ ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (୬୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବାଗଭାଡି ଗ୍ରାମର ଅନୁପମା (୨୭)ଙ୍କ ବିବାହ ଗତବର୍ଷ ମେ ମାସରେ ତୁଷୁରା ଥାନା ଅନ୍ତର୍ଗତ ମହିପୁର ଗ୍ରାମର ମଇଁଦାନଶୁଂ ମହାନନ୍ଦ(୩୦)ଙ୍କ ସହ ହୋଇଥିଲା। ତେବେ ବିବାହର କିଛି ଦିନ ପରେ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇ ଆସୁଥିଲା। ଶୁକ୍ରବାର ରାତିରେ ସେ ନିଜ ଘରେ ପଙ୍ଖାରେ ଝୁଲି ପଡିଥିଲେ। ଶାଶୁଘର ଲୋକେ ତାଙ୍କୁ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଅନୁପମାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ପଠାଇଥିଲା। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ତଦନ୍ତ ଜାରି ରହିଥିବା ତୁଷୁରା ଥାନାଧିକାରୀ ମନୋଜ ପ୍ରଧାନ ସୂଚନା ଦେଇଛନ୍ତି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଖପ୍ରାଖୋଲ/ଲାଠୋର,୨୮।୩
(ଅଭୟ ତ୍ରିପାଠୀ/ଭୁବନେଶ୍ୱର ବାରିକ)

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଖପ୍ରାଖୋଲ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଓଡ଼ିଆପାଲି ପଞ୍ଚାୟତ କପସିପାଲି ଚାଉଳବାଞ୍ଜି ଭାୟା ଗୁଣ୍ଡୁରୁପାଲି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ବୁଦ୍ଧେଶ୍ୱର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ପ୍ରକଳ୍ପ ଦ୍ୱାରା ଅନେକ ଗାଁର ଜନସାଧାରଣ ଯାତାୟାତ ସୁବିଧା ପାଇପାରିବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୪ କୋଟି ୯ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୩.୭୦ କିମି ରାସ୍ତା ହେବ ବୋଲି ଜଣାଯାଇଛି। ପରେ ବୁଢ଼ାଛାପରରୁ ଟଙ୍କପାଣି ରାସ୍ତା, ବାଞ୍ଜିପାଲିରୁ ପୁଟୁଲା ମହୁଲ ଗାଁ ରାସ୍ତା ଓ ଦାମାଇପାଲି ଆର୍ ଡି ରାସ୍ତାରୁ କେଛୋବାହାଲ ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ପାଟଣାଗଡ ଉପ ଜିଲାପାଳ ସୁନୀଲ କୁମାର ମେହେର,ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆନନ୍ଦ ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଲାଠୋର ଥାନା ଅଧିକାରୀ ଅଭିନାଶ ପଧାନ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇସାଲ ପ୍ରମୁଖ ଯୋଗ ଦେଇଥିଲେ । ଏହାଛଡା ଦଳୀୟ କାର୍ଯ୍ୟକର୍ତ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ଏସଏଚଜି ମହିଳା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମନୋଜ ବାଗ ଓ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ।

# ଦାବିରି ଗାଁରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର।

କଣ୍ଟାବାଞ୍ଜି, ୨୭।୩ (ଗୁରୁଦୟାଲ ହଂସ)

- ଅସ୍ୱାସ୍ଥ୍ୟକର ପରିବେଶରେ ସ୍କୁଲ ପରିସର
- ଗାଁ କଲ୍ୟାଣ ସମିତି ନାମକୁ ମାତ୍ର

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଁଲ ପଞ୍ଚାୟତ ଦାବିରି ଗ୍ରାମରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଦାବିରି ଗ୍ରାମରେ କୌଣସି ଡ୍ରେନେଜ ବ୍ୟବସ୍ଥା ନାହିଁ। ଏଥିପ୍ରତି ପଞ୍ଚାୟତ ତରଫରୁ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଫଳରେ ଗ୍ରାମବାସୀଙ୍କ ଦ୍ୱାରା ବ୍ୟବହୃତ ମଇଳା ପାଣି ରାସ୍ତା ଉପରେ ବୋହୁଛି। ଏପରି କି ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟ ବାଦ ପଡିନାହିଁ। ଗ୍ରାମବାସୀଙ୍କ ବ୍ୟବହୃତ ମଇଳା ପାଣି ସ୍କୁଲ ମୁଖ୍ୟ ଫାଟକ ନିକଟରେ ଜମି ରହିବା ଫଳରେ ମଶାମାଛି ବଂଶ ବୃଦ୍ଧି ପାଉଛି । ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଗାଁ କଲ୍ୟାଣ ସମିତି କିମ୍ୱା ଗ୍ରାମର ୱାର୍ଡ ମେମ୍ବର କୌଣସି ପଦକ୍ଷେପ ନ ନେବା ଦ୍ୱାରା ଖରାଦିନରେ ମଧ୍ୟ ମଇଳା ପାଣି ରାସ୍ତାରେ ବହୁଛି। ସେହିପରି ଗାଁ କେନ୍ଦ୍ରସ୍ଥଳରେ ଥିବା ପ୍ରହରୀ ମଣ୍ଡପକୁ ମଧ୍ୟ ମଇଳା ପାଣି ପଶୁଛି। ଗାଁରେ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ରହିଛି । ଗାଁର ପରିମଳ ବ୍ୟବସ୍ଥା ପାଇଁ ଗାଁ କଲ୍ୟାଣ ସମିତି ରହିଛି। ହେଲେ ସ୍ୱଚ୍ଛ ପରିବେଶ ପାଇଁ ଅନୁଦାନ ଆସୁ ନ ଥିବା କେତେଜଣ ଗ୍ରାମବାସୀ କହୁଛନ୍ତି। ଅପରପକ୍ଷେ ଅଙ୍ଗନୱାଡି (ଖ) ସେଣ୍ଟର କର୍ମୀଙ୍କୁ ପଚାରିବାରେ ଗାଁରେ ଥିବା (କ) ସେଣ୍ଟର ନାମରେ ଗାଁ କଲ୍ୟାଣ ସମିତି ରହିଛି। ନୂତନ କର୍ମୀ ହୋଇଥିବାରୁ ଅନୁଦାନ ଆସୁଛି କି ନାହିଁ ଜାଣି ନ ଥିବା ସେ କହିଥିଲେ । ସେହିପରି ଗାଁରେ ଏକ ପଞ୍ଜୀକୃତ ଯୁବକ ସଂଘ ରହିଛି। ସ୍ୱଚ୍ଛ ଭାରତ ପ୍ରତି ସଂଘର ଭୂମିକା ରହିବା ଉଚିତ୍ ବୋଲି ଗ୍ରାମର ଜଣେ ବୟୋଜ୍ୟୋଷ୍ଠ ବ୍ୟକ୍ତି କହିଛନ୍ତି ।

# ଖଣି ଖନନ ନିଲାମ ପ୍ରତ୍ୟାହାର କରାଯାଉ

ପାଟଣାଗଡ଼,୨୮।୩(ସଚ୍ଚିଦାନନ୍ଦ ମହାକୁର)

**ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ନିଲାମ ପ୍ରସଙ୍ଗ**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ପ୍ରସଙ୍ଗ ପ୍ରତ୍ୟାହାର ଦାବିରେ ଶନିବାର ଉକ୍ତ ଏନଏସି ବ୍ରହ୍ମପୁରାସ୍ଥିତ ଆଦିବାସୀ ଭବନଠାରେ ଜନମ ମାଏଟ ବଚାଓ ସଂଘର୍ଷ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରକାଶଥାଉ କି , ଏହି ଖଣି ଖନନ ହେଲେ ଅଞ୍ଚଳ ଦୂଷିତ ହେବା ସହ ଜଳବାୟୁରେ ପରିବର୍ତ୍ତନ ହେବାର ଆଶଙ୍କା ରହିଛି । ଏଥିସହିତ ବିଭିନ୍ନ ସମସ୍ୟା ଦେଖାଦେବ। ଏଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାଲେପାଲି ତଥା ଜିଲାରେ ହେବାକୁ ଥିବା ଖଣି ଖନନ ନିଲାମକୁ ପ୍ରତ୍ୟାହାର କରାଯାଉ ବୋଲି ଖବରଦାତା ସମ୍ମିଳନୀ କରି ସମିତି ପକ୍ଷରୁ ଦାବି କରାଯାଇଛି । ସମ୍ମିଳନୀରେ ଭୁବନେଶ୍ୱର କୁଅଁର, ଗିରିରାଜ ଭୋଇ, ପ୍ରକାଶ ସାହୁ, ରାମ ବରିହା ପ୍ରମୁଖ ଉପସ୍ଥିତ ଥିଲେ ।




ଆଦିବାସୀ ଭବନରେ ଖବରଦାତା ସମ୍ମିଳନୀ କରାଯାଉଛି।

# ସ୍ୱାସ୍ଥ୍ୟସେବା, ପାନୀୟ ଜଳ ସ୍ଥିତି ସମୀକ୍ଷା

ବଲାଙ୍ଗୀର,୨୮।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସ୍ୱାସ୍ଥ୍ୟସେବା ଏବଂ ଖରା ପୂର୍ବରୁ ଜିଲାର ପାନୀୟ ଜଳ ସ୍ଥିତି ସମ୍ପର୍କରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଶନିବାର ସମୀକ୍ଷା କରିଥିଲେ। ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟ, ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଲୋକେ ଦୈନନ୍ଦିନ ଭୋଗୁଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଓ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଉପସ୍ଥିତ ଥିଲେ। ଏହାସହିତ ସିଡିଏମ୍‌ଓ ଡା. ପୁଷ୍ପାଞ୍ଜଳି ମିଶ୍ର, ଏଡିଏମଓ ଡା. ପ୍ରଭାତ କୁମାର ଦାସ, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା. ବରରୁଚି ଦାସ, ପ୍ରଶାସନିକ ଅଧିକାରୀ ଜୟଶ୍ରୀ ପାଢ଼ୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ରୋଗୀଙ୍କୁ ରକ୍ତ ଦିଆଯିବା ସମସ୍ୟା, ଡାକ୍ତର ଓ କର୍ମଚାରୀ ଅଭାବଜନିତ ସମସ୍ୟା, ଡାକ୍ତର ,କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ, ଆଉଟସୋର୍ସିଂ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡଙ୍କ ଦୁର୍ବ୍ୟବହାରକୁ ନେଇ ଆଲୋଚନା ହୋଇଥିଲା। କାମ କରୁ ନ ଥିବା କର୍ମଚାରୀ ଏବଂ ଏଜେନ୍ସିଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ବିଧାୟକ ସିଂଦେଓ ସିଡିଏମ୍‌ଓ ଡା. ମିଶ୍ରଙ୍କୁ ପ୍ରଶ୍ନ କରିଥିଲେ। ରକ୍ତଭଣ୍ଡାରର ରକ୍ତ ପରିଚାଳନା ଠିକ୍ ଭାବେ ହେଉ ନ ଥିବା ଏବଂ ରୋଗୀଙ୍କୁ ଷ୍ଟ୍ରେଚର ମିଳୁ ନ ଥିବା ନେଇ ହୋଇଥିବା ଅଭିଯୋଗ ଉପରେ ସିଡିଏମଓଙ୍କୁ ପ୍ରଶ୍ନ କରିଥିଲେ। ରକ୍ତଭଣ୍ଡାରରୁ ସରକାରୀ ହସ୍ପିଟାଲକୁ ରକ୍ତ ଯୋଗାଣ ନ କରି ଘରୋଇ ଚିକିତ୍ସାଳୟକୁ ରକ୍ତଯୋଗାଣ ହେଉଥିବା ଅଭିଯୋଗ ଉପରେ ବି ପ୍ରଶ୍ନ କରିଥିଲେ। ଏହାସହିତ ସିଟି ସ୍କାନ୍ ଅସୁବିଧା, ଏମଆରଆଇ ଲଗାଇବା ଉପରେ ପଚାରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରଶ୍ନଗୁଡିକର ସଠିକ୍ ଉତ୍ତର ଦେଇପାରି ନଥିଲେ। ଆଗାମୀ ୭ ତାରିଖରେ ପୁଣି ଥରେ ସମୀକ୍ଷା କରାଯିବ ଏବଂ ସେଠାରେ ସବୁ ପ୍ରଶ୍ନର ଉତ୍ତର ଦେବାକୁ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ବିଧାୟକ ସିଂଦେଓ କହିଥିଲେ। ପରେ ପାନୀୟ ଜଳ ସଙ୍କଟ ଉପରେ ସମୀକ୍ଷା କରିଥିଲେ। ବୈଠକରେ ଦେଓଗାଁ ବ୍ଲକରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ନେଇ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି କାମ କରାଉଥିବା ଠିକା ସଂସ୍ଥାକୁ ନୋଟିସ କରିବାକୁ ବିଧାୟକ ଆରଡବ୍ଲୁଏସଏସ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ସହରର ପ୍ରତ୍ୟେକ ୱାର୍ଡର ଗଳି କନ୍ଦିରେ ଯେଭଳି ପାନୀୟ ଜଳର ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଗାଁ ଗୁଡିକରେ ଆବଶ୍ୟକ ନଳକୂଅ ଖନନ, ପାଇପ ଜଳଯୋଗାଣ ନିଶ୍ଚିତ କରିବାକୁ ବିଧାୟକ କହିଥିଲେ। ବୈଠକରେ ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଇନ୍ଦ୍ରଜିତ ସାହୁ, ଆରଡବ୍ଲୁଏସଏସ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ଗଗନ କିଶାନଙ୍କ ସହ ସହକାରୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ଭୀମଭୋଇ ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ବିଧାୟକ କଳିକେଶ ନାରାୟଣ ସିଂଦେଓ ସମୀକ୍ଷା କରୁଛନ୍ତି।

- ୧୦ ଦିନ ଭିତରେ ଉତ୍ତର ରଖିବାକୁ ନିର୍ଦ୍ଦେଶ
- ଏପ୍ରିଲ ୭ରେ ହେବ ଆଗାମୀ ସମୀକ୍ଷା ବୈଠକ

## ସଂକ୍ଷେପରେ

### ମା' ଚରଦେଇଙ୍କ ବାସନ୍ତିକ ପୂଜା ସମ୍ପନ୍ନ

ବିନିକା,୨୮।୩(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦାର ଅଧିଷ୍ଠାତ୍ରୀ ଦେବୀ ମା' ଚରଦେଇଙ୍କ ପୀଠରେ ଚାଲିଥିବା ବାସନ୍ତିକ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି । ଶେଷ ଦିନରେ ସୂର୍ଯ୍ୟପୂଜା, ପୀଠପୂଜା, ଷୋଡ଼ଶ ଉପଚାର, ସପ୍ତଚଣ୍ଡୀ ହୋମ ସହ ପୂର୍ଣ୍ଣାହୂତି ହୋଇଥିଲା। କର୍ତ୍ତାଭାବେ ଅଶୋକ ପୃଷ୍ଟି ଓ ତାଙ୍କ ପତ୍ନୀ ସଙ୍ଗୀତା, ପ୍ରଶାନ୍ତ ପୂଝାରୀ ଓ ତାଙ୍କ ପତ୍ନୀ କମଳିନୀ, ବୃହସ୍ପତି ଥନାପତି ଓ ତାଙ୍କ ପତ୍ନୀ ସବିତା, ସଦାନନ୍ଦ ଥନାପତି ଓ ତାଙ୍କ ପତ୍ନୀ ଝିନୁପମା, ଭାଗ୍ୟ ଥନାପତି ଓ ତାଙ୍କ ପତ୍ନୀ ସସ୍ମିତା, ଶ୍ରୀଧର ଥନାପତି ଓ ତାଙ୍କ ପତ୍ନୀ ସତ୍ୟବତୀ, ପଦ୍ମଚରଣ ପୂଝାରୀ ଓ ତାଙ୍କ ପତ୍ନୀ ସ୍ନିଗ୍ଧାଞ୍ଜଳି, ଡାକ୍ତର ଥନାପତି ଓ ତାଙ୍କ ପତ୍ନୀ ପ୍ରମିଳା, ସନ୍ୟାସୀ ଥନାପତି ଓ ତାଙ୍କ ପତ୍ନୀ ଦିପ୍ତିମୟୀ ଥନାପତି ଦାୟିତ୍ୱ ତୁଲାଇଥିଲେ।

### ସ୍ୱାସ୍ଥ୍ୟ ଶିବିର, ୧୩୨ ମହିଳା ଚିକିତ୍ସିତ

ବିନିକା,୨୮।୩(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହର ୫ ନଂ ୱାର୍ଡ ନୂଆବଜାରସ୍ଥିତ ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ ମହିଳାମାନଙ୍କୁ ମାଗଣା ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଭିମସାର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ବେଣୁଧର ପାଣ୍ଡେ, ଡାକ୍ତର ସ୍ୱରାଜ ନନ୍ଦିନି ପାଣ୍ଡେ ବିନିକାର ୭୭ଜଣ ଓ ସଂସାମୁରା ଓ ସୋନପୁରରେ ୫୫ ଜଣ ଏହିପରି ମୋଟ ୧୩୨ ଜଣ ମହିଳାଙ୍କୁ ଚିକିତ୍ସା ସେବା ଯୋଗୋଇ ଦେଇଥିଲେ। ଶିବିରରେ ଏଲଟିଅନନ୍ତରାମ ଷାଣ୍ଢେ, ସରକାରୀ ଓକିଲ ବୃନ୍ଦାବନ ମିଶ୍ର, ଓକିଲ ବୀରେନ୍ଦ୍ର ପୋଢ଼, ଉପଦେଷ୍ଟା କମିଟିର ପ୍ରମୋଦ ପଣ୍ଡା, ସୋମିତ୍ରୀ ପତି, ଗୌତମ ମିଶ୍ର, ଅଶୋକ ପାଣ୍ଡେ,ଅଜିତ ପୂଜାହାରୀଙ୍କ ସମେତ ସ୍ମୃତି କମିଟି ଓ ସାହିତ୍ୟ ସଂସଦ କର୍ମକର୍ତ୍ତା ଏଡି ଅବସରରେ ଉପସ୍ଥିତ ଥିଲେ।

### ଶ୍ରୀରାମ ମନ୍ଦିରର ରତ୍ନମୁଦ ଉତ୍ସବ

ଅମରପାଲି,୨୮।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଅଡ଼ାଲ ଗ୍ରାମରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ନିର୍ମିତ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ସମାପନ ହୋଇଯାଇଛି। ରତ୍ନମୁଦ ପାଇଁ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ହୋଇ ପଡ଼ିଥିଲା। ଏଥିପାଇଁ ହୋମଯଜ୍ଞ, ପୂଜା ପାଠ ହୋଇଥିଲା। ଏଥିରେ ବୃନ୍ଦାବନ କର୍ଣ୍ଣ ଓ ଶ୍ରୀମତି କର୍ଣ୍ଣ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ସୀତାରାମ ପାଢ଼ୀ ଓ ସୁବ୍ରତ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଭଗବତୀ ନାଟ୍ୟ ସଂସଦ ସଦସ୍ୟମାନେ ସହଯୋଗ କରିଥିଲେ।

### ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଉଦ୍‌ଯାପିତ

ବିନିକା, ୨୮।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହର ଦୁର୍ଗା ମନ୍ଦିରରେ ଚାଲିଥିବା ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ୯ ଦିନବ୍ୟାପି ସୂର୍ଯ୍ୟ ପୂଜା, ପୀଠପୂଜା, ଷୋଡ଼ଶ ଉପଚାର, ସପ୍ତଚଣ୍ଡୀହୋମ, ସାନ୍ଧ୍ୟା ଆଳତୀ ଆଦି ପୂଜା କରାଯାଇଥିଲା । ମା' ଦୁର୍ଗା ବିଭିନ୍ନ ବେଶରେ ମା'ଙ୍କୁ ଭକ୍ତ ଦର୍ଶନ ଦେଇଥିଲେ। ପଣ୍ଡିତ ଜୟନାରାୟଣ ପାଢୀ, ମୁଖ୍ୟ ପୂଜକ ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ, ପଣ୍ଡିତ ଟଙ୍କଧର ପାଣିଗ୍ରାହୀ, ସସ୍ମିତ କୁମାର ପୁରୋହିତ, ଦୁର୍ଗା ମନ୍ଦିର ପୂଜକ ଜନାର୍ଦ୍ଦନ ଆଚାର୍ଯ୍ୟ ଓ ବେଣୁଧର ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। ଭୀମସେନ ନାଏକ ଓ ତାଙ୍କ ସ୍ତ୍ରୀ ଧୀରା ନାଏକ ମୁଖ୍ୟକର୍ତ୍ତା, ପ୍ରଶାନ୍ତ ପୂଜାହାରୀ ଓ କମଳିନୀ ପୂଜାହାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଗନ୍ଧର୍ବ ମାହାର, ଉପସଭାପତି ଇଶ୍ୱର ମାହାଣା, ଦିଲ୍ଲୀପ ଅଗ୍ରୱାଲ, ସୁଧାଂଶୁ ଶେଖର ଦାଶ, କୋଷାଧକ୍ଷ ଭୀମସେନ ସାହୁ, ଭାରପ୍ରାପ୍ତ ପୂଜା ସମ୍ପାଦକ ନାମା ବରାଇ, ଗୋବିନ୍ଦ ମାହାଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବ୍ୟବସାୟୀଙ୍କୁ ଅଗ୍ନି ନିରାପତ୍ତା ସଚେତନତା

ସୋନପୁର,୨୮।୩(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଅଗ୍ନିଶମ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ସକାଳେ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବ୍ୟବସାୟୀଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ପୌରାଧକ୍ଷା ତାମସୀ ତାମସ୍ମିତା ନାୟକ, ଉପାଧକ୍ଷା ମଲ୍ଲିକା ଦାନୀ, ଅତିରିକ୍ତ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାଶ, ସୋନପୁର ଆଇଆଇସି ଯାଦବ ବାଗ, ସମସ୍ତ କାଉନସିଲର, ଜିଲା ବ୍ୟବସାୟୀ ସଂଘ ଧୀରେନ୍ଦ୍ର ପଟ୍ଟନାୟକ, ଗୁଣନିଧି ମେହେର, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲା ଜରୁରୀ ଶାଖା ଅଧିକାରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ଉପସ୍ଥିତ ରହି ଅଗ୍ନିକାଣ୍ଡର କାରଣ, ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ ପୂର୍ବ ସତର୍କତା, ପ୍ରତିକାର ଓ ପ୍ରତିଷେଧକମୂଳକ କାର୍ଯ୍ୟ ହାତକୁ



ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କରାଯାଉଛି।

**ପୌର ପରିଷଦ କାର୍ଯ୍ୟାଳୟରେ ମକଡ୍ରିଲ**

ନେବା ସମ୍ପର୍କରେ ବୁଝାଇ ଥିଲେ। ଅଗ୍ନିକାଣ୍ଡ ଘଟିଲେ ଅଗ୍ନି ନିର୍ବାପନ ପାଇଁ ଆଶୁ ପଦକ୍ଷେପ, ୧୧୨ ଟୋଲ ଫ୍ରି ହେଲ୍ପଲାଇନ ନମ୍ବରରେ ଅଗ୍ନିଶମ ବିଭାଗ, ଡାକ୍ତରଖାନା ଓ ପୋଲିସ ଥାନାକୁ ତୁରନ୍ତ ଜଣାଇବା, ଅଗ୍ନିକାଣ୍ଡ ସମୟରେ ଓ ଅଗ୍ନିକାଣ୍ଡ ପରେ ଉଦ୍ଧାର କାର୍ଯ୍ୟ, ପୀଡ଼ିତଙ୍କ ଚିକିତ୍ସା ଓ ଥଇଥାନ ଉପରେ ଆଲୋଚନା କରିଥିଲେ। ଅଗ୍ନିଶମ ବିଭାଗର ବିଭିନ୍ନ ଯନ୍ତ୍ରପାତି ଯଥା ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକର ପ୍ରକାର ଭେଦ, ସେଗୁଡ଼ିକର ବ୍ୟବହାର ପଦ୍ଧତି, ହାଇଡ୍ରୋଲିକ କଟର, ଧୂଆଁ ନିଷ୍କାସନ ଯନ୍ତ୍ର, ଅଗ୍ନିଶମ ଯନ୍ତ୍ରପାତିଗୁଡ଼ିକର ବ୍ୟବହାରିକ ପ୍ରଦର୍ଶନ ସହଜ କୌଶଳ ତାଲିମ ମାଧ୍ୟମରେ ଶିଖାଇବା ସହିତ ଦମକଳ ଗାଡିର ବ୍ୟବହାର ଉପରେ ସଚେତନ କରାଇଥିଲେ। ଏହି ଅବସରରେ ଅଗ୍ନିଶମ ଅଧିକାରୀ ଘର ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ମହଜୁଦ ଥିବା ଦହନୀୟ ସାମଗ୍ରୀ ଓ ପଦାର୍ଥଗୁଡ଼ିକୁ ତିନୋଟି ଶ୍ରେଣୀଭୁକ୍ତ କରିବା ସହ ଦହନୀୟ ସାମଗ୍ରୀ ନିଆଁକୁ କିପରି ନିୟନ୍ତ୍ରଣ ଓ ନିର୍ବାପନ କରାଯିବ ସେ ବିଷୟରେ ମକଡ୍ରିଲ ପ୍ରଦର୍ଶନ କରିଥିଲେ। ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ ସତର୍କତା, ପ୍ରତିକାର ଓ ପ୍ରତିଷେଧକମୂଳକ ପଦକ୍ଷେପ ସ୍ୱରୂପ ଅଗ୍ନି ନିର୍ବାପନ ସଂକ୍ରାନ୍ତୀୟ ଆବଶ୍ୟକ ଘରୋଇ ସାମଗ୍ରୀ ପାଣି, ବାଲି ଓ ଆଖିବସ୍ତା ରଖିବା ସହିତ ପ୍ରତ୍ୟେକ ଘରରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦ୍ୱାର ରଖିବା ପାଇଁ ଦେ ପରାମର୍ଶ ଦେଇଥିଲେ।

# ଜଷ୍ଟିସ ଶତ୍ରୁଘନ ପୂଜାହାରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

ବୀରମହାରାଜପୁର,୧୮।୩(ଯୁଗଳ କିଶୋର ମିଶ୍ର)

**ଓଏଚ୍‌ଆର୍‌ସି ଅଧକ୍ଷ ଭାବେ ପୁନଃନିଯୁକ୍ତି**

ଓଡ଼ିଶା ମାନବାଧିକାର କମିସନ (ଓଏଚ୍‌ଆରସି)ର ଅଧକ୍ଷ ଭାବେ ଜଷ୍ଟିସ ଶତ୍ରୁଘନ ପୂଜାହାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରାଯାଇଛି। ଏ ନେଇ ଆଇନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପରେ ଜନ୍ମସ୍ଥାନ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ୧୯୬୦ ସେପ୍ଟେମ୍ବର ୨୪ତାରିଖରେ ବୀରମହାରାଜପୁର ବ୍ଲକ ସୁବଳୟା ଗ୍ରାମରେ ଜନ୍ମିତ ଜଷ୍ଟିସ ପୂଜାହାରୀ ୧୯୭୮ ମସିହାରେ ସୁବଳୟା ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ। ବଲାଙ୍ଗୀରର ରାଜେନ୍ଦ୍ର କଲେଜରୁ ରାଜନୀତି ବିଜ୍ଞାନ ସମ୍ମାନ ସହ ସ୍ନାତକ ଡିଗ୍ରୀ, ସମ୍ବଲପୁରସ୍ଥିତ ଲାଲା ଲଜପତ ରାୟ ଆଇନ ମହାବିଦ୍ୟାଳୟରୁ ଏଲଏଲବି ପାସ କରିଥିଲେ। ୧୯୮୭ରେ ଆଇନଜୀବୀ ପେସାରେ ସେ ଯୋଗଦେଇଥିଲେ। ୨୦୨୨ ନଭେମ୍ବର ୨୩ରେ ହାଇକୋର୍ଟର ବିଚାରପତି ପଦରୁ ଜଷ୍ଟିସ ପୂଜାହାରୀ ଅବସର ପରେ ତାଙ୍କୁ ମାନବାଧିକାର କମିଶନ ଅଧକ୍ଷ ଭାବେ ନିଯୁକ୍ତି ମିଳିଥିଲା। ଗତ ଫେବୃଆରୀ ମାସରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରେ ତାଙ୍କୁ ଦ୍ୱିତୀୟ ଥର ପାଇଁ କମିସନ ଅଧକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ନବ ନିର୍ବାଚିତ ବୀରମହାରାଜପୁର ଓକିଲ ସଂଘ ସଭାପତି ଛବିଳ କୁମାର କର୍ଣ୍ଣ ଜଷ୍ଟିସ ପୂଜାହାରୀଙ୍କୁ ବୀରମହାରାଜପୁର



ଜଷ୍ଟିସ ଶତ୍ରୁଘନ ପୂଜାହାରୀ।

ଅଞ୍ଚଳର ଗର୍ବ ଓ ଗୌରବ ଓ ଆମ ପାଇଁ ପ୍ରେରଣା ଦାୟୀ ବୋଲି କହିଛନ୍ତି। ବରିଷ୍ଠ ଆଇନଜୀବୀ ତଥା ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ଜଷ୍ଟିସ ପୂଜାହାରୀଙ୍କ ଭଳି ବ୍ୟକ୍ତିଙ୍କୁ ଦ୍ୱିତୀୟ ଥର ପାଇଁ ରାଜ୍ୟ ମାନବାଧିକାର କମିଶନ ଭାବେ ନିଯୁକ୍ତି ମାନବିକ ଅଧିକାର କ୍ଷେତ୍ରରୁ ଜନ ସାଧାରଣ ଆହୁରି ତ୍ୱରିତ ନ୍ୟାୟ ପାଇବେ ବୋଲି କହିଛନ୍ତି। ସେହିପରି ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଦୟାନିଧି ହୋତା ସଭାପତି କହିଛନ୍ତି ଜଷ୍ଟିସ ପୂଜାହାରୀଙ୍କୁ ରାଜ୍ୟପାଳ ଦ୍ୱିତୀୟ ଥର ପାଇଁ ମାନବିକ ଅଧିକାର କମିଶନର ଭାବେ ନିଯୁକ୍ତ ଦେଇଥିବା ଶୁଣି ଖୁସି ଲାଗିଲା। ଏହା ବୀରମହାରାଜପୁର ବ୍ଲକ ଓ ସୁବର୍ଣ୍ଣପୁର ଜିଲା ପାଇଁ ଗୌରବର କଥା ବୋଲି କହିଛନ୍ତି।

# ଗାଁଦାଣ୍ଡରେ ଯୁବକଙ୍କୁ ପିଟି ହତ୍ୟା ଘଟଣା, ୨ ଗିରଫ

ଅମରପାଲି,୨୮।୩(ପୀତାମ୍ବର ସାହୁ)

**ହତ୍ୟା ପାଇଁ ଉସୁକାଇଥିଲେ**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ଗାଁ ଦାଣ୍ଡରେ ପିଟି ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ଶନିବାର ବାପପୁଅଙ୍କୁ ପୋଲିସ ଗିରଫ କରିଛି। ସେମାନେ ହତ୍ୟା ପାଇଁ ଅଭିଯୁକ୍ତଙ୍କୁ ଉସକାଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିଲା। ଗିରଫ ଅଭିଯୁକ୍ତ ହେଲେ ପିତାମହୁଲ ଗ୍ରାମର ନନ୍ଦକିଶୋର ମହାକୁର ଓ ତାଙ୍କ ପୁଅ ନୀଳମଣି ମହାକୁର। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଗତ ୨୫ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ସୁମନ୍ତ ରଣାଙ୍କୁ ଗାଁ ଦାଣ୍ଡରେ ପିଟି ଦୁଇ ଜଣ ଯୁବକ ହତ୍ୟା କରଥିଲେ। ଉକ୍ତ ଦିନ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ସୁମନ୍ତ ଗ୍ରାମର କେତେକ ଯୁବକଙ୍କ ସହିତ ଗାଁ ଦାଣ୍ଡରେ ବସି କଥାବାର୍ତ୍ତା ହେଉଥିଲେ। ସେହି ସମୟରେ ଗ୍ରାମର ପ୍ରାଣବନ୍ଧୁ ସାହୁ ଓ ପିଙ୍କୁ ଜେନା ସେଠାରେ ପହଞ୍ଚି ସୁମନ୍ତଙ୍କୁ ପଛପଟୁ ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୁମନ୍ତଙ୍କ ମୃତ୍ୟୁ ଘଟିଥିଲା।ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପଧାନ କହିଛନ୍ତି।

# ତରଭା ବରିଷ୍ଠ ନାଗରିକ ସଂଘ ବୈଠକ

ତରଭା, ୨୮।୩ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟ ନିର୍ବାହୀ ସଦସ୍ୟମାନଙ୍କ ଏକ ବୈଠକ ସ୍ଥାନୀୟ ଏଫଆରସିସି ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବେନ୍ଦ୍ର ବିଜୟ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ସଭାପତି ସାହୁ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସଂଘର ସଭ୍ୟଭୁକ୍ତ ହେବାପାଇଁ ଆବେଦନ କରିଥିବା ୪୪ଜଣଙ୍କ ଆବେଦନପତ୍ରକୁ ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। ନୂତନ ସଭ୍ୟ ଗ୍ରହଣ ପ୍ରକ୍ରିୟାକୁ ପରବର୍ତ୍ତୀ ବୈଠକ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁଙ୍କ ଦ୍ୱାରା ଆସନ୍ତା ୬ମାସ ପାଇଁ ପ୍ରସ୍ତୁତ କରିଥିବା କାର୍ଯ୍ୟଖସଡ଼ାକୁ ମଞ୍ଜୁରି ପ୍ରଦାନ କରାଯାଇଥିଲା। ୬୦ବର୍ଷ ହେବାପରେ ମଧ ତରଭାର ଯେଉଁ ନଗରିକମାନେ ବରିଷ୍ଠ ନାଗରିକ ପରିଚୟପତ୍ର ପାଇନାହାନ୍ତି ସେମାନଙ୍କୁ କିପରି ମିଳି ପାରିବ ସେଥିରେ ସଂଘ ସାହାଯ୍ୟ କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହିତ ବରିଷ୍ଠ ନାଗରିକଙ୍କ ପେନସନ, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ମିଳିବାରେ ସଂଘ ସାହାଯ୍ୟ କରିବ। ଆସନ୍ତା ଏପ୍ରିଲ ଶେଷ ସପ୍ତାହରେ ହେବାକୁ ଥିବା ବୈଠକରେ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ବଜେଟ ସମ୍ବନ୍ଧେ ଆଲୋଚନା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୟପ୍ରକାଶ ନାରାୟଣ ସାହୁ, ଧୀରେନ୍ଦ୍ର ବିଜୟ ସାହୁ, ଆନନ୍ଦ ପ୍ରକାଶ ଅଗ୍ରୱାଲ, ଉପେନ୍ଦ୍ର ପଣ୍ଡା, ଅକ୍ଷୟ କୁମାର ବାଘ,ରାଜକିଶୋର ସାହୁ,କ୍ଷେତ୍ରବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଛବିଳ କର୍ଣ୍ଣ ସଭାପତି, ଉମାଶଙ୍କର ପଣ୍ଡା ସମ୍ପାଦକ

ବୀରମହାରାଜପୁର,୨।୩(ଯୁଗୋଳ କିଶୋର ମିଶ୍ର)

**ବୀରମହାରାଜପୁର ଓକିଲ ସଂଘ ନିର୍ବାଚନ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଛବିଳ କୁମାର କର୍ଣ୍ଣ ସର୍ବାଧିକ ୪୧ଖଣ୍ଡ ଭୋଟ ପାଇ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ଏକ ଚର୍ତୁକଣୀୟ ପ୍ରତିଯୋଗିତାରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଧାକାନ୍ତ ବାଘଙ୍କୁ ୨୪ଖଣ୍ଡ ଭୋଟରେ ପରାଜିତ କରିଥିଲେ। ରାଧାକାନ୍ତଙ୍କୁ ୧୭ଖଣ୍ଡ ଭୋଟ ମିଳିଥିଲା। ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ହିମାଂଶୁ ସାହୁ ୧୨ ଓ ଆଶ୍ରୟ ମହାନନ୍ଦ ୩ଟି ଭୋଟ ପାଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇ ଯାଇଥିଲା। ସଂଘର ୮୧ ଜଣ ସଦସ୍ୟଙ୍କ ମଧ୍ୟରୁ ୭୪ଜଣ ମତଦାନ କରିଥିଲେ। ସେହିପରି ଉପସଭାପତିଭାବେ ସତ୍ୟ ନାରାୟଣ ପୁରୋହିତ, ସମ୍ପାଦକ ଉମା ଶଙ୍କର ପଣ୍ଡା(ଖ), ସହସମ୍ପାଦକଭାବେ ବିଭୂତି ହୋତା, କାର୍ଯ୍ୟକାରୀ ସଦସ୍ୟଭାବେ ସନ୍ତୋଷ କୁମାର ଚାନ୍ଦ, ରଞ୍ଜିତ କୁମାର ରଥ, ସଞ୍ଜିବ କୁମାର ଦେହୁରୀ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ରଥ ସୂଚନା ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ କର୍ଣ୍ଣ ଏହାପୂର୍ବରୁ ଓକିଲ ସଂଘ ସମ୍ପାଦକ ଓ ସଭାପତି ରହି ଆସିଛନ୍ତି। ସଭାପତି ଭାବେ ନିର୍ବାଚିତ ହେବା ପରେ କର୍ଣ୍ଣ ସଂଘର ବିଭିନ୍ନ ଅସୁବିଧା ଦୂର କରିବା ସହିତ ନୂତନ କୋର୍ଟ



ଛବିଳ କୁମାର କର୍ଣ୍ଣ।



ଉମା ଶଙ୍କର ପଣ୍ଡା।

କିଭଳି ଭାବରେ ଖୋଲା ଯାଇପାରିବ ତା' ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ତାଙ୍କୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇଛନ୍ତି।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ





ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

ବିନିକା, ୨୮।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଶିଶୁମନ୍ଦିର ପ୍ରାଙ୍ଗଣରେ ଶନିବାର ସନ୍ଧ୍ୟାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟୟ ପ୍ରଶିକ୍ଷଣ ମହାଅଭିଯାନ ମଣ୍ଡଳ ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁଡ଼, ସ୍ୱତନ୍ତ୍ର ଅତିଥିଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ସମ୍ମାନୀତ ଅତିଥି ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା ଯୋଗଦେଇ ସରକାରଙ୍କ ଦ୍ୱାରା ଲାଭ ପାଇଥିବା ଓ ପାଇବାକୁ ଥିବା ଯୋଜନା କେମିତି ଘରେ ଘରେ ପହଞ୍ଚିବ ତାହା ଉପରେ ହିତାଧିକାରୀଙ୍କୁ ଜଣାଇବାପାଇଁ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ଅଭିନାଶ ଗାଇଗାରିଆ ଶିବିର ପରିଚାଳନା କରିଥିବା ବେଳେ ଭୁବନେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବନର ଗଛ ପୋଷ୍ଟର ପ୍ରତିଯୋଗିତା

ସୋନପୁର,୨୮।୩(ମୃତ୍ୟୁଞ୍ଜୟ ଶତପଥୀ)

କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ଦିଗରେ କାର୍ଯ୍ୟରତ ସର୍ବଭାରତୀୟ ଅନୁଷ୍ଠାନ ଇନଟାକର ସୋନପୁର ଚାପ୍ଟର ତରଫରୁ ଜୀବନର ଗଛ ପୋଷ୍ଟର ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାହାରା ଟ୍ରଷ୍ଟ ହାଇସ୍କୁଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ହାଇସ୍କୁଲ, ଆଇଡିଏଲ ପବ୍ଲିକ ସ୍କୁଲ, ପିଏମଶ୍ରୀ ମହାରାଜା ହାଇସ୍କୁଲ, ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରୁ ୩୦ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଇନଟାକ ଦ୍ୱାରା ୭ମରୁ ୯ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ପାଇଁ ଜୀବନର ଗଛ ବିଷୟରେ ଏହି ସର୍ବଭାରତୀୟ ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜିତ କରାଯାଉଛି। ଏହା ଆମଦେଶର ଭବିଷ୍ୟତର ଦୀପବାହକ ଥିବା ଶିଶୁମାନଙ୍କୁ ସଚେତନ କରିବାରେ ସହାୟକ ହେବ ଏବଂ ଏହା ଆମର ଗର୍ବିତ ବିଶ୍ୱସ୍ତରୀୟ ମିଶନକୁ ମଧ ସହାୟତା କରିବ। ଏହା ମୂଲ୍ୟାଙ୍କନ, ଅନୁସନ୍ଧାନ ଓ ସାଂସ୍କୃତିକ ଶିକ୍ଷାର ଆତ୍ମାକୁ ପ୍ରୋତ୍ସାହନ ଦେବାକୁ ଉଦ୍ଦିଷ୍ଟ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୦୦ଜଣ କୃତୀ ପ୍ରତିଯୋଗୀଙ୍କୁ ଆଞ୍ଚଳିକସ୍ତରରେ ଏବଂ ୧୦ଜଣଙ୍କୁ ଜାତୀୟସ୍ତରରେ ପୁରସ୍କୃତ କରାଯିବ। ଏହାବ୍ୟତୀତ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତା ପରେ ଇନଟାକ ସୋନପୁର ଚାପ୍ଟରର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ତଥା କବି ସୁଶୀଲ କୁମାର ତ୍ରିପାଠୀ, ସମାଜସେବୀ ଗତିକୃଷ୍ଣ ମିଶ୍ର ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ସମ୍ବଲପୁର ମଣ୍ଡଳ ପ୍ରମୁଖ ଅଜିତ କୁମାର ମେହେର ଅତିଥିଭାବେ ଯୋଗଦେଇ ଜୀବନର ଗଛ ଉପରେ ଆଲୋଚନା କରିଥିଲେ। ଇନଟାକର ସହଆବାହକ ବନମାଳୀ ପଣ୍ଡା ସଭା ପରିଚାଳନା କରିଥିବାବେଳେ ଦେବକୀ ନନ୍ଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟଶ୍ରୀ ଗଦାଧର ବାରିକ ଏବଂ ଚିତ୍ରଶିଳ୍ପୀ ଦୁର୍ଯ୍ୟୋଧନ ମେହେର ମଞ୍ଚାସୀନ ଥିଲେ।

## ଶ୍ରୀରାମ ନବମୀର ରାମତତ୍ତ୍ୱ ଶୀର୍ଷକ ଆଲୋଚନା

ସମ୍ବଲପୁର,(ବି.ଶଙ୍କର): ସିଦ୍ଧେଶ୍ୱରୀ ଧର୍ମ ସଂସଦ ଓ ଦିବ୍ୟଦର୍ଶନ ସଂଘ ଆୟୋଜିତ ଦିବ୍ୟ ମିଳନ କାର୍ଯ୍ୟକ୍ରମ ଶନିବାର ସମ୍ବଲପୁର ସହରସ୍ଥିତ ଜ୍ଞାନ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ଗୋପିନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ହୋଇଥିଲା । ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟ ଅତିଥି, ଅଳକା ମହାପାତ୍ର ସମ୍ମାନିତ ଅତିଥି ଓ ଦିବ୍ୟ ଦର୍ଶନ ଆଞ୍ଚଳିକ ସଦସ୍ୟ ରାଜକୁମାର ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀରାମ ନବମୀର ରାମତତ୍ତ୍ୱ, ରାମ ତାରକ ମନ୍ତ୍ରର ତାତ୍ତ୍ୱିକ ବିଷୟରେ ମତବ୍ୟକ୍ତ କରିଥିଲେ । ସଂସଦ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ଭାଷଣ ଦେଇଥିଲେ । ସଭା ଶେଷରେ ସୁବର୍ଣ୍ଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅନାଲୋଚିତ ଐତିହାସିକ ତଥ୍ୟର ଗବେଷଣା ହେଉ

### କୁଦୋପାଲିର ଅନାଲୋଚିତ କାହାଣୀ ଶୀର୍ଷକ ସେମିନାର

ସମ୍ବଲପୁର,୨୮।୩(ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ୧୮୫୭ର କୁଦୋପାଲିର ଅନାଲୋଚିତ କାହାଣୀ ଶୀର୍ଷକ ଦୁଇଦିନିଆ ଜାତୀୟ ସେମିନାର ଶନିବାର ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଏବଂ ଓଡ଼ିଶା ଗବେଷଣା କେନ୍ଦ୍ର ଭୁବନେଶ୍ୱରର ମିଳିତ ଅନୁକୂଲ୍ୟ ଏବଂ ନୂଆଦିଲ୍ଲୀର ଭାରତୀୟ ଐତିହାସିକ ଗବେଷଣା ପରିଷଦ ସହଯୋଗରେ ସେମିନାର ଆୟୋଜିତ ହେଉଛି। ସ୍ୱାଧୀନତା ସଂଗ୍ରାମରେ ଅନେକ ମୁଖ୍ୟଧାରାର ଇତିହାସରେ ଅଣଦେଖା ହୋଇ ରହିଛି। ୧୮୫୭ ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲିର ଘଟଣାରେ ୫୩ ଜଣ ବିପ୍ଳବୀ ଶହୀଦ ହୋଇଥିଲେ। ପରେ ଆଉ ଚାରି ଜଣ ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା। ପ୍ରାୟତଃ ୧୮୫୭ ର ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ସହିତ ତୁଳନୀୟ ଏହି ଘଟଣା ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମର ମୂକସାକ୍ଷୀ। ତାଙ୍କ ସଂଗ୍ରାମ ୧୮୨୭ରୁ ୧୮୬୪ମସିହାରେ ତାଙ୍କ ବନ୍ଦୀତ୍ୱ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଜାରି ରହିଥିଲା। ଲୋକକଥା, କିମ୍ବଦନ୍ତୀ ଏବଂ ଅଭିଲେଖାଗାର ରେକର୍ଡ କୁଦୋପାଲିରେ ଛବିଳ ସାଏଙ୍କ ଶହୀଦ ହେବା ବିବରଣୀକୁ ପ୍ରମାଣିତ କରେ। ଏହି ଅନାଲୋଚିତ ନାୟକମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା ଏବଂ ସେମାନଙ୍କ ବଳିଦାନକୁ ଲୋକ ଲୋକଲୋଚନକୁ ଆଣିବା ସେମିନାରର ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଅତୁଲ କୁମାର ପ୍ରଧାନ ସୂଚନା ଦେଇଥିଲେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୁଦୋପାଲି ସଂଘର୍ଷର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ସମ୍ମାନୀତ ଅତିଥିଭାବେ ଲିଭିଲିଉଡ୍ ଅଲ୍ଟରନେଟିଭ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ବିତ ତ୍ରିପାଠୀ ସାମ୍ପ୍ରତିକ ପରିସ୍ଥିତରେ ଏଭଳି ଅନାଲୋଚିତ ଐତିହାସିକ ତଥ୍ୟ ଉପରେ ଗବେଷଣା ଉପରେ ପ୍ରାଥମିକତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେହିଭଳି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ମାଲେସିଆ ଉତ୍ତର ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ପ୍ରଫେସର ପତିତ ପାବନ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଅଭିଲେଖାଗାର ରେକର୍ଡଗୁଡ଼ିକୁ ଏକତ୍ରିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏପରି ଅଧିକ ଶିକ୍ଷାଗତ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡକ୍ଟର ଅତୁଲ କୁମାର ପ୍ରଧାନଙ୍କ ଦ୍ୱାରା ସମ୍ପାଦିତ ଜ୍ୱାଳା ଶୀର୍ଷକ ଏକ ସ୍ମାରକୀ ଉନ୍ମୋଚିତ ହୋଇଥିଲା। ଡକ୍ଟର ସସ୍ମିତା ରାଣୀ ଶାସିନୀ ଅତିଥି ପରିଚୟ, ଅଞ୍ଜଳି ରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଶଙ୍ଖାନନ୍ଦ ଦେହୁରୀଙ୍କ ସମେତ ଗବେଷକ ଉପସ୍ଥିତ ଥିଲେ। ସେମିନାରରେ ବିଶିଷ୍ଟ ଐତିହାସିକ ମାନଙ୍କ ଦ୍ୱାରା ଦୁଇଟି ଅଧିବେଶନରେ ୧୨ଟି ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା। ଦୀପକ ପଣ୍ଡା, ବିଭୁଦତ୍ତ ମିଶ୍ର, ଡକ୍ଟର ଧର୍ମେନ୍ଦ୍ର କୁମାର ମିଶ୍ର, ଡକ୍ଟର ଲଲାଟେନ୍ଦୁ ଦାସ ମହପାତ୍ର, ଡକ୍ଟର ପ୍ରଶାନ୍ତ ପ୍ରଧାନ, ଡକ୍ଟର ଅଜୟ ନାୟକ, ସୁନୀଲ ବିଶ୍ୱାଳ, ଡକ୍ଟର ପ୍ରଭାତ କୁମାର ମଲ୍ଲିକ, ଡକ୍ଟର ଶରତ କୁମାର ଜେନା, ଡକ୍ଟର ଜଗଦୀଶ ମିଶ୍ର, ବିଜୟା ଶର୍ମା ଏବଂ ଶ୍ରବଣ ବାଗଙ୍କ ସମେତ ବିଶିଷ୍ଟ ଐତିହାସିକ ଏବଂ ବିଦ୍ୱାନମାନେ ସେମିନାରରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ୩୫ଟି ଗବେଷଣା ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା।



ସ୍ମରଣିକା ଉନ୍ମୋଚନ ଅବସରରେ ଅତିଥି ବୃନ୍ଦ।

# ପୁଣି ଅଇଁଠୁ ସଭାପତି, ଅସିତ ସମ୍ପାଦକ ନିର୍ବାଚିତ

### କୁଚିଣ୍ଡା ଓକିଲ ସଂଘ ନିର୍ବାଚନ

କୁଚିଣ୍ଡା,୨୮।୩(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ବାର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ଅଇଁଠୁ ରାଉତ ସଭାପତ, ଅସିତ ଗଙ୍ଗଦେବ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଓକିଲ ସଂଘର ଦିଲୀପ ସାହୁ ନିର୍ବାଚନ ଅଧିକାରୀ ଓ ସଞ୍ଜୟ ମିଶ୍ର ସହ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। କେବଳ ସଭାପତି ଓ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିବା ବେଳେ ଅନ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱୀ ନଥିବାରୁ ଜଣେ ଲେଖାଏ ନାମାଙ୍କନ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା ହୋଇଥିଲା। କୁମାରେଶ ଦଶଭାୟା ଉପସଭାପତି, ସଞ୍ଜୟ ମିଶ୍ର ଯୁଗ୍ମ ସମ୍ପାଦକ, ଅଶ୍ୱିନୀ ନାୟକ ଲାଇବ୍ରେରୀ ସହସମ୍ପାଦକ, ପ୍ରଶାନ୍ତ କୁମାର ପଣ୍ଡା କୋଷାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ତୁଳାରାମ ବାଘ, ସଞ୍ଜୟ କୁମାର ବେହେରା, ଜୟନ୍ତ କୁମାର ପ୍ରଧାନ, ପ୍ରତାପ କୁମାର ପରିଡ଼ା ଓ କନକବାଳା ପଟ୍ଟନାୟକ କାର୍ଯ୍ୟକାରିଣୀ କମିଟି ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି। ପ୍ରକାଶଥାଉକି, ଗତ ନିର୍ବାଚନରେ ସଭାପତିଭାବେ ଅଇଁଠୁ ରାଉତ ଓ ସମ୍ପାଦକ ଅସିତ ଗଙ୍ଗଦେବ ନିର୍ବାଚିତ ହୋଇଥିବା ବେଳେ ଓକିଲ ସଂଘ ପୁନର୍ବାର ତାଙ୍କ ଉପରେ ଆସ୍ଥା ପ୍ରକଟ କରି ନିର୍ବାଚିତ କରିଛନ୍ତି।


ଅଇଁଠୁ ରାଉତ, ସଭାପତି


ଅସିତ ଗଙ୍ଗଦେବ, ସମ୍ପାଦକ

# ଆଧାର କାର୍ଡ ନ ଥିବାରୁ ମିଳୁନି ମୃତ୍ୟୁ ପ୍ରମାଣପତ୍ର

### ପାଠପଢ଼ା ସହ ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି ୨ ପିଲା

ସମ୍ବଲପୁର,୨୮।୩(ଭବାନୀ ଶଙ୍କର ଭୋଇ)

ବାପାଙ୍କ ମୃତ୍ୟୁ ଓ ଜନ୍ମକଲା ମା' କୁଆଡେ ଚାଲିଯିବା ପରେ ଭଉଣୀଭାଇ ବଡ ମା' ବାପାଙ୍କ ପାଖରେ ରହୁଛନ୍ତି। ହେଲେ ବାପାଙ୍କ ଆଧାର କାର୍ଡ ନଥିବାରୁ ମୃତ୍ୟୁର ଏକ ବର୍ଷେ ପରେ ବି ମୃତ୍ୟୁ ପ୍ରମାଣପତ୍ର ମିଳି ପାରୁନାହିଁ। ଫଳରେ ଆଦିବାସୀ ଛାତ୍ରାବାସରେ ରହି ପାଠ ପଢିବାରେ ଭଉଣୀଭାଇଙ୍କ ସମସ୍ୟା ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯୁଯୁମୁରା ବ୍ଲକ କବରାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତୁରୀପଡା ଗାଁରେ। ଗାଁର ଗାଙ୍ଗା ମୁଣ୍ଡାଙ୍କର ୨୦୨୫ ନଭେମ୍ବର ୧୧ରେ ପରଲୋକ ଘଟିଥିଲା। ଏହାର ୪ବର୍ଷ ପୂର୍ବରୁ ଗାଙ୍ଗାଙ୍କ ସ୍ତ୍ରୀ ଅଞ୍ଜଳି ଦୁଇପିଲାଙ୍କୁ ଛାଡି କୁଆଡେ ଚାଲି ଯାଇଛନ୍ତି। ଏହାପରଠାରୁ ୧୪ ବର୍ଷର ହେମଲତା ଏବଂ ୯ ବର୍ଷର ରିତିକ ବଡବାପା ସନ୍ତୋଷ ମୁଣ୍ଡା ଏବଂ ବଡମା' ରୀନା ମୁଣ୍ଡା ପାଖରେ ରହୁଛନ୍ତି । ହେମଲତା ଅଷ୍ଟମ ଶ୍ରେଣୀ ପରେ ପାଠ ଛାଡିଥିବା ବେଳେ ରିତିକ କବରାପାଲି ସରକାରୀ ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି। ସନ୍ତୋଷ ଏବଂ ରୀନା ମୂଲ ମଜୁରି କରି ପେଟ ପୋଷନ୍ତି। ସେଥିପାଇଁ ହେମଲତା ଓ ରିତିକଙ୍କୁ କୌଣସି ଆଦିବାସୀ ବିଦ୍ୟାଳୟ ହଷ୍ଟେଲରେ ଛାଡିବାକୁ ଚେଷ୍ଟା କରୁଛନ୍ତି। ହେଲେ ଗାଙ୍ଗାର ଆଧାରକାର୍ଡ ନ ଥିବାରୁ ତାର ମୃତ୍ୟୁ ପ୍ରମାଣପତ୍ର ମିଳିପାରୁ ନାହିଁ। ଯଦ୍ୱାରା ଉଭୟ ଭଉଣୀଭାଇ ମା'ବାପାଙ୍କୁ ହରାଇଥିଲେ ବି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଜିଲାଶିଶୁ ସୁରକ୍ଷା ଅଧିକାରୀଙ୍କୁ ଦୁଇ ପିଲାଙ୍କ ତଥ୍ୟ ସଂଗ୍ରହ କରି ଆବଶ୍ୟପ ପକ୍ଷକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁ ସୁରକ୍ଷା ସମିତିର ଏକ ଟିମ୍ ତୁରୀପଡା ପହଞ୍ଚି ଭଉଣୀଭାଇଙ୍କୁ ଭେଟିବା ସହ ସେମାନଙ୍କୁ ଶିଶୁଗୃହରେ ରଖିବା ନେଇ ବ୍ୟବସ୍ଥା କରିଛନ୍ତି।



ବିଶ୍ୱ ନାଟ୍ୟ ଦିବସରେ ମଞ୍ଚସ୍ଥ ଝଗଡା ନାଟକର ଏକ ଦୃଶ୍ୟ।

# ସମ୍ବଲପୁରରେ ପାଇପ୍ ଯୋଗେ ଘରେ ପହଞ୍ଚିବ ପିଏନ୍‌ଜି

### ପ୍ରଥମ ପର୍ଯ୍ୟାୟରେ ସହରରେ ୫ ହଜାର ସଂଯୋଗ ଲକ୍ଷ୍ୟ

ସମ୍ବଲପୁର,୨୮।୩(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁର ସମେତ ବରଗଡ଼ ଓ ଦେବଗଡ଼ ଜିଲାରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ୍) ପକ୍ଷରୁ ପାଇପ୍‌ଡ ନ୍ୟାଚୁରାଲ ଗ୍ୟାସ୍(ପିଏନ୍‌ଜି) ସେବାର ସମ୍ପ୍ରସାରଣ କରାଯାଉଛି। ସ୍ଥାନୀୟ ପିଏଚ୍‌ଡି ପଡ଼ିଆରେ ମୀନାବଜାରରେ ପିଏନ୍‌ଜି ଗ୍ରାହକ ପଞ୍ଜୀକରଣ ପାଇଁ ଏକ ଷ୍ଟଲର ଉଦ୍‌ଘାଟନୀ ଉତ୍ସବରେ ବିପିସିଏଲ୍‌ର ଟେରିଟୋରୀ ମ୍ୟାନେଜର ବିରାଜ କେଲୁସ୍କର କହିଛନ୍ତି, ପଶ୍ଚିମ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ସମ୍ବଲପୁର ସହରର ପ୍ରାୟ ୧୫୦୦ ପରିବାର ଓ ୧୬ଟି ବ୍ୟବସାୟିକ ପିଏନ୍‌ଜି ସଂଯୋଗ ଦିଆଯାଇଛି। ରେଙ୍ଗାଲି ସହିତ ସମ୍ବଲପୁର ମହାନଗର ଅନ୍ତର୍ଗତ ଅନଗୁଳିଆପଡା, ଭାଲୁପାଲି, ପ୍ରଗତିବିହାର, ଅମ୍ବିରାନଗର, ବହିଦାରନୁଆପାଲି, ବୈଦିକବିହାର, ଆଦର୍ଶ ମାର୍ଗ, ଡାଏଟ୍ ରୋଡ୍, ଜଗନ୍ନାଥ କଲୋନୀ ଓ ଦାନିପାଲି ଭଳି ଅଞ୍ଚଳ ରହିଛି। ୨ ମାସ ମଧ୍ୟରେ ପ୍ରଧାନପଡ଼ା, ଗୋପାଳମାଳ, ବରେଇପାଲି, ପୋଦାର କଲୋନୀ, ରେଳନଗର ଓ କ୍ଷେତରାଜପୁର ଆଦି ଅଞ୍ଚଳରେ ମଧ୍ୟ ଏହି ସେବା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ସହରରେ ୫ହଜାର ଘରକୁ ପିଏନ୍‌ଜି ସଂଯୋଗ ଲକ୍ଷ୍ୟ ରଖାଯାଇଛି। ପିଏନ୍‌ଜି ବ୍ୟବହାର ଦ୍ୱାରା ଗ୍ରାହକମାନେ କେବଳ ଖର୍ଚ୍ଚ କମ୍ କରୁନାହାନ୍ତି ବରଂ ଅବିରତ ଗ୍ୟାସ୍ ଯୋଗାଣ, ଘରୋଇ ଏଲ୍‌ପିଜି ସିଲିଣ୍ଡର ଅସମୟରେ ଶେଷ ହେବା ଭୟ, ବାରମ୍ବାର ବଦଳାଇବା ତଥା ଓ ବୁକିଂ ପାଇଁ ଅପେକ୍ଷା କରିବା ଭଳି ଅସୁବିଧାରୁ ଗ୍ରାହକ ମୁକ୍ତି ପାଉଥିବା କେଲୁସ୍କର କହିଛନ୍ତି। ଏଣିକି ଯେତିକି ଗ୍ୟାସ ବ୍ୟବହାର ହେବ ଗ୍ରାହକମାନଙ୍କୁ କେବଳ ସେତିକି ବିଲ୍ ଦେବାକୁ ପଡ଼ିବ। ଜରୁରୀକାଳୀନ ପରିସ୍ଥିତି ପାଇଁ କମ୍ପାନୀ ପକ୍ଷରୁ କାର୍ମିକ ଓ ରକ୍ଷଣାବେକ୍ଷଣ(ଓଏଣ୍ଡଏମ୍) ଟିମ୍ ସର୍ବଦା ପ୍ରସ୍ତୁତ ରହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀର ସେଲ୍ସ ମ୍ୟାନେଜର କୋନା ନାଗେଶ କୁମାର, ଯାନ୍ତ୍ରିକ ଅଧିକାରୀ ଶୁଭମ୍ ଶ୍ରୀବାସ୍ତବ ଓ ଜୟବ୍ରତ ନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଥାଉକି, ନୂତନ ସଂଯୋଗ ପାଇଁ ଗ୍ରାହକଙ୍କ ସୁବିଧା ଅନୁସାରେ ୩ଟି ଯୋଜନା ରହିଛି। ପଞ୍ଜିକରଣ ଓ ସିକ୍ୟୁରିଟି ଦେୟ ବାବଦକୁ ଏକକାଳୀନ ୬ହଜାର ଟଙ୍କା ଲାଗିଥାଏ। ୧୧୦୦ ଟଙ୍କା ଲେଖାଏର ୬ ଟି ସହଜ କିସ୍ତିର ବ୍ୟବସ୍ଥା ସହ ୮୮୫ ଟଙ୍କା ଓ ଦିନକୁ ୧ ଟଙ୍କା ହିସାବରେ ଦେୟ ପଇଠ କରାଯିବ। ପରେ ୨ ମାସରେ ଥରେ ବ୍ୟବହାର ହୋଇଥିବା ଗ୍ୟାସ୍‌ର ବିଲ ଦେବାକୁ ପଡ଼ିବ।


ମୀନା ବଜାରରେ ପିଏନ୍‌ଜି ଗ୍ରାହକ ପଞ୍ଜୀକରଣ ଷ୍ଟଲ୍‌କୁ ବିପିସିଏଲ୍ ଅଧିକାରୀ ବିରାଜ କେଲୁସ୍କର ଉଦ୍‌ଘାଟନ କରୁଛନ୍ତି ।

# ନାଟକର ଚାହିଦା ସବୁ କାଳରେ ରହିଛି, ରହିବ

### ନାଟ୍ୟକଳା ପରିଷଦ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

ସମ୍ବଲପୁର,୨୮।୩(ବି.ଶଙ୍କର)

ବିଶ୍ୱ ନାଟ୍ୟ ଦିବସ-୨୦୨୬ ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ଶୁକ୍ରବାର ରାତି ୯ଟାରେ ସ୍ଥାନୀୟ ଜିଲା ପ୍ରେକ୍ଷାଳୟ ତପସ୍ୱିନୀଠାରେ ପାଳିତ ହୋଇଛି। ପରିଷଦ ଉପସଭାପତି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ବିଶିଷ୍ଟ ନାଟ୍ୟ ସମୀକ୍ଷକ ମୋହନ ସାହୁ ମୁଖ୍ୟବକ୍ତା ଥିଲେ। ସେ କହିଥିଲେ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନାଟକ ହୋଇପାରିବ । ଏହାର ଅନେକ ଦୃଷ୍ଟାନ୍ତ ଆମ ଅଞ୍ଚଳରେ ରହିଛି। ସମ୍ବଲପୁରରେ ସମ୍ବଲପୁରୀ ନାଟ୍ୟ ଆନ୍ଦୋଳନ ସକାଶେ ଅର୍ଦ୍ଧଶତାବ୍ଦୀ ପୂର୍ବରୁ ପ୍ରୟାସ ଆରମ୍ଭ ହୋଇ, ପରବର୍ତ୍ତୀ ସମୟରେ ସଫଳ ହୋଇଛି । ନାଟକର ଚାହିଦା ସବୁ କାଳରେ ରହିଛି ଓ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବର୍ଷୀୟାନ ନାଟ୍ୟାଭିନେତା ମନୋରଞ୍ଜନ ସାହୁଙ୍କୁ ନାଟ୍ୟକଳା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ପରିଷଦ ସମ୍ପାଦକ ଡ.ସିଦ୍ଧାର୍ଥ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ସୁକାନ୍ତ କର ନାଟ୍ୟ ଦିବସର ବାର୍ତ୍ତା ପଠନ କରିଥିଲେ । ଉପଦେଷ୍ଟା ଶିରୀଷ ଚନ୍ଦ୍ର ପୂଜାରୀ ମାନପତ୍ର ପାଠ କରିଥିଲେ। ସହସମ୍ପାଦକ ବିରୂପାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରେ ନାଟ୍ୟଶ୍ରୀ ବିପିନ ବିହାରୀ ଦାଶଙ୍କ ରଚନା ଓ ନିର୍ଦ୍ଦେଶନାରେ କଳାକେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନାଟକ ଝଗଡା ମଞ୍ଚସ୍ଥ ହୋଇଥିଲା। ପୂର୍ବରୁ ଆୟୋଜିତ ଲଘୁ ନାଟିକା ପ୍ରତିଯୋଗିତାର ବିଚାରକ ନରେନ୍ଦ୍ର ବେହେରା ଓ ମିନାକ୍ଷୀ ସୂପକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ୱର୍ଗତ ଧରଣୀଧର ପ୍ରଧାନଙ୍କ ସ୍ମୃତିରେ ଶ୍ରେଷ୍ଠ ପାଣ୍ଡୁଲିପି, ଡ. ଶିବନାରାୟଣ ଶତପଥୀଙ୍କ ସ୍ମୃତିରେ ଶ୍ରେଷ୍ଠ ନିର୍ଦ୍ଦେଶନା ଏବଂ ପର୍ଶୁରାମ ପାଣିଗ୍ରାହୀଙ୍କ ସ୍ମୃତିରେ ଶ୍ରେଷ୍ଠ ପ୍ରଯୋଜନା ନିମନ୍ତେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପାଣ୍ଡୁଲିପିରେ ସ୍ୱସ୍ତିକ ସୌରଭ ଦାଶ, ଡ.ସତ୍ୟନାରାୟଣ ଠାକୁର ଏବଂ ବିଶ୍ୱ ରାଜହଂସ, ନିର୍ଦ୍ଦେଶନାରେ ଆଜାତ ଶେଖର ପ୍ରଧାନ, ଅଭିଷେକ ଶର୍ମା ଏବଂ ସୁଶ୍ରୀ ପାଢୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପ୍ରଯୋଜନାରେ ନାଟକ ଅଛୁତ ଜାତିର କଲବଲ ପାଇଁ ଜିଲା ଶିକ୍ଷା ଓ ତାଲିମ ଅନୁଷ୍ଠାନ, ଆରୁ କତେ ଦିନ ନାଟକ ପାଇଁ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ମାର୍ଟି ମହକ୍ ନାଟକ ପାଇଁ ଗାୟତ୍ରୀ କଲେଜ ଅଫ୍ ଫାର୍ମାସୀକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଜିଲା ଶିକ୍ଷା ଓ ତାଲିମ ଅନୁଷ୍ଠାନକୁ ଶ୍ରେଷ୍ଠ ସଙ୍ଗୀତ ସକାଶେ ପୁରସ୍କାର ପ୍ରଦାନ କରାଯାଇଥିଲା।

# କାଳବୈଶାଖୀ: ଗଛ ପଡ଼ି ଭାଙ୍ଗିଲା ଘର

ଜମନକିରା,୨୮।୩(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ତହସିଲ ଅନ୍ତର୍ଗତ ଟିକିଲିପଡ଼ା ଗାଁରେ ଶୁକ୍ରବାର କାଳବୈଶାଖୀ ଯୋଗୁ ଆମ୍ବଗଛ ଭାଙ୍ଗି ଦିବ୍ୟଶଙ୍କର ଛୁରାଙ୍କ ଘର ଉପରେ ପଡିଥିଲା। ଏଥିରେ ତାଙ୍କ ଘର ଭାଙ୍ଗି ଭିତରେ ଥିବା ଆସବାବପତ୍ର ଭାଙ୍ଗିରୁଜି ଯିବା ଏକ ମୋପେଡ ଗାଡ଼ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ସରପଞ୍ଚ ଅଜିତ କୁମାର ନାଏକ ଘଟଣାସ୍ଥଳରେ ପହଞ୍ଚି ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ରାଜସ୍ୱ ନିରୀକ୍ଷକ ବିକ୍ରମାଦିତ୍ୟ ଭୋଇ ରବିବାର ଗାଁକୁ ଯାଇ କ୍ଷୟକ୍ଷତି ଆକଳନ କରିବେ ବୋଲି କହିଛନ୍ତି।

# ସୁର ଘୁଙ୍ଗୁର ମହୋତ୍ସବ ଉଦ୍‌ଘାଟିତ

ରେଢ଼ାଖୋଲ,୨୮।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁର ଘୁଙ୍ଗୁର ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତୀକ୍ଷିତ ୨୪ତମ ରାଜ୍ୟସ୍ତରୀୟ ସୁର ଘୁଙ୍ଗୁର ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ପ୍ରଥମ ସନ୍ଧ୍ୟାରେ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥିଲା। ସନ୍ଥ କବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା କଦମ୍ବ ପଡିଆ ଭୀମ ଭୋଇ କଳା ମଣ୍ଡପ ମହୋତ୍ସବସ୍ଥଳରେ ପହଞ୍ଚି ଥିଲା। ମଞ୍ଚ ପୂଜା ଓ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଗେଶ୍ୱର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସୁର ଘୁଙ୍ଗୁର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଥମ ସନ୍ଧ୍ୟା ଲୋକଗୀତ, ଲୋକନୃତ୍ୟ ଓ ପାରମ୍ପରିକ ବାଦ୍ୟରେ ଝଙ୍କୃତ ହୋଇଥିଲା। ଉପଦେଷ୍ଟା ରଞ୍ଜିତ ଦେହୁରୀ, ସଭାପତି ସୁଶାନ୍ତ ନାଗ, ଗଜାନନ ଭେଷରା, ରଶ୍ମି ଖଡ଼ିରତ୍ନ, ରାଜେନ୍ଦ୍ର ବୈଠାରୁ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ସୁର ଘୁଙ୍ଗୁର ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସମସ୍ତେ ସମ୍ବିଧାନର ମୂଳ ଧାରଣା ଜାଣିବା ଜରୁରୀ

### ଭାରତୀୟ ସମ୍ବିଧାନ ବିଷୟରେ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୩(ଭବାନୀ ଶଙ୍କର ଭୋଇ)

ଷ୍ଟୋରି ଫର ଚେଞ୍ଜ ଓ କମ୍ୟୁନିଟି ଦ ୟୁଥ କଲେକ୍ଟିଭର ଯୁଗ୍ମ ପ୍ରୟାସରେ ଶନିବାର ସମଝୋ ତୋ କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଛାମୁଣ୍ଡା ପଞ୍ଚାୟତରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମାସୁଦ ଆଲମ ଓ ରଶ୍ମିତା କଲେତ ପରିଚାଳନା କରିଥିଲେ। ଦିଲ୍ଲୀର ସଙ୍ଗୀତ ପରିଚାଳକ ସାବିକା ଛାତ୍ରୀଛାତ୍ରମାନଙ୍କୁ ଭାରତୀୟ ସମ୍ବିଧାନ ବିଷୟରେ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ, ସମସ୍ତେ ସମ୍ବିଧାନର ମୂଳ ଧାରଣା ବିଷୟରେ ଜାଣିବା ଜରୁରୀ। କାର୍ଯ୍ୟକ୍ରମରେ ପ୍ରାୟ ୭୦ ଜଣ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମ୍ବିଧାନର ମୂଲ୍ୟବୋଧ, ଅଧିକାର ଓ କର୍ତ୍ତବ୍ୟ ବିଷୟକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଗୀତ, ଖେଳ ଓ ବିଭିନ୍ନ ସୃଜନଶୀଳ କାର୍ଯ୍ୟକଳାପ ଆୟୋଜିତ ହୋଇଥିଲ। ଗୀତ ଓ ସୃଜନଶୀଳ ପ୍ରକ୍ରିୟା ମାଧ୍ୟମରେ ସମ୍ବିଧାନକୁ ସହଜ ଭାବରେ ବୁଝିବାର ସୁଯୋଗ ମିଳିଥିବାରୁ ଏହା ସମାଜରେ ସଚେତନତା ବୃଦ୍ଧି ପାଇଁ ଚେଷ୍ଟା କରାଯାଇଥିଲା। ଏହି ଅବସରରେ ଷ୍ଟୋରି ଫର ଚେଞ୍ଜ ପକ୍ଷରୁ ସୂର୍ଯ୍ୟ ନାରାୟଣ ଦାସ, ବିଜୟ କୁମାର ନାୟକ, ବବିତା ଭୋଇ ଓ ସୁଜାତା ମେହେର ଉପସ୍ଥିତ ଥିଲେ। ସେହିପରି କମ୍ୟୁନିଟି ଦ ୟୁଥ କଲେକ୍ଟିଭ ପକ୍ଷରୁ ରାଜେଶ ମେହେର ଓ ଆକାଂକ୍ଷା ସହଭାଗୀ ହୋଇଥିଲେ।


ଭାରତୀୟ ସମ୍ବିଧାନ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ।

## ସଂକ୍ଷେପରେ

### ଡିସୁଜା ସ୍କୁଲରେ ଅଭିଭାବକ-ଶିକ୍ଷକ ସଭା

**ରାଉରକେଲା,୨୮।୩(ଦିନେଶ ମିଶ୍ର):** ଡିସୁଜା ସ୍କୁଲ ଅଡିଟୋରିୟମ୍‌ରେ ଶନିବାର ଅଭିଭାବକ ଶିକ୍ଷକ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷିକା ଜୟନ୍ତୀ ଗୁରୁୱାରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ପ୍ରଶାନ୍ତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନଙ୍କ ମାନସିକତା, ଅଭିଭାବକଙ୍କ କର୍ତ୍ତବ୍ୟ ଓ ତାଙ୍କ ଭବିଷ୍ୟତ ତଥା ଶିକ୍ଷା ସମ୍ବନ୍ଧୀୟ ଅନେକ ଦିଗ ଉପରେ ପାତ୍ର ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷିକା ମନୀଷା ନାଗ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉପପ୍ରଧାନ ଶିକ୍ଷିକା ଜୟିତାନ ନାଏକ ପରୀକ୍ଷା ନିୟମ, ବିଦ୍ୟାଳୟର କାର୍ଯ୍ୟକଳାପ ଓ ଛାତ୍ରୀଛାତ୍ରମାନଙ୍କ ଉନ୍ନତି ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ଶିକ୍ଷିକା ମୃଣାଳିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଉପଖଣ୍ଡ ମାନ୍ୟତା ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ରିଷିଡ଼ା,୨୮।୩ (ସୁଶାନ୍ତ ମଲ୍ଲିକ) :** କଳାହାଣ୍ଡି ଜିଲାର ମଦନପୁର ରାମପୁରକୁ ଉପଖଣ୍ଡ ମାନ୍ୟତା ଦେବା ପାଇଁ ଯୁବନେତା ତଥା ରାଜ ପରିବାର ସଦସ୍ୟ ନୀଳମାଧବ ସିଂଦେଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବିଭିନ୍ନ ସଂଗଠନ ତରଫରୁ ଏ ନେଇ ଦାବି ହୋଇଆସୁଛି। କିଛିମାସ ତଳେ ସମାନ ଦାବି ନେଇ ମ. ରାମପୁର ବନ୍ଦ ଡାକରା ଦିଆଯାଇଥିଲା। ସେହିପରି ଗତ ବୁଧବାର ଆଦିବାସୀ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ମ. ରାମପୁରକୁ ଉପଖଣ୍ଡ ମାନ୍ୟତା ଦେଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି।

### ସ୍ୱାସ୍ଥ୍ୟ ଶିବିର, ୧୩୨ ମହିଳା ଚିକିତ୍ସିତ

**ବିନିକା,୨୮।୩(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହର ୫ ନଂ ୱାର୍ଡ ନୂଆବଜାରସ୍ଥିତ ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ ମହିଳାମାନଙ୍କୁ ମାଗଣା ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଭିମସାର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ବେଣୁଧର ପାଣ୍ଡେ, ଡାକ୍ତର ସ୍ୱରାଜ ନନ୍ଦିନି ପାଣ୍ଡେ ବିନିକାର ୭୭ଜଣ ଓ ସଂସାମୁରା ଓ ସୋନପୁରରେ ୫୫ ଜଣ ଏହିପରି ମୋଟ ୧୩୨ ଜଣ ମହିଳାଙ୍କୁ ଚିକିତ୍ସା ସେବା ଯୋଗୋଇ ଦେଇଥିଲେ। ଶିବିରରେ ଏଲଟିଅନନ୍ତରାମ ଷାଣ୍ଡ, ସରକାରୀ ଓକିଲ ବୃନ୍ଦାବନ ମିଶ୍ର, ଓକିଲ ବୀରେନ୍ଦ୍ର ପୋଢ, ଉପଦେଷ୍ଟା କମିଟିର ପ୍ରମୋଦ ପଣ୍ଡା, ସୌମିତ୍ରୀ ପତି, ଗୌତମ ମିଶ୍ର, ଅଶୋକ ପାଣ୍ଡେ,ଅଜିତ ପୂଜାହାରୀଙ୍କ ସମେତ ସ୍ମୃତି କମିଟି ଓ ସାହିତ୍ୟ ସଂସଦ କର୍ମକର୍ତ୍ତା ଏଡି ଅବସରରେ ଉପସ୍ଥିତ ଥିଲେ।

### ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଉଦ୍‌ଯାପିତ

**ବିନିକା, ୨୮।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହର ଦୁର୍ଗା ମନ୍ଦିରରେ ଚାଲିଥିବା ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ୯ ଦିନବ୍ୟାପି ସୂର୍ଯ୍ୟ ପୂଜା, ପୀଠପୂଜା, ଷୋଡ଼ଶ ଉପଚାର, ସପ୍ତଚଣ୍ଡୀହୋମ, ସାନ୍ଧ୍ୟା ଆଳତୀ ଆଦି ପୂଜା କରାଯାଇଥିଲା। ମା' ଦୁର୍ଗା ବିଭିନ୍ନ ବେଶରେ ମା'ଙ୍କୁ ଭକ୍ତ ଦର୍ଶନ ଦେଇଥିଲେ। ପଣ୍ଡିତ ଜୟନାରାୟଣ ପାଢୀ, ମୁଖ୍ୟ ପୂଜକ ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ, ପଣ୍ଡିତ ଟଙ୍କଧର ପାଣିଗ୍ରାହୀ, ସସ୍ମିତ କୁମାର ପୁରୋହିତ, ଦୁର୍ଗା ମନ୍ଦିର ପୂଜକ ଜନାର୍ଦ୍ଦନ ଆଚାର୍ଯ୍ୟ ଓ ବେଣୁଧର ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। ଭୀମସେନ ନାଏକ ଓ ତାଙ୍କ ସ୍ତ୍ରୀ ଧୀରା ନାଏକ ମୁଖ୍ୟକର୍ତ୍ତା, ପ୍ରଶାନ୍ତ ପୂଜାହାରୀ ଓ କମଳିନୀ ପୂଜାହାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଗନ୍ଧର୍ବ ମାହାର, ଉପସଭାପତି ଇଶ୍ୱର ମାହାଣା, ଦିଲ୍ଲୀପ ଅଗ୍ରୱାଲ, ସୁଧାଂଶୁ ଶେଖର ଦାଶ, କୋଷାଧକ୍ଷ ଭୀମସେନ ସାହୁ, ଭାରପ୍ରାପ୍ତ ପୂଜା ସମ୍ପାଦକ ନାମା ବରାଇ, ଗୋବିନ୍ଦ ମାହାଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଆରଏସ୍‌ପି କର୍ମଚାରୀମାନେ ଇସ୍ପାତ ହାଟରେ ସଫେଇ କରୁଛନ୍ତି।

# ଇସ୍ପାତ ହାଟରେ ସ୍ୱଚ୍ଛତା ଅଭିଯାନ

**ରାଉରକେଲା,୨୮।୩ (ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଟାଉନ୍ ଇଞ୍ଜିନିୟରିଂ-ଜନ ସ୍ୱାସ୍ଥ୍ୟ ଦଳ ପକ୍ଷରୁ ସେକ୍ଟର-୧୯ ସ୍ଥିତ ଇସ୍ପାତ ହାଟ (ମୁଣ୍ଡା ମାର୍କେଟ୍)ରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ୟସ୍ତବହୁଳ ବଜାର ଅଞ୍ଚଳରେ ଉନ୍ନତ ପରିମଳ ଏବଂ ପରିଚ୍ଛନ୍ନତାର ଆବଶ୍ୟକତାକୁ ବିଚାର କରି ଏହି ଦଳ ଦ୍ୱାରା ପ୍ରଥମେ ସ୍ଥାନ ଚିହ୍ନଟ କରାଯାଇଥିଲା। ଅଭିଯାନ ପୂର୍ବରୁ ଜନସ୍ୱାସ୍ଥ୍ୟ ଦଳ ଦୋକାନୀ, ପନିପରିବା ବିକ୍ରେତା ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ କରି ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ସଠିକ୍ ଆବର୍ଜନା ନିଷ୍କାସନର ଗୁରୁତ୍ୱ ବିଷୟରେ ସଚେତନ କରିଥିଲା। ପରେ ଜମା ହୋଇଥିବା ଆବର୍ଜନା ଏବଂ ଆବର୍ଜନା ଅପସାରଣ ପାଇଁ ଜେସିବି ସମେତ ଭାରୀ ଯନ୍ତ୍ରପାତି ସାହାଯ୍ୟରେ ବଜାରର ପ୍ରମୁଖ ଅଞ୍ଚଳଗୁଡ଼ିକର ସଫେଇ କରାଯାଇଥିଲା। ସେହିପରି ପରଦିନ ପ୍ରାୟ ୩୦ଟି ସ୍ୱଚ୍ଛତା ସ୍ୱାଭିମାନ ଦଳର ସକ୍ରିୟ ଅଂଶଗ୍ରହଣରେ ଏକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ଟିଇ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ. ଜୋଜୋ, ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଥ, ଟିଏସ୍ ଓ ସିଏସ୍‌ଆର ବିଭାଗର ସିଜିଏମ ଟି. ଜି. କାନେକର ନେତୃତ୍ୱ ନେଇଥିଲେ। ସହର ସେବା ବିଭାଗର କର୍ମଚାରୀମାନେ ବଜାରର ବିଭିନ୍ନ ଅଂଶରେ ସାମୂହିକ ସଫେଇ କରିଥିଲେ। (ଟିଇ-ପିଏଚ୍) ବିଭାଗର ଡେପୁଟି ଚିଫ୍ ମେଡିକାଲ୍ ଅଫିସର ଡକ୍ଟର ଦୀପା ଲାଭାଙ୍ଗରେ ଏବଂ ସହାୟକ ପ୍ରବନ୍ଧକ ରସାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭାଗବତ ଅଗଣାର ଚତୁର୍ଥ ବାର୍ଷିକୋତ୍ସବ

**ରାଉରକେଲା,୨୮।୩ (ବିପ୍ଳବ ରଞ୍ଜନ ଦାଶ)**

ବରଟୋଲିର ଶ୍ରୀ ଶ୍ରୀ ରାମେଶ୍ୱର ବାଟିକାରେ ଭାଗବତ ଅଗଣାର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବରଟୋଲି ସାଂସ୍କୃତିକ ପରିଷଦ ସଭାପତି ରମାକାନ୍ତ ସୁତାର ଓ ଭାଗବତ ଅଗଣା ସଭାପତି ସୁପ୍ରଭା ଆଚାର୍ଯ୍ୟଙ୍କ ଆବାହକତ୍ୱ ତଥା ଚନ୍ଦ୍ରକାନ୍ତ ପରିଡାଙ୍କ ମଞ୍ଚ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟିର ଏସ୍. ଏ. ଏସ୍. ଅଫିସର ନଳିନୀ ନିହାର ନାୟକ ମୁଖ୍ୟ ଅତିଥି ଓ ସେକ୍ଟର-୭ ଇସ୍ପାତ ନଗରୀ ଶାଖା ଦିବ୍ୟ ଜୀବନ ସଂଘର ଟ୍ରଷ୍ଟି ରାମକୃଷ୍ଣ ତ୍ରିପାଠୀ ମୁଖ୍ୟବକ୍ତା, ପ୍ରାକ୍ତନ ବିଧାୟକ ଶଙ୍କର ଓରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ରାମନାମର ମହତ୍ତ୍ୱ, କାଳିଦାସଙ୍କ ସର୍ଜନା ଓ ଭାଗବତ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିରେ ଭାଗବତର ମହତ୍ତ୍ୱ ସମ୍ପର୍କରେ ଆଲୋଚନାଚକ୍ର ରାମେଶ୍ୱର ବାଟିକାର ମୁଖ୍ୟ ଅକ୍ଷୟ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଅବସରରେ ବରଟୋଲି ଅଞ୍ଚଳର ବରିଷ୍ଠ ନାଗରିକ ନରେନ୍ଦ୍ର ନାଥ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଧାକୃଷ୍ଣଙ୍କ ହୋଲି, ଶ୍ରୀରାମଙ୍କ ବନବାସ ଓ ଉତ୍କଳୀୟ ସଂସ୍କୃତି ପରମ୍ପରା ଉପରେ ନୃତ୍ୟ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଗାଁଦାଣ୍ଡରେ ଯୁବକଙ୍କୁ ପିଟି ହତ୍ୟା ଘଟଣା, ୨ଗିରଫ

**ଅମରପାଲି,୨୮।୩(ପୀତାମ୍ବର ସାହୁ)**

**ହତ୍ୟା ପାଇଁ ଉସୁକାଇଥିଲେ**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ଗାଁ ଦାଣ୍ଡରେ ପିଟି ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ଶନିବାର ବାପପୁଅଙ୍କୁ ପୋଲିସ ଗିରଫ କରିଛି। ସେମାନେ ହତ୍ୟା ପାଇଁ ଅଭିଯୁକ୍ତଙ୍କୁ ଉସକାଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିଲା। ଗିରଫ ଅଭିଯୁକ୍ତ ହେଲେ ପିତାମହୁଲ ଗ୍ରାମର ନନ୍ଦକିଶୋର ମହାକୁର ଓ ତାଙ୍କ ପୁଅ ନୀଳମଣି ମହାକୁର। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଗତ ୨୫ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ସୁମନ୍ତ ରଣାଙ୍କୁ ଗାଁ ଦାଣ୍ଡରେ ପିଟି ଦୁଇ ଜଣ ଯୁବକ ହତ୍ୟା କରଥିଲେ। ଉକ୍ତ ଦିନ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ସୁମନ୍ତ ଗ୍ରାମର କେତେକ ଯୁବକଙ୍କ ସହିତ ଗାଁ ଦାଣ୍ଡରେ ବସି କଥାବାର୍ତ୍ତା ହେଉଥିଲେ। ସେହି ସମୟରେ ଗ୍ରାମର ପ୍ରାଣବନ୍ଧୁ ସାହୁ ଓ ପିଙ୍କୁ ଜେନା ସେଠାରେ ପହଞ୍ଚି ସୁମନ୍ତଙ୍କୁ ପଛପଟୁ ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୁମନ୍ତଙ୍କ ମୃତ୍ୟୁ ଘଟିଥିଲା।ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପଧାନ କହିଛନ୍ତି।

## ଶ୍ରୀରାମ ମନ୍ଦିରର ରତ୍ନମୁଦ ଉତ୍ସବ

**ଅମରପାଲି,୨୮।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଅଡ଼ାଲ ଗ୍ରାମରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ନିର୍ମିତ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ସମାପନ ହୋଇଯାଇଛି। ରତ୍ନମୁଦ ପାଇଁ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ହୋଇ ପଡ଼ିଥିଲା। ଏଥିପାଇଁ ହୋମଯଜ୍ଞ, ପୂଜା ପାଠ ହୋଇଥିଲା। ଏଥିରେ ବୃନ୍ଦାବନ କର୍ଣ୍ଣ ଓ ଶ୍ରୀମତି କର୍ଣ୍ଣ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ପୂଜକ ସୀତାରାମ ପାଢ଼ୀ ଓ ସୁବ୍ରତ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଭଗବତୀ ନାଟ୍ୟ ସଂସଦ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା' ଚରଦେଇଙ୍କ ବାସନ୍ତିକ ପୂଜା ସମ୍ପନ୍ନ

**ବିନିକା,୨୮।୩(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦାର ଅଧିଷ୍ଠାତ୍ରୀ ଦେବୀ ମା' ଚରଦେଇଙ୍କ ପୀଠରେ ଚାଲିଥିବା ବାସନ୍ତିକ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି । ଶେଷ ଦିନରେ ସୂର୍ଯ୍ୟପୂଜା, ପୀଠପୂଜା, ଷୋଡ଼ଶ ଉପଚାର, ସପ୍ତଚଣ୍ଡୀ ହୋମ ସହ ପୂର୍ଣ୍ଣାହୁତି ହୋଇଥିଲା। ମହାଯଜ୍ଞରେ ୯ ଦମ୍ପତି କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ।

# ସଦାନନ୍ଦ ସଭାପତି, ଦେବାନନ୍ଦ ସମ୍ପାଦକ ନିର୍ବାଚିତ

**ରାଉରକେଲା ଓକିଲ ସଂଘ ନିର୍ବାଚନ**

**ରାଉରକେଲା,୨୮।୩(ସଙ୍ଗୀତା ଜେନା)**

ରାଉରକେଲା ଓକିଲ ସଂଘ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଛି। ରାଉରକେଲା ଓକିଲ ସଂଘର ସମୁଦାୟ ୮୪୯ ଭୋଟରଙ୍କ ମଧ୍ୟରୁ ୬୩୪ ଜଣ ବିରଜାପାଲି ସ୍ଥିତି ସଂଘ କାର୍ଯ୍ୟାଳୟରେ ମତ ସାବ୍ୟସ୍ତ କରିଥିଲେ। ସକାଳ ୭ଟା ୩୦ ମିନିଟରେ ଭୋଟଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଅପରାହ୍ନ ୪ଟାରେ ଭୋଟ ଗଣତି ହୋଇ ସନ୍ଧ୍ୟା ସୁଦ୍ଧା ବୃତ୍ତାନ୍ତ ଫଳାଫଳ ଘୋଷଣା କରାଯାଇଥିଲା। ମୁଖ୍ୟ ନିବାଚନ ଅଧିକାରୀ ସରୋଜ ନାରାୟଣ ମହାପାତ୍ର ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ। ଏହି ନିର୍ବାଚନରେ ସଦାନନ୍ଦ ସାହୁ ଲଗାତର ହ୍ୟାଟ୍ରିକ ବିଜୟ ହାସଲ କରିଛନ୍ତି। ସେହିପରି ଉପ ସଭାପତି ପଦରେ ରାଜକିଶୋର ପ୍ରଧାନ ପୂର୍ବରୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଲଗାତର ହ୍ୟାଟ୍ରିକ ବିଜୟୀ ହୋଇଥିଲେ। ସମ୍ପାଦକ ଭାବେ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଭାବେ ଶାନ୍ତନୁ କୁମାର ଦାସ ଏବଂ ଲାଇବ୍ରେରୀ ସମ୍ପାଦକ ଭାବେ ଶ୍ରୀନିବାସ ପଣ୍ଡା ବିଜୟୀ ହୋଇଛନ୍ତି। ପୂର୍ବରୁ କୋଷାଧକ୍ଷ ଭାବେ ଅକ୍ଷୟ କୁମାର ସିଂହଦେଓ, ଏଏସ୍‌ଏମ୍ ସମ୍ପାଦକ ତାପସ ପରିଡ଼ା, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମହେଶ୍ୱର ପୁରଣ, ବନ୍ଦନା ପଣ୍ଡା, ଋଷି ଶେଖର ମହନ୍ତ, ଅଭିଷେକ ସିଂହ, ସୁମିତା ନନ୍ଦ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

## ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍, ଲୋକେ ଭୟଭୀତ

**ଜୁନାଗଡ଼,୨୮।୩(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଖଳିଆପାଲି ଛକ ବୁଲାଣିଠାରେ ଶନିବାର ସନ୍ଧ୍ୟାରେ ଏକ କେମିକାଲ ବୋଝେଇ ଟ୍ୟାଙ୍କରରୁ ହଠାତ୍ ଗ୍ୟାସ ଲିକ୍ ହୋଇଥିଲା। ଏହା ଜାଣିପାରି ଚାଳକ ଟ୍ୟାଙ୍କରକୁ ସେଠାରେ ଅଟକାଇଥିଲେ।ଏହିସମୟରେ ଟ୍ୟାଙ୍କରରୁ ବହୁ ପରିମାଣରେ ଗ୍ୟାସ୍ ନିର୍ଗତ ହେଉଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଏହି ଟ୍ୟାଙ୍କରଟି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମଠାରୁ ଲୁହା ସଫା କରିବା କେମିକାଲ ଧରି ରାୟପୁର ଯାଉଥିଲା। ଖବର ପାଇ ଜୁନାଗଡ଼ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟ ଏକ ଟ୍ୟାଙ୍କର ଆସି ଲିକେଜ ହେଉଥିବା ଟ୍ୟାଙ୍କର କେମିକାଲକୁ ସ୍ଥାନାନ୍ତର କରୁଥିବା ଜଣାପଡ଼ିଛି।



ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେଉଛି।

## ମା' ଠାକୁରାଣୀଙ୍କ ଚୈତ୍ର ଯାତ୍ରା

**ଥୁଆମୂଳ ରାମପୁର, ୨୮।୩ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ବ୍ଲକ ସଦର ତାଲବନ୍ଦ ପଡ଼ାଠାରେ ମା' ଠାକୁରାଣୀଙ୍କ ଚୈତ୍ର ଯାତ୍ରା ବା ଘଣ୍ଟ ଯାତ୍ରାର ଶନିବାର ପଞ୍ଚମ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଦୁର୍ଗା ପରିବାର ପକ୍ଷରୁ ମା'ଙ୍କ ପବିତ୍ର ଘଣ୍ଟକୁ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ଘଣ୍ଟ ଦୁର୍ଗା ପରିବାରରେ ପହଞ୍ଚିବା ପରେ ପୂଜକ ଡମ୍ବରୁଧର ପୂଜାରୀଙ୍କ ଦେହରେ କାଳିସୀ ଲାଗି ହୋଇଥିଲା। ପୂର୍ବ ପରମ୍ପରା ରକ୍ଷା କରି ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଶସ୍ୟ ଓ ଧାନ ଦ୍ୱାରା ନିର୍ମିତ 'ଧାନ ପୁଞ୍ଜି' ଉପରେ ମା'ଙ୍କ ଘଣ୍ଟକୁ ସ୍ଥାପନ କରାଯାଇଥିଲା। ଏହି ସମୟରେ ପରିବାରର ଅନେକ କାଳିସୀଙ୍କ ଦେହରେ ଦେବତା ପ୍ରବେଶ କରିଥିଲେ ଏବଂ ସମସ୍ତେ ଗୋଟିଏ ପରେ ଗୋଟିଏ କଣ୍ଟା ଦୋଳିରେ ଝୁଲି ଦର୍ଶକଙ୍କୁ ଦର୍ଶନ ଦେଇଥିଲେ। ଏଥିରେ ଦୁର୍ଗା ପରିବାରର ପୂଜକ ଜଗତରାମ ଦୁର୍ଗା, ରାମେଶ୍ୱର ଦୁର୍ଗା, ଅଜିତ କୁମାର ଦୁର୍ଗା, ଗୌତମ ଦୁର୍ଗା, ଚୈତନ୍ୟ ଦୁର୍ଗା ପ୍ରମୁଖ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମା'ଙ୍କ ଘଣ୍ଟ ସହ ପୂଜକ ଯୁବକଲାଲ ପରିଛା, ପ୍ରହ୍ଲାଦ ପୂଜାରୀ, ବିଷ୍ଣୁ ପୂଜାରୀ ଉପସ୍ଥିତ ଥିଲେ। ମାନସିକ ପୂରଣ ପାଇଁ ବହୁ ଶ୍ରଦ୍ଧାଳୁ କୁକୁଡ଼ା, ପାରା, ନଡ଼ିଆ ଓ ହଳଦୀ ଆଦି ଅର୍ପଣ କରିଥିଲେ।

# ଛବିଳ କର୍ଣ୍ଣ ସଭାପତି, ଉମାଶଙ୍କର ପଣ୍ଡା ସମ୍ପାଦକ

**ବୀରମହାରାଜପୁର,୨।୩(ଯୁଗୋଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଛବିଳ କୁମାର କର୍ଣ୍ଣ ସର୍ବାଧିକ ୪୧ଖଣ୍ଡ ଭୋଟ ପାଇ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ଏକ ଚର୍ତୁକଣୀୟ ପ୍ରତିଯୋଗିତାରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଧାକାନ୍ତ ବାଘଙ୍କୁ ୨୪ଖଣ୍ଡ ଭୋଟରେ ପରାଜିତ କରିଥିଲେ। ରାଧାକାନ୍ତଙ୍କୁ ୧୭ଖଣ୍ଡ ଭୋଟ ମିଳିଥିଲା। ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ହିମାଂଶୁ ସାହୁ ୧୨ ଓ ଆଶ୍ରୟ ମହାନନ୍ଦ ୩ଟି ଭୋଟ ପାଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇ ଯାଇଥିଲା। ସଂଘର ୮୧ ଜଣ ସଦସ୍ୟଙ୍କ ମଧ୍ୟରୁ ୭୪ଜଣ ମତଦାନ କରିଥିଲେ। ସେହିପରି ଉପସଭାପତିଭାବେ ସତ୍ୟ ନାରାୟଣ ପୁରୋହିତ, ସମ୍ପାଦକ ଉମା ଶଙ୍କର ପଣ୍ଡା(ଖ), ସହସମ୍ପାଦକଭାବେ ବିଭୂତି ହୋତା, କାର୍ଯ୍ୟକାରୀ ସଦସ୍ୟଭାବେ ସନ୍ତୋଷ କୁମାର ଚାନ୍ଦ, ରଞ୍ଜିତ କୁମାର ରଥ, ସଞ୍ଜିବ କୁମାର ଦେହୁରୀ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ରଥ ସୂଚନା ଦେଇଛନ୍ତି। କର୍ଣ୍ଣ ଏହା ପୂର୍ବରୁ ଓକିଲ ସଂଘ ସମ୍ପାଦକ ଓ ସଭାପତି ରହିଆସିଛନ୍ତି।

# ବସ୍ତିବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ଶିବିରରେ ଉପସ୍ଥିତ ଡାକ୍ତର ଏବଂ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା।

**ରାଉରକେଲା,୨୮।୩ (ବିପ୍ଳବ ରଞ୍ଜନ ଦାଶ)**

ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ସେକ୍ଟର-୭ସ୍ଥିତ ବୀର ସୁରେନ୍ଦ୍ର ସାଏ ପଲ୍ଲୀ ବସ୍ତିରେ ଶନିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ହାଇଟେକ୍ ମେଡିକାଲ୍ କଲେଜର ଡାକ୍ତର ଅନନ୍ତ ଗୋଏଲ, ଡାକ୍ତର ଅମରଜିତ ସାର୍ଥକ ସାହୁ, ଡାକ୍ତର ରୋଶନ ସାହୁ, ଡାକ୍ତର ଅମ୍ରିତାଂଶୁ ପଡିଆରୀ ପ୍ରମୁଖ ଯୋଗଦେଇ ବସ୍ତିବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ଲୋକ ଏହାର ସୁବିଧା ନେଇଥିବା ବେଳେ ପ୍ରାୟ ୩୫ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ହାଇଟେକ୍ ମେଡିକାଲ୍‌କୁ ରେଫର କରାଯାଇଥିଲା। ସେହିପରି ପ୍ରାୟ ୧୦୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ନିଃଶୁଳ୍କ ଚଷମା ବଣ୍ଟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୧୫ ଜଣଙ୍କ ମୋତିଆବିନ୍ଦୁ ପରୀକ୍ଷା ପାଇଁ ପଠାଯାଇଥିଲା। ଶର୍ମିଳା ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ଅଧକ୍ଷା ଦୀପ୍ତି ସୁନ୍ଦରାୟ, ଲିନା ତ୍ରିପାଠୀ, ଗ୍ରେସି ଡେଭିଡ, ବିଜୟ ସୁନ୍ଦରାୟ, ଶୁଭଶ୍ରୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କୁ ଅଗ୍ନି ନିରାପତ୍ତା ସଚେତନତା

**ସୋନପୁର,୨୮।୩(ମୃତ୍ୟୁଞ୍ଜୟ ଶତପଥୀ)**

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଅଗ୍ନିଶମ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ସକାଳେ ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅଗ୍ନି ନିରାପତ୍ତା ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବ୍ୟବସାୟୀଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ପୌରାଧକ୍ଷା ତାମସୀ ତାମସ୍ମିତା ନାୟକ, ଉପାଧକ୍ଷା ମଲ୍ଲିକା ଦାନୀ, ଅତିରିକ୍ତ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାଶ, ସୋନପୁର ଆଇଆଇସି ଯାଦବ ବାଗ, ସମସ୍ତ କାଉନସିଲର, ଜିଲା ବ୍ୟବସାୟୀ ସଂଘ ଧୀରେନ୍ଦ୍ର ପଟ୍ଟନାୟକ, ଗୁଣନିଧି ମେହେର, ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲା ଜରୁରୀ ଶାଖା ଅଧିକାରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ ଉପସ୍ଥିତ ରହି ଅଗ୍ନିକାଣ୍ଡର କାରଣ, ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ ପୂର୍ବ ସତର୍କତା, ପ୍ରତିକାର ଓ ପ୍ରତିଷେଧକମୂଳକ କାର୍ଯ୍ୟ ହାତକୁ ନେବା ସମ୍ପର୍କରେ ବୁଝାଇ ଥିଲେ। ଅଗ୍ନିକାଣ୍ଡ ଘଟିଲେ ଅଗ୍ନି ନିର୍ବାପନ ପାଇଁ ଆଶୁ ପଦକ୍ଷେପ, ୧୧୨ ଟୋଲ ଫ୍ରି ହେଲ୍ପଲାଇନ ନମ୍ବରରେ ଅଗ୍ନିଶମ ବିଭାଗ, ଡାକ୍ତରଖାନା ଓ ପୋଲିସ ଥାନାକୁ ତୁରନ୍ତ ଜଣାଇବା, ଅଗ୍ନିକାଣ୍ଡ ସମୟରେ ଓ ଅଗ୍ନିକାଣ୍ଡ ପରେ ଉଦ୍ଧାର କାର୍ଯ୍ୟ, ପୀଡ଼ିତଙ୍କ ଚିକିତ୍ସା ଓ ଥଇଥାନ ଉପରେ ଆଲୋଚନା କରିଥିଲେ। ଅଗ୍ନିଶମ ବିଭାଗର ବିଭିନ୍ନ ଯନ୍ତ୍ରପାତି ଯଥା ଅଗ୍ନି ନିର୍ବାପକ ଯନ୍ତ୍ରଗୁଡିକର ପ୍ରକାର ଭେଦ, ସେଗୁଡ଼ିକର ବ୍ୟବହାର ପଦ୍ଧତି, ହାଇଡ୍ରୋଲିକ କଟର, ଧୂଆଁ ନିଷ୍କାସନ ଯନ୍ତ୍ର, ଅଗ୍ନିଶମ ଯନ୍ତ୍ରପାତିଗୁଡ଼ିକର ବ୍ୟବହାରିକ ପ୍ରଦର୍ଶନ ସହଜ କୌଶଳ ତାଲିମ ମାଧ୍ୟମରେ ଶିଖାଇବା ସହିତ ଦମକଳ ଗାଡିର ବ୍ୟବହାର ଉପରେ ସଚେତନ କରାଇଥିଲେ। ଏହି ଅବସରରେ ଅଗ୍ନିଶମ ଅଧିକାରୀ ଘର ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ମହଜୁଦ ଥିବା ଦହନୀୟ ସାମଗ୍ରୀ ଓ ପଦାର୍ଥଗୁଡିକୁ ତିନୋଟି ଶ୍ରେଣୀଭୁକ୍ତ କରିବା ସହ ଦହନୀୟ ସାମଗ୍ରୀ ନିଆଁକୁ କିପରି ନିୟନ୍ତ୍ରଣ ଓ ନିର୍ବାପନ କରାଯିବ ସେ ବିଷୟରେ ମକଡ୍ରିଲ ପ୍ରଦର୍ଶନ କରିଥିଲେ। ଅଗ୍ନିକାଣ୍ଡରୁ ରକ୍ଷା ପାଇବା ପାଇଁ ସତର୍କତା, ପ୍ରତିକାର ଓ ପ୍ରତିଷେଧକମୂଳକ ପଦକ୍ଷେପ ସ୍ୱରୂପ ଅଗ୍ନି ନିର୍ବାପନ ସଂକ୍ରାନ୍ତୀୟ ଆବଶ୍ୟକ ଘରୋଇ ସାମଗ୍ରୀ ପାଣି, ବାଲି ଓ ଆଖିବସ୍ତା ରଖିବା ସହିତ ପ୍ରତ୍ୟେକ ଘରରେ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦ୍ୱାର ରଖିବା ପାଇଁ ଦେ ପରାମର୍ଶ ଦେଇଥିଲେ।



ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ କରାଯାଉଛି।

**ରାମଲୀଳା: ତାଡ଼କା ବଧ, ସୀତା ବିବାହ**

ବାଉଁଶୁଣୀ,(ଦେବାଶିଷ ନେପାକ): ବାଉଁଶୁଣୀ ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟାନୁଷ୍ଠାନ ପକ୍ଷରୁ ଶନିବାର ରାମଲୀଳା ଅନୁଷ୍ଠିତ ହୋଇଛି। ନାଟ୍ୟାଭିନୟରେ ଋଷି ବିଶ୍ୱାମିତ୍ର ରାମ ଓ ଲକ୍ଷ୍ମଣଙ୍କୁ ନେଇ ଯଜ୍ଞ ରକ୍ଷା କରିଥିଲେ। ବାଟରେ ତାଡକା ଓ ସୁବାହୁକୁ ନିଧନ କରି ମିଥିଳା ଯାତ୍ରା କରିଥିଲେ। ମିଥିଳାରେ ଶିବ ଧନୁ ଭଗ୍ନ କରି ସୀତାଙ୍କୁ ବିବାହ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ବାଟରେ ପର୍ଶୁରାମଙ୍କ ସହିତ ରାମଲକ୍ଷଣଙ୍କ ଭେଟ ହୋଇଥିଲା। ଶ୍ରୀରାମ ପର୍ଶୁରାମଙ୍କ ଗର୍ବଗଞ୍ଜନ କରି ଅଯୋଧ୍ୟା ଫେରିଥିଲେ। ରାମ ଭୂମିକାରେ ଶମ୍ଭୁ, ଲକ୍ଷ୍ମଣ ଗିରିଶ, ସୀତା ପିତାମ୍ବର ମେହେର, ଜନକ ଟୁକୁନ, ଦଶରଥ ଭୂମିକାରେ ରୋହିତ ମେହେର ଅଭିନୟ କରିଥିଲେ। ଏହି ନାଟକ ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

## ସଂକ୍ଷେପରେ

### ଯୁବକଙ୍କୁ ଛୁରାମାଡ଼ ଘଟଣା, ୨ ଗିରଫ

ଡୁଙ୍ଗୁରିପାଲି, ୨୮।୩ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଇଚ୍ଛାପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନଫଟାମୁଣ୍ଡା ଗ୍ରାମରେ ବୁଧବାର ରାତିରେ ଘରେ ଶୋଇଥିବା ଅବସ୍ଥାରେ ଗଲାପ ଭୁଏଙ୍କୁ ଛୁରାମାଡ଼ ହୋଇଥିଲା। ଏହି ଘଟଣାର ୩ଦିନ ପରେ ଶନିବାର ଅଭିଯୁକ୍ତ ସେହି ଗ୍ରାମର ଦୁଇ ଭାଇଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଦାମ ସେଠ ଓ ତାଙ୍କ ବଡ ଭାଇ ଅଭି ସେଠ। ସୂଚନା ଅନୁଯାୟୀ ସାନଫଟାମୁଣ୍ଡା ଗ୍ରାମରୁ ଏକ ବରଯାତ୍ରୀ ଦଳ ନିକଟରେ ଥିବା ନିରବଚନ ଗ୍ରାମକୁ ଯାଇଥିଲେ। ସେଠାରେ ରାତିରେ ବରାତି ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ବରଯାତ୍ରୀରେ ଯାଇଥିବା ଅଭି ଓ ଗୁଲାପଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା। ରାତିରେ ବରଯାତ୍ରୀରେ ଯାଇଥିବା ସମସ୍ତେ ଘରକୁ ଫେରିଥିଲେ। ହେଲେ ବରଯାତ୍ରୀ ଶୋଭାଯାତ୍ରାରେ ହୋଇଥିବା ଗଣ୍ଡଗୋଳକୁ କେନ୍ଦ୍ର କରି ସେହିରାତିରେ ଗୁଲାପଙ୍କୁ ଦାମ ଓ ତାଙ୍କ ବଡ଼ଭାଇ ଅଭି ଶୋଇଥିବା ଅବସ୍ଥାରେ ଛୁରା ମାଡ଼ କରି ଫେରାର ହୋଇଯାଇଥିଲେ। ଗୁଲାପଙ୍କୁ ପ୍ରଥମେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ତାଙ୍କୁ ବୁର୍ଲା ଭିମସାର ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ଗୁଲାପଙ୍କ ବାପା ସାଧୁ ଭୁଏ ଡୁଙ୍ଗୁରିପାଲି ଥାନାରେ ଏତଲା ଦେଇଥିଲେ।

### ରାମଲୀଳା କଳାକାର ପରମାନନ୍ଦ ମିଶ୍ରଙ୍କ ପରଲୋକ

ତରଭା, ୨୮।୩(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମ ରାମଲୀଳାର ବିଶିଷ୍ଟ କଳାକାର ତଥା ଦଣ୍ଡ ଓ କୀର୍ତ୍ତନ ଗୁରୁ ପରମାନନ୍ଦ ମିଶ୍ର(ହାଡ୍ଡୁ)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। ରାତି ପ୍ରାୟ ୮ଟାରେ ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାପରେ ପରିବାର ଲୋକେ ତାଙ୍କୁ ତରଭା ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ହାଡ୍ଡୁ ଜଣେ ତବଲା, ଢୋଲ, ମୃଦଙ୍ଗ, ନିଶାନ ବାଜାଇବାରେ ସିଦ୍ଧହସ୍ତ ଥିଲେ। ତାଙ୍କ ପତ୍ନୀ ଓ ଦୁଇ ପୁଅ ଅଛନ୍ତି। ଗାଁ ମଶାଣିରେ ତାଙ୍କର ସତ୍କାର ସମ୍ପନ୍ନ ହୋଇଛି। ପରମାନନ୍ଦଙ୍କ ମୃତ୍ୟୁ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।



### ମନ୍ଦିର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା

**ଶ୍ରୀରାମ ନବମୀରେ ପ୍ରଭୁଙ୍କ ଦର୍ଶନ କଲେ ନରସିଂହ**

ବଲାଙ୍ଗୀର, ୨୮।୩ (ବୀରେନ୍ଦ୍ର କୁମାର ଝାଙ୍କର)

ଶ୍ରୀରାମ ନବମୀ ଅବସରରେ ବଲାଙ୍ଗୀର ସହର ଉତ୍ସବମୁଖର ହୋଇ ଉଠିଥିଲା। ଏହି ଅବସରରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କୁଟୁମଡୋଲାର ଦେବାଳୟ ଏବଂ ବଲାଙ୍ଗୀର ସହରର ବିଭିନ୍ନ ମନ୍ଦିର ବୁଲି ଶ୍ରୀରାମଙ୍କ ଦର୍ଶନ କରିଥିଲେ। ବଲାଙ୍ଗୀର ଡେଲିମାର୍କେଟସ୍ଥିତ ମନ୍ଦିରକୁ ଯାଇ ସନ୍ଧ୍ୟା ଆଳତି ଦର୍ଶନ କରିଥିଲେ। ପରେ ମାଲପଡା ରାମସ୍ୱାମୀ ମନ୍ଦିରକୁ ଯାଇ ସେଠାରେ ପ୍ରଭୁଙ୍କ ଦର୍ଶନ କରିବା ସହ ମନ୍ଦିର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ମନ୍ଦିର କମିଟି ପକ୍ଷରୁ ମନ୍ଦିର ନିର୍ମାଣ ସମୟରେ ମିଶ୍ରଙ୍କ ଅବଦାନ ପାଇଁ ମାନପତ୍ର ଓ ଉପାୟନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ମିଶ୍ର ରେଲୱେ ରୋଡସ୍ଥିତ ଏକ ପବ୍ଲିକ ସ୍କୁଲ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ମୋଦୀ, ମନୋଜ ଜୈନ, ଶ୍ରୀକାନ୍ତ ଶର୍ମା, ଶିକ୍ଷାବିତ୍ ମନୋରଞ୍ଜନ ସାହୁ, ଭବାନୀ ଶଙ୍କର ଶତପଥୀ, ବୁଲୁ ଦାନୀ, ନିରଞ୍ଜନ ହାତୀ, କବିଚନ୍ଦ୍ର ବାଗ, ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ରାମଚନ୍ଦ୍ରଙ୍କ ବାଲ୍ୟଲୀଳା, ସୀତା ବିବାହ ପରିବେଷିତ

ବୌଦ୍ଧ, ୨୮।୩(ଅଜିତ କୁମାର ବାରିକ)

ଗଡ଼ଜାତ ବୌଦ୍ଧର ଗଣପର୍ବ ରାମଲୀଳା ଉତ୍ସବର ଶନିବାର ଦ୍ୱିତୀୟ ଦିବସ। ରାମନବମୀଠାରୁ ସହରର ଅଗ୍ରଣୀ ଅନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣସ୍ଥ ମାରୁତି ମଣ୍ଡପଠାରେ ଆରମ୍ଭ ହୋଇଥିବା ରାମ ନବମୀ ଉତ୍ସବ ଅବସରରେ ବୌଦ୍ଧ ସହର ଚଳଚଞ୍ଚଳ ହୋଇପଡିଛି । ଦ୍ୱିତୀୟ ଦିବସରେ ନାଟକ ପରିବେଷଣ ହୋଇଥିଲା ଶ୍ରୀରାମଚନ୍ଦ୍ରଙ୍କ ବାଲ୍ୟଲୀଳା ଓ ସୀତା ବିବାହ । ଶ୍ରୀରାମ, ଭରତ, ଲକ୍ଷ୍ମଣ ଓ ଶତ୍ରୁଘନଙ୍କ ଜନ୍ମ ପରେ ଅଯୋଧ୍ୟା ନଗରୀରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଚାରି ଶିଶୁ ରାଜକୁମାରଙ୍କ ବାଲ୍ୟଲୀଳାରେ ରାଜା ଦଶରଥଙ୍କ ସହ ତାଙ୍କର ରାଣୀମାନେ ଏବଂ ଅଯୋଧ୍ୟାବାସୀ ଉତ୍ସବରେ ମସଗୁଲ ଥିବାବେଳେ ଜଙ୍ଗଲରେ ରାକ୍ଷସମାନଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଥିଲା। ଋଷି ବିଶ୍ୱାମିତ୍ର ରାକ୍ଷସଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ନିଜର ଯଜ୍ଞ ରକ୍ଷା ପାଇଁ ରାଜା ଦଶରଥଙ୍କ ସହାୟତା ଲାଗି ପହଞ୍ଚିଲେ। ରାକ୍ଷସଙ୍କ ଅତ୍ୟାଚାରରୁ ମୁକ୍ତି ପାଇଁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ନିଜ ଆଶ୍ରମକୁ ଯାଇଥିଲେ। ସେଠାରେ ତାଡକା ସମେତ ଅନେକ ରାକ୍ଷସଙ୍କୁ ବଧ କରି ଶ୍ରୀରାମ ଲକ୍ଷ୍ମଣ ବିଶ୍ୱାମିତ୍ର ଓ ତାଙ୍କର ଆଶ୍ରମବାସୀଙ୍କୁ ସେମାନଙ୍କ ଅତ୍ୟାଚାରରୁ ମୁକ୍ତ କରିଛନ୍ତି। ଋଷି ବିଶ୍ୱାମିତ୍ର ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଅନେକ ଅସ୍ତ୍ରଶସ୍ତ୍ର ଶିକ୍ଷା ପ୍ରଦାନ କରିଛନ୍ତି। ୧୮ ଦିନ ଧରି ସନ୍ଧ୍ୟା ସମୟରୁ ଏହି ଯାତ୍ରା ଆରମ୍ଭ ହୋଇ ରାମାୟଣ ପାରାୟଣ, ଭଜନସନ୍ଧ୍ୟା ଓ ନିର୍ବାକ୍ ନୃତ୍ୟ ନାଟିକା ପରେ ପ୍ରତିଦିନ ରାତିସାରା ରାମାୟଣର କଥାବସ୍ତୁକୁ ନେଇ ଯାତ୍ରା ନାଟକ ଶୈଳୀରେ ପରିବେଷଣ କରାଯିବ।



ରାମଲୀଳା ନାଟକର ଦୃଶ୍ୟ।

# ବାସୁଦେବ ସଭାପତି, ଅସିତ ସମ୍ପାଦକ




ବଲାଙ୍ଗୀର ଜିଲା ଓକିଲ ସଂଘ ସଭାପତି, ସମ୍ପାଦକ ଓ ଅନ୍ୟ ସଦସ୍ୟ ।

**ବଲାଙ୍ଗୀର ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ**

ବଲାଙ୍ଗୀର, ୨୮।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ ଶନିବାର ସିଭିଲ କୋର୍ଟପରିସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଭାବେ ବାସୁଦେବ ରଥ କ୍ରମାଗତ ଦ୍ୱିତୀୟ ଥର ନିର୍ବାଚିତ ହୋଇଥିଲେ। ସେ ୨୭୪ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାଳକୃଷ୍ଣ ଷଡଙ୍ଗୀ ୧୮୭ଖଣ୍ଡ ଭୋଟ ପାଇଥିଲେ। ଉପସଭାପତି ଭାବେ ଚିନ୍ମୟ ମିଶ୍ର ନିର୍ବାଚିତ ହୋଇଥିଲେ। ସମ୍ପାଦକ ଭାବେ ଅସିତ ଷଡଙ୍ଗୀ ୩୦୭ଟି ଭୋଟ ପାଇ ବିଜୟୀ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅମ୍ବୁଜ କୁମାର ମିଶ୍ରଙ୍କୁ ୧୯୪ ଖଣ୍ଡ ଭୋଟ ମିଳିଥିଲା। ସହସମ୍ପାଦକ ଭାବେ ସବିତାରାଣୀ ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ଶିବଦତ୍ତ ଦ୍ୱିବେଦୀ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟିକୁ ପ୍ରମୋଦ କୁମାର ତ୍ରିପାଠୀ, ରବିନାରାୟଣ ବହିଦାର, ସତ୍ୟ ନାରାୟଣ ନାୟକ, ଉମାକାନ୍ତ ସାହୁ, ଆକାଶ କୁମାର ରାଉତ, ବୈଷ୍ଣବ ଚରଣ ସାହୁ, ଦିପ୍ତୀ ଶର୍ମା, ମଳୟ ରଞ୍ଜନ ଗଡତ୍ୟା, ସୁମିତ କୁମାର ଖୁଆସ ଏବଂ ଭବାନୀ ଶଙ୍କର ଭୋଇ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଶଶୀଭୂଷଣ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ବ୍ରଜମୋହନ ମିଶ୍ର, ଜିତେନ୍ଦ୍ର ପୁରୋହିତ, ସୁଧାଂଶୁ ଶେଖର ଦେଓ, ବିବେକାନନ୍ଦ ମିଶ୍ର ସହଯୋଗ କରିଥିଲେ। ବିଜୟୀ ଘୋଷଣା ପରେ ନବନିର୍ବାଚିତ ସଭାପତି ରଥ ଓ ଅନ୍ୟ ପଦାଧିକାରୀମାନଙ୍କୁ ସଭ୍ୟମାନେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଜିଲା ଓକିଲ ସଂଘକୁ ସୁଦୃଢ଼ କରିବା ଏବଂ ବିଗତ ବର୍ଷର ଅନେକ ଅଧୁରା କାମ ଶେଷ କରିବା ପାଇଁ ସଭାପତି ରଥ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ତୃତୀୟ ଥର ପାଇଁ ଓକିଲ ସଂଘ ସଭାପତି ହେଲେ ସୁବୋଧ କୁମାର ମିଶ୍ର

ସଇଁତଲା, ୨୮।୩(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ସଂଘର ସଭାପତି ଭାବରେ ସୁବୋଧ କୁମାର ମିଶ୍ର, ଉପ-ସଭାପତି ମନୋଜ ପୃଷ୍ଟେଠ, ସମ୍ପାଦକ ଭାବରେ ଫିରୋଜ କୁମାର ବରଗଡ଼ି, ସହ ସମ୍ପାଦକ ଦ୍ରୌପଦୀ ପାତ୍ର, କୋଷାଧ୍ୟକ୍ଷ ଭାବେ ଜ୍ୟୋସ୍ନାରାଣୀ ବାଗ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ହିମାଂଶୁ ଶେଖର ଦାଶ, ମାନସ ରଞ୍ଜନ ରଣା, ସୋମନାଥ ପଧାନ, ପ୍ରଦୀପ କୁମାର ମାଝୀ, ଗୁନୁ ରାଜପଲିଆ, ପ୍ରଶାନ୍ତ ପୁଟେଲ, ଦେବାଶିଷ ସେଠ ମନୋନୀତ ହୋଇଛନ୍ତି। ସର୍ବସମ୍ମତ ଭାବରେ ରାଧେଶ୍ୟାମ ସାହୁ, ହି. ତାଣ୍ଡି, ପବିତ୍ର ସାହୁ ଏବଂ ଦେବରାଜ ପଣ୍ଡାଙ୍କୁ ଉପଦେଷ୍ଟା ମଣ୍ଡଳୀରେ ସାମିଲ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ମିଶ୍ର ତୃତୀୟ ଥର ପାଇଁ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି ।

## ପ୍ରତାପ ସଭାପତି, ପ୍ରିୟଜିତ୍ ସମ୍ପାଦକ

**ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ**

ସୋନପୁର, ୨୮।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ବାର ଲାଇବ୍ରେରୀ ହଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟା୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ସନ୍ଧ୍ୟାରେ ଗଣତି ହୋଇ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ଆସନ୍ତା ୧ ବର୍ଷ ପାଇଁ ସଂଘ ସଭାପତି ଭାବେ ପ୍ରତାପ କୁମାର ପୁରୋହିତ କ୍ରମାଗତ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ପ୍ରତାପ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀଙ୍କୁ ୪୦ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଜିଲା ସଂଘର ମୋଟ ୨୪୦ସଭ୍ୟଙ୍କ ମଧ୍ୟରୁ ୨୧୫ ଜଣ ମତଦାନ କରିଥିଲେ। ସଭାପତି ପଦବୀ ପାଇଁ ପ୍ରତାପଙ୍କୁ ୧୨୭ଖଣ୍ଡ ଓ ବିଧାନଙ୍କୁ ୮୭ଖଣ୍ଡ ଭୋଟ ମିଳିଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା। ସେହିପରି ସମ୍ପାଦକଭାବେ ପ୍ରିୟଜିତ୍ ମିଶ୍ରଙ୍କୁ ୧୨୧ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ସମ୍ପାଦକ ଦାସଦୀପ୍ତ ମହାପାତ୍ରଙ୍କୁ ୯୩ଖଣ୍ଡ ଭୋଟ ମିଳିଛି। ଗୋଟିଏ ଭୋଟ ନାକଚ ହୋଇଛି। ପ୍ରିୟଜିତ୍ ପ୍ରଥମ ଥର ପାଇଁ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି। ଉପସଭାପତି ଭାବେ ପ୍ରଦୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ(ଫର୍ମସ ଏଣ୍ଡ ଆକାଉଣ୍ଟସ୍) ଶମ୍ଭୁ ପ୍ରସାଦ ବିଶି ଓ ଯୁଗ୍ମ ସମ୍ପାଦକ(ଲାଇବ୍ରେରୀ) ସଞ୍ଜିତ କୁମାର ଝାଙ୍କର ବିଜୟୀ ହୋଇଛନ୍ତି। ଏହି ପଦବୀ ଗୁଡିକ ପାଇଁ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଂଘର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ପ୍ରତିପ୍ରଜ୍ଞା ପୁରୋହିତ, ପ୍ରଣତି କୁମାର, ଅଜିତ ନାରାୟଣ ହୋତା ଓ ବୃନ୍ଦାବନ ମିଶ୍ର ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ଭୋଇ ସୂଚନା ଦେଇଛନ୍ତି।



ପ୍ରତାପ କୁମାର ପୁରୋହିତ



ପ୍ରିୟଜିତ୍ ମିଶ୍ର

## ଶାନ୍ତନୁ ସଭାପତି, ବିଭୁପ୍ରସାଦ ସମ୍ପାଦକ

ବୌଦ୍ଧ, ୨୮।୩(ଅଜିତ କୁମାର ବାରିକ)

ସାରା ରାଜ୍ୟରେ ଶନିବାର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ସିଭିଲ ଆଣ୍ଡ କ୍ରିମନାଲ କୋର୍ଟ ବାର ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବରେ ଶାନ୍ତନୁ କୁମାର ମହାପାତ୍ର ଓ ସମ୍ପାଦକ ଭାବରେ ବିଭୁପ୍ରସାଦ କ୍ଷେତିଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସେହିପରି ଉପସଭାପତି ନିକୁ ମାଧବ ବେହେରା, ସହ ସମ୍ପାଦକ ଭାବରେ ବିକାଶ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଭାବରେ ସୁମିତା ରାଜ, ଲାଇବ୍ରେରିଆନ ଭାବେ ପ୍ରଭୁଦତ୍ତ ଦଲାଲ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବରେ ସଚ୍ଚିଦାନନ୍ଦ ଦଲାଲ, କୃଷ୍ଣଚନ୍ଦ୍ର ମେହେର, ଚନ୍ଦ୍ରଶେଖର ପାଢୀ, ମାନସରଞ୍ଜନ ଦାସ, ରୀତାଳି ପ୍ରଧାନ, ପ୍ରଭାତି ପାଣିଗ୍ରାହୀ, ସୁଭଦ୍ରା ପାତ୍ରଙ୍କୁ ନିର୍ବାଚିତ କରାଯାଇଥିଲା। ନିର୍ବାଚନକୁ କୃଷ୍ଣଚନ୍ଦ୍ର ମେହେର ପରିଚାଳନା କରିଥିଲେ ।



ସଭାପତି ଶାନ୍ତନୁ କୁମାର ମହାପାତ୍ର।



ସମ୍ପାଦକ ବିଭୁ ପ୍ରସାଦ କ୍ଷେତି।

# ଉଦନ୍ତୀ ମହୋତ୍ସବ: ମନ ମୋହିଲା ଲୋକନୃତ୍ୟ




ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।

ସିନାପାଲି, ୨୮।୩(ମନଫୁଲ ମେହେର)

ସିନାପାଲି ଅଞ୍ଚଳର ଗର୍ବ ଓ ଗୌରବର ପର୍ବ ଉଦନ୍ତୀ ମହୋତ୍ସବର ଶନିବାର ଦ୍ୱିତୀୟ ଦିବସ ଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଉତ୍ସବ କମିଟି ସଭାପତି ପ୍ରିୟ ରଞ୍ଜନ ମେହେର ଅଧ୍ୟକ୍ଷତା କରିଥିଲେ। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଓ ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ନୂଆପଡ଼ା ବିଧାୟକ ଜୟ ଢୋଲକିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିବ ପ୍ରସାଦ ମେହେର ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁନିଗୁଡ଼ାର ମା' କଳାରସୁନୀ ସାଂସ୍କୃତିକ ଅନୁଷ୍ଠାନର ଢେମସା ନାଚ, କୃଷ୍ଣପ୍ରିୟା କଳାପରିଷଦ ତୁଷରାର ଘୁଡ଼କା ନାଚ, ବଲାଙ୍ଗୀରର ଗଣ୍ଡାବାଜା ଲୋକନୃତ୍ୟ, ଜୟ ମାତାଦି ସାଂସ୍କୃତିକ ଅନୁଷ୍ଠାନ ଖଡ଼ିଆଳର ସୁନାଦେଇ ଯାତ୍ରା, ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଭବାନୀପାଟଣାର ଲୋକ ନୃତ୍ୟ ପରିବେଷଣ ହୋଇଥିଲା। ଓଡ଼ିଆ ସିନେ ତାରକା ପ୍ରିୟଙ୍କା ସାହୁ ଓ ଅଙ୍କିତା ଦାସ କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ। ରଶ୍ମିରଞ୍ଜନ ସା ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ର ମାଡ଼ ଘଟଣା: ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ୬ ଛାତ୍ର ହାଜର

ବୀରମହାରାଜପୁର, ୨୮।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ପିଏମ୍‌ଶ୍ରୀ ହାଇସ୍କୁଲ ଛାତ୍ର ମାଡ଼ ଘଟଣାରେ ୬ଜଣ ଛାତ୍ରଙ୍କୁ ଉଲୁଣ୍ଡା ପୋଲିସ ଜୁଭେନାଇଲ କୋର୍ଟରେ ହାଜର କରିଥିଲା। ଗତ ୨୪ ତାରିଖରେ ସ୍କୁଲ ବାର୍ଷିକ ଉତ୍ସବ ଚାଲିଥିବାବେଳେ ଅପରାହ୍ନରେ ନବମ ଶ୍ରେଣୀ ଛାତ୍ରଙ୍କୁ ଦୁଇଜଣ ଛାତ୍ର ହଷ୍ଟେଲ ପଛପଟକୁ ଡାକିନେଇଥିଲେ। ସେଠାରେ ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଭିଡିଓ ଭାଇରାଲ ହେବାପରେ ଛାତ୍ରଙ୍କ ବାପା ଉଲୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୫୪/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାଡ଼ମାରିବା ଘଟଣାରେ ଉଲୁଣ୍ଡା ପିଏମ୍‌ଶ୍ରୀ ପଞ୍ଚାୟତ ସମିତି ହାଇସ୍କୁଲର ୩ ଜଣ ଏବଂ ଅନ୍ୟ ବିଦ୍ୟାଳୟର ୩ ଜଣ ଛାତ୍ରଙ୍କୁ ଧରିଥିଲା । ଜୁଭେନାଇଲ କୋର୍ଟରେ ହାଜର ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

## ଭିନ୍ନକ୍ଷମ ବିଦ୍ୟାଳୟରେ ରାମନବମୀ, ସମ୍ବର୍ଦ୍ଧନା ଉତ୍ସବ

ସୋନପୁର, ୨୮।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର କଳାପଥରସ୍ଥିତ ଭିନ୍ନକ୍ଷମ ବିହାରଠାରେ ଜିଲା ଭିନ୍ନକ୍ଷମ କଲ୍ୟାଣ ବିଦ୍ୟାଳୟରେ ଶ୍ରୀରାମ ନବମୀ ପାଳନ ସହ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ସାଇବିସା ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ତଥା ସମ୍ପାଦକ ଉତ୍ତମ ଚରଣ ଦେହୁରୀ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟ ସଭ୍ୟା ଅନୁରାଧା ଦେ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପ୍ରକଳ୍ପ ଅଧିକାରୀ ବିଜୟ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଓ ବୃତ୍ତିଗତ ବିକାଶ ତଥା ଯତ୍ନ ଓ ସୁରକ୍ଷା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ମୂକ, ବଧିର, ଦୃଷ୍ଟିହୀନ ଓ ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କର ଗତ ୮ବର୍ଷର ରହଣୀ କାଳ ସମ୍ପର୍କରେ ଅଧ୍ୟକ୍ଷ ଦେହୁରୀ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ମମେଣ୍ଟୋ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଟିପିଡବ୍ଲ୍ୟୁଓଡିଏଲ ସୁବର୍ଣ୍ଣପୁର ପକ୍ଷରୁ ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ମିଶ୍ର, ବିବେକାନନ୍ଦ ଦିକ୍ଷିତ ଓ ମୋହିତ ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ।

## କବାଡ଼ି ପ୍ରିମିୟର ଲିଗ୍ ସିଜନ-୨ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡ଼ା, ୨୮।୩ (ମକାରୁ ବେମାଲ)

ନୂଆପଡ଼ା କବାଡ଼ି ଖେଳାଳି ସଂଘ ତରଫରୁ ପୁରୁଷ ଓ ମହିଳା ବିଭାଗରେ କବାଡ଼ି ପ୍ରିମିୟର ଲିଗ ସିଜନ-୨ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା କବାଡ଼ି ଖେଳାଳି ସଂଘ ସଭାପତି ହରିଶ ଅହୀରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ମୁଖ୍ୟଅତିଥି, ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଏରିକ ଗିଲବଟ ଯୋଶ ସ୍ୱତନ୍ତ୍ର ଅତିଥି ଓ ଖରିଆରରୋଡ଼ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଜିଲା ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକର, ଜିଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ଓଡ଼ିଶା କ୍ରିକେଟ ସଂଘ ସଦସ୍ୟ ସରୋଜ ସାହୁ, ବରିଷ୍ଠ କଂଗ୍ରେସ ନେତା ରବି ମଙ୍ଗରାଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ସାହୁ ବ୍ରଦର୍ସ ଓ ଉମେଶ ୟୁ ମୁମ୍ବା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଉମେଶ ୟୁ ମୁମ୍ବା ଦଳ ବିଜୟୀ ହୋଇଥିଲା।

# ନିମନ୍ତ୍ରଣପତ୍ର ବାଣ୍ଟିଲେ ବିଧାୟକ

**ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ**

ବାଉଁଶୁଣୀ, ୨୮।୩(ଦେବାଶିଷ ନେପାକ)

ଏପ୍ରିଲ ୨ ତାରିଖରୁ ଆରମ୍ଭ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ଅଭିଭାବିକା ଅଭିଭାବକମାନଙ୍କୁ ସଚେତନ କରାଯାଇଛି। ଏହି କ୍ରମରେ ଶନିବାର ବୌଦ୍ଧ ବ୍ଲକ ବାଉଁଶୁଣୀ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଅଭିଯାନରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ବଣ୍ଟାଯାଇଥିଲା। ନୂତନ ଶିକ୍ଷାବର୍ଷରେ ୫ରୁ ୧୪ ବର୍ଷର ସମସ୍ତ ପିଲାଙ୍କ ନାମ ଲେଖାଇବା ପାଇଁ ବୌଦ୍ଧ ଜିଲା ଶିକ୍ଷା ବିଭାଗ ତରଫରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ସାମିଲ ହୋଇ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠୀ, ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ବୌଦ୍ଧ ବ୍ଲକ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ବାଉଁଶୁଣୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ନାମଲେଖା ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଘରକୁ ଘର ବୁଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତରଫରୁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର ଏହି ଅଭିଯାନରେ ସାମିଲ ହୋଇଥିଲେ।



ବିଧାୟକ ଘର ଘର ବୁଲି ନିମନ୍ତ୍ରଣ ପତ୍ର ବଣ୍ଟନ କରୁଛନ୍ତି।

## ସଂକ୍ଷେପରେ

### ମା' ଚରଦେଈଙ୍କ ବାସନ୍ତିକ ପୂଜା ସମ୍ପନ୍ନ

ବିନିକା,୨୮।୩(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଚରଦାର ଅଧିଷ୍ଠାତ୍ରୀ ଦେବୀ ମା' ଚରଦେଈଙ୍କ ପୀଠରେ ଚାଲିଥିବା ବାସନ୍ତିକ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି । ଶେଷ ଦିନରେ ସୂର୍ଯ୍ୟପୂଜା, ପୀଠପୂଜା, ଷୋଡ଼ଶ ଉପଚାର, ସପ୍ତଚଣ୍ଡୀ ହୋମ ସହ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତାଭାବେ ଅଶୋକ ପୃଷ୍ଟି ଓ ତାଙ୍କ ପତ୍ନୀ ସଙ୍ଗୀତା, ପ୍ରଶାନ୍ତ ପୂଝାରୀ ଓ ତାଙ୍କ ପତ୍ନୀ କମଳିନୀ, ବୃହସ୍ପତି ଥନାପତି ଓ ତାଙ୍କ ପତ୍ନୀ ସବିତା, ସଦାନନ୍ଦ ଥନାପତି ଓ ତାଙ୍କ ପତ୍ନୀ ଝିନୁପମା, ଭାଗ୍ୟ ଥନାପତି ଓ ତାଙ୍କ ପତ୍ନୀ ସସ୍ମିତା, ଶ୍ରୀଧର ଥନାପତି ଓ ତାଙ୍କ ପତ୍ନୀ ସତ୍ୟବତୀ, ପଦ୍ମଚରଣ ପୂଝାରୀ ଓ ତାଙ୍କ ପତ୍ନୀ ସ୍ନିଗ୍ଧାଞ୍ଜଳି, ଡାକ୍ତର ଥନାପତି ଓ ତାଙ୍କ ପତ୍ନୀ ପ୍ରମିଳା, ସନ୍ୟାସୀ ଥନାପତି ଓ ତାଙ୍କ ପତ୍ନୀ ଦିପ୍ତିମୟୀ ଥନାପତି ଦାୟିତ୍ୱ ତୁଲାଇଥିଲେ।

### ସ୍ୱାସ୍ଥ୍ୟ ଶିବିର, ୧୩୨ ମହିଳା ଚିକିତ୍ସିତ

ବିନିକା,୨୮।୩(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ୫ ନଂ ୱାର୍ଡ ନୂଆବଜାରସ୍ଥିତ ରାଜ୍ୟସ୍ତରୀୟ ଅଭିଜିତ ପୂଜାହାରୀ ସ୍ମୃତି କମିଟି କାର୍ଯ୍ୟାଳୟ ପରିସରରେ ମହିଳାମାନଙ୍କୁ ମାଗଣା ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଭିମସାର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ବେଣୁଧର ପାଣ୍ଡେ, ଡାକ୍ତର ସ୍ୱରାଜ ନନ୍ଦିନି ପାଣ୍ଡେ ବିନିକାର ୭୭ଜଣ ଓ ସଂସାମୁରା ଓ ସୋନପୁରରେ ୫୫ ଜଣ ଏହିପରି ମୋଟ ୧୩୨ ଜଣ ମହିଳାଙ୍କୁ ଚିକିତ୍ସା ସେବା ଯୋଗୋଇ ଦେଇଥିଲେ। ଶିବିରରେ ଏଲଟିଅନନ୍ତରାମ ଷାଣ୍ଢ, ସରକାରୀ ଓକିଲ ବୃନ୍ଦାବନ ମିଶ୍ର, ଓକିଲ ବୀରେନ୍ଦ୍ର ପୋଢ, ଉପଦେଷ୍ଟା କମିଟିର ପ୍ରମୋଦ ପଣ୍ଡା, ସୋମିତ୍ରୀ ପତି, ଗୌତମ ମିଶ୍ର, ଅଶୋକ ପାଣ୍ଡେ,ଅଜିତ ପୂଜାହାରୀଙ୍କ ସମେତ ସ୍ମୃତି କମିଟି ଓ ସାହିତ୍ୟ ସଂସଦ କର୍ମକର୍ତ୍ତା ଏଡି ଅବସରରେ ଉପସ୍ଥିତ ଥିଲେ।

### ଶ୍ରୀରାମ ମନ୍ଦିରର ରତ୍ନମୁଦ ଉତ୍ସବ

ଅମରପାଲି,୨୮।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଅଡ଼ାଲ ଗ୍ରାମରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ନିର୍ମିତ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ସମାପନ ହୋଇଯାଇଛି। ରତ୍ନମୁଦ ପାଇଁ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ହୋଇ ପଡ଼ିଥିଲା। ଏଥିପାଇଁ ହୋମଯଜ୍ଞ, ପୂଜା ପାଠ ହୋଇଥିଲା। ଏଥିରେ ବୃନ୍ଦାବନ କର୍ଣ୍ଣ ଓ ଶ୍ରୀମତି କର୍ଣ୍ଣ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ସୀତାରାମ ପାଢ଼ୀ ଓ ସୁବ୍ରତ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଭଗବତୀ ନାଟ୍ୟ ସଂସଦ ସଦସ୍ୟମାନେ ସହଯୋଗ କରିଥିଲେ।

### ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଉଦ୍‌ଯାପିତ

ବିନିକା, ୨୮।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହର ଦୁର୍ଗା ମନ୍ଦିରରେ ଚାଲିଥିବା ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଶନିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ୯ ଦିନବ୍ୟାପି ସୂର୍ଯ୍ୟ ପୂଜା, ପୀଠପୂଜା, ଷୋଡ଼ଶ ଉପଚାର, ସପ୍ତଚଣ୍ଡୀହୋମ, ସାନ୍ଧ୍ୟା ଆଳତୀ ଆଦି ପୂଜା କରାଯାଇଥିଲା । ମା' ଦୁର୍ଗା ବିଭିନ୍ନ ବେଶରେ ମା'ଙ୍କୁ ଭକ୍ତ ଦର୍ଶନ ଦେଇଥିଲେ। ପଣ୍ଡିତ ଜୟନାରାୟଣ ପାଢୀ, ମୁଖ୍ୟ ପୂଜକ ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ, ପଣ୍ଡିତ ଟଙ୍କଧର ପାଣିଗ୍ରାହୀ, ସସ୍ମିତ କୁମାର ପୁରୋହିତ, ଦୁର୍ଗା ମନ୍ଦିର ପୂଜକ ଜନାର୍ଦ୍ଦନ ଆଚାର୍ଯ୍ୟ ଓ ବେଣୁଧର ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। ଭୀମସେନ ନାଏକ ଓ ତାଙ୍କ ସ୍ତ୍ରୀ ଧୀରା ନାଏକ ମୁଖ୍ୟକର୍ତ୍ତା, ପ୍ରଶାନ୍ତ ପୂଜାହାରୀ ଓ କମଳିନୀ ପୂଜାହାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ଗନ୍ଧର୍ବ ମାହାର, ଉପସଭାପତି ଈଶ୍ୱର ମାହାଣା, ଦିଲ୍ଲୀପ ଅଗ୍ରୱାଲ, ସୁଧାଂଶୁ ଶେଖର ଦାଶ, କୋଷାଧକ୍ଷ ଭୀମସେନ ସାହୁ, ଭାରପ୍ରାପ୍ତ ପୂଜା ସମ୍ପାଦକ ନାମା ବରାଇ, ଗୋବିନ୍ଦ ମାହାଣାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ନାଟକ ସମାଜକୁ ସଂଶୋଧିତ କରିଥାଏ

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିଶ୍ୱ ନାଟ୍ୟ ଦିବସ

ସମ୍ବଲପୁର,୨୮।୩(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଦର୍ଶନ କଳା ବିଭାଗ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଂଯୋଜକ ପ୍ରଫେସର ଗୋପୀନାଥ ବାଗ ଏଥିରେ ସଭାପତିତ୍ୱ କରିଥିଲେ। ସଂସ୍କୃତି ଗବେଷକ ଡ. ସପନ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନାଟ୍ୟ ଅଧ୍ୟାପକ ଡ. ଚନ୍ଦ୍ରକାନ୍ତ ମହାନନ୍ଦ ଚଳିତ ବର୍ଷ ବିଶ୍ୱ ନାଟ୍ୟ ଦିବସର ବାର୍ତ୍ତାର ସମ୍ବଲପୁରୀ ଭାଷାନ୍ତର ପାଠ କରିଥିଲେ। ଆମେରିକା ୱେଲିଏମ ଡାଫୋଇ ଦେଇଥିବା ବାର୍ତ୍ତାରେ ସେ ନାଟକର ଶକ୍ତିରେ ବିଶ୍ୱାସ ରଖିଥିବା କଥା କହିଛନ୍ତି। ଦୁନିଆ ଦିନକୁ ଦିନ ହିଂସାତ୍ମକ ଓ ବିଭାଜିତ ହେଉଥିବାରୁ ସେ ଚିନ୍ତା ପ୍ରକାଶ କରିଛନ୍ତି। ନାଟକ କେବଳ ମନୋରଞ୍ଜନର ବିକ୍ରୀ ପ୍ରତିଷ୍ଠାନ ହୋଇ ରହି ନ ଯାଉ ବୋଲି ସେ ନାଟ୍ୟକର୍ମୀମାନଙ୍କୁ ଆହ୍ୱାନ ଜଣେଇଛନ୍ତି। ନାଟକ ମଣିଷ, ସଂସ୍କୃତି ଓ ସମାଜ ମଧ୍ୟରେ ଯୋଗ ସୂତ୍ରର ମାଧ୍ୟମ ହେଉ ଏବଂ ଆଗ ଗତିବିଧି ଉପରେ ପ୍ରଶ୍ନ ଉଠାଉ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରି ଅଧ୍ୟାପକ ଅରବିନ୍ଦ ପଣ୍ଡା ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରଦର୍ଶନ ବିଭାଗର ଛାତ୍ରୀଛାତ୍ରଙ୍କ ସଫଳ ନାଟ୍ୟ କୃତୀ ବାବଦରେ ଆଲୋକପାତ କରିଥିଲେ।

ମୁଖ୍ୟ ଅତିଥିଭାବେ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ବିଧୂଭୁଷଣ ମିଶ୍ର ଯୋଗଦେଇ ନାଟକକୁ ସମାଜର ଦର୍ପଣ ବୋଲି ଅଭିହିତ କରିଥିଲେ। ଏହା ମଣିଷ ସମାଜକୁ ସଂଶୋଧିତ କରିବାରେ ସହାୟକ ହୋଇଥାଏ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଡ. ମୋହିତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଶ୍ୟାମ ସୁନ୍ଦର ଧର ଓ ଡ. ରାଜେନ୍ଦ୍ର ସିଂ ଅତିଥିଭାବେ ଯୋଗଦେଇ ବିଶ୍ୱ ନାଟ୍ୟ ଦିବସର ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ଶାନ୍ତିପ୍ରିୟା ସ୍ୱାଇଁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଉତ୍ତମ ତାଣ୍ଡି ହାସ୍ୟ ଅଭିନୟରେ ଦର୍ଶକଙ୍କୁ ବେଦମ କରିଥିଲେ। ପ୍ରଦର୍ଶନ ବିଭାଗ ପକ୍ଷରୁ ଅଧ୍ୟାପକ ଡ. ଚନ୍ଦ୍ରକାନ୍ତ ମହାନନ୍ଦଙ୍କ ନିର୍ଦ୍ଦେଶିତ ଅଣୁ ନାଟକ ସ୍କିଟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମ ସମ୍ପାଦନରେ ସାହିଲ ନାୟକ, ଅନୁଭବ ପଣ୍ଡା, ଋତୁନ ଦାସ ଭାୟା ସହଯୋଗ କରିଥିଲେ।

# ଟ୍ରେନ୍ ଲୁଟେରା ଗିରଫ, ଚୋରି ସାମଗ୍ରୀ ଜବତ

ସମ୍ବଲପୁର,୨୮।୩(ପ୍ରମୋଦ ବହିଦାର)

ସମ୍ବଲପୁର ରେଳବାଇ ପୋଲିସ ଟ୍ରେନରୁ ଯାତ୍ରୀଙ୍କ ବ୍ୟାଗ ଚୋରି କରିଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଗୌଡ଼ପଡ଼ା ଗ୍ରାମର ବିଜୟ ମୁଣ୍ଡା(୨୧)। ତାଙ୍କ ନିକଟରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୨ ତାରିଖରେ ରାଉରକେଲାର ବିଶ୍ୱନାଥ ଦଳାଇ ନିଜ ସ୍ତ୍ରୀଙ୍କ ସହ ଅନୁଗୋଳରୁ ରାଉରକେଲା ଅଭିମୁଖେ ଭୁବନେଶ୍ୱର–ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସରେ ଯାତ୍ରା କରୁଥିଲେ। ସେ ତାଙ୍କ ସାଙ୍ଗରେ ନେଇଥିବା ଏକ ଟ୍ରଲି ବ୍ୟାଗ୍‌କୁ ଲଗେଜ୍ ର୍ୟାକରେ ରଖିଥିଲେ। ତେବେ ଟ୍ରେନ୍ ସମ୍ବଲପୁର ସିଟି ଷ୍ଟେଶନ ଅତିକ୍ରମ କରିବା ପରେ ଲଗେଜ୍ ର୍ୟାକରେ ଟ୍ରଲି ବ୍ୟାଗ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ରେଳବାଇ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ସମ୍ବଲପୁର ରେଳବାଇ ଥାନାରେ ଏକ ମାମଲା(ନଂ. ୧୧/୨୬)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଷ୍ଟେଶନର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ ପୂର୍ବକ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ଶନିବାର ତାଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ରେଳ ଯାତ୍ରୀଙ୍କ ଟ୍ରଲି ବ୍ୟାଗ ସହିତ ସେଥିରେ ଥିବା ସୁନା କାନଫୁଲ, ରୁପା ପାଉଁଜି, ଗୋଟିଏ ସ୍ମାର୍ଟଫୋନ୍, ଏକ ଲାପଟପ୍, ପୋଷାକପତ୍ର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏକ ମାଇଗ୍ରେସନ ସାର୍ଟିଫିକେଟ୍ ଉଦ୍ଧାର କରାଯାଇଛି। ଏହାବାଦ ଅଭିଯୁକ୍ତ ବିଜୟଙ୍କୁ ରେଳବାଇ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଚୋର ବୋଲି ତଦନ୍ତରୁ ରେଳବାଇ ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ମଧ୍ୟ ତାଙ୍କ ନାମରେ କଟକ ଓ ସମ୍ବଲପୁର ଜିଆରପି ଥାନାରେ ଏକାଧିକ ଚୋରି ମାମଲା ରହିଥିବା ରେଳବାଇ ପୋଲିସ ପକ୍ଷରୁ କୁହାଯାଇଛି।


ରେଳବାଇ ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

# ଚନ୍ଦ୍ରକୁମାର ସଭାପତି, ପ୍ରବୀଣ ସାଧାରଣ ସମ୍ପାଦକ


ସମ୍ବଲପୁର ଜିଲ୍ଲା ଓକିଲ ସଂଘ ନିର୍ବାଚନରେ ବିଜୟୀ ପ୍ରାର୍ଥୀମାନେ।

## ସମ୍ବଲପୁର ଓକିଲ ସଂଘ ନିର୍ବାଚନ

ସମ୍ବଲପୁର,୨୮।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲ୍ଲା ଓକିଲ ସଂଘ(ଡିବିଏ)ର ବର୍ଷ ୨୦୨୬–୨୭ ପାଇଁ ନିର୍ବାଚନ ଶନିବାର ସମ୍ପନ୍ନ ହୋଇଛି। ଏଥିରେ ସଭାପତି ଭାବେ ଚନ୍ଦ୍ରକୁମାର ପୁରୋହିତ, ସାଧାରଣ ସମ୍ପାଦକଭାବେ ପ୍ରବୀଣ କୁମାର ସିଂଦେଓ ନିର୍ବାଚିତ ହୋଇଛନ୍ତି। ସଭାପତିଭାବେ ପୁରୋହିତ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବନ୍ଦିତାରାଣୀ ମିଶ୍ରଙ୍କୁ ୩୦୫ଖଣ୍ଡ ବୃହତ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ସିଂଦେଓ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରମୋଦ କୁମାର ସରାଫଙ୍କୁ ୫୯ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଉପସଭାପତିଭାବେ ରବିଶଙ୍କର ପୂଜାରୀ, ଯୁଗ୍ମ ସମ୍ପାଦକ ରତନଲାଲ ଶର୍ମା, ସହକାରୀ ସମ୍ପାଦକଭାବେ ସୁରଞ୍ଜିନୀ ବାରିକ ନିର୍ବାଚିତ ହୋଇଛନ୍ତି। ସେହିପରି ୬ଜଣ କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ସେବତୀ ବନଛୋର, ଅନୁପ କୁମାର ପଟ୍ଟନାୟକ, ଦିପ୍ତିମୟୀ ପାଢ଼ୀ, ସୁତାପା ମିତ୍ର, ଆଶୁତୋଷ ବିଶି ଓ ଦିଲୀପ କୁମାର ସାହୁ ନିର୍ବାଚିତ ହୋଇଛନ୍ତି।

ଚଳିତ ବର୍ଷ ଜିଲ୍ଲା ଓକିଲ ସଂଘ(ଡିବିଏ)ର ୧୧ଟି ବିଭିନ୍ନ ପଦବୀ ପାଇଁ ନିର୍ବାଚନୀ ମଇଦାନରେ ୨୦ ଜଣ ପ୍ରତିଦ୍ୱନ୍ଦ୍ୱୀ ଅବତୀର୍ଣ୍ଣ ହେଇଥିଲେ। ଡିବିଏର ସମ୍ମିଳନୀ କକ୍ଷର ଦୁଇଟି ସ୍ଥାନରେ ଶନିବାର ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହୋଇଥିଲା। ମୋଟ୍ ୭୭୧ ଜଣ ଭୋଟରଙ୍କ ମଧ୍ୟରୁ ୬୭୫ ଜଣ ଭୋଟ୍ ଦେଇଥିଲେ। ଅପରାହ୍ନ ୫ଟାରୁ ଗଣତି ଆରମ୍ଭ ହୋଇ ରାତି ସାଢ଼େ ୧୦ଟା ୪୫ପର୍ଯ୍ୟନ୍ତ ମୋଟ୍ ୨୭ଟି ରାଉଣ୍ଡ ଗଣିତ ହୋଇଥିଲା। ରାତି ୧୧ଟାରେ ଫଳାଫଳ ଘୋଷଣା ହୋଇଥିଲା।

# ରାମଚଣ୍ଡୀଙ୍କ ସ୍ୱତନ୍ତ୍ର ପୂଜା

ସମ୍ବଲପୁର,୨୮।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଗ୍ରାମରେ ଶନିବାର ସାତପାଲି କୁଲିତା ଜାତିର ଇଷ୍ଟଦେବୀ ଶ୍ରୀଶ୍ରୀ ରାମଚଣ୍ଡୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପୂଜାର୍ଚ୍ଚନା ପରେ ସମାଜର ନେତୃବୃନ୍ଦ ଜାତି ସମାଜକୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ମାତୃଶକ୍ତି ଓ ସାତପାଲି ଜାତି ସଭାପତି ସୁରେନ୍ଦ୍ର ବାରିକ, ପୂର୍ବତନ ସଭାପତି ହୀରାଲାଲ ବାରିକ, ନବକିଶୋର ପ୍ରଧାନ, ବାଲ୍ମିକୀ ବିଜୟ ପଧାନ ଉଜାଗର ବାରିକ, ବୁଲୁ ପଧାନ, ଆନନ୍ଦ ଭୋଇ, ସୁଶୀଲ ପଧାନ ପ୍ରମୁଖ ଯୋଗ ଦେଇ ଚାଷ ଏବଂ ଚାଷୀର ବିକାଶ ପାଇଁ ମା'ଙ୍କ ଠାରେ ପ୍ରାର୍ଥନା କରିଥିଲେ । ଜାତିର ଉନ୍ନତି ଓ ବିକାଶ ତଥା ମୂଳବୃତ୍ତି ଚାଷ ହୋଇଥିବାରୁ ଆଗାମୀ ଦିନରେ ଚାଷକୁ କିପରି ଜାତି ସମାଜର ଲୋକେ ଅଧିକ ଉନ୍ନତ ଭାବେ କରି ସ୍ୱାବଲମ୍ବୀ ହେବେ ସେନେଇ ଜାତିର ବରିଷ୍ଠ ବ୍ୟକ୍ତିମାନେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହାସହ ସରକାରଙ୍କୁ ମଧ୍ୟ ଚାଷୀଙ୍କ ପାଇଁ ନୀତି ତିଆରି କରିବାକୁ ଦାବି କରାଯାଇଥିଲା। ପୂଜା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସମିତ ସମ୍ପାଦକ ଦେବେନ୍ଦ୍ର କୁମାର ପଧାନ ଯୋଗ ଦେଇଥିଲେ।

# ରେଢ଼ାଖୋଲ ଓକିଲ ସଂଘ ନିର୍ବାଚନ ସମ୍ପନ୍ନ

ରେଢ଼ାଖୋଲ,୨୮।୩ (ସନ୍ତୋଷ ବଘାର)

୨୦୨୬–୨୭ ବର୍ଷ ପାଇଁ ରେଢ଼ାଖୋଲ ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଶେଷ ହୋଇଛି। ଏହି ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ପଦବୀ ପାଇଁ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଅଧିକାରୀ ବିରାମ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ଅଭୟ ବୀର ସଂଘ ସଭାପତି, ଭବାନୀ ଶଙ୍କର ପଣ୍ଡା ଉପସଭାପତି, ଅନ୍ତର୍ଯ୍ୟାମୀ ସାହୁ ସମ୍ପାଦକଭାବେ ମନୋନୀତ ହୋଇଛନ୍ତି। ସେହିପରି ସହସମ୍ପାଦକଭାବେ ପରକ୍ଷିତ ଦାଶ, ସହକାରୀ ସମ୍ପାଦକ ଦେବାଶିଷ ପ୍ରଧାନ, କୋଷାଧକ୍ଷ ଜନ୍ମେଜୟ ସାହୁ ଏବଂ ପାଠାଗାର ସମ୍ପାଦକ ଭାବେ ସଂଗ୍ରାମ କେଶରୀ ନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ୯ ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଗଣେଶ୍ୱର ପ୍ରଧାନ, ଦେବେନ୍ଦ୍ର କୁମାର ନାୟକ, ନିମାଇଁ ଚରଣ ବେହେରା, ଅଚ୍ୟୁତାନନ୍ଦ ପୁରୋହିତ, ଉମାକାନ୍ତ ମହାନନ୍ଦ, ବିରଞ୍ଚି ନାରାୟଣ ପ୍ରଧାନ, ନୀଳମାଧବ ମହାକୁଡ଼, କାଳନ୍ଦୀ ଚରଣ ବେହେରା ଓ ତୁଷାରକାନ୍ତ କର ମନୋନୀତ ହୋଇଛନ୍ତି।

# ରାସ୍ତା ମଝିରେ ଖୋଲା ପଡ଼ିଛି ଡ୍ରେନ୍

## ପାଣିଟାଙ୍କି ଛକ-ମୁଦିପଡ଼ା ରାସ୍ତା

ସମ୍ବଲପୁର,୨୮।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୨୫ ନମ୍ବର ୱାର୍ଡର ପାଣିଟାଙ୍କି ଛକରୁ ମୁଦିପଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରୁ କିଛି ମାସ ପୂର୍ବରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହାପରେ ପେଭର ବ୍ଲକ ଲଗାଯାଇ ରାସ୍ତାର ସୌନ୍ଦର୍ଯ୍ୟକରଣ କରାଗଲା। ହେଲେ ପାଣିଟାଙ୍କି ଛକରୁ ମୁଦିପଡା ଭିତରକୁ ପ୍ରବେଶ କରିବା ସମୟରେ ରାସ୍ତା ମଝିରେ ଖୋଲା ଡ୍ରେନ ଦେଖି ଗାଡିକୁ ନିୟନ୍ତ୍ରଣ କରିବା ଦ୍ୱାରା ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହେଉଛି। ଏହି ବ୍ୟସ୍ତବହୁଳ ରାସ୍ତା ମଝିରେ ରହିଥିବା କଲଭର୍ଟକୁ ମହାନଗର ନିଗମ ପ୍ରଶସ୍ତ ନ କରି ଛାଡି ଦେଇଛି। ପେଭର୍ସ ବସାଗଲା କିନ୍ତୁ କଲଭର୍ଟ ନିର୍ମାଣ ନ କରିବା ଯନ୍ତ୍ରୀଙ୍କ ମାନସିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମେ କଲଭର୍ଟ ଓ ପରେ ରାସ୍ତା ନିର୍ମାଣ କରିଥିଲେ ଚଳିଥାନ୍ତା। ଜବରଦଖଲ ଉଚ୍ଛେଦ ପରେ ପ୍ରଥମେ ପେଭର କାମ କରାଗଲା। ସେଥିପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ମୁଦିପଡା ବାସିନ୍ଦା ଜଟାଭୂଷଣ ସାହୁ କହିଛନ୍ତି। ଏନେଇ ଡେପୁଟି କମିଶନର ଭିକ୍ଟର ସୋରେଙ୍ଗଙ୍କୁ ପଚାରିବାରୁ ସେ ସ୍ଥାନୀୟ ଯନ୍ତ୍ରୀଙ୍କୁ ଏହା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ମହାନଗର ନିଗମ ଯନ୍ତ୍ରୀ ପଦ୍ମିନୀ ମେହେର କହିଛନ୍ତି, ଏହି କଲଭର୍ଟ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ଏହି ଡ୍ରେନ ମାଷ୍ଟର ପ୍ଲାନରେ ସାମିଲ କରାଯାଇ ଏହାକୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯିବା ଯୋଜନା ରହିଥିବାରୁ ଆମେ କେବଳ ରାସ୍ତା ନିର୍ମାଣ କରିଛୁ। ମାଷ୍ଟର ପ୍ଲାନରେ କାମ ଆରମ୍ଭ ହେଲେ ଏହାକୁ ନିର୍ମାଣ କରାଯିବା ବୋଲି ସେ କହିଛନ୍ତି ।


ମୁଦିପଡା ରାସ୍ତାରେ କଲଭର୍ଟ ଖୋଲା ପଡିଛି ।

# ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଦିବ୍ୟମିଳନ କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୩(ଭବାନୀ ଶଙ୍କର ଭୋଇ)

ପଟ୍ଟନାୟକପଡା ସ୍ଥିତ ଦିବ୍ୟଦର୍ଶନ ଜ୍ଞାନମନ୍ଦୀରଠାରେ ଶନିବାର ସିଦ୍ଧେଶ୍ୱରୀ ଧର୍ମ ସଂସଦ ଓ ଦିବ୍ୟଦର୍ଶନ ସଂଘ ସମ୍ବଲପୁର ତରଫରୁ ଦିବ୍ୟ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରୀରାମ ତତ୍ତ୍ୱ ଏବଂ ଶ୍ରୀରାମ ତାରକ ମନ୍ତ୍ରର ତାତ୍ତ୍ୱିକ ଆଲୋଚନା କରାଯାଇଥିଲା। ସିଦ୍ଧେଶ୍ୱରୀ ଧର୍ମ ସଂସଦ ସଭାପତି ଗୋପୀନାଥ ଷଡଙ୍ଗୀଙ୍କ ସଭାପତିତ୍ୱରେ ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟ ଅତିଥି, ଅଳକା ମହାପାତ୍ର ସମ୍ମାନୀତ ଅତିଥି ଓ ଦିବ୍ୟଦର୍ଶନ ଆଞ୍ଚଳିକ ସଂଯୋଜକ ରାଜକୁମାର ପଟେଲ ମୁଖ୍ୟବକ୍ତା ଭାବେ ମଞ୍ଚାସୀନଥିଲେ। ସଂସଦ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଭାରେ ଅମିୟ କୁମାର ପାଣି, ରୋଜା ଆଚାରୀ, କନକ ତଣ୍ଡକାର, ରାଜେନ୍ଦ୍ର କୁମାର ପାଣ୍ଡେ, ଶେଷଦେବ କାଣ୍ଡ ରାମ ରସାମୃତତତ୍ତ୍ୱ ଉପରେ ଆଲୋଚନାରେ ଭାଗ ନେଇଥିଲେ। ସୁବର୍ଣ୍ଣ ମେହେର ଶାନ୍ତି ପାଠ କରିଥିଲେ।

# ଖଣି ଖନନ ନିଲାମ ପ୍ରତ୍ୟାହାର କରାଯାଉ



## ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ନିଲାମ ପ୍ରସଙ୍ଗ

ପାଟଣାଗଡ଼,୨୮।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ସାଲେପାଲି ଗ୍ରାଫାଇଟ ମାଇନିଂ ବ୍ଲକ ଖଣି ପ୍ରସଙ୍ଗ ପ୍ରତ୍ୟାହାର ଦାବିରେ ଶନିବାର ଉକ୍ତ ଏନଏସି ବ୍ରହ୍ମପୁରାସ୍ଥିତ ଆଦିବାସୀ ଭବନଠାରେ ଜନମ ମାଏଟ ବଚାଓ ସଂଘର୍ଷ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରକାଶଥାଉ କି , ଏହି ଖଣି ଖନନ ହେଲେ ଅଞ୍ଚଳ ଦୂଷିତ ହେବା ସହ ଜଳବାୟୁରେ ପରିବର୍ତ୍ତନ ହେବାର ଆଶଙ୍କା ରହିଛି । ଏଥିସହିତ ବିଭିନ୍ନ ସମସ୍ୟା ଦେଖାଦେବ। ଏଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାଲେପାଲି ତଥା ଜିଲ୍ଲାରେ ହେବାକୁ ଥିବା ଖଣି ଖନନ ନିଲାମକୁ ପ୍ରତ୍ୟାହାର କରାଯାଉ ବୋଲି ଖବରଦାତା ସମ୍ମିଳନୀ କରି ସମିତି ପକ୍ଷରୁ ଦାବି କରାଯାଇଛି । ସମ୍ମିଳନୀରେ ଭୁବନେଶ୍ୱର କୁଅଁର, ଗିରିରାଜ ଭୋଇ, ପ୍ରକାଶ ସାହୁ, ରାମ ବରିହା ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଁଦାଣ୍ଡରେ ଯୁବକଙ୍କୁ ପିଟି ହତ୍ୟା ଘଟଣା, ୨ ଗିରଫ

## ହତ୍ୟା ପାଇଁ ଉସୁକାଇଥିଲେ

ଅମରପାଲି,୨୮।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ଗାଁ ଦାଣ୍ଡରେ ପିଟି ଜଣେ ଯୁବକଙ୍କୁ ହତ୍ୟା ଘଟଣାରେ ଶନିବାର ବାପପୁଅଙ୍କୁ ପୋଲିସ ଗିରଫ କରିଛି। ସେମାନେ ହତ୍ୟା ପାଇଁ ଅଭିଯୁକ୍ତଙ୍କୁ ଉସକାଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିଲା। ଗିରଫ ଅଭିଯୁକ୍ତ ହେଲେ ପିତାମହୁଲ ଗ୍ରାମର ନନ୍ଦକିଶୋର ମହାକୁର ଓ ତାଙ୍କ ପୁଅ ନୀଳମଣି ମହାକୁର। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଗତ ୨୫ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ସୁମନ୍ତ ରଣାଙ୍କୁ ଗାଁ ଦାଣ୍ଡରେ ପିଟି ଦୁଇ ଜଣ ଯୁବକ ହତ୍ୟା କରଥିଲେ। ଉକ୍ତ ଦିନ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ସୁମନ୍ତ ଗ୍ରାମର କେତେକ ଯୁବକଙ୍କ ସହିତ ଗାଁ ଦାଣ୍ଡରେ ବସି କଥାବାର୍ତ୍ତା ହେଉଥିଲେ। ସେହି ସମୟରେ ଗ୍ରାମର ପ୍ରାଣବନ୍ଧୁ ସାହୁ ଓ ପିଙ୍କୁ ଜେନା ସେଠାରେ ପହଞ୍ଚି ସୁମତଙ୍କୁ ପଛପଟୁ ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସୁମନ୍ତଙ୍କ ମୃତ୍ୟୁ ଘଟିଥିଲା ।ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପଧାନ କହିଛନ୍ତି।

# ୬୧ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୮।୩(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଧନୁପାଲି ପୋଲିସ ଶନିବାର ସକାଳେ କୁମ୍ଭାରପଡ଼ାର ଅରମାନ ଖାନ ଓରଫ ମହମ୍ମଦ ଅରମାନ(୨୩)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୬୧ ଗ୍ରାମ ୩୦ ମିଲିଗ୍ରାମ ବ୍ରାଉନସୁଗାର, ଏକ ଦେଶୀ ପିସ୍ତଲ ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଅରମାନ ଡିୟରପାର୍କ ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରିବା ପାଇଁ ବୁଲୁଥିବା ନେଇ ଧନୁପାଲି ଥାନା ଆଇଆଇସିଙ୍କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହି ଖବର ଆଧାରରେ ଏସଆଇ ଡି. ଆର. ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଦଳ ଡିୟରପାର୍କ ନିକଟସ୍ଥ ବନ ବିଭାଗ ଗେଷ୍ଟ ହାଉସ ପଛପଟେ ଚଢ଼ାଉ କରି ଅରମାନଙ୍କୁ କାବୁ କରିଥିଲେ। ମାଜିଷ୍ଟ୍ରେଟ ଓ ଜଣେ ସାକ୍ଷୀଙ୍କ ଉପସ୍ଥିତିରେ ଅରମାନଙ୍କ ନିକଟରୁ ବ୍ରାଉନ୍‌ସୁଗାରକୁ ପୋଲିସ ଜବତ କରିଥିଲା। ଏ ନେଇ ଧନୁପାଲି ଥାନାରେ ଏକ ମାମଲା(ନଂ.୧୨୭/୨୬)ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ ଅରମାନ ମୋତିଝିରନ ଓ ସୁନାପାଲି ଅଞ୍ଚଳରେ ବ୍ରାଉନସୁଗାର କାରବାରର ମୁଖ୍ୟ ସୂତ୍ରଧାର ଭାବେ କାମ କରୁଥିଲେ। ତାଙ୍କ ନାମରେ ଧନୁପାଲି, ଟାଉନ ଥାନା, କ୍ଷେତରାଜପୁର, ଅଇଁଠାପାଲି ଓ ବୁର୍ଲା ଥାନାରେ ବେଆଇନ୍ ନିଶା କାରବାର, ଡକାୟତି, ରାହାଜାନୀ, ଦାଦାବଟି ଏବଂ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ଭଳି ୩୨ରୁ ଅଧିକ ସଙ୍ଗୀନ ମାମଲା ରହିଛି। ଗତବର୍ଷ ସେ ବ୍ରାଉନସୁଗାର ଚୋରା ଚାଲାଣ ବେଳେ ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଆସିବା ପରେ ପୁଣିଥରେ ସେ ଏହି କାରବାରରେ ସକ୍ରିୟ ହୋଇଥିଲେ।


ଜବତ ବ୍ରାଉନ୍ ସୁଗାର ଓ ପିସ୍ତଲ।


ଗିରଫ ଅଭିଯୁକ୍ତ।

## ଅଭିଯୁକ୍ତଙ୍କ ନାମରେ ରହିଛି ୩୨ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା

## ସଂକ୍ଷେପରେ

### ଉପଖଣ୍ଡ ମାନ୍ୟତା ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ରିଷିଡ଼ା,୨୮।୩ (ସୁଶାନ୍ତ ମଲ୍ଲିକ) :** କଳାହାଣ୍ଡି ଜିଲାର ମଦନପୁର ରାମପୁରକୁ ଉପଖଣ୍ଡ ମାନ୍ୟତା ଦେବା ପାଇଁ ଯୁବନେତା ତଥା ରାଜ ପରିବାର ସଦସ୍ୟ ନୀଳମାଧବ ସିଂଦେଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବିଭିନ୍ନ ସଂଗଠନ ତରଫରୁ ଏ ନେଇ ଦାବି ହୋଇଆସୁଛି। କିଛିମାସ ତଳେ ସମାନ ଦାବି ନେଇ ମ. ରାମପୁର ବନ୍ଦ ଡାକରା ଦିଆଯାଇଥିଲା। ସେହିପରି ଗତ ବୁଧବାର ଆଦିବାସୀ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ମ. ରାମପୁରକୁ ଉପଖଣ୍ଡ ମାନ୍ୟତା ଦେଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି।

### ଶିଶୁମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

**ଖଡ଼ିଆଲ,୨୮।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶିଶୁବାଟିକା ୧ର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ପରିଚାଳନା ସମିତିର କୋଷାଧକ୍ଷା ମୀନାକ୍ଷୀ ଗହୀର ଶିଶୁଙ୍କ ଆହାର ବିଷୟରେ ଅଭିଭାବକଙ୍କୁ ମାର୍ଗଦର୍ଶନ କରିଥିଲେ। ଶିଶୁବାଟିକା ପ୍ରମୁଖ ବୃନ୍ଦାବନ ସିଂହ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଗୁରୁମା ନମିତା ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ପୌଷ୍ଟିକ ଆହାରର ଏକ ପ୍ରଦର୍ଶନୀ କରାଯାଇଥିଲା।

### ରାମନବମୀ ଉପଲକ୍ଷେ କୌତୁକ ପୋଷାକ ପ୍ରତିଯୋଗିତା

**ଭବାନୀପାଟଣା,୨୮।୩(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରର ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ଶୁକ୍ରବାର ଶ୍ରୀରାମ ନବମୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ରାମଚନ୍ଦ୍ରଙ୍କ ନୀତି ଆଦର୍ଶ ଜୀବନରେ ପାଳନକରିବା ସହ ରାଷ୍ଟ୍ର ଗଠନରେ ନିୟୋଜିତ ରହିବାକୁ ସ୍କୁଲ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ସ୍କୁଲର ଶିକ୍ଷୟିତ୍ରୀ ସରିତା ବାଗେଲ, ସମୀକ୍ଷାରାଣୀ ବେହେରା ସହଯୋଗ କରିଥିଲେ।

### କୀଟନାଶକ ଦୋକାନରେ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଯାଞ୍ଚ

**କର୍ଲାମୁଣ୍ଡା,୨୮।୩(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ସାର ଓ କୀଟନାଶକ ଔଷଧ ଯେପରି ଚାଷୀମାନେ ଠିକ୍ ମୂଲ୍ୟରେ ପାଇପାରିବେ ସେ ନେଇ ବ୍ଲକର ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ଶନିବାର ଯାଞ୍ଚ କରାଯାଇଛି। ସ୍କ୍ୱାଡ୍ ସଦସ୍ୟ ବିଭିନ୍ନ ଗ୍ରାମରେ ଥିବା ଦୋକାନର କାଗଜ ପତ୍ର, ଷ୍ଟକ ଯାଞ୍ଚ କରିଥିଲେ। ଅଧ୍ୟକ୍ଷ ତଥା ତହସିଲଦାର ଅରୁଣ ବର୍ଗେ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଏଟିଏମ୍ ଶ୍ୟାମ ପଦ ଭଞ୍ଜଙ୍କ ସମେତ ପୋଲିସ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଅଧିକାରୀମାନେ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଦୋକାନକୁ ଯାଇ ଲାଇସେନ୍ସ, ଏକ୍ସପାରି କୀଟନାଶକ ଔଷଧ, ବିକ୍ରୟ ଚାଟ, ଷ୍ଟକ ପ୍ରଭୃତିର ଯାଞ୍ଚ କରିଥିଲେ।

# ନଷ୍ଟହେବାକୁ ବସିଛି ଭେଣ୍ଡିଂ ଜୋନ୍ ଦୋକାନଗୃହ

**ଭବାନୀପାଟଣା ପୌରପାଳିକା**

**ଏପ୍ରିଲ ପ୍ରଥମ ସପ୍ତାହରେ ହେବ ଟେଣ୍ଡର: ନିର୍ବାହୀ ଅଧିକାରୀ**

**ଭବାନୀପାଟଣା,୨୮।୩(ଉତ୍ତମ କୁମାର ଦାଶ)**


ପୁରୁଣାପଡ଼ା ନିକଟରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ ନଷ୍ଟ ହେବାକୁ ବସିଛି।

ଶତାଧିକ ବ୍ୟବସାୟୀଙ୍କୁ ଥଇଥାନ ପାଇଁ କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକା ପକ୍ଷରୁ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଥିଲା। ଏଥିପାଇଁ ବହୁ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ହେଲେ ୨ ବର୍ଷରୁ ଅଧିକ ସମୟ ଧରି ନିର୍ମାଣ ହୋଇସାରିଥିଲେ ମଧ୍ୟ ଏହାର ଠିକ୍ ଆବଣ୍ଟନ ହୋଇପାରି ନାହିଁ। ଫଳରେ ବ୍ୟବସାୟୀଙ୍କ କାମରେ ନ ଆସି ଭେଣ୍ଡିଂ ଜୋନ୍ ଦୋକାନଗୃହଗୁଡିକ ଏବେ ନଷ୍ଟହେବାକୁ ବସିଲାଣି।

ଭବାନୀପାଟଣା ସହରରେ ପ୍ରାୟ ୩ବର୍ଷ ତଳେ ବିଭିନ୍ନ ସ୍ଥାନରେ ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ ହୋଇଥିଲା। ଏହି ସମୟରେ ଦୋକାନ ଗୃହ ହରାଇଥିବା ବ୍ୟବସାୟୀଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ସଦର ଥାନା ନିକଟରେ ୮ଟି ଦୋକାନ ଗୃହ, ପୁରୁଣା ସିନେମା ହଲ୍‌ଠାରେ ୧୩ଟି, ଗାନ୍ଧୀ ପାର୍କଠାରେ ୧୦ଟି, ପୌର କାର୍ଯ୍ୟାଳୟ ନିକଟରେ ୫ଟି, ପୁରୁଣାପଡ଼ା ବନ୍ଧକୁ ଲାଗିଥିବା ଆଶ୍ରୟସ୍ଥଳୀ ନିକଟରେ ୨୦ଟି, ଇରିଗେଶନ କଲୋନି ଛକରେ ୧୩ଟି ଓ ସାପ୍ତାହିକ ମାର୍କେଟରେ ୮ଟି ଭେଣ୍ଡିଂ ଜୋନ୍ ଦୋକାନଗୃହ ନିର୍ମାଣ କରାଯାଇଥିଲା। ହେଲେ ଅଦ୍ୟାବଧି ଏହା ଆବଣ୍ଟନ ନ ହୋଇ ନଷ୍ଟହେବାକୁ ବସିଲାଣି। ସେହିପରି ପୌରପାଳିକାଠାରେ ଥିବା ୫ଟି ଦୋକାନ ଗୃହ ୨୦୦୫ ମସିହାରୁ ନିର୍ମାଣ ହୋଇପଡ଼ିରହିଛି। ବର୍ତ୍ତମାନ ଏହି ପରିତ୍ୟକ୍ତ ଦୋକାନଗୃହ ମଦ୍ୟପ ଓ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ମାଣିକେଶ୍ୱରୀ ଛକ ନିକଟରେ ପ୍ରାୟ ୧୦ଟି ଷ୍ଟଲ ସହ ଏକ ଫୁଡ୍‌ପାର୍କ ନିର୍ମାଣ କରିବାର ଆଜକୁ ୨ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଟେଣ୍ଡର ହୋଇନାହିଁ। ସେହିପରି ସହରର ସାପ୍ତାହିକ ବଜାରରେ ପିଣ୍ଡି ସହ ୭୨ରୁ ଅଧିକ ଦୋକାନ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୌର ପରିଷଦକୁ ହସ୍ତାନ୍ତର ହୋଇନାହିଁ। ଫଳରେ ଉଠାଦୋକାନୀମାନେ ରାସ୍ତା ଉପରେ ବସୁଛନ୍ତି। ଭବାନୀପାଟଣା ବାସିନ୍ଦା ସରୋଜ ବାଗ କହିଛନ୍ତି, ୨୦୧୪-୧୫ରେ ରାସ୍ତା ପ୍ରଶସ୍ତୀକରଣ ନାଁରେ ବହୁ ଦୋକାନୀଙ୍କୁ ବିସ୍ଥାପନ କରାଗଲା। ପୌର ପରିଷଦ ପକ୍ଷରୁ ଭେଣ୍ଡିଂ ଜୋନ୍ ତିଆରି କରାଯାଇଥିଲା। ହେଲେ ଏହାକୁ ବିସ୍ଥାପିତ ଦୋକାନୀଙ୍କୁ ହସ୍ତାନ୍ତର କରାଗଲା ନାହିଁ। ଏଥିପାଇଁ ଗତବର୍ଷ ୧ମାସ ଧରି ଦୋକାନୀମାନେ ଆନ୍ଦୋଳନରେ ବସିଥିଲେ। ବର୍ତ୍ତମାନ ସବୁ ଷ୍ଟଲ୍ ଓ ଦୋକାନ ନଷ୍ଟହେବାକୁ ଲାଗିଲାଣି। ଏଥିପାଇଁ ପ୍ରଶାସନ ଓ ପୌରପାଳିକା ଦାୟୀ। ବିସ୍ଥାପିତ ଦୋକାନୀ ସଂଘ ସଭାପତି ରୋହିତ ଦୁର୍ଗା କହିଛନ୍ତି, ଭେଣ୍ଡିଂ ଜୋନ୍ ଆବଣ୍ଟନରେ ଅନିୟମିତତା ନେଇ ୪୭ ଦିନ ଧରି ପୌର ପରିଷଦ ସମ୍ମୁଖରେ ଧାରଣାରେ ବସିବା ଫଳରେ କେତେଜଣ ଦୋକାନୀଙ୍କୁ ଦୋକାନ ଗୃହ ଦିଆଗଲା। ବର୍ତ୍ତମାନ ଏଠାରେ ଏକ ଫୁଡ୍‌ପାର୍କ କରାଯାଇଛି। ତାହା ମଧ୍ୟ ବଣ୍ଟନ କରାଯାଉ ନାହିଁ। ଫଳରେ ତାହା ନଷ୍ଟହେବାକୁ ବସିଲାଣି। ପନିପରିବା ବିକ୍ରିକରୁଥିବା ଦୋକାନୀ ରାସ୍ତାକଡ଼ରେ ବସୁଥିବାରୁ ଟ୍ରାଫିକ୍ ସମସ୍ୟା ଦେଖିବାକୁ ମିଳୁଛି। ଏହାର ଠିକ୍ ବିଚାର ନ କଲେ ପୁନର୍ବାର ଆନ୍ଦୋଳନରେ ବସିବୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀ କହିଛନ୍ତି, ଆଗରୁ ଯେଉଁ ଭେଣ୍ଡିଂ ଜୋନ୍ ରହିଛି ସେ ନେଇ ବିଧାନସଭାରେ ମଧ୍ୟ ପ୍ରଶ୍ନ ଉଠିଥିଲା। ଆମେ ତା' ଉପରେ ଆଲୋଚନା କରୁଥିଲୁ। ବର୍ତ୍ତମାନ ୫୩ଟି ଦୋକାନ ଗୃହ ଖାଲି ଅଛି। ଆମେ ଏ ନେଇ ଜିଲାପାଳଙ୍କୁ ଜଣାଇଛୁ। ଜିଲାପାଳ ମଧ୍ୟ ଟେଣ୍ଡର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରେ ଟେଣ୍ଡରକରି ବଣ୍ଟନ କରିବୁ। ଯେଉଁସବୁ ଷ୍ଟଲ୍ ନଷ୍ଟହୋଇଛି ତାହାକୁ ମରାମତି କରିବା ପରେ ହସ୍ତାନ୍ତର କରିବେ ବୋଲି ସେ କହିଥିଲେ।

# ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍, ଲୋକେ ଭୟଭୀତ


ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେଉଛି।

**ଜୁନାଗଡ଼,୨୮।୩(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଖଲିଆପାଲି ଛକ ବୁଲାଣିଠାରେ ଶନିବାର ସନ୍ଧ୍ୟାରେ ଏକ କେମିକାଲ ବୋଝେଇ ଟ୍ୟାଙ୍କରରୁ ହଠାତ୍ ଗ୍ୟାସ ଲିକ୍ ହୋଇଥିଲା। ଏହା ଜାଣିପାରି ଚାଳକ ଟ୍ୟାଙ୍କରକୁ ସେଠାରେ ଅଟକାଇଥିଲେ। ଏହି ସମୟରେ ଟ୍ୟାଙ୍କରରୁ ବହୁ ପରିମାଣରେ ଗ୍ୟାସ୍ ନିର୍ଗତ ହେଉଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଏହି ଟ୍ୟାଙ୍କରଟି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମଠାରୁ ଲୁହା ସଫା କରିବା କେମିକାଲ ଧରି ରାୟପୁର ଯାଉଥିଲା। ଖବର ପାଇ ଜୁନାଗଡ଼ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟ ଏକ ଟ୍ୟାଙ୍କର ଆସି ଲିକେଜ ହେଉଥିବା ଟ୍ୟାଙ୍କର କେମିକାଲକୁ ସ୍ଥାନାନ୍ତର କରୁଥିବା ଜଣାପଡିଛି।

# ଅତ୍ୟାଧୁନିକ ଏନ୍-ଜେନ ଡାକଘର ଉଦ୍‌ଘାଟିତ


ଏନ-ଜେନ ଡାକଘର ଉଦ୍‌ଘାଟନ କରାଯାଉଛି।

**ଭବାନୀପାଟଣା,୨୮।୩(ଉତ୍ତମ କୁମାର ଦାଶ)**

**ଯୁବପିଢ଼ିଙ୍କ ଡିଜିଟାଲ ଆବଶ୍ୟକତା ପୂରଣ କରିବ**

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ରବିବାର ଅତ୍ୟାଧୁନିକ 'ଏନ-ଜେନ' ଡାକଘର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର କ୍ଷେତ୍ରର ଡାକ ମହାପ୍ରବନ୍ଧକ କର୍ଣ୍ଣେଲ ବିନୋଦ କୁମାର ଯୋଗଦେଇ ଏହାକୁ ଲୋକାର୍ପିତ କରିଛନ୍ତି। ଏହି ଅତ୍ୟାଧୁନିକ ଡାକଘର ପାରମ୍ପରିକ ସେବା ସହିତ ଆଧୁନିକ ଯୁବପିଢ଼ିର ଡିଜିଟାଲ ଆବଶ୍ୟକତାକୁ ପୂରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ନିଜ ଅଭିଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. କିଶୋର କୁମାର ପଣ୍ଡା ଯୋଗ ଦେଇଥିଲେ। କଳାହାଣ୍ଡି ଡାକମଣ୍ଡଳର ଅଧୀକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉପଡାକଘର ସ୍ଥାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ରହି ଡାକ ବିଭାଗର ନୂତନ ଡିଜିଟାଲ ସେବା ବିଷୟରେ ଅବଗତ ହୋଇଥିଲେ। ଏଠାରେ ଆଇପିପିବି (ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ), ଆଧାର ସେବା ଏବଂ ଦ୍ରୁତ ପାର୍ସଲ ଟ୍ରାକିଂ ଭଳି ସମସ୍ତ ବୈଷୟିକ ସୁବିଧା ଉପଲବ୍ଧ ହେବ। ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ଏହି ସେବା ଉପଲବ୍ଧ ହେବା ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ନିଜ ପାଠପଢ଼ା ସହିତ ଡାକ ଓ ବ୍ୟାଙ୍କିଙ୍ଗ ସେବା ସହଜରେ ପାଇପାରିବେ। କଳାହାଣ୍ଡି ଡାକ ମଣ୍ଡଳ ଅଧୀକ୍ଷକ ପାଣିଗ୍ରାହୀ କହିଛନ୍ତି ଯେ, ଯୁବପିଢ଼ିଙ୍କୁ ଡାକ ବିଭାଗ ସହ ଯୋଡ଼ିବା ପାଇଁ ଏହା ଏକ ଅଭିନବ ପ୍ରୟାସ। ଶେଷରେ ଅତିଥିମାନେ ନୂତନ ଡାକଘର ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

### ଥୁଆମୂଳ ରାମପୁର ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ

**ଥୁଆମୂଳ ରାମପୁର, ୨୮।୩ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଜେଏମ୍ଏଫ୍‌ସି କୋର୍ଟ ପରିସରରେ ଶନିବାର ବାର୍ ଆସୋସିଏଶନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ଯୁବ ଆଇନଜୀବୀ ମନୋରଞ୍ଜନ ନାଏକଙ୍କୁ ସଭାପତି ଓ ଆଇନଜୀବୀ ଦିଲୀପ କୁମାର ନାଏକଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ଚୟନ ପ୍ରକ୍ରିୟାରେ ବହୁ ସଂଖ୍ୟାରେ ଆଇନଜୀବୀ ଉପସ୍ଥିତ ରହି ନିଜର ମତ ସାବ୍ୟସ୍ତ କରିଥିଲେ। ନବନିର୍ବାଚିତ ସଭାପତି ଓ ସମ୍ପାଦକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। କୋର୍ଟର ବିଭିନ୍ନ ସମସ୍ୟା ସମାଧାନ କରିବା ସହ ଆଇନଜୀବୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବା ଦିଗରେ ନୂତନ କର୍ମକର୍ତ୍ତା କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ ପାଇଛି।

### ପାଟଣା କ୍ଷତ୍ରିୟ ସମାଜ ଭବନରେ ରାମନବମୀ ପାଳିତ

**ଖଡ଼ିଆଲ,୨୮।୩(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଭବନ ପରିସରରେ ଆଞ୍ଚଳିକ କ୍ଷତ୍ରିୟ ଯୁବ କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ରାମନବମୀ ପାଳିତ ହୋଇଯାଇଛି। ଏ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ଶ୍ରୀବତ୍ସ ବାରିକ ଅଧ୍ୟକ୍ଷତା କରିଥିଲେ। କ୍ଷତ୍ରିୟ ସମାଜର ବରିଷ୍ଠ ପରାମର୍ଶଦାତା ଖରତଚନ୍ଦ୍ର ବାରିକ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଅକିଞ୍ଚନ ବାରିକ ମୁଖ୍ୟବକ୍ତା ଓ ପ୍ରଦୀପ କୁମାର ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗଦାନକରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଉତ୍ସବ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ବିଶ୍ୱ ରଞ୍ଜନ ଭିତିରିଆ, ସହ ସମ୍ପାଦକ ପ୍ରତୀକ ରଞ୍ଜନ ରାଉତ, ସଂଗଠକ ବିକ୍ରମ ପାତ୍ର, ସଦସ୍ୟ ଆଲୋକ ବିଶି, କୁବେର ସିଂ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମାଜର ସହ ସଙ୍ଗଠକ ବିଭୂତି ଭୂଷଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ଅଞ୍ଚଳ


ବାଇକ୍ ଶୋଭାଯାତ୍ରାରେ ବାହାରିଥିବା ଶ୍ରଦ୍ଧାଳୁ।

**ଥୁଆମୂଳ ରାମପୁର, ୨୮।୩ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାରେ ଶ୍ରୀରାମ ନବମୀ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ଅବସରରେ ସମଗ୍ର ସଦର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ସ୍ଥାନୀୟ ଶ୍ରୀଜଗନ୍ନାଥଙ୍କ ଅସ୍ଥାୟୀ ମନ୍ଦିର ପରିସରରେ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ସମ୍ପନ୍ନ ହୋଇଥିଲା। ମୁଖ୍ୟ ପୂଜକ ଭାବେ ଆଲୋକ ରଞ୍ଜନ ମୁଣ୍ଡ ଦାୟିତ୍ୱ ନିର୍ବାହ କରିଥିବା ବେଳେ କର୍ତ୍ତା ଭାବେ ବିରଞ୍ଚି ନାରାୟଣ ମୁଣ୍ଡଛିନା ସପତ୍ନୀକ ପୂଜା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ପୂଜାର୍ଚ୍ଚନା ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ହାତରେ ଗେରୁଆ ପତାକା ଧରି ଶତାଧିକ ଶ୍ରଦ୍ଧାଳୁ ସହର ପରିକ୍ରମା କରିଥିଲେ। ଏହି ସମୟରେ 'ଜୟ ଶ୍ରୀରାମ' ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ସେବାଦଳର ସଦସ୍ୟ ଟଙ୍କଧର ପରିଚ୍ଛାଙ୍କ ସମେତ ସନ୍ତୋଷ କୁମାର ବାଗ, ସିଦ୍ଧାର୍ଥ ପଟ୍ଟନାୟକ, ସ୍ୱପ୍ନିଳ ପାଣିଗ୍ରାହୀ, ମଣ୍ଟୁ ପରିଚ୍ଛା, ପ୍ରିୟବ୍ରତ ପଣ୍ଡା, ସୁଧୀର ଦଣ୍ଡସେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ମା' ଠାକୁରାଣୀଙ୍କ ଚୈତ୍ର ଯାତ୍ରା

**ଥୁଆମୂଳ ରାମପୁର, ୨୮।୩ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ବ୍ଲକ ସଦର ତାଲବନ୍ଧ ପଡ଼ାଠାରେ ମା' ଠାକୁରାଣୀଙ୍କ ଚୈତ୍ର ଯାତ୍ରା ବା ଘଣ୍ଟ ଯାତ୍ରାର ଶନିବାର ପଞ୍ଚମ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଦୁର୍ଗା ପରିବାର ପକ୍ଷରୁ ମା'ଙ୍କ ପବିତ୍ର ଘଣ୍ଟକୁ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ଘଣ୍ଟ ଦୁର୍ଗା ପରିବାରରେ ପହଞ୍ଚିବା ପରେ ପୂଜକ ଡମ୍ବରୁଧର ପୂଜାରୀଙ୍କ ଦେହରେ କାଳିସୀ ଲାଗି ହୋଇଥିଲା। ପୂର୍ବ ପରମ୍ପରା ରକ୍ଷା କରି ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଶସ୍ୟ ଓ ଧାନ ଦ୍ୱାରା ନିର୍ମିତ 'ଧାନ ପୁଞ୍ଜି' ଉପରେ ମା'ଙ୍କ ଘଣ୍ଟକୁ ସ୍ଥାପନ କରାଯାଇଥିଲା। ଏହି ସମୟରେ ପରିବାରର ଅନେକ କାଳିସୀଙ୍କ ଦେହରେ ଦେବତା ପ୍ରବେଶ କରିଥିଲେ ଏବଂ ସମସ୍ତେ ଗୋଟିଏ ପରେ ଗୋଟିଏ କଣ୍ଟା ଦୋଳିରେ ଝୁଲି ଦର୍ଶକଙ୍କୁ ଦର୍ଶନ ଦେଇଥିଲେ। ଏଥିରେ ଦୁର୍ଗା ପରିବାରର ପୂଜକ ଜଗତରାମ ଦୁର୍ଗା, ରାମେଶ୍ୱର ଦୁର୍ଗା, ଅଜିତ କୁମାର ଦୁର୍ଗା, ଗୌତମ ଦୁର୍ଗା, ଚୈତନ୍ୟ ଦୁର୍ଗା ପ୍ରମୁଖ ଉପସ୍ଥିତ ରହି ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମା'ଙ୍କ ଘଣ୍ଟ ସହ ପୂଜକ ଯୁବକଲାଲ ପରିଚ୍ଛା, ପ୍ରହ୍ଲାଦ ପୂଜାରୀ, ବିଷ୍ଣୁ ପୂଜାରୀ ଉପସ୍ଥିତ ଥିଲେ। ମାନସିକ ପୂରଣ ପାଇଁ ବହୁ ଶ୍ରଦ୍ଧାଳୁ କୁକୁଡ଼ା, ପାରା, ନଡ଼ିଆ ଓ ହଳଦୀ ଆଦି ଅର୍ପଣ କରିଥିଲେ।

# ସନ୍ତୋଷ ପଣ୍ଡା ସଭାପତି, ନିହାର ମିଶ୍ର ସମ୍ପାଦକ

**କଳାହାଣ୍ଡି ଓକିଲ ସଂଘ ନିର୍ବାଚନ**

**ଭବାନୀପାଟଣା,୨୮।୩ (ଉତ୍ତମ କୁମାର ଦାଶ)**



କଳାହାଣ୍ଡି ଓକିଲ ସଂଘର ନିର୍ବାଚନ ଶନିବାର ଭବାନୀପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବରେ ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ନିହାର ରଞ୍ଜନ ମିଶ୍ର, ଉପସଭାପତି ମହେଶ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ଛତ୍ରିଆ ଓ କୋଷାଧ୍ୟକ୍ଷ ଭାବରେ ଜୟନ୍ତ କୁମାର ମୁଣ୍ଡ ନିର୍ବାଚିତ ହୋଇଛନ୍ତି। ସନ୍ତୋଷ ଚତୁର୍ଥଥର ପାଇଁ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ସେହିପରି ବରିଷ୍ଠ କାର୍ଯ୍ୟକାରୀ ସଭ୍ୟ ଭାବରେ ଗୌତମ ପଟ୍ଟନାୟକ, ବିନୟ କୁମାର ଦାଶ, ଇଲା ସେଲମା ଓ ଜ୍ୟୋତ୍ସ୍ନା ମଞ୍ଜରୀ ମିଶ୍ର ଏବଂ କନିଷ୍ଠ କାର୍ଯ୍ୟକାରୀ ସଭ୍ୟ ଭାବରେ ଶକ୍ତିସ୍ୱରୂପ ବେହେରା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବରେ ବରିଷ୍ଠ ଓକିଲ ପ୍ରତାପ ଚନ୍ଦ୍ର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ। ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ପ୍ରଦୀପ ଚନ୍ଦ୍ର ପାତ୍ର, ସୁଜିତ କୁମାର ବହିଦାର, ଇଶ୍ୱ ରଞ୍ଜନ କୁମାର ଓ ସୂର୍ଯ୍ୟ ନାରାୟଣ କୁମାର ସହଯୋଗ କରିଥିଲେ।

# ଲକ୍ଷ୍ମୀବିକାଶ ଉଇସ୍‌ଡମ ପାର୍କରେ ଶ୍ରୀରାମ ନବମୀ ପାଳିତ

**ଭବାନୀପାଟଣା,୨୮।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପଡ଼ିଆରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୯୯୯୯ ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଭୁ ଶ୍ରୀରାମଙ୍କ ଏକ ବିଶାଳକାୟ ଚିତ୍ର ପ୍ରସ୍ତୁତ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ଅନୁଷ୍ଠାନର କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।


ଉଇସ୍‌ଡମ ପାର୍କରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରୀଛାତ୍ର।

# ବିହନ ଛିନା ପର୍ବ ପାଇଁ ଗାଁ ଉତ୍ସବମୁଖର

**ନୂଆପଡ଼ା, ୨୮।୩ (ମକାରୁ ବେମାଲ)**

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ପର୍ବ ହେଉଛି ବିହନ ଛିନା ବା ଚଇତି ପର୍ବ। ଏହି ପର୍ବ ପାଇଁ ଜିଲାର ବିଭିନ୍ନ ଗାଁ ଉତ୍ସବମୁଖର ହୋଇଉଠିଛି। ଏହା ଚୈତ୍ର ମାସ ଅମାବାସ୍ୟା ପରେ ଅନୁଷ୍ଠିତ ହୋଇଥାଏ। ଗ୍ରାମ ଝାଙ୍କର ସହ ପାଥର, ପୂଝାରୀ, ଦିହାରି ଓ ଗ୍ରାମବାସୀ ଦିନତମାମ ଉପବାସ ରହି ଝାଙ୍କର ଘରୁ ଶୁଭମୁହୂର୍ତ୍ତରେ ବାହାରି ଗ୍ରାମ ଦେବୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି। ପରେ ବିଲରେ ହଳ କରି ଧାନ ବୁଣାଯାଇଥାଏ। ଏହି ସମୟରେ ଚାଷୀଙ୍କୁ ଝାଙ୍କର ଧାନ ବିହନ ଆକାରରେ ଦେଇଥାନ୍ତି। ସେହି ଧାନକୁ ଚାଷୀମାନେ ପତ୍ରପୁଡା କରି ଘରକୁ ଆଣିଥାନ୍ତି। ଘରେ ପହଞ୍ଚିଲା ପରେ ଗୃହଣୀମାନେ ବନ୍ଦାପନା କରି ଘରକୁ ନେଇ ପୂଜାସ୍ଥଳରେ ରଖିଥାନ୍ତି। ଅକ୍ଷୟ ତୃତୀୟ ଦିନ ଭୋର ସମୟରୁ ସେହି ଧାନକୁ ନେଇ ନିଜ ଚାଷ ଜମିରେ ବୁଣାଯାଇଥାଏ। ଏହା ହେଉଛି ପଶ୍ଚିମ ଓଡ଼ିଶାର ମହାନ ପର୍ବ। ଏହି ପର୍ବରେ ମାଟି ଦେବତା ଓ ଗ୍ରାମ ଇଷ୍ଟଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବୋଦା ସହ କୁକୁଡ଼ା, ପାରା ବଳି ଦିଆଯାଇଥାଏ। ବିହନ ଛିନା ପର୍ବ ସହ ବଏଲ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏହି ବଏଲ ଯାତ୍ରାରେ ବରୁଆଙ୍କ ଶିରାରେ କାଳିସୀ ଆସି ଗାଁର ପ୍ରତ୍ୟେକ ଘରକୁ ଯାଇଥାନ୍ତି। ସେଠାରେ ଘରଲୋକେ ବନ୍ଦାପନା କରି ଅଧିଆ ପଡ଼ିଥାନ୍ତି। ଦେବୀ ଲୁହା ଶିକୁଳିରେ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଆଉଁସି ଦେଲେ ସବୁ ଦୁଃଖକଷ୍ଟ ଦୂର ହେବା ସହ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଯାହାର ମନସ୍କାମନା ପୂର୍ଣ୍ଣ ହୁଏ ସେ ଦେବୀଙ୍କୁ ବୋଦା ବଳି ଦେଇଥାନ୍ତି। ସେହିପରି ତରବୋଡ଼ ଗ୍ରାମରେ ଏହି ପର୍ବ ଅନୁଷ୍ଠିତ ହୋଇଯାଇଛି। ଝାଙ୍କର ଯୋଗେନ୍ଦ୍ର ନାୟକ, ଦିହାରୀ ଦିଲିପ ବନଛୋର, ମଙ୍ଗଳ ମାଝୀ, କପୁରଚନ ହଂସ, ଅଶୋକ ବନଛୋର, ରାମଲାଲ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଚାଷୀମାନେ ଝାଙ୍କରଙ୍କଠାରୁ ବିହନ ନେଉଛନ୍ତି।

**ନିଲେଇପାଲିରେ ୪୦ପ୍ରହର ନାମଯଜ୍ଞ**

ଅତାବିରା (ଯୁଧିଷ୍ଠିର ମହାପାତ୍ର): ଅତାବିରା ବ୍ଲକ ଅନ୍ତର୍ଗତ ନିଲେଇପାଲିଠାରେ ଗୁରୁବାର ୪୦ପ୍ରହର ନାମଯଜ୍ଞ ଉଦ୍ଯାପିତ ହୋଇଯାଇଛି। ନାମଯଜ୍ଞ ପାଇଁ ଗାଁ ପୋଖରୀ ତୁଠରେ ପୂଜାର୍ଚ୍ଚନା ପୂର୍ବକ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମାନସିକ କଳସ ମୁଣ୍ଡାଇ ଯଜ୍ଞ ମଣ୍ଡପରେ ସ୍ଥାପନ ପରେ ବ୍ରହ୍ମା ବରଣ ହୋଇଥିବା ସୁବିଜ୍ଞ ପଣ୍ଡିତ ପ୍ରହ୍ଲାଦ ଶତପଥୀ ଓ ବିମଳେଶ୍ୱର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ଚଳିତବର୍ଷ କର୍ତ୍ତା ହେମଚନ୍ଦ୍ର ପ୍ରଧାନ ଓ ତାଙ୍କ ସହଧର୍ମିଣୀ ଲୋକେଶ୍ୱରୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେଉ ଦୂରଗାମୀ ଟ୍ରେନ

ବରଗଡ,୨୮।୩(ପ୍ରେମାନନ୍ଦ ଖମାରୀ)

ରାଜ୍ୟର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତି ପାଇଁ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଶନିବାର ସଂସଦରେ ବିଭିନ୍ନ ପ୍ରସ୍ତାବ ରଖିଛନ୍ତି। ୧୮୨୭ରୁ ଆରମ୍ଭ ହୋଇଥିବା ବୀର ସୁରେନ୍ଦ୍ର ସାଏଙ୍କ ସଶସ୍ତ୍ର ବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଅନନ୍ୟ ଅଧ୍ୟାୟ। ସମ୍ବଲପୁର-ବରଗଡ଼ର ଡେବ୍ରୀଗଡ଼ ଏବଂ ବାରପାହାଡ଼ ଭଳି ଦୁର୍ଗମ ଅଞ୍ଚଳରେ ରହି ସ୍ଥାନୀୟ ଜନଜାତି ଓ ଜମିଦାରଙ୍କ ସହାୟତାରେ ସେ ଯେଉଁ ଗେରିଲା ଯୁଦ୍ଧ ଚଳାଇଥିଲେ, ତାହା ବ୍ରିଟିଶ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ଥିଲା।୨୦୨୭ରେ ଏହି ଐତିହାସିକ ସଂଗ୍ରାମର ୨୦୦ ବର୍ଷ (ଦ୍ୱିଶତାବ୍ଦୀ) ପୂର୍ଣ୍ଣ ହେବାକୁ ଯାଉଛି। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସମ୍ବଲପୁର, ଭୁବନେଶ୍ୱର ଏବଂ ନୂଆଦିଲ୍ଲୀରେ ବର୍ଷବ୍ୟାପୀ ଜାତୀୟ ସ୍ତରର କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଓ ସ୍ମାରକୀ ପ୍ରକାଶନ ପାଇଁ ଆପଣଙ୍କର ପ୍ରସ୍ତାବ ଅତ୍ୟନ୍ତ ଯଥାର୍ଥ। ଏହା ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ସହଯୋଗୀଙ୍କ ଅତୁଳନୀୟ ବଳିଦାନକୁ ସମଗ୍ର ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବ। ବରଗଡ଼ ସଂସଦୀୟ କ୍ଷେତ୍ରର ପ୍ରତିନିଧି ଭାବରେ ଏହି ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ପଦକ୍ଷେପକୁ ଏମ୍‌ପି ପୁରୋହିତ ଧନ୍ୟବାଦ ଜଣାଇଛନ୍ତି।

ଅନ୍ୟପକ୍ଷରେ ପୁରୋହିତ ଆହୁରି ଅନେକ ପ୍ରସ୍ତାବ ଦେଇଛନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ଗରିଲା ଯୁଦ୍ଧର ୨୦୦ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସମ୍ବଲପୁର, ଭୁବନେଶ୍ୱର ଏବଂ ନୂଆଦିଲ୍ଲୀରେ ବର୍ଷବ୍ୟାପୀ ଜାତୀୟ ସ୍ତରର କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଓ ସ୍ମାରକୀ ପ୍ରକାଶନ ପାଇଁ ସେ ଦାବି କରିଛନ୍ତି। ସେହିପରି ସମ୍ବଲପୁର, ଭୁବନେଶ୍ୱର ଏବଂ ନୂଆଦିଲ୍ଲୀରେ ଜାତୀୟ ସ୍ତରର ସେମିନାର, ସ୍ମାରକୀ ପ୍ରକାଶନ, ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ବିଶେଷ କରି ବରଗଡ଼ ସଂସଦୀୟ କ୍ଷେତ୍ର ବରଗଡ଼ରେ ଅବସ୍ଥିତ ଦେବ୍ରୀଗଡ଼ ରଣକ୍ଷେତ୍ରର ସଂରକ୍ଷଣ ଓ ପ୍ରଚାର ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉ। ଏହାଦ୍ୱାରା ଦେଶବାସୀ ବୀର ସୁରେନ୍ଦ୍ର ସାଏଙ୍କ ଅତୁଳନୀୟ ବଳିଦାନ ବିଷୟରେ ଜାଣିପାରିବେ ବୋଲି ପୁରୋହିତ କହିଛନ୍ତି। ଏହା ସହିତ ଡେବ୍ରୀଗଡ଼ର ବିକାଶ ପାଇଁ ସେଠାରେ ଏକ ଅତ୍ୟାଧୁନିକ ଡିଜିଟାଲ ସଂଗ୍ରହାଳୟ ନିର୍ମାଣ, ଡେବ୍ରୀଗଡ଼ ଏବଂ ବାରପାହାଡ଼ ଅଞ୍ଚଳକୁ ଐତିହାସିକ ପର୍ଯ୍ୟଟନ ସର୍କିଟଭାବେ ଘୋଷଣା, ସଂଗ୍ରାମୀମାନଙ୍କର ଲୁଚିବା ସ୍ଥାନ ଓ ରଣକ୍ଷେତ୍ରଗୁଡ଼ିକୁ ସଂରକ୍ଷିତ କରାଯାଇ ପର୍ଯ୍ୟଟକଙ୍କ ପାଇଁ ସୁବିଧା, ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମର କାହାଣୀକୁ ଜୀବନ୍ତ କରିବା ପାଇଁ ଡେବ୍ରୀଗଡ଼ଠାରେ ଏକ ଭବ୍ୟ ଲାଇଟ ଆଣ୍ଡ ସାଉଣ୍ଡ ଶୋ'ର ଡେବ୍ରୀଗଡ଼ ପ୍ରବେଶ ପଥରେ ଏକ ବିଶାଳ ବିଜୟ ସ୍ତମ୍ଭ ନିର୍ମାଣ ପାଇଁ ସେ ଦାବି କରିଛନ୍ତି।


ପ୍ରଦୀପ କୁମାର ପୁରୋହିତ।

ସେହିପରି ବନ୍ୟପ୍ରାଣୀ ଅଭୟାରଣ୍ୟର ସୁରକ୍ଷା ସହିତ ଏହି ସଂଗ୍ରାମର ସ୍ମୃତିକୁ ଯୋଡ଼ି ଏକ ଇକୋ-ହେରିଟେଜ ମଡେଲ ପ୍ରସ୍ତୁତ କରିବା, ଭୁବନେଶ୍ୱର ଏବଂ ନୂଆଦିଲ୍ଲୀରେ ବର୍ଷବ୍ୟାପୀ ଜାତୀୟ ସେମିନାର, ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନୀର ସୁରେନ୍ଦ୍ର ସାଏଙ୍କ ଏକ ସ୍ୱତନ୍ତ୍ର ସ୍ମାରକୀ ଡାକ ଟିକଟ ଏବଂ ତାଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ଓ ବୃତ୍ତଚିତ୍ର ପ୍ରସ୍ତୁତ କରାଯିବା, ସମ୍ବଲପୁର କିମ୍ବା ବରଗଡ଼ ଦେଇ ଯାଉଥିବା କୌଣସି ଏକ ଦୂରଗାମୀ ଏକ୍ସପ୍ରେସ ଟ୍ରେନ୍‌ର ନାମ ବୀର ସୁରେନ୍ଦ୍ର ସାଏ ଏକ୍ସପ୍ରେସ ଭାବେ ନାମିତ କରିବା, ବରଗଡ଼ ରୋଡ ଏବଂ ସମ୍ବଲପୁର ରେଳ ଷ୍ଟେସନରେ ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ସମ୍ପର୍କିତ ଚିତ୍ରକଳା ଏବଂ ତାଙ୍କର ଏକ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ମଧ୍ୟ ସେ ଦାବି କରିଛନ୍ତି। ଏହା ସହିତ ଭାରତ ଗୌରବ ଟ୍ରେନ ମାଧ୍ୟମରେ ପର୍ଯ୍ୟଟକମାନଙ୍କୁ ପଶ୍ଚିମ ଓଡ଼ିଶାର ଏହି ଐତିହାସିକ ରଣକ୍ଷେତ୍ର ଦେଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଏମ୍‌ପି ପୁରୋହିତ ଦାବି କରିଛନ୍ତି।

**ବରଗଡ଼ ଜିଲା ଓକିଲ ସଂଘର ନିର୍ବାଚନ**

## ଭୀଷ୍ମଦେବ ସଭାପତି, ହରିହର ସମ୍ପାଦକ ନିର୍ବାଚିତ


ବରଗଡ଼ ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

ବରଗଡ଼,୨୮।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ଓକିଲ ସଂଘର ସଭାପତିଭାବେ ଭୀଷ୍ମଦେବ ସରାଫ ପୁଣି ନିର୍ବାଚିତ ହୋଇଛନ୍ତି। ସରାଫ୍ କ୍ରମାଗତ ଭାବେ ଚତୁର୍ଥ ଥର ସଭାପତି ନିର୍ବାଚିତ ହୋଇଥିବାବେଳେ ଏହା ପୂର୍ବରୁ ମଧ୍ୟ ସେ ଥରେ ଏହି ପଦବୀରେ ନିର୍ବାଚିତ ହୋଇଥିଲେ। ସେହିପରି ଉତ୍ତର କୁମାର ସାହୁ ଉପସଭାପତି, ହରିହର ପ୍ରଧାନ ସମ୍ପାଦକ, ବୈକୁଣ୍ଠନାଥ ଟି. ପ୍ରସାଦ ଷଡ଼ଙ୍ଗୀ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। କିଶୋର ଚନ୍ଦ୍ର ଦାଶ ଓ ସନ୍ତୋଷ କୁମାର ଦାଶ କାଟାଗୋରୀ-୧, ଲିପସିତ୍ ମିଶ୍ର ଓ ସନକ ଦାଶ କାଟାଗୋରୀ-୨ ଏବଂ ଅଧିକାରୀ ପ୍ରଧାନ ଓ ଅମିତ କୁମାର ନାଏକ କାଟାଗୋରୀ-୩ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ମନୋନୀତ ହୋଇଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ନୂତନ କର୍ମକର୍ତ୍ତାଙ୍କୁ ସଂଘ ପରିସରରେ ସଂଘର ସଦସ୍ୟମାନେ ଅଭିନନ୍ଦନ ଜଣାଇଥିଲେ।

## ସଂକ୍ଷେପରେ

### ନୃସିଂହନାଥରେ ବନବିଭାଗ ପକ୍ଷରୁ ଆଲୋଚନାଚକ୍ର

ପାଇକମାଳ,୨୮।୩(ବଡ଼ ଶତପଥୀ): ପାଇକମାଳ ବ୍ଲକ ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର ଆୟୋସିଏଲ ବଙ୍ଗଳାଠାରେ ଓଡ଼ିଶା ସରକାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ବରଗଡ଼ ବନଖଣ୍ଡ ପକ୍ଷରୁ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ନିଆଁ ନ ଲାଗିବା ଓ ନିଆଁ ଲାଗିଲେ ଏହାର ପ୍ରତିକାର ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ପାଇକମାଳ ରେଞ୍ଜର ହୃଦାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରଗଡ଼ ଡିଏଫ୍‌ଓ ସରୋଜ କୁମାର ପଣ୍ଡା, ମୁଖ୍ୟବକ୍ତା ପ୍ରକୃତି ବନ୍ଧୁ ତଥା ବରିଷ୍ଠ ସାମ୍ବାଦିକ ବଡ଼ ଶତପଥୀ, ସମ୍ମାନିତ ଅତିଥି ଭାବେ ଏସିଏଫ୍ ହରମୋହନ ରଥ, ନୃସିଂହନାଥ ଗନ୍ଧମାର୍ଦ୍ଦନ ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା ଯୋଗଦେଇଥିଲେ। ଓମ୍ ପ୍ରକାଶ ହୋତା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ପ୍ରକୃତି ବନ୍ଧୁ, ବିଭୂତି ମୁଣ୍ଡ, ଭୁବନେଶ୍ୱର ପ୍ରଧାନ,ଟେମରୀ ସରପଞ୍ଚ ଦିଲ୍ଲୀପ ବାବୁ ଯୋଗଦାନ କରିଥିଲେ।

### ଜାତୀୟ ଡାଲଖାଇ ଏକାଡେମୀ ସ୍ଥାପନ ଦାବି

ପଦ୍ମପୁର,୨୮।୩(ପ୍ରଦୀପ୍ତ ଦାଶ): ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଶନିବାର ପାର୍ଲାମେଣ୍ଟରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଡାଲଖାଇ ନୃତ୍ୟର ସଂରକ୍ଷଣ ଓ ପ୍ରଚାର ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ପାର୍ଲାମେଣ୍ଟରେ ବରଗଡ଼ ଜିଲା ପଦ୍ମପୁରରେ ଏକ ଜାତୀୟ ଡାଲଖାଇ ଏକାଡେମୀ ସ୍ଥାପନ କରିବା ପାଇଁ ସେ ଦାବି କରିଛନ୍ତି। ଏହାଦ୍ୱାରା ଏହି ଲୋକକଳାର ଠିକ ଗବେଷଣା ଓ ପ୍ରଶିକ୍ଷଣ ହୋଇପାରିବ ବୋଲି ପୁରୋହିତ କହିଛନ୍ତି। ଡାଲଖାଇ ନୃତ୍ୟର ସମୃଦ୍ଧ ସଂସ୍କୃତି ଓ ଇତିହାସକୁ ଦୃଷ୍ଟିରେ ରଖି ଏହାକୁ ଶାସ୍ତ୍ରୀୟ ନୃତ୍ୟ ମାନ୍ୟତା ଦେବା ପାଇଁ ମଧ୍ୟ ସେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ପଶ୍ଚିମ ଓଡ଼ିଶାର କଳାକାରମାନଙ୍କୁ ଜାତୀୟ ସ୍ତରରେ ପରିଚୟ ଦେବା ଏବଂ ସେମାନଙ୍କୁ ଆର୍ଥିକ ସହାୟତା ପାଇଁ ସେ ସଂସଦରେ ପ୍ରସ୍ତାବ ରଖିଛନ୍ତି। ନିକଟରେ ପୁରୋହିତ ନିଜେ ବୋଡ଼ାସମ୍ବର ଡାଲଖାଇ ମହୋତ୍ସବରେ ନାଚିଥିବା ଭିଡିଓ ସୋସିଆଲ ମିଡିଆରେ ବହୁତ ଚର୍ଚ୍ଚିତ ହୋଇଥିଲା, ଯାହା ଏହି ଦାବିକୁ ଆହୁରି ମଜଭୁତ କରିଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଝାରବନ୍ଧ,୨୮।୩(ଦେବେନ୍ଦ୍ର ସାହୁ): ଝାରବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ଓ ନୂତନ ଭବନର ଶୁଭ ଉଦ୍‌ଘାଟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ନିରାକାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଗେଶ୍ୱର ଦାସ ଅଧ୍ୟକ୍ଷ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର, ମୁଖ୍ୟବକ୍ତା ଭାବରେ ଡ. ବାଞ୍ଛାନିଧି ପଣ୍ଡା ଅବସରପ୍ରାପ୍ତ ଅଧ୍ୟାପକ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର, ସମ୍ମାନିତ ଅତିଥି ଭାବେ ଶ୍ରୀ ତ୍ରିବିକ୍ରମ ଶତପଥୀ ସମ୍ପାଦକ ପଶ୍ଚିମ ସମ୍ଭାଗ ସମ୍ବଲପୁର, ମୋହନ ପ୍ରଧାନ ସଭାପତି ଗ୍ରାମ୍ୟ ପରିଚାଳନା କମିଟି ଝାରବନ୍ଧ, ଦ୍ୱାଦଶ ପ୍ରଧାନ ପଦ୍ମପୁର ସଙ୍କୁଳ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ ପ୍ରକାଶ ହୋତା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବ୍ରଜକିଶୋର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

# ଛତୁଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର


ଶିବିରରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

ଅତାବିରା,୨୮।୩(ଯୁଧିଷ୍ଠିର ମହାପାତ୍ର)

ଛତୁଚାଷ ଆତ୍ମନିର୍ଭରଶୀଳ ହେବାର ଏକ ଉପଯୁକ୍ତ ମଧ୍ୟମ ବୋଲି ଅତାବିରା ବ୍ଲକ ଅନ୍ତର୍ଗତ ଟାମ୍ପରସରା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଅନୁଷ୍ଠିତ ଛତୁଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଶିବିରରେ ଅତାବିରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଛତୁଚାଷ ସମ୍ବନ୍ଧୀୟ ନୂତନ ତଥ୍ୟ ଓ ପ୍ରୟୋଗାତ୍ମକ ଜ୍ଞାନ ଅର୍ଜନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋହର ଦାଶ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଭୋଇ ମୁଖ୍ୟ ଅତିଥି, କାଦୋବାହାଲ କ୍ଲଷ୍ଟରର ସି.ଆର.ସି.ସି. ତ୍ରିଲୋଚନ ସେଠ ପ୍ରମୁଖ ଅତିଥି ଓ କୃଷି ବିଜ୍ଞାନ କେନ୍ଦ୍ର, ଗମ୍ଭାରୀପାଲିର କୃଷି ବିଜ୍ଞାନୀ ସୁଶ୍ରୀତା ସାହୁ ପ୍ରଶିକ୍ଷକ ରୂପେ ଯୋଗ ଦେଇଥିଲେ। ଏହି ଶିବିରରେ ଛତୁଚାଷ ସମ୍ବନ୍ଧୀୟ ତଥ୍ୟଭିତ୍ତିକ ଶିକ୍ଷା ଦିଆଯାଇଥିଲା ଏବଂ ଏହାର ପ୍ରାୟୋଗିକ ପ୍ରଣାଳୀ ବିଷୟରେ କୃଷି ବିଜ୍ଞାନ କେନ୍ଦ୍ରରେ ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଦେଇଥିଲେ।

### ଶ୍ରୀରାମ ନବମୀରେ ନଗର ପରିକ୍ରମା

ବରଗଡ଼,୨୮।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ଶକ୍ତି ନଗର ଯୁଥ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ଦାଶ ସପତ୍ନୀକ କର୍ତ୍ତାଭାବେ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭୁ ଶ୍ରୀରାମ ରୂପରେ ଶୁଭ୍ରାଂଶୁ ରଥ, ଲକ୍ଷ୍ମଣ ରୂପରେ ସୁଧାଂଶୁ ରଥ ଓ ମାତା ସୀତା ରୂପରେ ଆରାଧ୍ୟା ଶର୍ମା ଅବତୀର୍ଣ୍ଣ ହୋଇଥିଲେ। ସେମାନେ ନୁନିଆଁ ଜାମପାଲି ସଂକୀର୍ତ୍ତନ୍ୟ ଦଳ ସହିତ ନଗର ପରିକ୍ରମା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶକ୍ତି ନଗର ଯୁଥ ଆସୋସିଏଶନର ସମସ୍ତ ସଦସ୍ୟ ଓ ଅଭୀପ୍ସା ମହିଳା ସମିତିର ସମସ୍ତ ସଦସ୍ୟା ଯୋଗଦେଇ ସହଯୋଗ କରିଥିଲେ। କାଉନ୍‌ସିଲର ସୁନନ୍ଦା ପଣ୍ଡା, ସଭାପତି ମାନସ ରଞ୍ଜନ ଚାନ୍ଦ, ଉପଦେଷ୍ଟା ବିଶିଷ୍ଟ ସାମାଜିକକର୍ମୀ ସତ୍ୟ ନାରାୟଣ ପଣ୍ଡା, ବରିଷ୍ଠ ଆଇନଜୀବୀ ଭୀଷ୍ମଦେବ ସରାଫ ପ୍ରମୁଖ ଶ୍ରୀରାମ ନବମୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ

ପଲସାଗୋରା,୨୮।୩(ଅଶ୍ୱିନୀ ନନ୍ଦ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ପଲଶାଗୋରା ପଞ୍ଚାୟତ କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ବିଶ୍ୱେଶ୍ୱର ପାଣିଗ୍ରାହୀ ଅଧ୍ୟକ୍ଷତା କରିବା ସହ ବିପର୍ଯ୍ୟୟ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ଭୂମିକା ଓ ତାଲିମ ଉପରେ ଗୁରୁତ୍ୱାରୋପ କରିଥିଲେ। କଲେଜ କ୍ରୀଡ଼ା ଶିକ୍ଷକ ତଥା ଯୁବ ରେଡ୍‌କ୍ରସର ପରାମର୍ଶଦାତା ନାରାୟଣ ପଧାନ ଛାତ୍ରୀଛାତ୍ରମାନଙ୍କୁ ବିପର୍ଯ୍ୟୟ ସମ୍ପର୍କରେ ତାଲିମ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ପ୍ରଜ୍ଞା ପରିମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ଅଧ୍ୟାପିକା ସୁଶ୍ରୀ କାମେଶ୍ୱରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମପୁରରେ ଆନନ୍ଦ ସଭାପତି, ହରିଶଙ୍କର ସମ୍ପାଦକ


ଆନନ୍ଦ ଚନ୍ଦ୍ର ପଣ୍ଡା


ହରିଶଙ୍କର ସିଂହ

ପଦ୍ମପୁର, ୨୮।୩(ପ୍ରଦୀପ୍ତ ଦାଶ): ପଦ୍ମପୁର ଓକିଲ ସଂଘର ନିର୍ବାଚନ ମନୋନୟନ ପ୍ରକିୟା ଶେଷ ହୋଇଛି। ଏହି ନିର୍ବାଚନରେ ସମସ୍ତ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ମନୋନୀତ ହୋଇଥିଲେ। ଚଳିତବର୍ଷ ପାଇଁ ନୂତନ ଭାବେ ସର୍ବସମ୍ମତି କ୍ରମେ ବରିଷ୍ଠ ଆଇନଜୀବୀ ଆନନ୍ଦ ଚନ୍ଦ୍ର ପଣ୍ଡା ସଭାପତି, ଆଇନଜୀବୀ ହରିଶଙ୍କର ସିଂହଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ସହ ସମ୍ପାଦକ ଆଦିତ୍ୟ କୁମାର ରଥ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବରେ ଅଜିତ କୁମାର ଶତପଥୀ, ଗୌନ୍ତିଆ କୁମାର ସାହୁ, କେଶବ ସାହୁ ଓ ପ୍ରଦୀପ କୁମାର ସାହୁ ମନୋନୀତ ହୋଇଥିଲେ।

## ହିମାଂଶୁ ବରପାଲି ଓକିଲ ସଂଘର ସଭାପତି


ହିମାଂଶୁ ଶେଖର ସାହୁ


ଦେବେନ୍ଦ୍ର ସାହୁ

ବରପାଲି,୨୮।୩(ଚିତ୍ତରଞ୍ଜନ ସାହୁ): ବରପାଲି ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଚଳିତ ବର୍ଷ ପାଇଁ ସଭାପତି ହିମାଂଶୁ ଶେଖର ସାହୁ ଓ ସମ୍ପାଦକ ଭାବେ ଦେବେନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି। ଉପସଭାପତି ସୁଧୀର ମେହେର, ସହସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ଦାଶ, ମହେନ୍ଦ୍ର କୁମାର ଗହୀର, ଗ୍ରନ୍ଥାଳୟ ସମ୍ପାଦକ ପରିତୋଷ ମେହେର, କୋଷାଧ୍ୟକ୍ଷ ଅଞ୍ଜନ କୁମାର ବେହେରା ରହିଥିବା ବେଳେ କାର୍ଯ୍ୟକାରୀ କମିଟିରେ ଅଚ୍ୟୁତାନନ୍ଦ ଦାଶ, ଲାଲ ବିକ୍ରମ ସିଂହଦେଓ, ଆନନ୍ଦ ଚନ୍ଦ୍ର ସାହୁ, ମନୋଜ ପଟ୍ଟନାୟକ ଓ ଈଶ୍ୱର ନାଗ ରହିଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାରେ ବରିଷ୍ଠ ଓକିଲ ଗୋକୁଳାନନ୍ଦ ସ୍ୱାଇଁ ଓ ରାମେଶ୍ୱର କୋକା ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ।

## ଅତାବିରାରେ ନିରୋଦ ସଭାପତି, ହିତେନ୍ଦ୍ରୀୟ ସମ୍ପାଦକ


ନିରୋଦ ଚନ୍ଦ୍ର ମହାକୁର


ହିତେନ୍ଦ୍ରୀୟ ପ୍ରଧାନ

ଅତାବିରା,୨୮।୩(ଯୁଧିଷ୍ଠିର ମହାପାତ୍ର): ଅତାବିରା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରୋଦ ଚନ୍ଦ୍ର ମହାକୁର ସଭାପତି, ତ୍ରିପୁରାରୀ ଚାନ୍ଦ ଉପସଭାପତି, ହିତେନ୍ଦ୍ରୀୟ ପ୍ରଧାନ ସମ୍ପାଦକ, ଧନପତି ବାଦୀ ସହସମ୍ପାଦକ, ଭାସା ଯାପି ଜଗନ୍ନାଥ ରାଓ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ମାନସ ରଞ୍ଜନ ତ୍ରିପାଠୀ, ଋଷି ଶୃଙ୍ଗ ବଘାର, ଅମୀୟ ମହାନ୍ତି ଓ ଦୁର୍ଯ୍ୟୋଧନ ଛତର ପ୍ରମୁଖ କାର୍ଯ୍ୟକାରୀ ସଭ୍ୟରୂପେ ମନୋନୀତ ହୋଇଛନ୍ତି। ଦିବ୍ୟ କିଶୋର ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ ।

## ଭେଡେନ ଓକିଲ ସଂଘ ନିର୍ବାଚନ

ଭେଡେନ,୨୮।୩(ହୃଷିକେଶ ଖମାରୀ): ବରଗଡ଼ ଜିଲା ଭେଡେନ ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ଦାଶ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବରେ କିଶୋର ପାଇକ, ସମ୍ପାଦକ ଭାବରେ ସୁରେନ୍ଦ୍ର ହୋତା, ସହସମ୍ପାଦକ ଭାବରେ ପାଣ୍ଡବ ସୁନା ଓ କୋଷାଧ୍ୟକ୍ଷ ଭାବରେ ପ୍ରଶାନ୍ତ ନାଏକ ମନୋନୀତ ହୋଇଛନ୍ତି। ଓକିଲ ସଂଘର କାର୍ଯ୍ୟକାରୀ ସଦସ୍ୟ ଭାବରେ, ହିମାଂଶୁ ଦୋରା, ରକ୍ଷାକାରୀ ଠେଲା, ସରୋଜ କୁମାର ମିଶ୍ର, ଲିଙ୍ଗରାଜ ବିଶି, ନରେନ୍ଦ୍ର ଭୋଇ, ଯଦୁରାମ ତ୍ରିପାଠୀ ମନୋନୀତ ହୋଇଛନ୍ତି। କାର୍ତ୍ତିକ ରଣା ଓ ଲଳିତ ବଘାର ନିର୍ବାଚନ ପରିଚାଳନା କରିଥିଲେ।

# ବୌଦ୍ଧ ମାଧପୁର ରେଞ୍ଜରୁ ଗଲା ରଥ କାଠ

ବୌଦ୍ଧ,୨୮।୩(ଅଜିତ କୁମାର ବାରିକ)

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ଚଳିତବର୍ଷ ବୌଦ୍ଧ ବନଖଣ୍ଡର ମାଧପୁର ରେଞ୍ଜରୁ ଶନିବାର ଦ୍ୱିତୀୟ ଥର ରଥ କାଠ ପୁରୀକୁ ପଠାଯାଇଛି। ଗତ ବୁଧବାର ବୌଦ୍ଧ ଜିଲାରୁ ପ୍ରଥମ ଥର ୫୩ ଖଣ୍ଡ ଅସନ କାଠ ପୁରୀକୁ ପଠାଯାଇଥିବା ବେଳେ ପୁଣି ଶନିବାର ୨ ଗୋଟି ଟ୍ରକରେ ୫୪ ଗୋଟି ଧଉରା କାଠ ପଠାଯାଇଛି। ଏ ନେଇ ମାଧପୁର ରେଞ୍ଜର ଲେଙ୍ଗରପାଲୁ ଗ୍ରାମର (ପୂଜକ ଦେହୁରୀ) ଜୟଦ୍ରଥ ମଲିକ ଓ ତାଙ୍କ ସ୍ତ୍ରୀ ଉଭୟ ରଥକାଠ ଓ ଗାଡ଼ିକୁ ପୂଜାର୍ଚ୍ଚନା କରିଥିଲେ। ପୂଜାର୍ଚ୍ଚନା ସମୟରେ ମାଧପୁର ରେଞ୍ଜର ଆଶିଷ ଦିଗାଲ, ଫରେଷ୍ଟର ଭକ୍ତ ବତ୍ସଳ ମଲିକ, ଗାଡ଼ ଗୀତା ଏକା ଓ ସ୍କାଡ କର୍ମଚାରୀ ଓ ଲେଙ୍ଗରପାଲୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ପୂଜାର୍ଚ୍ଚନା କରାଯାଇ ରଥ କାଠ ପଠାଯାଉଛି।

# ସଡ଼କ ଦୁର୍ଘଟଣାରେ ଶିଶୁପୁତ୍ର ମୃତ

ବରପାଲି,୨୮।୩(ଚିତ୍ତରଞ୍ଜନ ସାହୁ): ବରପାଲି ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଚାରି ବର୍ଷ ଶିଶୁପୁତ୍ରର ମୃତ୍ୟୁ ଘଟିଛି।ବରପାଲି ନିକଟସ୍ଥ ଧଉରାଖନ୍ଦା ଗ୍ରାମର ଧ୍ରୁବ ଚରଣ ଦାଶଙ୍କ ଝିଅ ଖାରସୁଗୁଡ଼ାରେ ବିବାହ କରିଥିଲେ। ସେ ତାଙ୍କ ସ୍ୱାମୀ ଶିଶିର କୁମାର ଚଇନିଙ୍କ ସହ ନିଜ ଗ୍ରାମକୁ ଏକ ବ୍ରତୋପନୟନରେ ଯୋଗଦେବା ପାଇଁ ଆସିଥିଲେ। ଗତ ଶୁକ୍ରବାର ସନ୍ଧ୍ୟାରେ ଲୁଗା କିଣି ବାଇକରେ ଦମ୍ପତି ସେମାନଙ୍କ ଚାରି ବର୍ଷର ପୁଅ ଆରୁସ ସହ ଘରକୁ ଧଉରାଖନ୍ଦା ଫେରୁଥିବା ବେଳେ ଧଉରାଖନ୍ଦା ଛକ ନିକଟରେ ଏକ ଡମ୍ଫର (ଓଡି ୧୭-ଏବି ୮୦୭୨) ବାଇକକୁ ଧକ୍କା ଦେବାରୁ ଆରୁସ ଡମ୍ଫର ତଳେ ଚାପି ହୋଇଯାଇଥିଲେ। ତାଙ୍କୁ ବରପାଲି ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରପାଲି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବୁଣାକାରଙ୍କ ବିନା ହସ୍ତତନ୍ତର ଗୌରବ ପୁନଃପ୍ରାପ୍ତ ଅସମ୍ଭବ

ବରଗଡ଼,୨୮।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ପ୍ରତିଷ୍ଠାନ(ଆଇଆଇଏଚଟି)ର ବାର୍ଷିକ ଉତ୍ସବ ନବ ସୃଜନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ମହାଦେଓ ଜୟସ୍ୱାଲ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସେ କହିଥିଲେ, ୧୮୦୦ ଶତାବ୍ଦୀରେ ଏହି ଅଞ୍ଚଳ ହସ୍ତତନ୍ତ ଓ ବୟନ ଶିଳ୍ପରେ ବେଶ୍ ଗୌରବ ଅର୍ଜନ କରିଥିଲା। ସେହି ଗୌରବକୁ ପୁନଃପ୍ରାପ୍ତ କରିବା ପାଇଁ ବୁଣାକାରଙ୍କ ଉଦ୍ୟମ ଲୋଡ଼ା। ବୁଣାକାରମାନେ ନବୋଦୟର ଅବଧାରଣାକୁ ବର୍ତ୍ତମାନ ସ୍ୱୀକାର କରିବାର ଆବଶ୍ୟକତା ରହିଛି। ସେହିପରି ନିକଟ ଭବିଷ୍ୟତରେ ଆଇଆଇଏମ, ସମ୍ବଲପୁର ସହିତ ହସ୍ତତନ୍ତର ବିକାଶ ପାଇଁ ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ହେବାକୁ ଯାଉଛି ବୋଲି ଆଇଆଇଏମ୍ ନିର୍ଦ୍ଦେଶକ ଜୟସ୍ୱାଲ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଆଇଏଚଟିର ନିର୍ଦ୍ଦେଶକ ବ୍ରିଜେଶ କୁମାର ଆବସ୍ଥୀ, ବରଗଡ଼ ଇମ୍ପେରିଆଲ କଲେଜର ଡାଇରେକ୍ଟର ଦୀପକ କୁମାର ଗୋୟଲ, ବରଗଡ଼ ସରକାରୀ ପଲିଟେକନିକର ସଚ୍ଚିନ୍ଦ୍ର କୁମାର ଗୋଖୁରା, କବୀର ସମ୍ମାନ ପୁରସ୍କାର ବିଜେତା ରାମକୃଷ୍ଣ ମେହେର ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର କୁମାର ଯାଦବ, ବରିଷ୍ଠ ଅଧ୍ୟାପକ ଧର୍ମେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ସଚିବ ରୋଜାଲିନ ପ୍ରଧାନ ଓ ସନ୍ଦେଶ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ବାର୍ଷିକ ଉତ୍ସବରେ ଆଇଆଇଏଚ୍‌ଟି ଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମା'ବହଲତଲିଏନ୍ ବିଗ୍ରହଙ୍କ ପ୍ରତିଷ୍ଠା, ମନ୍ଦିର ପ୍ରବେଶ

ଗାଇସିଲେଟ,୨୮।୩(ଦୁର୍ଗା ପ୍ରସାଦ ତ୍ରିବେଦୀ): ଗାଇସିଲେଟ ଗ୍ରାମଦେବୀ ମା' ବହଲତଲିଏନ୍‌ଙ୍କ ନୂତନ ବିଗ୍ରହ ମନ୍ଦିର ପ୍ରବେଶ ପାଇଁ ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ଗତ ବୁଧବାର କଳସ ଯାତ୍ରାରେ କର୍ତ୍ତା ଅରବିନ୍ଦ ପଣ୍ଡା ସପତ୍ନିକ ତଥା ହଜାରରୁ ଉର୍ଦ୍ଧ୍ୱ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ପରେ ଯୋଷୀ ବନ୍ଧରୁ କଳସରେ ଜଳନେଇ ମା'ଙ୍କ ପୁରୁଣା ମନ୍ଦିରରେ ପୂଜାର୍ଚ୍ଚନା କରି ଆଜ୍ଞାମାଳ ସହିତ ପାଟ ଖଣ୍ଡାଧରି ସରପଞ୍ଚ ଶରତ କାଲୋ, ଯୁଥ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡା, ପୂର୍ବତନ ଥାନାଧିକାରୀ ତଥା ମନ୍ଦିର ନିର୍ମାତା ଶଙ୍କଟଭଞ୍ଜନ ପଟ୍ଟନାୟକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ଲଳିତ କୁମାର ପଣ୍ଡା, ଶିଦ୍ଧାର୍ଥ କୁମାର ପଣ୍ଡା ଓ ଚିନ୍ମୟ କୁମାର ପଣ୍ଡା ପୂଜାର୍ଚ୍ଚନା ପରେ ଶୁକ୍ରବାର ମା'ଙ୍କ ବିଗ୍ରହ ମନ୍ଦିର ପ୍ରବେଶ କରାଯାଇଥିଲା। ସେହିପରି ଶ୍ରୀରାମ ନବମୀ ଉପଲକ୍ଷେ ଯୁଥ୍ କ୍ଲବ ତରଫରୁ ଦହି ସରବତ ବଣ୍ଟନ କରାଯାଇଥିଲା। ଏଥିସହିତ ହନୁମାନ ମନ୍ଦିର ପରିସରରେ ସୁନ୍ଦରକାଣ୍ଡ ପାରାୟଣ କରାଯାଇଥିଲା। ଏଥିରେ ସଞ୍ଜୟ କୁମାର ପୁରୋହିତ ଧର୍ମପତ୍ନି କର୍ତ୍ତା ତଥା ରାଧାକୃଷ୍ଣ ମନ୍ଦିର ପୂଜକ ପଣ୍ଡିତ ସନ୍ତୋଷ କୁମାର ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ସୋନପୁରର ଅନନ୍ତ ଚରଣ ପଣ୍ଡା ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ।


ଆଖଡା ଶୋଭାଯାତ୍ରାରେ ରାଉରକେଲା ଏସ୍‌ପି ସାମିଲ ହୋଇଛନ୍ତି।


ଶୋଭାଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବେଶଧାରୀ।


ଏସ୍-୪୦୦ ମିଜାଇଲ ପ୍ରଜ୍ଞାପନ ମେଢ଼।


ସ୍ୱେଚ୍ଛାସେବୀମାନେ ଖାଦ୍ୟ ଓ ପାନୀୟ ବଣ୍ଟନ କରୁଛନ୍ତି।

# ରାମମୟ ଇସ୍ପାତ ନଗରୀ

ରାଉରକେଲା,୨୮ ।୩(ସଙ୍ଗୀତା ଜେନା)



ଶୋଭାଯାତ୍ରାରେ ଭାଗନେଲେ ୧୫ ଆଖଡା

ରାମନବମୀ ଅବସରରେ ରାଉରକେଲାରେ ଅନୁଷ୍ଠିତ ହୋଇଛି ଭବ୍ୟ ଶୋଭାଯାତ୍ରା। ଇସ୍ପାତ ନଗରୀ ରାଉରକେଲା ଶନିବାର ରାମମୟ ହୋଇଉଠିଥିଲା। ହନୁମାନ ଚାଳିଶା ଓ ଭଜନରେ ଭକ୍ତିମୟ ପରିବେଶକୁ ଉପଭୋଗ କରିବାକୁ ହଜାର ହଜାର ସହରବାସୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରାୟ ୧୫ଟି ଆଖଡା କମିଟିର ତତ୍ତ୍ୱାବଧାନରେ ଆୟୋଜିତ ଏହି ଶୋଭାଯାତ୍ରା ଆଧୁନିକତା ଓ ପରମ୍ପରାର ସମ୍ମିଶ୍ରଣ ଥିଲା। ଅପରାହ୍ନ ସାଢ଼େ ୩ଟାରେ ରାଉରକେଲା ପୋଲିସ ଅଧୀକ୍ଷକ ନିତେଶ ୱାଧୱାନୀ ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଥିଲେ। ପ୍ରଶାସନ ପକ୍ଷରୁ ୨୪ ପ୍ଲାଟନ ଫୋର୍ସ ମୁତୟନ କରାଯାଇଥିଲା। ପୁରୁଣା ଟାଙ୍କି ଷ୍ଟାଣ୍ଡ ଓ ନାଳାରୋଡ୍ ଭଳି ସମ୍ବେଦନଶୀଳ ଅଞ୍ଚଳରେ ସତର୍କତା ଅବଲମ୍ବନ କରାଯାଇଥିଲା। ଉକ୍ତ ସ୍ଥାନମାନଙ୍କରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ଏସ୍‌ପି ଶୋଭାଯାତ୍ରା ଶେଷ ହେବା ଯାଏ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ସମଗ୍ର ରୁଟ୍‌ରେ ସିସିକ୍ୟାମେରା ଏବଂ ଡ୍ରୋନ ଦ୍ୱାରା ନଜର ରଖାଯାଇଥିଲା। ଶୋଭାଯାତ୍ରା ହେଉଥିବା ରୁଟ୍‌ର ୨ ପାର୍ଶ୍ୱରେ ଥିବା ଉଚ୍ଚ କୋଠାଗୁଡ଼ିକ ଉପରେ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା।

ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ମହାରାଷ୍ଟ୍ର ବାଭୁଲ ଗ୍ରାମର ପ୍ରସିଦ୍ଧ ଡଙ୍କା ପାର୍ଟି। କଳାକାରମାନଙ୍କ ପାରମ୍ପରିକ ପୋଷାକ ଓ ବାଦ୍ୟର ତାଳେ ତାଳେ ସ୍ଥାନୀୟ ଲୋକ ନୃତ୍ୟ କରିଥିଲେ। ଏହି ଅବସରରେ ଆଖଡା କମିଟିର ସଦସ୍ୟମାନେ ବାଡି, ଲାଠି ଓ ଯୁଦ୍ଧକଳା ପ୍ରଦର୍ଶନ କରିଥିଲେ। ଆଖଡା ପକ୍ଷରୁ ପ୍ରସ୍ତୁତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ସହିତ ପୁଷ୍ପା-୨ ଓ କାନ୍ତାରା ଭଳି ଲୋକପ୍ରିୟ ଚଳଚ୍ଚିତ୍ରର ଗୀତ ଲୋକଙ୍କୁ ଉତ୍ସାହିତ କରିଥିଲା। ସେହିପରି କେରଳ ପଦ୍ମନାଭସ୍ୱାମୀ ମନ୍ଦିର, ବ୍ରହ୍ମୋସ ଭଳି ଭାରତୀୟ ସେନାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଯୁଦ୍ଧଜାହାଜ, ଲଢୁଆ ବିମାନର ପ୍ରତିକୃତି ମେଢ଼ ପ୍ରଦର୍ଶିତ ହୋଇଥିଲା। ଅନୁରୂପ ଭାବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତିରୂପୀ କଳାକାର ମଧ୍ୟ ଅନ୍ୟତମ ଆକର୍ଷଣ ସାଜିଥିଲେ। ମାଁ ଦୁର୍ଗା ଆଖଡା, ଭୂତନାଥ ଆଖଡା, ମହାବୀର ଆଖଡା, ଡିଲକ୍ସ ଗଳି ଆଖଡା, ଗାନ୍ଧୀରୋଡ୍‌ର ତ୍ରିନାଥ ଆଖଡା ଭଳି ୧୫ଟି ଆଖଡାର ସଦସ୍ୟଙ୍କ ସମେତ ସାମାଜିକ କର୍ମୀ ହରି ରାଉତରାୟ, ଅମିତାଭ ସାମଲ, ସତ୍ୟାନନ୍ଦ ମହାନ୍ତି, ଗିରିଜା ଶଙ୍କର ଦ୍ୱିବେଦୀ, ସୁମନ ଦତ୍ତ ପ୍ରମୁଖ ସାମିଲ ହୋଇଥିଲେ। ଶ୍ରୀ ମହାବୀର ଆଖଡା ପକ୍ଷରୁ ରତନ ସାଓ, ଅମିତ ସାଓ, ଅଭିଷେକ ଗୁପ୍ତା, ଅଂଶ ଶାହୀ, ମନୀଷ ଶ୍ରୀବାସ୍ତବ, ପିଙ୍କି ସାଓ, ନିକି ଗୁପ୍ତା, ପ୍ରୀତି ଗୁପ୍ତାଙ୍କ ସମେତ ଅନ୍ୟମାନେ ଥଣ୍ଡା ପାନୀୟ, ମିଷ୍ଟାନ୍ନ ବ୍ୟଞ୍ଜନ, ଫଳମୂଳ ବଣ୍ଟନ କରିଥିଲେ।


ଶୋଭାଯାତ୍ରାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଭାରତୀୟ ଇସ୍ପାତ ମଜଦୁର ମହାସଂଘ କାର୍ଯ୍ୟକାରିଣୀ ବୈଠକ

ରାଉରକେଲା,୨୮ ।୩(ସଙ୍ଗୀତା ଜେନା)

କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ଭାରତୀୟ ଇସ୍ପାତ ମଜଦୁର ମହାସଂଘର ୨ଦିବସୀୟ କାର୍ଯ୍ୟକାରିଣୀ ବୈଠକ ସେକ୍ଟର-୪ ବିଶ୍ୱକର୍ମା ଭବନରେ ଶନିବାର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଛି। ବୈଠକରେ ଇସ୍ପାତ ଉଦ୍ୟୋଗର ପ୍ରଭାରୀ ଏମ୍. ଜଗଦୀଶ୍ୱର ରାଓ, ସହ ଉଦ୍ୟୋଗ ପ୍ରଭାରୀ ହିମାଂଶୁ ବଳ, ପୂର୍ବତନ ପ୍ରଭାରୀ ଦେବେନ୍ଦ୍ର ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। ମହାସଂଘ ସଭାପତି ଶ୍ରୀନିବାସ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁନ୍ଦରଗଡ଼ ଜିଲା ପ୍ରଭାରୀ ରାଜେନ୍ଦ୍ର ନାଥ ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ମହାସଂଘ ପକ୍ଷରୁ ନୂତନ ରୋଜଗାର ଦିଗରେ କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ସାଲେମ, କୁଡେଖମୁଖ, ଭଦ୍ରାବତୀ, ବୋକାରୋ, ଭିଲାଇ, ବର୍ନପୁର, ଦୁର୍ଗାପୁର, ଦୁର୍ଗାପୁର ଏଲୟ, ଡଲି ରାଜହରା, ହରିରି, ନନ୍ଦିନୀ, ଟେନସା, ବରସୁଆଁ, ବଲାଣି, କିରିବୁରୁ, ମେଘାତବୁରୁ, ଗୋଆ, ଚିରିଆ, ପ୍ରମୁଖ ଶିଳ୍ପ ଉଦ୍ୟୋଗ, ଖଣିଖାଦାନର ଶ୍ରମିକ ପ୍ରତିନିଧି ଯୋଗ ଦେଇଥିଲେ।



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିଗଣ।

## ସ୍ୱଚ୍ଛ ପରିବେଶ ନୀରୋଗ ରଖିବାରେ ସହାୟକ ହୁଏ


କାର୍ଯ୍ୟକ୍ରମରେ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୨୮ ।୩(ଦିନେଶ ମିଶ୍ର)

### ମହିଳା ଆରୋଗ୍ୟ ସମିତି ସମ୍ମିଳନୀ-୨୦୨୬

ରାଉରକେଲା ଛେଣ୍ଡ ସ୍ଥିତ ଆହୂତି ଭବନରେ ଶନିବାର ନଗର ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ମହାନଗର ନିଗମ ଉପଆୟୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହରକୁ ସ୍ୱଚ୍ଛ ରଖିବା ପାଇଁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ। କାରଣ ସ୍ୱଚ୍ଛ ପରିବେଶ ସର୍ବଦା ବ୍ୟକ୍ତିଙ୍କୁ ନିରୋଗ ରଖିବାରେ ସହାୟକ ହୋଇଥାଏ ବୋଲି ମଲ୍ଲିକ କହିଥିଲେ। ସିପିଆର୍‌ସି ହୃଷୀକେଶ ସାହୁ, ଶକ୍ତି ପ୍ରକାଶ ପାଢ଼ୀ, ରଜନୀକାନ୍ତ ମହାନ୍ତି, ସ୍ୱପ୍ନଜିତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ରାଉରକେଲା ମହାନଗର ନିଗମ ଅଧୀନ ୪୪୭ ଆରୋଗ୍ୟ ସମିତିରୁ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୧୮୦ ମହିଳା ଆରୋଗ୍ୟ କର୍ମଚାରୀଙ୍କୁ ଅର୍ଥରାଶି ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୧୦ ଆଶାକର୍ମୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ମହିଳା ଆରୋଗ୍ୟ ସମିତିର ସଦସ୍ୟା ଓ ଆଶାକର୍ମୀଙ୍କ ପକ୍ଷରୁ ନାଟକ 'ସ୍ୱାସ୍ଥ୍ୟ ସଚେତନତା' ପରିବେଷଣ କରାଯିବା ସହ ସଙ୍ଗୀତ ଓ କବିତା ପାଠ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ଆରୋଗ୍ୟ ସମିତିର କର୍ମଚାରୀମାନେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ଶୁଭଶ୍ରୀ ଦାସ ମଞ୍ଚ ପରିଚାଳନା, ଗୁରୁଦତ୍ତ ପୁରୋହିତ ବାର୍ଷିକ ବିବରଣୀ ପାଠ ଏବଂ ଶକ୍ତିପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଧୁନିକ ପ୍ରଯୁକ୍ତିରେ ଅଗ୍ନି ନିର୍ବାପନ, ଉଦ୍ଧାର କୌଶଳ ପ୍ରଦର୍ଶନ

ରାଉରକେଲା,୨୮ ।୩(ଦିନେଶ ମିଶ୍ର)

### ଅଗ୍ନିଶମ ବାହିନୀର ମକ୍ ଡ୍ରିଲ୍

ଅଗ୍ନିକାଣ୍ଡ ଭଳି ଜରୁରୀ ପରିସ୍ଥିତିର ସଫଳ ମୁକାବିଲା ପାଇଁ ରାଉରକେଲା ଅଗ୍ନିଶମ ବାହିନୀ ପକ୍ଷରୁ ଉଦିତନଗର ପଡ଼ିଆରେ ଶନିବାର ଏକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ତଥା ରାଉରକେଲା ମହାନଗର ନିଗମର ଉପରିସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀର ଯବାନମାନେ ପାରମ୍ପରିକଠାରୁ ଆରମ୍ଭ କରି ଅତ୍ୟାଧୁନିକ ଉପାୟରେ କିଭଳି ନିଆଁ ନିୟନ୍ତ୍ରଣ କରାଯାଇପାରିବ ତାର କଳା କୌଶଳ ପ୍ରଦର୍ଶନ କରିଥିଲେ। ଅଗ୍ନିକାଣ୍ଡ ସମୟରେ କିପରି ଜଣେ ବ୍ୟକ୍ତିଙ୍କୁ ସଫଳତାର ସହ ଉଦ୍ଧାର କରାଯାଇ ପାରିବ, ମୋଟର ଫାୟାର ଇଞ୍ଜିନ୍ ସହ ପାରମ୍ପରିକ ହୋସ୍ ଓ ମନିଟର ବ୍ୟବହାର କରି କିପରି ନିଆଁ ନିର୍ବାପନ କରାଯାଇପାରିବ ତାହା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକ, ଡେପୁଟି ଫାୟାର ଅଫିସର ଉମାକାନ୍ତ ନାୟକ, ଆସିଷ୍ଟାଣ୍ଟ ଫାୟାର ଅଫିସର ସଂଗ୍ରାମ ହାଁସଦା, ଆସିଷ୍ଟାଣ୍ଟ ଷ୍ଟେଶନ ଅଫିସର ପ୍ରଦୀପ କୁମାର ନାୟକ, ପ୍ରମୁଖ ଅଗ୍ନିଶମ କର୍ମଚାରୀ କ୍ଷେତ୍ରବାସୀ ପ୍ରଧାନ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଅଗ୍ନିଶମ ବାହିନୀ ନିଆଁ ଲିଭା କୌଶଳ ପ୍ରଦର୍ଶନ କରୁଛନ୍ତି।

## ଆର୍‌ଏସ୍‌ପି କର୍ମଚାରୀଙ୍କ ଜୀବନସାଥୀଙ୍କ କାରଖାନା ଭ୍ରମଣ

ରାଉରକେଲା,୨୮ ।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ମାନବ ସମ୍ବଳ ବିଭାଗ ଦ୍ୱାରା 'ପ୍ରଗତିର ସାଥୀ' ପଦକ୍ଷେପ ମାଧ୍ୟମରେ କର୍ମଚାରୀଙ୍କ ଜୀବନ ସାଥୀମାନେ ଗତ ୨୪ ତାରିଖରେ କାରଖାନା ପରିଦର୍ଶନ କରିଥିଲେ। ଏହାଦ୍ୱାରା ସେମାନେ ପ୍ରଗତିରେ ପ୍ରଭାବଶାଳୀ ଅଂଶୀଦାର ହେବା ପାଇଁ କାରଖାନାର କାର୍ଯ୍ୟ ପରିସ୍ଥିତି ଏବଂ ମାନଦଣ୍ଡ ବିଷୟରେ ସଚେତନ ହୋଇପାରିବେ। ବ୍ଲାଷ୍ଟ ଫର୍ନେସେସ୍, ପିବିଏସ, ଏସ୍‌ପି-୧, ସିପିପି-୧ ଏବଂ ଏସ୍‌ଏମ୍‌ଏସ୍-୧ର ୨୦ଜଣ କର୍ମଚାରୀଙ୍କ ଜୀବନ ସାଥୀଙ୍କୁ ବ୍ଲାଷ୍ଟ ଫର୍ନେସ୍-୫, ଷ୍ଟିଲ୍ ମେଲ୍ଟିଂ ଶପ୍-୨, ଏସ୍‌ପିପି-୧, ନ୍ୟୁ ପ୍ଲେଟ୍ ମିଲ୍ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ପରିଦର୍ଶନ କରାଯାଇଥିଲା। ସିପିପି-୧ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହାର ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ସିପିପି-୧ ବିଭାଗର ଜିଏମ ଏନ୍. ସି. ପରିଡା, ଜିଏମ୍ ଜୟବୀର ସିଂହ, ଜିଏମ ବି.ଭି. ଦାସ ଅଧକ୍ଷତା କରିଥିଲେ। ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଦିବ୍ୟା ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ କାରଖାନା ସମୀକ୍ଷା ଏବଂ ସୁରକ୍ଷା ଉପରେ ଏକ ଭିଡିଓ ଦେଖାଯାଇଥିଲା। ଆଲୋଚନା ସମୟରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କ ନିରନ୍ତର ସମର୍ଥନ ଜାରି ରଖିବା ସହ ଜୀବନସାଥୀଙ୍କୁ ସୁରକ୍ଷା ମାନଦଣ୍ଡ ପାଳନ ଦିଗରେ ଉତ୍ସାହିତ କରିବାକୁ ଅନୁରୋଧ କରିଥିଲେ। ପରିଦର୍ଶକମାନଙ୍କୁ କଞ୍ଚାମାଲଠାରୁ ଆରମ୍ଭ କରି ଅନ୍ତିମ ଉତ୍ପାଦ ପର୍ଯ୍ୟନ୍ତ ଇସ୍ପାତ ତିଆରି ପ୍ରକ୍ରିୟା ବିଷୟରେ ସୂଚନା ଦିଆଯାଇଥିଲା। ଏହି ପରିଦର୍ଶନକୁ ସୁଶ୍ରୀ ଦିବ୍ୟା ସାହୁ ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ମିଳିତ ଭାବେ ସଂଯୋଜନା କରିଥିଲେ।



କର୍ମଚାରୀଙ୍କ ଜୀବନସାଥୀ କାରଖାନା ଭ୍ରମଣ କରୁଛନ୍ତି।

## ଚାହିଦା ମେଣ୍ଟାଉଛି ମାଟିଚୁଲା

ରାଉରକେଲା,୨୮ ।୩(ଦିନେଶ ମିଶ୍ର)

### ଇସ୍ପାତ ସହରରେ ରନ୍ଧନ ଗ୍ୟାସ୍ ସଙ୍କଟ

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ହୋଇଛି। ଫଳରେ ହୋଟେଲ ଓ ରୋଷେଇ ଘରେ ଏହାର ଉପରେ ପ୍ରଭାବ ପଡିଛି। ଗ୍ୟାସ୍ କମ୍ପାନୀଗୁଡିକ ବୁକିଙ୍ଗ ଅବଧି ବଢ଼ାଇ ଦେଇଥିବାରୁ ବର୍ତ୍ତମାନ ଜଣେ ଏଲ୍‌ପିଜି ଗ୍ରାହକ ବିଳମ୍ବରେ ଗ୍ୟାସ୍ ପାଉଛି। ଫଳରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରନ୍ଧନ ଗ୍ୟାସ ଉପରେ ନିର୍ଭରଶୀଳ ଲୋକେ ଏବେ ଏହାର ବିକଳ୍ପ ଭାବେ ମାଟିଚୁଲାକୁ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି। ସହରର ବହୁ ହୋଟେଲ ଓ ଜଳଖିଆ ଦୋକାନରେ କିଏ ବଡ ମାଟିଚୁଲା ବ୍ୟବହାର କରୁଛି ତ ଆଉ କିଏ ଛୋଟ ମାଟିଚୁଲା ଓ କାଠ ଉପରେ ନିର୍ଭର କରୁଛନ୍ତି। ରାଉରକେଲା ବାସନ୍ତୀ କଲୋନୀ, ପାନପୋଷ ଛକ, ଡେଲିମାର୍କେଟ, ସେକ୍ଟରର ବହୁ ହୋଟେଲ ଓ ବ୍ୟବସାୟ କେନ୍ଦ୍ରରେ ଏଭଳି ଦେଖିବାକୁ ମିଳିଛି।

ରାଉରକେଲା ସହରରେ ରନ୍ଧନ ଗ୍ୟାସ୍ ସମସ୍ୟା ଲାଗିରହିଥିବାରୁ ଅଧିକାଂଶ ଲୋକ ବର୍ତ୍ତମାନ ମାଟିଚୁଲା ଉପରେ ନିର୍ଭର କରୁଛନ୍ତି। ବଜାରରେ ଗ୍ୟାସ ସଙ୍କଟ ସାଙ୍ଗକୁ କୋଇଲା ଦର ବୃଦ୍ଧି ହୋଇଥିବାରୁ ବ୍ୟବସାୟୀ ଓ ଘରୋଇ ଲୋକେ ଏହାକୁ ବ୍ୟବହାର କରିବାରେ ଅକ୍ଷମ ହେଉଛନ୍ତି। ଫଳରେ ସହରର ପ୍ରମୁଖ ଛକ ଓ ମାର୍କେଟଗୁଡିକରେ ମାଟିଚୁଲା ବିକ୍ରି ହେବା ପରିଲକ୍ଷିତ ହୋଇଛି। ବାସନ୍ତୀ କଲୋନୀ କୁମ୍ଭାରପଡା, ବନ୍ଧମୁଣ୍ଡା, ବେଦବ୍ୟାସ ଅଞ୍ଚଳର କୁମ୍ଭାରମାନେ ଏହି ମାଟିଚୁଲା ତିଆରି କରି ଲୋକଙ୍କ ସମସ୍ୟାକୁ କିଛିମାତ୍ରାରେ ଦୂର କରିଛନ୍ତି। ଏହି ମାଟିଚୁଲା ୮୦ ଟଙ୍କାରୁ ଆରମ୍ଭ କରି ୧୫୦ ଟଙ୍କା ମଧ୍ୟରେ ମିଳିଯାଉଛି। ଫଳରେ ବସ୍ତି ଓ ତଳି ଅଞ୍ଚଳର ଲୋକମାନେ ଗ୍ୟାସ ଓ କୋଇଲା ସଙ୍କଟରୁ ବର୍ତ୍ତିବା ପାଇଁ ଏହି ଚୁଲିକୁ ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷେ ମାଟିଚୁଲାର ଚାହିଦା ବଢୁଥିବା ଯୋଗୁ ମାଟି କାରିଗର ଏହାକୁ ତିଆରି କରି ବେଶ୍ ଦୁଇ ପଇସା ରୋଜଗାର ପାଉଛନ୍ତି। ଏହି ମାଟିଚୁଲା ଯୋଗୁ କମ୍ କାଠ ଓ ଘସିରେ ମଧ୍ୟ ଅତି ସହଜରେ ଲୋକେ ରୋଷେଇ କରିପାରୁଛନ୍ତି। ମାଟିଚୁଲା ବର୍ତ୍ତମାନ ରନ୍ଧନ ଗ୍ୟାସ୍ ଜନିତ ସମସ୍ୟା ସମାଧାନ କରିବାରେ କିଛିକାଂଶରେ ସଫଳ ହୋଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ବାସନ୍ତୀ କଲୋନୀ ସ୍ଥିତ କୁମ୍ଭାରପଡା ବସ୍ତିର ନମିତା କୁମ୍ଭାର କୁହନ୍ତି, ଖରାଦିନ ଆସିଲେ ଆମେ ବିଶେଷ କରି ମାଟିର ସୁରେଇ ଓ ହାଣ୍ଡିର ତିଆରି କରି ଦୁଇ ପଇସା ରୋଜଗାର କରୁ। କିନ୍ତୁ ଚଳିତ ବର୍ଷ ଘରୋଇ ରନ୍ଧନ ଗ୍ୟାସ୍‌ର ଦରଦାମ୍ ବୃଦ୍ଧି ଯୋଗୁ ଆମେ ମାଟିଚୁଲି ତିଆରି କରୁଛୁ। ପ୍ରତିଦିନ ଅତିକମ୍‌ରେ ଆମେ ୨୦ରୁ ଊର୍ଦ୍ଧ୍ୱ ଚୁଲି ତିଆରି କରି ଖରାରେ ଶୁଖାଉଛୁ । ବିଶେଷ କରି ସହରର ଠେଲା ଜଳଖିଆ ଓ ହୋଟେଲ ବ୍ୟବସାୟୀମାନେ ଏହି ମାଟିଚୁଲି କିଣୁଥିବା ଯୋଗୁ ଆମେ କିଛି ରୋଜଗାର ପାଉଛୁ ବୋଲି କୁମ୍ଭାର କହିଛନ୍ତି।


ଜଣେ ମହିଳା ମାଟିଚୁଲା ତିଆରି କରୁଛନ୍ତି।

**ଅଷ୍ଟ ପ୍ରହର ନାମଯଜ୍ଞ**

ବ୍ରଜରାଜନଗର,(ବିଜୟ ବରାଡ଼): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ମଣ୍ଡଳିଆ ସ୍ଥିତ କାଳୀମନ୍ଦିର ପ୍ରାଙ୍ଗଣରେ ୩୭ତମ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଛି। ଚଳିତବର୍ଷ ଭିକାରୀ ଚରଣ ବେହିରା ଓ ତାଙ୍କର ଧର୍ମପତ୍ନୀ ରିନା ବେହିରା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବାବେଳେ ବିନୋଦ ଜେନା, ଶିବ ଛତ୍ରାନ, ଦଶରଥ ବେହିରା, ବଳରାମ ପ୍ରଧାନ, ମୃତ୍ୟୁଞ୍ଜୟ ଖମାରୀ, ରାଜଦେବ ପ୍ରସାଦ ଷଡ ବୈଷ୍ଣବ ଭାବେ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଏହି ଅଷ୍ଟପ୍ରହର ନାମ ଯଜ୍ଞରେ ପୂଜକ ଭାବେ କିରିତ ମାଲର ଭବାନୀ ମିଶ୍ର ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ନାମଯଜ୍ଞରେ କନକତୋରା, ସୁନ୍ଦରଗଡ ଛାଟେନ ପାଲି, ଗୁଲଠା, ସୁନ୍ଦରଗଡ଼ କୁଡୋମାଲ, ଭୁଗ୍ରାପଡ଼ା ପ୍ରମୁଖ ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିଥିଲେ।

## ସଂକ୍ଷେପରେ

### କିର୍ମିରା ସମବାୟ ସମିତି ବାର୍ଷିକ ବୈଠକ

ଲଇକେରା,୨୮।୩(ରଞ୍ଜନ କୁମାର ମେହେର)

ଝାରସୁଗୁଡା ଜିଲା କିର୍ମିରା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବନ୍ଧଲିଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶରତ ଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ବୈଠକରେ ସମ୍ପାଦକ ବୁଦ୍ଧଦେବ ସାହୁ ବାର୍ଷିକ ବିବରଣୀ ପଠନ ସହ ସମିତିର ଆୟବ୍ୟୟ ଓ ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିଥିଲେ। ଏଥିସହ ୨୦୨୫-୨୬ ବର୍ଷ ପାଇଁ ବଜେଟ ଅଟକଳ ପ୍ରସ୍ତୁତ କରାଯାଇ ସର୍ବସମ୍ମତି କ୍ରମେ ପାରିତ କରାଯାଇଥିଲା। ଏ ଅବସରରେ ଲଇକେରା କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ ଶାଖା ପରିଚାଳକ କୌଶିକ ପ୍ରଧାନ ଯୋଗଦେଇ ସରକାରଙ୍କ ନୂତନ କୃଷି ଯୋଜନା ଓ ଆଗାମୀ ଦିନରେ ସମିତି ଅଧିକ ଲାଭ ପାଇପାରିବ ସେ ବିଷୟରେ ଚାଷୀଙ୍କୁ ବୁଝାଇଥିଲେ। ପରିଚାଳନା ସଭ୍ୟ ସୁଧିର ନାୟକ, ବିହାରୀ ନାଏକ, ସୁନିଲ ପଟେଲ, ଅର୍ଜୁନ ପିଙ୍ଗ, ଲମୋଦର ବେହେରା, ଜୟନ୍ତ ପିଙ୍ଗ, ସରୋଜ ସା, ରାତୁରାମ ଭୋଇ, ବିଳାସ ନାଏକ, ସୁରେନ୍ଦ୍ର ବଖରା, ନରେଶ ନାଏକ, ଲୁରାବତୀ ଧୁରୁଆ, ପଦ୍ମାବତୀ ବେହେରା, କୁଞ୍ଜ ବିହାରୀ ପଟେଲଙ୍କ ସହ ଚାଷୀମାନେ ଉପସ୍ଥିତ ଥିଲେ। କର୍ମଚାରୀ ଗଙ୍ଗାଧର ବେହେରା, ଗୋବିନ୍ଦ କିଷାନ, ନରେଶ ପଟେଲ ଓ ରଥ କାହାଲୀ ସହଯୋଗ କରିଥିଲେ।

### ପ୍ରଧାନପାଟ ଜଳପ୍ରପାତ ପ୍ରବେଶ ଶୁଳ୍କ ୧୦ଟଙ୍କା

ଦେବଗଡ଼,୨୮।୩(ଶଶାଙ୍କ ଶେଖର ଝାଙ୍କର)

ପ୍ରଧାନପାଟ ଜଳପ୍ରପାତକୁ କିଛି ମାସ ପୂର୍ବରୁ ଦେବଗଡ଼ ବନ ବିଭାଗ ପକ୍ଷରୁ ପ୍ରଧାନପାଟ ଇକୋ ଟୁରିଜିମ ନାମରେ ନାମିତ କରାଯାଇଛି। ଜଳପ୍ରପାତ ଯିବା ପୂର୍ବରୁ ଏକ ଗେଟ ବନ୍ଦ କରାଯାଇଛି। ପ୍ରବେଶ ଶୁଳ୍କ ବାବଦରେ ଜଣକ ପିଛା ୧୦ ଟଙ୍କା ରହିଛି। ଯିଏ ୧୦ ଟଙ୍କା ଦେବ ସେ ଜଳପ୍ରପାତକୁ ଯାଇ ବୁଲି ଆସି ପାରିବ। ପାଞ୍ଚ ବର୍ଷରୁ କମ୍ ବୟସ ପାଇଁ ଦେୟ ମୁକ୍ତ କରାଯାଇଛି। ବନବିଭାଗ ଏହା ଏକ ବନ ସୁରକ୍ଷା ସମିତିକୁ ଦେଇଥିବା ଜଣାପଡ଼ିଛି, ହେଲେ ପର୍ଯ୍ୟଟକଙ୍କ ପାଇଁ କରିଥିବା ଟିକେଟ ଯେତିକି ଜଣ ଜଳପ୍ରପାତ ଦେଖିବାକୁ ଯିବେ ପ୍ରତ୍ୟେକ ଲୋକ ପାଇଁ ଗୋଟିଏ ଗୋଟିଏ ଟିକେଟ ଦେବା କଥା କିନ୍ତୁ ଗୋଟିଏ ଟିକେଟରେ ହାତରେ ୩୦ ଲେଖି ତିନି ଜଣଙ୍କ ପାଇଁ ଏକ ଟିକେଟ ଦେଇ ପଠାଇ ଦେଉଛନ୍ତି। ଏପରିକି ଟିକେଟରେ ଦସ୍ତଖତ ମଧ୍ୟ ଦେଇ ନ ଥିବା ଅଭିଯୋଗ ହୋଇଛି। ଏଥିରେ କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ତ ବୋଲି ଚର୍ଚ୍ଚା ହେଉଛି। ପର୍ଯ୍ୟଟକମାନେ କହିଲେ ଯୁକ୍ତି ତର୍କ ଲାଗୁଛନ୍ତି ବୋଲି ପର୍ଯ୍ୟଟକମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଫରେଷ୍ଟରଙ୍କୁ ପଚାରିବାରୁ ସେ କହିଲେ, ଟିକେଟ ସରି ଯାଇଥିବ। ସେଥିପାଇଁ ଏମିତି ହୋଇଥିବ। ହେଲେ ଏଇଠି କଥା ଉଠୁଛି, ଟିକେଟ ସରିବା ପୂର୍ବରୁ ଟିକେଟ କରିବା କଥା। ହେଲେ ତାହା କରା ନ ଯାଇ ଗୋଟିଏ ଟିକେଟରେ ୩ଜଣଙ୍କୁ ଛାଡ଼ିବା ଦ୍ୱାରା ୨ଜଣଙ୍କର ଟଙ୍କା ଆତ୍ମସାତ କରାଯାଉଥାଇ ପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ମା'ଶରଣୀପାଟ ରାଜ୍ୟସ୍ତରୀୟ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୨୮।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ପାଇକନଗରଠାରେ ମାଆ ଶରଣୀପାଟ ରାଜ୍ୟସ୍ତରୀୟ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ଲବର ସଭାପତି ଦେବାଶିଷ ପ୍ରଧାନ, ସମ୍ପାଦକ ସଞ୍ଜିତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ମଲେହିପଡା ସମିତି ସଭ୍ୟ ମୁନସୁନ ସାହୁ, ଗ୍ରାମର ବରିଷ୍ଠ ସଭ୍ୟ ଶରତ ଚନ୍ଦ୍ର ଦଳବେହେରା, ଅମୃତ ଗଡ଼ନାୟକ ପ୍ରମୁଖ ଯୋଗଦେଇ ମା' ଶରଣୀପାଟଙ୍କ ନିକଟରେ ପୂଜାର୍ଚ୍ଚନା ପୂର୍ବକ ମଶାଲ ଓ କପକୁ ପଡିଆ ନିକଟକୁ ଆଣିଥିଲେ। ବରିଷ୍ଠ ସଦସ୍ୟ ପ୍ରାଣବନ୍ଧୁ ଘଡେଇଙ୍କ ସଭାପତିତ୍ୱରେ ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କାଳବୈଶାଖୀର ତାଣ୍ଡବ: ବ୍ୟାପକ କ୍ଷୟକ୍ଷତି, ୪ ଆହତ

ଦେବଗଡ଼,୨୮।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବମ୍ପରଡା ଗ୍ରାମରେ ତାଣ୍ଡବ ରଚିଲା କାଳବୈଶାଖି। ଘର ଉପରେ ଏକ ବିରାଟକାୟ ଗଛ ମାଡି ବସିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଗୋଟିଏ ପରିବାରର ୪ ଜଣ ଆହତ ହୋଇଥିବା ସୂଚନା ମିଳିଛି। ବମ୍ପରଡା ଗ୍ରାମର ମୁରଲୀ ନାୟକଙ୍କ ପରିବାର ଲୋକେ ଖାଇ ସାରି ଘର ଭିତରେ ଶୋଇଥିବାବେଳେ ଶୁକ୍ରବାର ରାତି ପ୍ରାୟ ୯ଟାରେ ହଠାତ ପ୍ରବଳ ବେଗରେ ପବନ ସହିତ ବର୍ଷା ମାଡି ଆସିଥିଲା। ବମ୍ପରଡା ଗ୍ରାମରେ ପବନ ତାଣ୍ଡବ ଚଳାଇଥିବାବେଳେ ବିଭିନ୍ନ ସ୍ଥାନରେ ଗଛ ଡ଼ାଳ ଭାଙ୍ଗିପଡ଼ିଥିଲା। ଏହାର ପ୍ରଭାବରେ ଏକ ବିରାଟକାୟ



କାଳବୈଶାଖୀ ଯୋଗୁ ଭାଙ୍ଗିପଡ଼ିଥିବା ଗଛକୁ କାଟି ହଟାଯାଉଛି।

ତେନ୍ତୁଳିଗଛ ଭାଙ୍ଗିଯିବା ସହ ମୁରଲୀଙ୍କ ଘର ଉପରେ ପଡିଯାଇଥିଲା। ଫଳରେ ଘରର କାନ୍ଥ ଭାଙ୍ଗି ଯାଇଥିବା ବେଳେ ମୁରଲୀଙ୍କ ସମେତ ତାଙ୍କ ପରିବାରର ବର୍ଷା ନାୟକ, ବିଷ୍ଣୁ ନାୟକ ଏବଂ ତାଙ୍କ ମାମୁଁଙ୍କ ଉପରେ କାନ୍ଥ ମାଡି ବସିବାରୁ ସେମାନେ ଆହତ ହୋଇଥିଲେ। ପରିବାରର ଅନ୍ୟ ସଦସ୍ୟ ଏବଂ ସାହିପଡିଶା ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାରକୋଟ ଏବଂ ପରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏବେ ମଧ୍ୟ ସେଠାରେ ସେମାନଙ୍କ ଚିକିତ୍ସା ଜାରି ରହିଛି। ଅନ୍ୟପକ୍ଷରେ ଗଛ ମାଡି ବସିବାରୁ ଗୋଟିଏ ଅଟୋ ରିକ୍ସା ସମେତ ୨ଟି ବାଇକ୍ ମଧ୍ୟ ଭାଙ୍ଗିରୁଜି ଯାଇଛି। କାଳବୈଶାଖି ଯୋଗୁ ସେମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି। ଶନିବାର ସକାଳ ପ୍ରାୟ ୯ଟାରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଟୋ ରିକ୍ସା ସମେତ ଘର ଉପରେ ମାଡି ବସିଥିବା ତେନ୍ତୁଳି ଗଛକୁ କାଟି ହଟାଇଥିବା ଜଣାପଡ଼ିଛି।

## ପ୍ରମଥେଶ ସଭାପତି, ସିଦ୍ଧେଶ୍ୱର ସମ୍ପାଦକ

ଦେବଗଡ଼,୨୮।୩(ଶଶାଙ୍କ ଶେଖର ଝାଙ୍କର)

**ଦେବଗଡ଼ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ**

ଶାନ୍ତିଶୃଙ୍ଖଳାର ସହିତ ଦେବଗଡ଼ ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ସଂଘର ଉପସଭାପତି ଓ ସମ୍ପାଦକ ସମେତ ସମସ୍ତ ପଦବୀ ନିମନ୍ତେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦରେ ବିଜୟୀ ହୋଇଥିବା ବେଳେ କେବଳ ସଂଘର ସଭାପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ ସଂଘର ମୋଟ ୯୧ ସଦସ୍ୟ ମତଦାନ କରିଥିଲେ। ସେଥିମଧ୍ୟରୁ ପ୍ରମଥେଶ ଗୁରୁଙ୍କୁ ୪୬ଟି ଭୋଟ ଓ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦୀ ଶୈଳେନ୍ଦ୍ର କୁମାର ସାହୁଙ୍କୁ ୪୧ଟି ଭୋଟ ମିଳିଥିଲା। ଅନ୍ୟ ୪ଟି ଭୋଟ ନାକଚ ହୋଇଯାଇଥିଲା। ନିର୍ବାଚନ ଅଧିକାରିଣୀ ଭାବେ ଜିଲା ଓକିଲ ସଂଘର ସଦସ୍ୟା ବିଜ୍ଞା ବିନମ୍ରତା ଦ୍ୱିବେଦୀ ନିର୍ବାଚନ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ସଂଘର ନୂତନ ଉପ ସଭାପତି ଭାବେ ପ୍ରଣବ କୁମାର ସ୍ୱାଇଁ, ସମ୍ପାଦକ ଭାବେ ସିଦ୍ଧେଶ୍ୱର ଗୁରୁ, ସହ ସମ୍ପାଦକ ଭାବେ ବିକାଶ କୁମାର ପ୍ରଧାନ ଓ କୋଷାଧକ୍ଷ ଭାବେ ରାଜକିଶୋର ପ୍ରଧାନ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରିଣୀ ଦ୍ୱିବେଦୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ପ୍ରମଥେଶ ଗୁରୁ।



ସିଦ୍ଧେଶ୍ୱର ଗୁରୁ।

# ବେଲପାହାଡ଼ରେ ବିଶ୍ୱ ନାଟ୍ୟ ଦିବସ



ବିଶ୍ୱ ନାଟ୍ୟ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବେଲପାହାଡ଼,୨୮।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ବେଲପାହାଡ଼ ମିରର ଥିଏଟର ପକ୍ଷରୁ ଗୁମାଡେରା ମାଲିପ ଅନୁଷ୍ଠାନର ନିଜସ୍ୱ ମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମା' ମାଣିକେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଗହଣରେ ବେଲପାହାଡ଼ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ, ପୌର କାଉନସିଲର କହ୍ନେଇ ଚରଣ ସେଠ, ବରିଷ୍ଠ କଳାକାର ସଚ୍ଚିଦାନନ୍ଦ ପଣ୍ଡା, ଡା. ଦିଲୀପ ନାଏକ, ପ୍ରଫୁଲ୍ଲ ପ୍ରଧାନ, ଆୟୋଜକ ମିରର ଥିଏଟର ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ରହିଥିଲେ। କଳାକାର ସୌଭାଗ୍ୟ ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ନିକଟ ଅତୀତରେ ମିରର ଥିଏଟର ପକ୍ଷରୁ ୪୯ଘଣ୍ଟା ୪୮ମିନିଟ ୧୨ ସେକେଣ୍ଡ ଧରି ପୃଥିବୀର ସବୁଠାରୁ ଲମ୍ବା ସମୟ ଅବଧିର ନାଟକ 'କାଏନଯୁରି' ସଫଳତାର ସହିତ ପ୍ରଦର୍ଶନ କରି ବିଶ୍ୱ ରେକର୍ଡ଼ ସୃଷ୍ଟି କରିବା ସାଙ୍ଗକୁ ସାରା ବିଶ୍ୱ ଦରବାରରେ ଗର୍ବ ଓ ଗୌରବ ଅର୍ଜନ କରିପାରିଛି। ଏଥିସହ ୨୦୧୮ ମସିହାରେ ମିରର ଥିଏଟରର ନାଟକ 'ଲାଲ ପାଏନ' ଥିଏଟର ଅଲିମ୍ପିକରେ ସ୍ଥାନ ପାଇଥିବା ବେଳେ ଚଳିତ ୨୦୨୬ରେ ଏନଏସଡି ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ନାଟକ ମହୋତ୍ସବରେ ନାଟକ 'ଉଲପି' ସ୍ଥାନ ପାଇ ଅନେକ ସୁନାମ ଅର୍ଜନ କରିପାରିଥିବା ବକ୍ତାମାନେ ପ୍ରକାଶ କରିଥିଲେ। ଏହି ନାଟ୍ୟ କଳା କ୍ଷେତ୍ରରେ ମଧ୍ୟ ଜୀବନରେ ସଫଳତା ଆଣିହେବ। ଆଗାମୀ ଦିନରେ ବିଶେଷ ଭାବେ ନାଟକ ଓ କଳାକାରଙ୍କ ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଯୁବ ପିଢ଼ିଙ୍କୁ ଆଗେଇ ଆସିବା ପାଇଁ ବକ୍ତାମାନେ ଆହ୍ୱାନ କରିଥିଲେ।

## ଦେବଗଡ଼ରେ ଚାଲିଛି ଶ୍ରୀରାମ ନବମୀ ଉତ୍ସବ

ଦେବଗଡ଼,୨୮।୩(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ମନ୍ଦିର ପରିଚାଳନା କମିଟି ଓ ବଜରଙ୍ଗ ମଣ୍ଡପର ମିଳିତ ଆନୁକୂଲ୍ୟରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ପାଳିତ ହେଉଛି। ମନ୍ଦିର ପୂଜକ ରାଜେଶ ରାଉତଙ୍କ ତତ୍ତ୍ୱାବଧାନ ଓ ପୁରୁଷୋତ୍ତମ ଦାଶଙ୍କ ସହଯୋଗରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଚାଲିଛି। ରାମ, ଲକ୍ଷ୍ମଣ, ସୀତାଙ୍କ ଦର୍ଶନ ପାଇଁ ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଦୀର୍ଘ ୧୦ ଦିନ ଧରି ପାଳିତ ହେବାକୁ ଥିବାବେଳେ ଶ୍ରଦ୍ଧାଳୁମାନଙ୍କ ମନରେ ଭକ୍ତିଭାବ ଜାଗ୍ରତ ସହ ମନୋରଞ୍ଜନ ନିମନ୍ତେ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ, ଭଜନ ଓ ଅନ୍ନପ୍ରସାଦ ଆଦି କରାଯିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଥାଉକି ପ୍ରତିବର୍ଷ ରାମ ନବମୀ ଉତ୍ସବରେ ରାମ ଲକ୍ଷ୍ମଣ ସୀତାଙ୍କ ପ୍ରତିମୂର୍ତ୍ତିଙ୍କୁ ମନ୍ଦିରରୁ ବାହାର ମଣ୍ଡପକୁ ଅଣାଯାଇଥାଏ।

## ରଘୁମଣି ସଭାପତି, ନୀଳାଦ୍ରି ସମ୍ପାଦକ

ଝାରସୁଗୁଡ଼ା,୨୮।୩(ଆଶିଷ ରଞ୍ଜନ ଦାଶ)

**ଝାରସୁଗୁଡ଼ା ଜିଲା ଓକିଲ ସଂଘ ନିର୍ବାଚନ**

ଝାରସୁଗୁଡ଼ା ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସଭାପତି ଭାବରେ ରଘୁମଣି ପଟେଲ ଓ ସମ୍ପାଦକ ଭାବରେ ନୀଳାଦ୍ରି ବିହାରୀ ପଣ୍ଡା ନିର୍ବାଚିତ ହୋଇଛନ୍ତି। ସକାଳୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଓକିଲ ସଂଘର ସଦସ୍ୟମାନେ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ଭୋଟ ଦେଇଥିଲେ। ରଘୁମଣୀ ମୋଟ ୧୮୨ ଖଣ୍ଡ ଭୋଟ ପାଇ ସଭାପତି ପଦବୀ ପାଇଁ ବିଜୟୀ ହୋଇଥିବାବେଳେ ତ୍ରିନାଥ ଗୁଆଳ ୧୬୭ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ନୀଳାଦ୍ରି ବିହାରୀ ପଣ୍ଡା ମୋଟ ୨୪୧ ଖଣ୍ଡ ଭୋଟ ପାଇ ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇଥିବା ବେଳେ ମନୀଷ କୁମାର ବାଜପେୟୀ ୧୦୮ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଗରୁ ଅନ୍ୟ ପଦବୀ ଗୁଡିକରେ ସମସ୍ତେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।



ରଘୁମଣି ପଟେଲ।



ନୀଳାଦ୍ରି ବିହାରୀ ପଣ୍ଡା।

# ସାନଜୋବ ଅଞ୍ଚଳବାସୀ ହନ୍ତସନ୍ତ

ବ୍ରଜରାଜନଗର,୨୮।୩(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ଏମ୍‌ସିଏଲ୍ ଲଜକୁରା ଖୋଲାମୁହଁ କୋଇଲା ଖଣିର ମନମୁଖୀ କାର୍ଯ୍ୟକଳାପରେ ସାନଜୋବ ଅଞ୍ଚଳବାସୀ ହନ୍ତସନ୍ତ ହେଉଥିବା ନେଇ ଅଭିଯୋଗ ହୋଇଛି। ସେମାନେ ଝାରସୁଗୁଡ଼ା ଜିଲାପାଳଙ୍କୁ ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରଜରାଜନଗର ପୌର ପରିଷଦ ୱାର୍ଡ ନମ୍ବର ୧୩ ଓ ୧୪ ସାନଜୋବ ଅଞ୍ଚଳରେ ବସବାସ କରିଆସୁଥିବା ବେଳେ ୧୯୮୪ ମସିହାଠାରୁ ଲଜକୁରା କୋଇଲା ଖଣି ପ୍ରତିଷ୍ଠା କରାଯାଇଛି। କିନ୍ତୁ ଏହି ଅଞ୍ଚଳରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ଲୋକଙ୍କ ହିତ ପାଇଁ ହୋଇନାହିଁ ବରଂ ଜନସାଧାରଣ ଦୀର୍ଘବର୍ଷ ଧରି ଅସୁବିଧାର ସମ୍ମୁଖୀନ ହୋଇଆସୁଥିବା ନେଇ ଅଭିଯୋଗ କରିଛନ୍ତି। ସର୍ବପ୍ରଥମେ ସାନଜୋବ ଗ୍ରାମରେ ଥିବା ବନ୍ଧ ଓ କଟାରେ ପାଣି ପ୍ରତିବର୍ଷ କାର୍ତ୍ତିକ ମାସ ଠାରୁ ଶୁଖିଲା ପଡୁଛି। ଯାହାଦ୍ୱାରା ଜନସାଧାରଣଙ୍କ



ବନ୍ଦ ରହିଥିବା ରାସ୍ତା ଖୋଲାଯାଇଛି।

ଗାଧୋଇବା ତଥା ଗୋରୁଛେଳି ପାଣି ପିଇବା ଆଦିରେ ବାଧା ସୃଷ୍ଟି ହେଉଛି। ଦ୍ୱିତୀୟ ରାସ୍ତାକଡ଼ରେ ବେଆଇନ ଭାବେ ଗାଡି ପାର୍କିଂ ତଥା ଗ୍ରାମମଝି ରାସ୍ତାରେ କୋଇଲା ବୋଝେଇ ଭାରିଯାନ ଟ୍ରକ ଚଳାଚଳ ଯୋଗୁ ଦୁର୍ଘଟଣା ସହିତ ଧୂଳିଉଡି ଘରର ଅବସ୍ଥା ଶୋଚନୀୟ ହେଉଛି। ରାସ୍ତା ଉପରେ ଲଜକୁରା ମହାନଦୀ କୋଇଲା ଖଣି ପକ୍ଷରୁ ପ୍ରତିଦିନ ପ୍ରଦୂଷଣ ରୋକିବା ପାଇଁ ପାଣି ପକାଇବାର ବ୍ୟବସ୍ଥା ଥିଲେ ସୁଦ୍ଧା ଖଣି କର୍ତ୍ତୃପକ୍ଷ କେଉଁ ଉଦ୍ଦେଶ୍ୟରେ ଏହାକୁ

**ଲଜକୁରା ଖୋଲାମୁହଁ କୋଇଲା ଖଣିର ମନମୁଖି କାର୍ଯ୍ୟ**

କାର୍ଯ୍ୟକାରୀ କରୁନାହାନ୍ତି ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ସବୁ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଝାରସୁଗୁଡା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବ୍ରଜରାଜନଗର ୱାର୍ଡ ନମ୍ବର ୧୩ ର କାଉନସିଲର ପ୍ରମୋଦ ପ୍ରଧାନ, ସୁରଥ ସାହୁଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଏମ୍‌ସିଏଲର ଅଧିକାରୀ ବଦଳିଲେ ଏମ୍‌ସିଏଲ୍‌ର ନିୟମ ବଦଳୁଛି। ଯେଉଁ ରାସ୍ତାରେ ବିରୋଧ ଫଳରେ ଗତ ଜୁନ ୨୦୨୫ରୁ ଯାନବାହନ ଚଳାଚଳ ବନ୍ଦ ରହିଥିଲା ବର୍ତ୍ତମାନ ନୂତନ ଅଧିକାରୀଙ୍କ ପାଇଁ ଏହାକୁ ପୁଣି ଖୋଲାଯାଇଥିବା ନେଇ ଅଭିଯୋଗ ହୋଇଛି।

## ଇବ୍ ଭ୍ୟାଲିକୁ କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ବି. ସାଇରାମଙ୍କ ଗସ୍ତ

ବ୍ରଜରାଜନଗର,୨୮।୩(ବିଜୟ ବରାଡ଼)

କୋଲ ଇଣ୍ଡିଆ ଲିମିଟେଡ଼ ଅଧ୍ୟକ୍ଷ ବି ସାଇରାମ ଶନିବାର ଇବ୍ ଭ୍ୟାଲି ଅଞ୍ଚଳକୁ ଗସ୍ତ କରି ଉତ୍ପାଦନ ଓ ପରିବହନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେ କହିଥିଲେ, ଦେଶର ଉର୍ଜା ସୁରକ୍ଷା ପାଇଁ କୋଇଲା ଉତ୍ପାଦନ ବୃଦ୍ଧି ଓ ସୁଚାରୁ ପରିବହନକୁ ପ୍ରାଥମିକତା ଦେବା ଆବଶ୍ୟକ। ଗସ୍ତ ସମୟରେ ସେ ସମଲେଶ୍ୱରୀ ଖୋଲାମୁହଁ ଖଣି, ଲଖନପୁର ଧୋଇବା କେନ୍ଦ୍ର ଓ ଲାଜକୁରା କୋଇଲା ପରିଚାଳନା ପ୍ରଣାଳୀର ନିରୀକ୍ଷଣ କରିଥିଲେ। ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ଅଞ୍ଚଳର ମହାପ୍ରବନ୍ଧକଙ୍କ ସହ ଆଲୋଚନା କରି ସେ ସମ୍ପଦର ଠିକ ବ୍ୟବହାର ଓ କାର୍ଯ୍ୟକୁଶଳତା ବୃଦ୍ଧି ପାଇଁ ଜୋର ଦେଇଥିଲେ। ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରେଳ ଓ ସଡକ ସଂଯୋଗ ବୃଦ୍ଧି କରିବା ସହ ଆଧୁନିକ ପ୍ରଣାଳୀକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ରବିବାର ସେ ବସୁନ୍ଧରା ଅଞ୍ଚଳର ଖଣିଗୁଡ଼ିକୁ ଗସ୍ତ କରିବେ। ଏହି ଗସ୍ତକୁ କୋଇଲା ଉତ୍ପାଦନ ଓ ପରିବହନ ବ୍ୟବସ୍ଥାର ସୁଧାର ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନାଯାଉଛି।

## ସାଗରପାଲି ଗ୍ରାମରେ ନାମଯଜ୍ଞ ଆରମ୍ଭ

ଲଖନପୁର,୨୮।୩(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସାଗରପାଲି ଗ୍ରାମରେ ଶନିବାର ୬୮ଅଖଣ୍ଡ ୨୪ ପହରୀ ନାମଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ଗୋଧୂଳିଲଗ୍ନେ କଳସ ଯାତ୍ରା ଏବଂ ଶୁଭ ଅଧୀବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଶନିବାର ସକାଳ ୯ଟା ୨୫ରେ ସମ୍ପୂର୍ଣ୍ଣ ରୀତିନୀତିରେ ନାମଯଜ୍ଞ ଆରମ୍ଭ କରାଯାଇଛି। ଏହି ନାମଯଜ୍ଞରେ ପଣ୍ଡିତ ଶିବ ନାରାୟଣ ନାୟକ ପୂଜାର୍ଚ୍ଚନା କରୁଥିବାବେଳେ ସପତ୍ନୀକ ସତ୍ୟବିକାଶ ପ୍ରଧାନ ଏବଂ ଚୁମକି ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଷଡ଼ବୈଷ୍ଣବ ଭାବରେ ଭବାନୀ ପାତ୍ର, ଜନ୍ମେଜୟ କାଲୋ, ମୂଳଚାନ୍ଦ ସା, ସମାରୁ ମୁଣ୍ଡା, ବୃନ୍ଦାବନ ମେହେର, କୁଳମଣି ଭୋଇ ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞରେ ଗୁଡିପାଲି, କୁମ୍ଭାରବନ୍ଧ, ବେଲପାହାଡ, ବନପାଲି ଆଦି ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିବେ। ଆସନ୍ତା ୩୧ ତାରିଖ ମଙ୍ଗଳବାର ସକାଳେ ନାମ ସମାପନ, ମଧ୍ୟାହ୍ନରେ ନଗରଭ୍ରମଣ, ସନ୍ଧ୍ୟାରେ ଦଧିଭଞ୍ଜନ ସହ ସାମୂହିକ ମହାପ୍ରସାଦ ସେବନ ସହ ନାମଯଜ୍ଞ ସମାପନ ହେବ।



ନାମ ମଣ୍ଡପରେ ମହାମନ୍ତ୍ର ଜପ କରାଯାଉଛି।

# ଜମେରା, ମରାକୁଟା ରାସ୍ତାରେ ଆଲୋକୀକରଣ ଦାବି

ଝାରସୁଗୁଡ଼ା,୨୮।୩(ଆଶିଷରଞ୍ଜନ ଦାଶ)

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ଜମେରା, ମରାକୁଟା ରାସ୍ତାରେ ଆଲୋକୀକରଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଜୁ ଏକ୍ସପ୍ରେସ ୱେ ବାଇପାସ୍‌ରୁ ଜମେରା, ମରାକୁଟା ଦେଇ ଯାଇଥିବା ରାସ୍ତା ଉପରେ ପାୱାର ହାଉସ ଅଞ୍ଚଳ, ମରାକୁଟା, ଜମେରା, ଜମୁଆପାଲି ଏବଂ ଇବ୍ ବସ୍ତିର ଶତାଧିକ ଜନସାଧାରଣ, ଛାତ୍ରୀଛାତ୍ର ଯିବା ଆସିବା କରିଥାନ୍ତି। ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଥିବାବେଳେ ସନ୍ଧ୍ୟା ପରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ବହୁ ହଇରାଣ ହେଉଛନ୍ତି। ଏହି ରାସ୍ତା ପାର୍ଶ୍ୱରେ କମ୍ପାନୀଗୁଡିକ ଥିବାରୁ ସବୁବେଳେ ରାସ୍ତାରେ କମ୍ପାନୀରେ କାମ କରୁଥିବା କର୍ମଚାରୀ ଯିବାଆସିବା କରୁଛନ୍ତି। ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହ ଝାରସୁଗୁଡା ସହରକୁ ବିଭିନ୍ନ



ଅନ୍ଧକାରରେ ରହିଥିବା ଜମେରା ମରାକୁଟା ରାସ୍ତା।

କାର୍ଯ୍ୟ ପାଇଁ ଯାଇଥିବା ଜନସାଧାରଣ, ପାଠପଢିବା ପାଇଁ ଯାଇଥିବା ଛାତ୍ରୀଛାତ୍ର ରାତିରେ ଫେରିବା ସମୟରେ ବିନା ଆଲୁଅ ଏବଂ ରାସ୍ତାର ଦୁରାବସ୍ଥା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହା ସହିତ ରାସ୍ତାଟି ଅନ୍ଧକାର ରହୁଥିବାରୁ ଅସାମାଜିକ ଲୋକ ରାସ୍ତାର ୨ପାର୍ଶ୍ୱରେ, ରାସ୍ତା ପାଖରେ ଥିବା ପଡିଆରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଡ୍ଡା ଜମାଉଛନ୍ତି। ଫଳରେ ରାତ୍ରି ସମୟରେ ରାସ୍ତାରେ ଯାଉଥିବା ଜନସାଧାରଣ ଓ ଛାତ୍ରୀଛାତ୍ର ଭୟଭୀତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରେ ବିଭିନ୍ନ କମ୍ପାନୀ ଥିବାରୁ କମ୍ପାନୀ ଗୁଡିକର ସିଏସ୍ଆର ଫଣ୍ଡରୁ କିମ୍ବା ସରକାରୀ ଅନୁଦାନ ଦ୍ୱାରା ବିଜୁ ଏକ୍ସପ୍ରେସ ୱେରୁ ଜମେରା ମରାକୁଟା ବାଇପାସର ଆଲୋକୀକରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆଲୋକୀକରଣ ବ୍ୟବସ୍ଥା ପାଇଁ ଝାରସୁଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଗ୍ରହଣ କରି ନ ଥିଲେ। ଏନେଇ ସଦର ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କୁ ପଚାରିବାରୁ ଏହି ଅଞ୍ଚଳରେ ରାତି ସମୟରେ ଯାଉଥିବା ଜନସାଧାରଣଙ୍କ ସୁରକ୍ଷା ପାଇଁ ପ୍ରତିଦିନ ପୋଲିସ ପକ୍ଷରୁ କଡାକଡି ଭାବରେ ପାଟ୍ରୋଲିଂ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

# ନିବେଶ, ଅଭିବୃଦ୍ଧି ନେଇ ବଢ଼ିଲା ଅନିଶ୍ଚିତତା

■ଭାରତର ଅର୍ଥନୀତିକୁ 'ଶକ୍ତି ମୂଲ୍ୟ ବୃଦ୍ଧି' ଝଟକା

■ମାସିକ ଅର୍ଥନୈତିକ ସମୀକ୍ଷା- ମାର୍ଚ୍ଚ ୨୦୨୬




ନୂଆଦିଲ୍ଲୀ, ୨୮।୩ (ପି.ଟି.)

ମଧ୍ୟପ୍ରାଚ୍ୟରେ ସଙ୍କଟ ଏବଂ ବିଶ୍ୱବ୍ୟାପୀ ବଢୁଥିବା ଶକ୍ତି (ଇନ୍ଧନ ଓ ରନ୍ଧନ) ମୂଲ୍ୟ ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ବିପଦ ସୃଷ୍ଟି କରିଛି। ନିବେଶ ଓ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଅନିଶ୍ଚିତତା ବଢ଼ିଯାଇଛି ବୋଲି ଶନିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ସମୀକ୍ଷା ରିପୋର୍ଟରେ ସତର୍କ କରାଇ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ 'ମାସିକ ଅର୍ଥନୈତିକ ସମୀକ୍ଷା – ମାର୍ଚ୍ଚ ୨୦୨୬' ଅନୁଯାୟୀ, ବର୍ତ୍ତମାନର ଭୂ-ରାଜନୈତିକ ଅସ୍ଥିରତା ଯୋଗୁ ନିକଟ ଭବିଷ୍ୟତର ଆର୍ଥିକ ସ୍ଥିତି ଅନିଶ୍ଚିତତା ମଧ୍ୟରେ ରହିଛି। ରିପୋର୍ଟରେ କୁହାଯାଇଛି ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ଏବଂ ଗ୍ୟାସ୍ ଦରରେ ବୃଦ୍ଧି ଘଟିଛି। ଭାରତ ଏକ ପ୍ରମୁଖ ଶକ୍ତି ଆମଦାନୀକାରୀ ଦେଶ ହୋଇଥିବାରୁ ଏହି ବର୍ଦ୍ଧିତ ମୂଲ୍ୟ ଉତ୍ପାଦନ ଖର୍ଚ୍ଚ ବଢ଼ାଇବା ସହ ଦେଶର ଅଭିବୃଦ୍ଧି ହାରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏହାସହିତ ଯୋଗାଣ ଶୃଙ୍ଖଳ ବ୍ୟାଘାତ ହେବା ଫଳରେ ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧି ଘଟିପାରେ।

ଅର୍ଥ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୬ର ତୃତୀୟ ତ୍ରୈମାସିକରେ ଚାଲୁ ଖାତା ନିଅଣ୍ଟ (ସିଏଡି) ବୃଦ୍ଧି ପାଇ ଜିଡିପିର ୧.୩%ରେ ପହଞ୍ଚିଛି। ସେହିପରି ମୋଟ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ପ୍ରବାହରେ ବୃଦ୍ଧି ଘଟିଥିଲେ ସୁଦ୍ଧା ନେଟ୍ ଏଫ୍‌ଡିଆଇ କ୍ରମାଗତ ୫ ମାସ ଧରି ନକାରାତ୍ମକ ରହିଛି। ବିଶ୍ୱବ୍ୟାପୀ ଅନିଶ୍ଚିତତା ଯୋଗୁ ବିଦେଶୀ ନିବେଶକମାନେ ସତର୍କତା ଅବଲମ୍ବନ କରୁଥିବାରୁ ମାର୍ଚ୍ଚ ମାସରେ ପୋର୍ଟଫୋଲିଓ ପ୍ରବାହ (ବିଦେଶୀ ନିବେଶକ କିମ୍ବା ସଂସ୍ଥାଙ୍କ ଅନ୍ୟ ଦେଶର ଆର୍ଥିକ ସମ୍ପତ୍ତି ଯଥା ଶେୟାର କିମ୍ବା ବଣ୍ଡରେ କରୁଥିବା ନିବେଶ) ମଧ୍ୟ ନକାରାତ୍ମକ ରହିଛି।

ଅନ୍ୟପକ୍ଷରେ ଭାରତୀୟ ଅର୍ଥନୀତି ପାଇଁ ରେମିଟାନ୍ସ ବା ବିଦେଶରୁ ଆସୁଥିବା ଅର୍ଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ବର୍ଷ ୨୦୨୪ରେ ଭାରତକୁ ଆସିଥିବା ମୋଟ ରେମିଟାନ୍ସର ପ୍ରାୟ ୩୮% କେବଳ ଗଲ୍ଫ ଦେଶଗୁଡ଼ିକରୁ ଆସିଥିଲା। ପଶ୍ଚିମ ଏସିଆର ସଙ୍କଟ ଏହି ପ୍ରବାହକୁ ପ୍ରଭାବିତ କରିପାରେ ବୋଲି ମନ୍ତ୍ରଣାଳୟ ଆଶଙ୍କା ବ୍ୟକ୍ତ କରିଛି।

ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ବର୍ତ୍ତମାନ ସନ୍ତୋଷଜନକ ସ୍ଥିତିରେ ଅଛି। ଏହା ଦେଶର ପ୍ରାୟ ୧୧ ମାସର ଆମଦାନୀ ଖର୍ଚ୍ଚ ତୁଲାଇବା ପାଇଁ ଯଥେଷ୍ଟ, ଯାହା ବାହ୍ୟ ଅର୍ଥନୈତିକ ଝଟକାକୁ ସହିବା ପାଇଁ ଭାରତକୁ ଶକ୍ତି ପ୍ରଦାନ କରିବ। ସରକାରୀ ରିପୋର୍ଟ ଅନୁସାରେ, ଭାରତର ଘରୋଇ ଚାହିଦା ଏବଂ ମାକ୍ରୋ-ଇକୋନୋମିକ ଭିତ୍ତିଭୂମି ଦୃଢ଼ ରହିଛି। ତଥାପି ବିଶ୍ୱବ୍ୟାପୀ ସ୍ଥିତି ଉପରେ ନଜର ରଖି ଠିକ୍ ସମୟରେ ଉପଯୁକ୍ତ ନୀତିଗତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି।

# ଶିକ୍ଷା ବୋଝ ନୁହେଁ, ଆବିଷ୍କାର ଭଳି ଅନୁଭବ ହେବା ଉଚିତ

**ଶିକ୍ଷା ଶିଳ୍ପରେ ଜଣେ ଆଗଧାଡ଼ିର ଉଦ୍ୟୋଗୀ ଭାବେ ସୁମନ ଡାଲମିଆଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ସମ୍ବଲପୁରର ଇଣ୍ଡିଆନ୍ ପବ୍ଲିକ ସ୍କୁଲ (ଆଇପିଏସ୍)ର ଚେୟାର ପର୍ସନ ସୁମନ ଡାଲମିଆ ଛାତ୍ରୀଛାତ୍ରଙ୍କ ସହ ବ୍ୟକ୍ତିଗତ ଭାବେ ଜଡ଼ିତହୋଇ ମାର୍ଗଦର୍ଶନରେ ସର୍ବଦା ଗୁରୁତ୍ୱ ଦେଇଥାନ୍ତି। ଶିକ୍ଷାକ୍ଷେତ୍ରକୁ ନୂତନ ଶିଖରରେ ପହଞ୍ଚାଇବାକୁ ସ୍ୱପ୍ନ ଦେଖୁଥିବା ସୁମନଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**


ସୁମନ ଡାଲମିଆ

**ପ୍ର– ଶିକ୍ଷା ଶିଳ୍ପର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଦେଶରେ ଶିକ୍ଷା କ୍ଷେତ୍ର କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ବୋଲି ଆପଣ ଭାବନ୍ତି?**

ଉ– ଛାତ୍ରୀଛାତ୍ର ଏବଂ ସେମାନଙ୍କ ଜୀବନଯାତ୍ରା ସହ ଗଭୀର ଭାବରେ ଜଡ଼ିତ ଥିବାରୁ ମୁଁ ଭାବୁଛି, ଏବେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ସନ୍ତୁଳନ ରକ୍ଷା କରିବା। ଆମେ ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ଭୁଲିଯିବା ଉଚିତ ନୁହେଁ। ଶିକ୍ଷାର ମୂଳ ଉଦ୍ଦେଶ୍ୟ କେବଳ ଭଲ ନମ୍ବର ଓ ବଡ଼ ସଫଳତା ଆଣିବା ନୁହେଁ, ବରଂ ଭଲ ମଣିଷ ତିଆରି କରିବା।

**ପ୍ର–ଡିଜିଟାଲ ବିପ୍ଳବ ଆସିଯାଇଥିବାବେଳେ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରଭାବ କିପରି ରହିବ?**

ଉ– କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏକ ଶକ୍ତିଶାଳୀ ଉପକରଣ। ଅନ୍ୟ ଉପକରଣ ଭଳି ଏଆଇର ବ୍ୟବହାର ଉପରେ ଏହାର ପ୍ରଭାବ ନିର୍ଭରକରେ। ମୁଁ ଏଆଇକୁ ଏକ ସହାୟକ ଭାବେ ଦେଖୁଛି। ଏହା ପିଲାମାନଙ୍କ ଦୁର୍ବଳତା ଚିହ୍ନଟ କରିପାରେ ଏବଂ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଏପରି ସହାୟତା ଦେଇପାରେ, ଯାହା ପୂର୍ବରୁ କଳ୍ପନା କରାଯାଇ ନ ଥିଲା। ମାତ୍ର ଜଣେ ମା' ଭାବରେ ମୁଁ ଗୋଟିଏ କଥା ଖୁବ୍ ଦୃଢ଼ଭାବରେ ଅନୁଭବ କରୁଛି, କେବେ ବି ମାନବୀୟ ସମ୍ପର୍କର ସ୍ଥାନ ନେଇପାରିବ ନାହିଁ। ପିଲାମାନେ କେବଳ ଜ୍ଞାନ ବା ତଥ୍ୟ ଆବଶ୍ୟକ ରଖନ୍ତି ନାହିଁ, ସେମାନଙ୍କୁ ପ୍ରୋତ୍ସାହନ, ସମବେଦନା ଏବଂ ମାର୍ଗଦର୍ଶନ ମଧ୍ୟ ଦରକାର। ତେଣୁ ଆମେ ଶିକ୍ଷାରେ ଏଆଇକୁ ସ୍ୱାଗତ କରୁଛୁ। ହେଲେ ଆମେ ନିଶ୍ଚିତ ହେବା ଉଚିତ ଯେ, ଏହା ଶିକ୍ଷକଙ୍କ ପାଇଁ ପରିପୂରକ ହେଉ, କିନ୍ତୁ ଶିକ୍ଷକଙ୍କ ଉପସ୍ଥିତିର ମହତ୍ତ୍ୱକୁ ବଦଳାଇ ନ ଦେଉ। ଶିକ୍ଷାର ହୃଦୟ ସବୁବେଳେ ମାନବୀୟ ହୋଇ ରହିବା ଉଚିତ।

**ପ୍ର. ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଚିନ୍ତନ, ସୃଜନଶୀଳତା ଏବଂ ବ୍ୟବହାରିକ ଜ୍ଞାନ ଅପେକ୍ଷା ଘୋଷା ପାଠ ଏବଂ ପରୀକ୍ଷା ଫଳାଫଳ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ ବୋଲି ଅନେକେ ସମାଲୋଚନା କରନ୍ତି। ଛାତ୍ରୀଛାତ୍ରଙ୍କୁ କିପରି ପ୍ରସ୍ତୁତ କରାଯିବା ଉଚିତ?**

ଉ– ଏହା ଏପରି ଏକ ବିଷୟ ଯାହାକୁ ମୁଁ ଗଭୀର ଭାବେ ଅନୁଭବକରେ। ଶିକ୍ଷା କେବେ ବି ବୋଝ ଭଳି ଲାଗିବା ଉଚିତ ନୁହେଁ, ଏହା ଆବିଷ୍କାର ଭଳି ଅନୁଭବ ହେବା ଉଚିତ। ଶ୍ରେଣୀଗୃହରେ ପିଲାମାନେ ନିର୍ଭୟରେ ଚିନ୍ତାଧାରା ପ୍ରକାଶ କରିବା, ପ୍ରଶ୍ନ ପଚାରିବା ଏବଂ ଅଭିଜ୍ଞତା ମାଧ୍ୟମରେ ଶିଖିବା ଉଚିତ। ବ୍ୟବହାରିକ ଶିକ୍ଷା, ପ୍ରକଳ୍ପ ଆଧାରିତ କାର୍ଯ୍ୟକଳାପ, କଳା, କ୍ରୀଡ଼ା ଏବଂ ବାସ୍ତବ ଜୀବନର ସମସ୍ୟା ସମାଧାନ ସହ ପରିଚିତ ହେବା ଅତ୍ୟନ୍ତ ଜରୁରୀ। ଶିକ୍ଷକମାନଙ୍କୁ ମଧ୍ୟ ଅଧିକ ଶିଶୁ କୈନ୍ଦ୍ରିକ ପଦ୍ଧତି ଗ୍ରହଣ କରିବା ପାଇଁ ସଶକ୍ତ ଏବଂ ପ୍ରଶିକ୍ଷିତ କରାଯିବା ଆବଶ୍ୟକ। ଅଭିଭାବକ ଏବଂ ଶିକ୍ଷକ ଭାବରେ ଆମକୁ ମଧ୍ୟ ନିଜର ମାନସିକତା ବଦଳାଇବାକୁ ହେବ ଯେ, ମାର୍କ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ତାହା ହିଁ ସବୁକିଛି ନୁହେଁ। ଆତ୍ମବିଶ୍ୱାସ, କୌତୂହଳ ଏବଂ ଚରିତ୍ର ଗଠନ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ।

**ପ୍ର–ଏ ପର୍ଯ୍ୟନ୍ତ ଆପଣଙ୍କ ଯାତ୍ରା କିପରି ରହିଛି? ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ଛାତ୍ରମାନଙ୍କ ପାଇଁ କାହିଁକି ଏକ ପସନ୍ଦର ସ୍ଥାନ?**

ଉ– ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ନିର୍ମାଣ ମୋ ପାଇଁ କେବଳ ଏକ ବୃତ୍ତିଗତ ଯାତ୍ରା ନୁହେଁ, ଏହା ଏକ ଶିଶୁର ଲାଳନପାଳନ କରିବା ଭଳି ଯାତ୍ରା। ପ୍ରତ୍ୟେକ ଚ୍ୟାଲେଞ୍ଜ ମୋତେ କିଛି ନା କିଛି ଶିଖାଇଛି ଏବଂ ପ୍ରତ୍ୟେକ ସଫଳତା ଆମର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସାମୂହିକ ପ୍ରୟାସ ଦ୍ୱାରା ସମ୍ଭବ ହୋଇଛି। ମୁଁ ବିଶ୍ୱାସକରେ ଯେ ଆମେ ସୃଷ୍ଟିକରିଥିବା ପରିବେଶ 'ଆଇପିଏସ୍'କୁ ସ୍ୱତନ୍ତ୍ର କରାଏ। ଆମେ କେବଳ ଶିକ୍ଷା ଉପରେ ଧ୍ୟାନଦେଉନାହୁଁ, ବରଂ ପ୍ରତ୍ୟେକ ପିଲାଙ୍କ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଉଛୁ। ଏକ ଆବାସିକ ବିଦ୍ୟାଳୟ ଭାବରେ ଆମେ ଏକ ଘର ଭଳି ପରିବେଶ ମଧ୍ୟ ପ୍ରଦାନ କରୁ, ଯେଉଁଠାରେ ପିଲାମାନେ ସର୍ବଦା ଯତ୍ନବାନ୍ ଓ ସ୍ୱାଧୀନତା ଅନୁଭବ କରନ୍ତି।

**ପ୍ର. ଆପଣଙ୍କ ଦୂରଦୃଷ୍ଟି ଏବଂ ନିଷ୍ଠା ଏହି ଅନୁଷ୍ଠାନକୁ ନୂତନ ଉଚ୍ଚତାରେ ପହଞ୍ଚାଇଛି। ଏହି କ୍ଷେତ୍ରରେ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଆପଣ କି ପରାମର୍ଶ ଦେବେ?**

ଉ– ଶିକ୍ଷା କେବଳ ଏକ ବୃତ୍ତି ନୁହେଁ, ଏହା ଏକ ଦାୟିତ୍ୱ ଏବଂ ଏକ ଆହ୍ୱାନ। ଏହି କ୍ଷେତ୍ରରେ ଆସୁଥିବା ଯେକୌଣସି ବ୍ୟକ୍ତିଙ୍କୁ ମୋର ପରାମର୍ଶ, ହୃଦୟର ସହ ନେତୃତ୍ୱ ନିଅନ୍ତୁ। ଯଦି ଜଣେ ପ୍ରକୃତରେ ପିଲାମାନଙ୍କ ଯତ୍ନ ନେଉଛନ୍ତି, ତେବେ ସେ ସର୍ବଦା ଠିକ୍ ବାଟ ପାଇବେ। ଧୈର୍ଯ୍ୟବାନ୍ ହୁଅନ୍ତୁ, କାରଣ ଶିକ୍ଷାର ଫଳାଫଳ ତୁରନ୍ତ ମିଳେନାହିଁ। ପରିବର୍ତ୍ତନ ପାଇଁ ପ୍ରସ୍ତୁତ ରୁହନ୍ତୁ, କାରଣ ଦୁନିଆ ବଦଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିଜର ମୂଲ୍ୟବୋଧ ସହ ଯୋଡ଼ିହୋଇ ରୁହନ୍ତୁ, କାରଣ ଏହା ହିଁ ଭବିଷ୍ୟତ ପିଢ଼ିକୁ ଗଢ଼ିଥାଏ। କେବଳ ଏକ ଅନୁଷ୍ଠାନ ଗଢ଼ିବାକୁ ଲକ୍ଷ୍ୟ ରଖନ୍ତୁ ନାହିଁ, ଏପରି ଏକ ସ୍ଥାନ ଗଢ଼ିବାକୁ ଲକ୍ଷ୍ୟରଖନ୍ତୁ, ଯେଉଁଠାରେ ପିଲାମାନେ ପ୍ରେରଣା, ସମ୍ମାନ ଏବଂ ଶ୍ରଦ୍ଧା ପାଇପାରିବେ।

## ପହିଲାରୁ ଡିଜିଟାଲ ପେମେଣ୍ଟ ନିୟମରେ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୮।୩

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଡିଜିଟାଲ ପେମେଣ୍ଟର ସୁରକ୍ଷା ଦୃଢ଼ କରିବା ପାଇଁ ନୂଆ ନିୟମ ଲାଗୁ କରୁଛି। ଏପ୍ରିଲ ୧ରୁ ୟୁପିଆଇ, ନେଟ ବ୍ୟାଙ୍କିଙ୍ଗ ଓ ମୋବାଇଲ ୱାଲେଟ ଦ୍ୱାରା ପେମେଣ୍ଟ କରିବା ସମୟରେ କେବଳ ଏକ ପିନ କିମ୍ବା ପାସୱାର୍ଡ ଯଥେଷ୍ଟ ହେବ ନାହିଁ। ନୂଆ ନିୟମ ଅନୁଯାୟୀ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପାଇଁ ୨ ପ୍ରକାରର ପରିଚୟ ଯାଞ୍ଚ (ଟୁ-ଫ୍ୟାକ୍ଟର୍ ଅଥେଣ୍ଟିକେସନ) ଆବଶ୍ୟକ ହେବ। ଏଥିରେ ଏକ ଫ୍ୟାକ୍ଟର୍ ପ୍ରତି ଥରେ ବଦଳୁଥିବା ଡାଇନାମିକ କୋଡ୍ ରହିବ। ଗ୍ରାହକ ଓଟିପି ଏବଂ ପିନ, ବାୟୋମେଟ୍ରିକ (ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ ଆଇଡି) କିମ୍ବା ଡିଭାଇସ ଟୋକେନ ବ୍ୟବହାର କରିପାରିବେ। ଏହି ବ୍ୟବସ୍ଥା ଅନ୍‌ଲାଇନ ଠକେଇ ଓ ଫିସିଂ ଆଦିକୁ ହ୍ରାସ କରିବ। ଯଦି ପାସୱାର୍ଡ କଟିଯାଏ ତେବେ ଦ୍ୱିତୀୟ ଯାଞ୍ଚ ବିନା ଟଙ୍କା ଉଠାଯାଇ ପାରିବ ନାହିଁ।

## ଛାତ୍ରୀଛାତ୍ରଙ୍କ ପାଇଁ ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ ବିଦ୍ୟା

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)



ବେଦାନ୍ତ ଆଲୁମିନିୟମ ପକ୍ଷରୁ ୨୦୨୫ ଏପ୍ରିଲରେ ଆରମ୍ଭ ହୋଇଥିବା 'ପ୍ରକଳ୍ପ ବିଦ୍ୟା' ଜରିଆରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ର ସରକାରୀ ବିଦ୍ୟାଳୟରେ ପାଠପଢ଼ାକୁ ସୁଦୃଢ଼ କରୁଛି। ଗଣିତ, ବିଜ୍ଞାନ ଏବଂ ଇଂଲିଶ ଭଳି ବିଷୟ ସହ ମୌଳିକ ସାକ୍ଷରତା ଉପରେ ଧ୍ୟାନ କେନ୍ଦ୍ରିତକରି ୨୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିଯୁକ୍ତି କରିଛି। ଏହାଦ୍ୱାରା ଶ୍ରେଣୀଗୃହରେ ଛାତ୍ର ଶିକ୍ଷକ ଅନୁପାତରେ ବୃଦ୍ଧିକରି ୧୭ଟି ଗ୍ରାମୀଣ ବିଦ୍ୟାଳୟର ୧୮୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ନିକଟରେ ଏହି କାର୍ଯ୍ୟକ୍ରମ ପହଞ୍ଚିପାରିଛି। ସୁନ୍ଦରଗଡ଼ରେ ଅଧାରୁ ପାଠ ଛାଡ଼ିବାର ହାର ଅଧିକ ରହୁଥିବାରୁ ଲକ୍ଷ୍ମନପୁର ବ୍ଲକ୍‌ରେ ୬୪% ରୁ ୭୬% ଏବଂ ହେମଗିର ବ୍ଲକ୍‌ରେ ୬୬% ରୁ ୮୨%କୁ ଛାତ୍ରୀଛାତ୍ରଙ୍କ ଉପସ୍ଥିତି ବୃଦ୍ଧି କରିବାରେ ପ୍ରକଳ୍ପ ବିଦ୍ୟାର ଉଲ୍ଲେଖନୀୟ ଯୋଗଦାନ ରହିଛି। ଏହି ପ୍ରକଳ୍ପରେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ମୁଣ୍ଡେରଖେ ସରକାରୀ ୟୁପିଏସ୍, ଭୋଗ୍ରାକଚ୍ଛର ସରକାରୀ ୟୁପିଏସ୍, ଘୋଘରପଲ୍ଲୀ ସରକାରୀ ପିଏସ୍, ରେଙ୍ଗଲପାଣି ସରକାରୀ ପିଏମ୍, ଛତାବର ସରକାରୀ ୟୁଜିଏଚ୍‌ଏସ୍, ଘୋଘରପଲ୍ଲୀରେ ଥିବା ବିଲେମୁଣ୍ଡା ସରକାରୀ ୟୁପିଏସ୍, ଜାମକାନି ସରକାରୀ ପିଏସ୍ ଏବଂ ଜାମକାନିଠାରେ ଥିବା ଝାରପାଲମ ସରକାରୀ ୟୁଜିଏଚ୍‌ଏସ୍ ରହିଛି । କୁଡାଲୋଇ ସରକାରୀ ୟୁପିଏସ୍, ବଞ୍ଜାରୀ ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ, ବଞ୍ଜାରୀ ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ଆଶ୍ରମ ସ୍କୁଲ, ଗ୍ରିଣ୍ଡୋଲା ସରକାରୀ ପିଏସ୍, କାର୍ଲାଖାମନ ସରକାରୀ ୟୁପିଏସ୍ , ମୋହନପୁର ସରକାରୀ ପିଏସ୍, ଝାରସୁଗୁଡ଼ା ଜିଲାର କୁରାଲୋଇର ବାର୍ତାପ ସରକାରୀ ୟୁପିଏସ୍ ଏବଂ କୁଡାଲୋଇ ଆଶ୍ରମ ବିଦ୍ୟାଳୟ ଆଦି ଅନ୍ତର୍ଭୁକ୍ତ ।

# କଟକରେ କିସ୍‌ନାର ୧୩୬ତମ ଶୋ'ରୁମ୍ ଉଦ୍‌ଘାଟିତ

କଟକ,୨୮।୩(କାର୍ତ୍ତିକ ସାହୁ)




କିସ୍‌ନା ଡାଇମଣ୍ଡ ଓ ଗୋଲ୍ଡ ଜୁଏଲେରି ପକ୍ଷରୁ ୧୩୬ତମ ଶୋ'ରୁମ୍ କଟକର କ୍ୟାଣ୍ଟନମେଣ୍ଟ ରୋଡ୍‌ରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ହେଉଛି ଓଡ଼ିଶାରେ ୪ର୍ଥ ଶୋ'ରୁମ୍। ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ ୪୦% ରିହାତି ଓ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୩୦%ର ରିହାତି ପ୍ରଦାନ କରାଯାଉଛି। ଉପଭୋକ୍ତାମାନେ ହୀରା ଓ ସୁନା ଅଳଙ୍କାରର ନିର୍ଦ୍ଦିଷ୍ଟ କ୍ରୟ ଉପରେ ୧୦ ଗ୍ରାମ ଓ ୨୦ ଗ୍ରାମର ସିଲ୍‌ଭର କଏନ୍ ମାଗଣାରେ ପାଇପାରିବେ ଏବଂ ପୁରୁଣା ସୁନା ଉପରେ ୧୦୦% ଏକ୍ସଚେଞ୍ଜ ମୂଲ୍ୟ ପାଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହରି କ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗଦେଇ କହିଲେ, କଟକ ଶୋ'ରୁମ୍ ବିକଶିତ ଉପଭୋକ୍ତା ପସନ୍ଦ ଦ୍ୱାରା ପରିଚାଳିତ ମଜଭୁତ ଅଭିବୃଦ୍ଧି ସମ୍ଭାବନା ଦେଉଛି। ଓଡ଼ିଶାର ଲୋକମାନଙ୍କ ପାଇଁ ଚାରାରୋପଣ, ଅସହାୟଙ୍କ ସହାୟତା, ରକ୍ତଦାନ ପରି ମହତ୍ ସାମାଜିକ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା ବଜାୟ ରହିବ। ଜୁଏଲେରିର ସିଇଓ ପରାଗ ଶାହ କହିଛନ୍ତି, କଟକରେ ଆମର ଶୋ'ରୁମ୍‌କୁ ଏକ ସହଜ ଓ ନିୟୋଜିତ ଶପିଂ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟ୍‌ଲେଟ୍ ପାର୍ଟନର ଶେଖ ଗୁଲାମ ମୁସ୍ତାଫା ଓ ଶେଖ ନିସାର ମୁସ୍ତାଫା କଟକରେ ଆମର ଶୋ'ରୁମ୍‌ର ଶୁଭାରମ୍ଭ ପାଇଁ କିସ୍‌ନା ସହ ସହଭାଗିତାକରି ଆମେ ଆନନ୍ଦିତ ବୋଲି କହିଛନ୍ତି।

## ୨ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳ

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)

ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ ପାଇଁ ୨ଟି ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ର ପ୍ରଚଳନ କରାଯାଇଛି। ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ଯାଲାହାଙ୍କା ଏସି ଏକ୍ସପ୍ରେସ୍ ଏପ୍ରିଲ ୨ରୁ ପ୍ରତି ଗୁରୁବାର ମଧ୍ୟାହ୍ନ ୧୨ଟା ୫୦ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶନିବାର ରାତି ୧୨ଟା ୨୦ରେ ଯାଲାହାଙ୍କାରେ ପହଞ୍ଚିବ। ଫେରିବା ଦିଗରେ ୧୮୦୬୪ ଯାଲାହାଙ୍କା ସାନ୍ତ୍ରାଗାଛି ଏସି ଏକ୍ସପ୍ରେସ୍ ଏପ୍ରିଲ ୪ ଠାରୁ ପ୍ରତି ଶନିବାର ଯାଲାହାଙ୍କାରୁ ଭୋର ୪ଟା ୫୦ରେ ଛାଡିବ ଏବଂ ରବିବାର ସନ୍ଧ୍ୟା ୫ଟାରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଯାତ୍ରା ସମୟରେ, ଟ୍ରେନ୍‌ଟି ପୂର୍ବ ତଟ ରେଳପଥ ଅଧୀନ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ ରୋଡ୍, ବିଜୟନଗରମ, କୋଟ୍ଟଭାଲସା, ପେର୍ଣ୍ଣୁର୍ଟି ଏବଂ ଦୁଭାଡା ଆଦି ଦେଇ ଗତି କରିବ। ୧୮୦୪୧ ଶାଲିମାରଏମ୍‌ଜିଆର୍ ଚେନ୍ନାଇ ଏକ୍ସପ୍ରେସ୍ ଏପ୍ରିଲ ୬ଠାରୁ ପ୍ରତି ସୋମବାର ଅପରାହ୍ନ ୨ଟା ୪୫ରେ ଶାଲିମାରରୁ ଛାଡ଼ିବ ଏବଂ ମଙ୍ଗଳବାର ସନ୍ଧ୍ୟା ୬ଟା ୪୫ରେ ଏମ୍‌ଜିଆର୍ ଚେନ୍ନାଇରେ ପହଞ୍ଚିବ। ଫେରିବା ଦିଗରେ ୧୮୦୪୨ ଏମଜିଆର ଚେନ୍ନାଇ-ଶାଳିମାର ଏକ୍ସପ୍ରେସ୍ ଏପ୍ରିଲ ୭ ଠାରୁ ପ୍ରତି ମଙ୍ଗଳବାର ସନ୍ଧ୍ୟା ୬ଟା ୪୫ରେ ଏମ୍‌ଜିଆର୍ ଚେନ୍ନାଇରୁ ଛାଡିବ ଏବଂ ଗୁରୁବାର ଭୋର ୪ଟାରେ ଶାଲିମାରରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ବିଜୟନଗରମ ଏବଂ ଦୁଭାଡା ଆଦି ଷ୍ଟେଶନ ଦେଇ ଗତି କରିବ। ଏହି ନୂତନ ସେବାଗୁଡ଼ିକ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ଯୋଗାଯୋଗରେ ଉଲ୍ଲେଖନୀୟ ଉନ୍ନତି ଆଣିବ।

## ପିଏମ୍ ଇ-ଡ୍ରାଇଭ ଯୋଜନାରେ ସଂଶୋଧନ

ନୂଆଦିଲ୍ଲୀ, ୨୮।୩

କେନ୍ଦ୍ର ସରକାର ପିଏମ୍ ଇ-ଡ୍ରାଇଭ ଯୋଜନାରେ ସଂଶୋଧନକରି ଇ-ସ୍କୁଟର ଏବଂ ଇ-ରିକ୍ସା ପାଇଁ ନୂଆ ସମୟସୀମା ଏବଂ ସଂଖ୍ୟା ସୀମା ନିର୍ଦ୍ଧାରଣ କରିଛନ୍ତି। ୧୦,୯୦୦ କୋଟି ଟଙ୍କାର ପିଏମ୍ ଇଲେକ୍ଟ୍ରିକ ଡ୍ରାଇଭ ରିଭୋଲ୍ୟୁଶନ ଇନ୍ ଇନୋଭେଟିଭ ଭେହିକଲ ଏନ୍‌ହାନ୍ସମେଣ୍ଟ (ପିଏମ୍ ଇ-ଡ୍ରାଇଭ) ଯୋଜନାର ନୂଆ ନିୟମ ଅନୁଯାୟୀ, ୨୦୨୬ ଜୁଲାଇ ୩୧ ପର୍ଯ୍ୟନ୍ତ ପଞ୍ଜୀକୃତ ହୋଇଥିବା ଇଲେକ୍ଟ୍ରିକ ଟୁ-ହୁଇଲର (ଇ-ସ୍କୁଟର) ଏବଂ ୨୦୨୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଜୀକରଣ ହୋଇଥିବା ଇଲେକ୍ଟ୍ରିକ୍ ଥ୍ରି-ହୁଇଲର (ଇ-ରିକ୍ସା ଏବଂ ଇ-କାର୍ଟ) ପାଇଁ ଇନ୍‌ସେଣ୍ଟିଭ ମିଳିବ। ଇନ୍‌ସେଣ୍ଟିଭ ପାଇବା ପାଇଁ ଇ-ଟୁ-ହୁଇଲରର ସର୍ବାଧିକ ଏକ୍ସ-ଫ୍ୟାକ୍ଟ୍ରି ମୂଲ୍ୟ ୧.୫ଲକ୍ଷ ଏବଂ ଇ-ଥ୍ରି-ହୁଇଲରର ସର୍ବାଧିକ ମୂଲ୍ୟ ୨.୫ ଲକ୍ଷ ପର୍ଯ୍ୟନ୍ତ ସୀମିତ ରଖାଯାଇଛି। ଏହି ଯୋଜନାରେ ମୋଟ ଖର୍ଚ୍ଚ ୧୦,୯୦୦ କୋଟି ଟଙ୍କା ମଧ୍ୟରେ ସୀମିତ ରହିବ। ଯଦି ଯୋଜନାର ଅର୍ଥ ଶେଷ ହୋଇଯିବା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଭାରି ଶିଳ୍ପ ମନ୍ତ୍ରଣାଳୟ ଜଣାଇଛି। ଯୋଜନାର ଶେଷ ତାରିଖ ୨୦୨୮ମାର୍ଚ୍ଚ ୩୧ ରହିଥିଲେ ମଧ୍ୟ ଇ-ଟୁ-ହୁଇଲର ପାଇଁ ୨୦୨୬ ଜୁଲାଇ ୩୧ ଏବଂ ଇ-ରିକ୍ସା ଓ ଇ-କାର୍ଟ ପାଇଁ ୨୦୨୮ ମାର୍ଚ୍ଚ ୩୧ ରହିବ। ପିଏମ୍ ଇ-ଡ୍ରାଇଭ ଯୋଜନା ଅଧୀନରେ ସର୍ବାଧିକ ୨୪,୭୯,୧୨୦ଟି ଇ-ଟୁ-ହୁଇଲର ଏବଂ ୩୯,୦୩୪ଟି ଇ-ରିକ୍ସା ଓ ଇ-କାର୍ଟକୁ ପ୍ରୋତ୍ସାହନ ଦିଆଯିବ। ଏଲ୍-୫ ବର୍ଗର ଇ-ଥ୍ରି-ହୁଇଲର ଲକ୍ଷ୍ୟ ପୂରଣ ହୋଇଯାଇଥିବାରୁ ୨୦୨୫ ଡିସେମ୍ବର ୨୬ରେ ସେହି ବର୍ଗ ବନ୍ଦ କରାଯାଇଛି।

# କଟକରେ ଯେତେ ବ୍ୟବସାୟ ହେବ ସେତେ ଚାରା ଲଗାଇବୁ

**ସାରା ପୃଥିବୀରେ ହୀରା ଓ ସୁନା ଅଳଙ୍କାର ବ୍ୟବସାୟ ପ୍ରସାରକରିଛି ମୁମ୍ବଇର ହରିକ୍ରିଷ୍ଣା ଗ୍ରୁପ୍। ହରିକ୍ରିଷ୍ଣା ଗ୍ରୁପ୍ ନିଜର ବ୍ୟବସାୟିକ ସଫଳତା ସାଙ୍ଗକୁ ବିବିଧ ସାମାଜିକ କାର୍ଯ୍ୟ ମାଧ୍ୟମରେ ସମାଜର ଉନ୍ନତି ପ୍ରତି ମଧ୍ୟ ଯତ୍ନବାନ୍। ତେବେ ଓଡ଼ିଶାର ଯାଜପୁର ଓ କଟକରେ ଗୋଟିଏ ଦିନରେ ଏକକାଳୀନ ଦୁଇଟି ଷ୍ଟୋର ଉଦ୍‌ଘାଟନ କରିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହରିକ୍ରିଷ୍ଣା ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ କଟକ ଆସିଥିବା ବେଳେ ତାଙ୍କ ସହ ଧରିତ୍ରୀ ପକ୍ଷରୁ ଏହି ସାକ୍ଷାତ୍‌କାର।**


ଘନଶ୍ୟାମ ଢୋଲକିଆ

**ପ୍ର– ହରିକ୍ରିଷ୍ଣା ଗ୍ରୁପ୍ କେବେ ଆରମ୍ଭ କରିଥିଲେ?**

ଉ–ଆମେ ୪ଭାଇ ମିଶି ୧୯୯୨ରେ ହରିକ୍ରିଷ୍ଣା ଗ୍ରୁପ୍ ଗଠନ କରିଥିଲୁ। ଆମ ବାପା ଚାଷ କରିବା ସହ ହୀରା ସମ୍ବନ୍ଧୀୟ କାମ କରୁଥିଲେ। ସେ ୨୦୦୫ରେ କିସ୍‌ନା ବ୍ରାଣ୍ଡ କରିଥିଲେ ଯାହା ଆଜି ସୁପ୍ରତିଷ୍ଠିତ ହୋଇଛି।

**ପ୍ର– ବ୍ୟବସାୟିକ ସମ୍ପ୍ରସାରଣ ଯୋଜନା କ'ଣ ରହିଛି?**

ଉ– ହରିକ୍ରିଷ୍ଣା ଗ୍ରୁପ୍ ବର୍ତ୍ତମାନ ସୁଦ୍ଧା ସାରା ଭାରତରେ ୧୫୦୦ରୁ ଊର୍ଦ୍ଧ୍ୱ ଶୋ'ରୁମ୍‌ରେ ନିଜସ୍ୱ ଉତ୍ପାଦକୁ ଉପଲବ୍ଧ କରାଇଛି। ସେହିପରି ଦେଶରେ ଆଜି ସୁଦ୍ଧା ନିଜସ୍ୱ ବ୍ରାଣ୍ଡର ୧୩୬ଟି ଏକ୍ସକ୍ଲୁସିଭ ଶୋ'ରୁମ୍ ଥିବାବେଳେ ୨୦୨୭ ସୁଦ୍ଧା ୧୫୦ଟି ଖୋଲିବା ଲକ୍ଷ୍ୟ ରହିଛି। ଓଡ଼ିଶାରେ ୪ଟି ଶୋ'ରୁମ୍ ଖୋଲାଯାଇଥିବା ବେଳେ ୨୨ଟି ଶୋ'ରୁମ୍ ଖୋଲିବା ଯୋଜନା ରହିଛି।

**ପ୍ର– ଆପଣଙ୍କ ଉତ୍ପାଦର ସ୍ୱତନ୍ତ୍ରତା କ'ଣ?**

ଉ– ଆମେ ନିଜେ ହୀରା ଓ ସୁନା ଅଳଙ୍କାର ଡିଜାଇନ ଓ ନିର୍ମାଣ କରୁଛୁ। ସେଥିପାଇଁ ଉପଭୋକ୍ତାଙ୍କୁ ଉଚିତ ଦାମ ସହ ସମସ୍ତ ସୁବିଧା ଆମ ତରଫରୁ ପ୍ରଦାନ କରିବାକୁ ଯତ୍ନବାନ୍ ଅଛୁ।

**ପ୍ର– ବିଦେଶରେ ବ୍ୟବସାୟିକ କାରବାର କିପରି ରହିଛି?**

ଉ– ପୃଥିବୀର ୧୧୦ଟି ଦେଶକୁ ଆମ ଦ୍ୱାରା ପ୍ରସ୍ତୁତ ଅଳଙ୍କାର ଉତ୍ପାଦ ରପ୍ତାନି କରାଯାଉଛି। ସର୍ବାଧିକ ଆମେରିକାକୁ କରାଯାଉଛି। ୧୨୫ଟି ଦେଶକୁ ଅଳଙ୍କାର ରପ୍ତାନି କରିବା ଲକ୍ଷ୍ୟ ରଖିଛୁ।

**ପ୍ର– କଞ୍ଚାମାଲ କେଉଁଠୁ ଆଣୁଛନ୍ତି?**

ଉ– ରୁଷିଆ ଏବଂ ଆଫ୍ରିକାରୁ କଞ୍ଚାମାଲ ଆମଦାନୀ କରାଯାଉଛି। ଗୁଜରାଟରେ ଥିବା ଆମ କମ୍ପାନୀରେ ୧୦ ହଜାର ଲୋକ ପ୍ରତିଦିନ କାମ କରୁଛନ୍ତି।

**ପ୍ର– ବ୍ୟବସାୟକୁ କିଭଳି ପରିଚାଳନା କରିପାରୁଛନ୍ତି?**

ଉ– ଆମର ହେଡ୍ ଅଫିସ୍ ମୁମ୍ବଇରେ ରହିଥିବା ବେଳେ ସେଠାରେ ମୁଁ ନିଜେ ରହି ସବୁ ବୁଝେ ଓ ମୋ ଭାଇ ଗୁଜରାଟରେ ରହି ଉତ୍ପାଦନ କଥା ବୁଝନ୍ତି।

**ପ୍ର– ସାମାଜିକ ପ୍ରତିବଦ୍ଧତାକୁ ଆପଣ କିପରି ଭାବେ ଦେଖନ୍ତି?**

ଉ– ଆମ ଗ୍ରୁପ୍ ବହୁ ସାମାଜିକ କାର୍ଯ୍ୟ ଚାଲୁ ରଖିଛି। ଗୁଜରାଟ ଓ ରାଜସ୍ଥାନରେ ପାଣି ସମସ୍ୟା ଦୂରକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୩୦ ଲକ୍ଷ ଚାରାରୋପଣ କରିଛି। କଟକରେ କିସ୍‌ନାର ଯେତେ ବ୍ୟବସାୟ ହେବ ସେହି ପରିମାଣର ଚାରାରୋପଣ କରାଯିବ, ଗରିବ ଲୋକଙ୍କୁ ଖାଦ୍ୟ ବିତରଣ ସହ ରକ୍ତଦାନ କରାଯିବ।

ସାକ୍ଷାତକାର– କାର୍ତ୍ତିକ ସାହୁ, କଟକ

## ଏନ୍‌ଟିପିସି ପକ୍ଷରୁ ନୈତିକ ସାମ୍ବାଦିକତା ଶୀର୍ଷକ କର୍ମଶାଳା

ସୁନ୍ଦରଗଡ,୨୮।୩(ଜୟ ନାରାୟଣ ମେଣ୍ଡୁଲି)


କର୍ମଶାଳାରେ ଉପସ୍ଥିତ ଅତିଥି ଓ ଏନ୍‌ଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଓ ଅନ୍ୟ ଅଧିକାରୀ।

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ନୈତିକ ସାମ୍ବାଦିକତା ଶୀର୍ଷକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଖବରକାଗଜ 'ହିନ୍ଦୁ'ର ବରିଷ୍ଠ ଖବରଦାତା ଶିଶିର ସିହ୍ନା ଯୋଗଦେଇ କହିଛନ୍ତି, ପରିବର୍ତ୍ତିତ ସମୟର ତାଳରେ ସାମାଜିକ ଗଣମାଧ୍ୟମର ବହୁଳତା, ତ୍ୱରିତ ଓ ପ୍ରତିଯୋଗିତାମୂଳକ ଖବର ପରିବେଷଣ ବେଳେ କେତେକ କ୍ଷେତ୍ରରେ ଭୁଲ୍ ଖବର ଜନମାନସରେ ବିଭ୍ରାନ୍ତି ସୃଷ୍ଟିକରୁଛି। ଏଣୁ ଗଣମାଧ୍ୟମ ପ୍ରତିନିଧିମାନେ ଠିକ୍ ଖବର, ନିରପେକ୍ଷ ଭାବନା ଓ ସମାଜ ପ୍ରତି ଥିବା ନୈତିକ ଦାୟିତ୍ୱ ବୋଧକୁ ଆଖି ରଖି ଖବର ପରିବେଷଣକରି ଗଣମାଧ୍ୟମ ପ୍ରତି ଲୋକଙ୍କ ରହିଥିବା ବିଶ୍ୱସନୀୟତାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏନ୍‌ଟିପିସି ଦର୍ଲିପାଲିର ମୁଖ୍ୟ ଫୈଜ ତୈୟାବ ଓ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳକରି ଉଦ୍‌ଘାଟନ କରିଥିଲେ। ଏନ୍‌ଟିପିସି ଦର୍ଲିପାଲି ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜିତ କୁମାର ମିଞ୍ଜ ଏହି କର୍ମଶାଳା ପରିଚାଳନା କରିଥିଲେ। କର୍ମଶାଳାରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କିଟ୍ ଓ କିସ୍ ଆଥ୍‌ଲେଟଙ୍କୁ ୨୩ ପଦକ

**ଭୁବନେଶ୍ୱର,୨୮।୩(ଅନାଦି କର)**

ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ କିଟ୍ ଓ କିସ୍ ଆଥ୍‌ଲେଟମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ୨୩ ପଦକ ସହିତ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ପଦକ ତାଲିକାରେ ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୦ ବ୍ରୋଞ୍ଜ ରହିଛି, ଯାହାକି ଓଡ଼ିଶାର ଆଥ୍‌ଲେଟଙ୍କର ବିଭିନ୍ନ ଇଭେଣ୍ଟରେ ସ୍ଥିର ପ୍ରଦର୍ଶନକୁ ଦର୍ଶାଉଛି। ଏହି ସଫଳତା ପଛରେ କିଟ୍ ଓ କିସ୍ ଆଥ୍‌ଲେଟଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ସେମାନେ ପ୍ରତିଯୋଗିତାରେ ୬ ସ୍ୱର୍ଣ୍ଣ,୧ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ଜିତିଛନ୍ତି।

ଶନିବାର ଅଞ୍ଜଳି ମୁଣ୍ଡା ୫୦ମି. ବ୍ୟାକଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହିତ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ୪X୧୦୦ ମି. ମିଡଲେ ରିଲେ ଦଳ ସ୍ୱର୍ଣ୍ଣ ପଦକ ଜିତିଛି। ଏହି ଦଳରେ ରୁପାଲି ହେମ୍ବ୍ରମ ଓ ଅଞ୍ଜଳି ମଲିକ ସଦସ୍ୟ ଥିଲେ। କୃଷ୍ଣା ପ୍ରିୟା ନାୟକ ୧୦୦ ମି. ଫ୍ରିଷ୍ଟାଇଲରେ ରୌପ୍ୟ ପଦକ ଜିତିଥିବା ବେଳେ ପୁରୁଷ ୫୦ ମି. ବ୍ୟାକଷ୍ଟ୍ରୋକରେ ରାଜେଶ ସୋରେନ୍ ବ୍ରୋଞ୍ଜ ପଦକ ଅକ୍ତିଆର କରିଥିଲେ। ଏଥିପୂର୍ବରୁ ମିନା ସାନ୍ତା ମହିଳା ୫୩ କେଜି ୱେଟଲିଫ୍ଟିଂ କାଟେଗୋରୀରେ ମୋଟ ୧୬୫ କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ହାତେଇଥିଲେ। ସୁଇମିଂରେ ୭ରୁ ୬ ସ୍ୱର୍ଣ୍ଣ ପଦକ କିଟ୍-କିସ୍ ଆଥ୍‌ଲେଟ୍ସ ଜିତିଛନ୍ତି। ଏହା ଆକ୍ୱାଟିକ ଇଭେଣ୍ଟରେ କିଟ୍-କିସ୍ ଆଥ୍‌ଲେଟଙ୍କର ପ୍ରାଧାନ୍ୟକୁ ଦର୍ଶାଉଛି। କିଟ୍‌ରେ ଥିବା ଅଲିମ୍ପିକ୍ ସ୍ତରର ୫୦ ମି. ସୁଇମିଂପୁଲ୍ ସହିତ ଅନ୍ତର୍ଜାତୀୟ କୋଚିଂ, ଅତ୍ୟାଧୁନିକ ଟ୍ରେନିଂ ଜାତୀୟ ସ୍ତରରେ ସେମାନଙ୍କର ପଦକ ବିଜୟୀ ପ୍ରଦର୍ଶନ ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏଭଳି ସଫଳ ପ୍ରଦର୍ଶନ ଲାଗି ଆଥ୍‌ଲେଟ୍ସଙ୍କୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




### ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ

# ୧୩ରୁ ଏଆଇଟିଏ-ଓଟିଏ ଜୁନିୟର ସୁପର ସିରିଜ୍ ଟେନିସ




**ଭୁବନେଶ୍ୱର,୨୮।୩(ଅନାଦି କର)**

ଆସନ୍ତା ୧୩ ତାରିଖରୁ ଗୁରୁକୁଳ ରିଜର୍ଟ ଆଣ୍ଡ୍ କଣ୍ଟ୍ରି କ୍ଲବଠାରେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ସ୍ୱୀକୃତିପ୍ରାପ୍ତ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଜୁନିୟର ୧୬ ବର୍ଷରୁ କମ୍ ସୁପର ସିରିଜ୍ ଟେନିସ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଭାରତୀୟ ସେନା ଅଧିକାରୀ ମେଜର ସନ୍ଦୀପଙ୍କ ସ୍ମୃତିରେ ୨୦୧୪ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ଚଳିତବର୍ଷ ଜାତୀୟ ଜୁନିୟର ସ୍ତରରେ ଖେଳାଯିବ। ଏହି ପ୍ରତିଯୋଗିତାରେ ୧୬ ବର୍ଷରୁ କମ୍ ବୟସ ବର୍ଗର ଉଭୟ ବାଳିକା ଓ ବାଳକମାନେ ଭାଗନେବେ। ଆସନ୍ତା ୧୧ ଓ ୧୨ ତାରିଖରେ ଯୋଗ୍ୟତା ପର୍ଯ୍ୟାୟ ଖେଳାଯିବ। ୧୩ରୁ ଆରମ୍ଭ ହେଉଥିବା ମୁଖ୍ୟ ଇଭେଣ୍ଟରେ ପାଖାପାଖି ୩୨ ମହିଳାଙ୍କ ସମେତ ୬୪ ଖେଳାଳି ଭାଗ ନେବେ। ଏ ନେଇ ସ୍ଥାନୀୟ ଏକ ହୋଟେଲରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।


## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସତ୍ୟବ୍ରତ ଦାଶ**

ସ୍ଥାନ- ଏସ୍.ଜି-୩୨, ଶ୍ରୀକ୍ଷେତ୍ର ବିହାର ଆଇଗିଣିଆ, ଭୁବନେଶ୍ୱର
ଆବିର୍ଭାବ: ୨୫।୦୨।୧୯୭୦
ତିରୋଧାନ: ୨୦।୦୩।୨୦୨୬

ତୁମର ଅକାଳ ବିୟୋଗ ଆମ ପରିବାର ପାଇଁ ଅପୂରଣୀୟ କ୍ଷତି। ତୁମ ସ୍ମୃତି ସଦା ଆମ ହୃଦୟରେ ଅମର ରହିଥିବ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ମଧୁସ୍ମିତା, ଅନନ୍ୟା, ଆଦିତ୍ୟ ଓ ପରିବାରବର୍ଗ

ଧ-୩୭୭୪

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସହିଦ ରାଜକିଶୋର ମୁଣ୍ଡା**

(୨୪ ଜୁଲାଇ ୧୯୮୧-୨୯ ମାର୍ଚ୍ଚ ୨୦୨୫)

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା ଜଣାଉଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତୁମ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।

ଶୋକସନ୍ତପ୍ତ: ଧର୍ମପତ୍ନୀ: ଅମିତା ମୁଣ୍ଡା, କନ୍ୟା- ସୋନିଆ, ରିଙ୍କି, ଭାଇ: ମକର, ଯାଦବ ଓ ପରିବାରବର୍ଗ- ଲୋକନାଥ, ସବିତା, ପିନ୍ଟୁ, ପରୀ, ମମତା, ଚିନ୍ଟୁ, ସୁରୁ, ପୂଜା, ଲିଜା, ମିକୁ, ଦୁଃଶାସନ, ସୁନି, ପାର୍ବତୀ, ଦୁର୍ପତୀ

ଧ-୩୭୭୩

**୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଶରତ ମଞ୍ଜରୀ ରଥ**

ଚାହୁଁଚାହୁଁ ୨୨ ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର। ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ। ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ। ଏହି ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ

ଧ-୭୫୮୬୬


# ଗିରଫ ପରେ ଜାମିନରେ ଖଲାସ ହେଲେ ଉଡ୍ସ

**ଜୁପିଟର ଆଇଲାଣ୍ଡ (ୟୁଏସ୍‌ଏ), ୨୮।୩ (ଏପି)**



ବିଶିଷ୍ଟ ଗଲ୍‌ଫ ଖେଳାଳି ଟାଇଗର ଉଡ୍ସ ନିଶାଗ୍ରସ୍ତ ଅବସ୍ଥାରେ ଡ୍ରାଇଭିଂ କରିଥିବା ଅଭିଯୋଗରେ ପୋଲିସ ଦ୍ୱାରା ଗିରଫ ହେବାପରେ ଶୁକ୍ରବାର ବିଳମ୍ବିତ ରାତିରେ ଜାମିନରେ ଖଲାସ ହୋଇଛନ୍ତି। ଉଡ୍ସଙ୍କ ଲାଣ୍ଡ ରୋଭର ଏକ ଟ୍ରକ୍‌କୁ ଧକ୍କାଦେବା ପରେ ଏହାର ପାର୍ଶ୍ୱକୁ ଗଡ଼ିଯାଇଥିଲା। ଉଡ୍ସଙ୍କର ବ୍ରିଥାଲାଇଜର ଟେଷ୍ଟ କରାଯାଇଥିଲା। ସେ ମଦ୍ୟପାନ କରି ନ ଥିବା ଜଣାପଡ଼ିଥିଲା। ମାତ୍ର ସେ ମୂତ୍ର ପରୀକ୍ଷାକୁ ମନା କରି ଦେଇଥିଲେ। ସେ କୌଣସି ନିଶାଦ୍ରବ୍ୟ ସେବନ କରିଥିବା ଅନୁମାନ କରାଯାଉଛି। ଫ୍ଲୋରିଡା ଆଇନ ଅନୁସାରେ ଜାମିନ ପାଇବା ପୂର୍ବରୁ ଜଣକୁ ଅତିକମ୍‌ରେ ୮ଘଣ୍ଟା ଜେଲ୍‌ରେ ରହିବାକୁ ପଡ଼ିବ। ଉଡ୍ସଙ୍କ ମ୍ୟାନେଜର ଏହି ଘଟଣା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇନାହାନ୍ତି।

# କ୍ଲବ ଦି ରେଡ୍ ଷ୍ଟାର୍, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର ତା ୨୮।୩ (ବିଜୟ ରଣା)**

ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପାଣ୍ଡରା ନିକଟସ୍ଥ ହାଇ ଟେକ୍ କଲେଜ ଖେଳପଡିଆରେ ଆରମ୍ଭ ହୋଇଛି। ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚରେ ଶ୍ରୀ ଜୟଦେବ କ୍ରୀଡା ସଂଘ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୮ଉଇକେଟ ହରାଇ ୯୫ ରନ କରିଥିଲା। କ୍ଲବ ଦି ରେଡ୍ ଷ୍ଟାରର ସଫଳ ବୋଲର ମୃତ୍ୟୁଞ୍ଜୟ ଦାସ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୬ ରନ ବିନିମୟରେ ୪ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କ୍ଲବ ଦି ରେଡ ଷ୍ଟାର ୧୬ ଓଭରରେ ୬ ଉଇକେଟ ବିନିମୟରେ ୯୬ ରନ କରି ମ୍ୟାଚ ଜିତିଥିଲା। ଦଳର ଟପ୍ ସ୍କୋରର ଶ୍ରେୟଂଶ ବିଧାର ୩୪ ବଲରୁ ୩୪ ରନ କରିଥିଲେ। ବିପକ୍ଷ ଦଳର ବୋଲର ରୋହିତ ପାଲ ଓ ନିଲ ମହାନ୍ତି ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ କ୍ଲବ ଦି ରେଡ୍ ଷ୍ଟାର ୪ ଉଇକେଟରେ ବିଜୟ ଲାଭ କରିଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ମୃତ୍ୟୁଞ୍ଜୟ ଦାସଙ୍କୁ ପୂର୍ବତନ କ୍ରିକେଟ ଖେଳାଳି ଓ କୋଚ ରାଧେଶ୍ୟାମ ନାୟକ ପୁରସ୍କୃତ କରିଥିଲେ।

ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ସନ୍‌ସାଇନ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୧୪ ରନ କରିଥିଲା। ଦଳ ପକ୍ଷରୁ ଶୁଭଙ୍କର ସ୍ୱାଇଁ ୧୯ବଲ୍‌ରୁ ସର୍ବାଧିକ ୨୭ ରନ କରିଥିଲେ। ବିପକ୍ଷ ଦଳର ବୋଲର ଅଭାନ ମିଶ୍ର ୩ ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୬.୩ ଓଭରରେ ୫ ଉଇକେଟ ବିନିମୟରେ ୧୧୬ ରନ କରି ନେଇଥିଲା। ଲିଓଲିନ ମେହେର ୪୩ ବଲରେ ସର୍ବାଧିକ ୫୬ ରନ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ ୫ ଉଇକେଟରେ ବିଜୟ ଲାଭ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ଲିଓଲିନ ମେହେରଙ୍କୁ ପୂର୍ବତନ ରଞ୍ଜୀ ଖେଳାଳି ଦୀପକ ମଙ୍ଗରାଜ ପୁରସ୍କୃତ କରିଥିଲେ। ଶନିବାର ଅତିଥି ଭାବରେ ଭାଜପା ନେତ୍ରୀ ତଥା ଓଡ଼ିଆ ସିନେମା ଅଭିନେତ୍ରୀ ବିଦ୍ୟୁସ୍ମିତା ମନ୍ତ୍ରୀ, ସ୍ୱର୍ଗତ ପଣ୍ଡିତ ରାମକୃଷ୍ଣ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଗିରିଶ ମହାପାତ୍ର, ଜୟଦେବ କ୍ରୀଡ଼ା ସଂଘ ଉପସଭାପତି ବଲ୍ଲଭ ଚରଣ ସାହୁ ପ୍ରମୁଖ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ।





# Classified Everyday

**0674-2580101, 9692975378**




## BRIDE WANTED

Wanted Software Engineer Bride for handsome Brahmin Boy 1997, 6'2", B.Tech, serving MNC Hyderabad "SUNASANSAR". 9937512659. D-3739

ବାହାଘର ପାଇଁ ପୋଲିସ ଝିଅ ଦରକାର। N6-44, I.R.C. Mo-7978120820 Kamala Das. D-3768

## GROOM WANTED

Wanted Service groom for beautiful Teli girl 1986, 5'5", Serving Manager reputed Hotel Bhubaneswar. 9078226280, "SUNASANSAR". 9937512659. D-3740

60 ବୟସ୍କା Pension Holder Widow ନିଜର Business କରୁଥିବା ଖଣ୍ଡାୟତ ଝିଅଙ୍କୁ ପୁଅ ଦରକାର। Urgent 8249280543. D-3770




## SALE

**DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452.** D-249

3BHK Flats near 200sqft. Sikharchandi Chandaka Road, Sundarpur (The New Patia) Bhubaneswar. Rera & BDA approved. Near DN Wisdom Tree School and KIMS Hospital. Bricks work completed. Book Site Visit- 8018461579, 9437095996. D-105

Duplex 5BHK, 4000sqft. Construction, ready to move for sale at Laxmisagar, Bhubaneswar, Rs.3.33Cr only, Genuine Buyer, contact: 7894775333. D-3780

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**Limited CDA and RERA (RP/07/2023/01069) Approved Plot available near K.V-3 & CISF Munduli with all Infrastructure Development. Contact-7008513309.** D-3764

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

GA Colony ଭରତପୁରରେ Fully Developed Colony ମଝିରେ 2700 ବର୍ଗଫୁଟ ସ୍ଥିତିବାନ୍ Plot For sale. Owner-8917622925. D-3763

Ready to move 3BHK Duplex Bungalow, BOTANDA, SUNDARPADA, BHUBANESWAR, near SBI, Ranging: 1.18Cr. Contact: 9861125539, 9040521173. D-301

**ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834.** D-3649

## LOST

ମୁଁ, ଯୁଗଳ କିଶୋର ନାୟକ. ପି: କୈଳାସ ଚନ୍ଦ୍ର ନାୟକ, ସା: ଡାକଢୋଲ, ପୋ: ଗାତେରି, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼ ଏହି ମାଧ୍ୟମରେ ଘୋଷଣା କରୁଛି ମୁଁ ମହିପୁରରୁ ନୂଆଗାଁ ବସ୍‌ରେ ଯାଉଥିବା ସମୟରେ ମୋର ମହିନ୍ଦ୍ରା ଫାଇନାନ୍ସରୁ ଆଣିଥିବା ଗାଡ଼ି ନଂ. OD 12-A-1183ର NOC ପେପରଟି ତା.୨୦।୦୩।୨୦୨୬ରିଖରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି, ଏହି ନମ୍ବରରେ ଯୋଗାଯୋଗ କରିବେ 9439347873. D-3772

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit No 1346 sworn before Executive Magistrate, Angul, dated 25.03.2026, I, Reena Devi Samal, Address: At- Kishoripal, P.O.- Kankili, Dist.- Angul, PIN- 759100 (Odisha) declare that I have changed my name from Reena Mohanty to Reena Devi Samal. Henceforth, I shall be known as Reena Devi Samal for all purposes.
Reena Devi Samal
D-3776

By virtue of an affidavit before Notary Public, Bhubaneswar, Sl. No.-597, Dtd- 20.03.2026, I, SK RAHEMAT ALI, S/o- Sk Kamiruddin, At/P.O.- Indupur, P.S.- Nikirai, Dist.- Kendrapara declare that I have changed my name from ASHOK KUMAR to SK RAHEMAT ALI. Henceforth, I shall be known as SK RAHEMAT ALI for all porposes. D-3777

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Ghatagaon, Keonjhar, dated 22.12.2025, I, MANGILAL RATHI, Address: At/P.O.- Dhenkikote, Ghatagaon, Keonjhar declare that I have changed the name of my daughter from KIRTI to KIRTI RATHI. Henceforth, she shall be known as KIRTI RATHI for all purposes.
MANGILAL RATHI
D-3778

By virtue of an affidavit sworn before Executive Magistrate, Ghatagaon, Keonjhar, dated 22.12.2025, I, MANGILAL RATHI, Address: At/P.O.- Dhenkikote, Ghatagaon, Keonjhar declare that I have changed the name of my daughter from PURNIMA to PURNIMA RATHI. Henceforth, she shall be known as PURNIMA RATHI for all purposes.
MANGILAL RATHI
D-3779

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ନିରୁଦ୍ଦିଷ୍ଟ



ନାମ: ସଦନ ପେଣ୍ଟିଆ, ବୟସ-୫୫, ଉଚ୍ଚତା- ୫ଫୁଟ୍ ୬ଇଞ୍ଚ, ଶ୍ୟାମଳ ବର୍ଣ୍ଣ, ଗାଡ଼କଣ ନବୀନ ନଗର ଭୁବନେଶ୍ୱରରୁ ରବିବାର ଦିନ ୧୨ରୁ ନିଖୋଜ ଅଛନ୍ତି। ନିଜ ଘର କୁନ୍ଦୁରା ବ୍ଲକ୍ କୋରାପୁଟ ଜିଲ୍ଲା। ଲୋକଟିର ମାନସିକ ସ୍ଥିତି ଅସୁବିଧା ଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ଲୋକଙ୍କୁ କେଉଁଠି ଦେଖନ୍ତି, ନିକଟସ୍ଥ ପୋଲିସ ଷ୍ଟେସନ କିମ୍ବା ଏହି ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ। 8018981080, 8658387366. D-3775

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ବଢ଼ୁଛି ଡୋପାମାଇନ୍ ଡିଟକ୍ସ ଟ୍ରେଣ୍ଡ

ଡୋପାମାଇନ୍ ହେଉଛି ମସ୍ତିଷ୍କରୁ ଉତ୍ପନ୍ନ ହେଉଥିବା ଏକ ପ୍ରମୁଖ ନ୍ୟୁରୋଟ୍ରାନ୍ସମିଟର ବା ପ୍ରାକୃତିକ ରାସାୟନିକ ସନ୍ଦେଶବାହକ ହର୍ମୋନ। ଯାହା ଖୁସି, ପ୍ରେରଣା, ସ୍ମୃତି ଏବଂ ଶାରୀରିକ ଗତି ଆଦି ନିୟନ୍ତ୍ରଣରେ ବିଶେଷ ଭୂମିକା ବହନ କରିଥାଏ। ଏହାକୁ ଫିଲ୍‌ଗୁଡ୍ ହର୍ମୋନ୍ ବା ହାପି ହର୍ମୋନ୍ ମଧ୍ୟ କୁହାଯାଇଥାଏ।

**ଡୋପାମାଇନ୍ ଡିଟକ୍ସ କ'ଣ:** କାଲିଫର୍ନିଆର ମାନସିକରୋଗ ବିଶେଷଜ୍ଞ କ୍ୟାମେରନ୍ ସେପାଙ୍କ ଦ୍ୱାରା ଏହି ଡୋପାମାଇନ୍ ଡିଟକ୍ସ ବା ଡୋପାମାଇନ୍ ଫାଷ୍ଟିଙ୍ଗ୍ ଟ୍ରେଣ୍ଡ ଆରମ୍ଭ କରାଯାଇଛି। ତେବେ ଅନେକଙ୍କ ମନରେ ପ୍ରଶ୍ନ ଆସିପାରେ, ଯଦି ଡୋପାମାଇନ୍ ହର୍ମୋନ ମଣିଷକୁ ଖୁସି, ପ୍ରେରଣା ଦେବା କାର୍ଯ୍ୟ କରିଥାଏ ; ତେବେ ଏହାକୁ ଡିଟକ୍ସ କରିବା କ'ଣ ଦରକାର ? ଏହି କଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ମଧ୍ୟ ଦେଖାଦେଇଥିଲା। ହେଲେ ସେପାଙ୍କ କହିବା ଅନୁଯାୟୀ, ଅଧିକ ସମୟ ସୋସିଆଲ୍ ମିଡିଆ ଦେଖିବା, ଓଟିଟି କିମ୍ବା ଗେମିଂରେ ସମୟ ବିତାଇବା ଏବଂ ରିଲ୍ସ କିମ୍ବା ବିଭିନ୍ନ ଶର୍ଟ ଭିଡିଓ ଦେଖିବା ଦ୍ୱାରା ହଠାତ୍ ଡୋପାମାଇନ୍ ସ୍ତର ବଢ଼ିଯିବା ଦ୍ୱାରା ଅନେକଙ୍କୁ ଖୁସି ଲାଗୁଛି ଏବଂ ମସ୍ତିଷ୍କ ମଧ୍ୟ ଏହି ଅଳ୍ପରେ ବା କ୍ଷଣିକ ଖୁସି ହେବାରେ ଅଭ୍ୟସ୍ତ ହୋଇଯାଉଛି। ଏହାର ପ୍ରଭାବରେ ଯେଉଁ କାମ ଅଧିକ ସମୟ କରିବାକୁ ହେଉଛି ଯେମିତିକି ପାଠ ପଢ଼ିବା, ଲେଖିବା, ଅଫିସ୍ କାମ, ଏକ୍ସରସାଇଜ୍ ଆଦି ପାଇଁ ସେମାନଙ୍କର ଆଦୌ ଏକାଗ୍ରତା ଏବଂ ଧୈର୍ଯ୍ୟ ରହୁନାହିଁ। ବରଂ କିଛି ସମୟ ଏହି ଇ-ଗ୍ୟାଜେଟ୍‌ଠୁ ଦୂରେଇ ରହିଲେ ମନ ବ୍ୟସ୍ତ, ଚିଡ଼ିଚିଡ଼ା, ଚାପଗ୍ରସ୍ତ ଲାଗୁଛି ଏବଂ ମନକୁ ହାଲୁକା କରିବା ଲାଗି କାମ ମଝିରେ ସେମାନେ କିଛି ସମୟ ଲେଖାଏଁ ପୁଣି ମୋବାଇଲ୍ ଦୁନିଆକୁ ଫେରିଯାଉଛନ୍ତି। ବାରମ୍ବାର ଡିଜିଟାଲ୍ କଣ୍ଟେଣ୍ଟ ଦେଖିବା ଦ୍ୱାରା ମସ୍ତିଷ୍କରେ ଡୋପାମାଇନ୍ ହର୍ମୋନ କ୍ଷରଣରେ ଅସନ୍ତୁଳନ ଦେଖାଯାଉଛି, ଯାହାକି ଅପରପକ୍ଷେ ମାନସିକ ଥକାପଣ, ଏକାଗ୍ରତାର ଅଭାବ, ଚିନ୍ତା, ଅବସାଦ, ନିଦ୍ରାହୀନତା, କାର୍ଯ୍ୟଦକ୍ଷତା ହ୍ରାସ ପାଇବା, ଡିଜିଟାଲ୍ ଡିମେନ୍‌ସିଆ ଭଳି ବିଭିନ୍ନ ସମସ୍ୟାର କାରଣ ସାଜୁଛି। ତେବେ ବର୍ତ୍ତମାନ ଯୁବପିଢ଼ିଙ୍କ ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଦେଖିବା ନିଶା ଯେ ଅଜାଣତରେ ସେମାନଙ୍କ ପାଇଁ ସ୍ଲୋ ପଏଜନ୍ ଭଳି କାମ କରୁଛି, ସେ ଦିଗରେ ସେମାନେ ଆଦୌ ସଚେତନ ହେଉନାହାନ୍ତି। ତେଣୁ ଏଭଳି ସମସ୍ୟାଠାରୁ ଦୂରେଇ ରହିବାକୁ ହେଲେ ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ଯୋଗୁ ହେଉଥିବା ଡୋପାମାଇନ୍ କ୍ଷରଣ ଓ ଶରୀରରେ ଏହାର ଅସନ୍ତୁଳନକୁ ନିୟନ୍ତ୍ରଣରେ ରଖିବା ଲାଗି ମସ୍ତିଷ୍କକୁ ପ୍ରାକୃତିକ ଉପାୟରେ ଖୁସି ରଖିବା ଦରକାର। ତେଣୁ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ମଧ୍ୟରେ ଡୋପାମାଇନ୍ ଡିଟକ୍ସର ଟ୍ରେଣ୍ଡ ବଢ଼ିବାରେ ଲାଗିଛି।





**ମନ ଭଲ ନ ଥିଲେ କିମ୍ବା ଚାପରେ ଥିଲେ ଅନେକେ ମୋବାଇଲ୍‌ରେ କିଛି ସମୟ ଖେଳନ୍ତି ଅବା ପସନ୍ଦର ଭିଡିଓ ଦେଖିଥାଆନ୍ତି। ଫଳରେ ମସ୍ତିଷ୍କରେ ଡୋପାମାଇନ୍ କ୍ଷରଣ ହୁଏ ଏବଂ ମୁଡ୍ ଫ୍ରେସ୍ ହୋଇଯାଏ। ହେଲେ ଖୁସି ଆଳରେ ଅଧିକ ସମୟ ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଦେଖିବା ନିଶା ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ମସ୍ତିଷ୍କକୁ ପ୍ରାକୃତିକ ଉପାୟରେ ଖୁସି ଓ ଫିଟ୍ ରଖିବା ଲାଗି ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ମଧ୍ୟରେ ଡୋପାମାଇନ୍ ଡିଟକ୍ସର ଟ୍ରେଣ୍ଡ ବଢ଼ିବାରେ ଲାଗିଛି...**



**ଡୋପାମାଇନ୍ ଡିଟକ୍ସ ପାଇଁ କ'ଣ କରିବେ:**

**ପରିବାର ଓ ବନ୍ଧୁଙ୍କ ସହ ଖୁସିର ସମୟ ବିତାନ୍ତୁ:** ଫାଙ୍କା ସମୟ ମିଳିଲେ ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ। ଏକାଠି ବୁଲିବା, ଖାଇବା, ଗପସପ କରିବା, ହସିବା, ମୋବାଇଲ୍ ଦେଖିବା ଯୋଗୁ ହେଉଥିବା କ୍ଷଣିକ ଖୁସି ନୁହେଁ ବରଂ ମନ ପ୍ରକୃତରେ ଖୁସି ରହିଥାଏ। ଏହାଦ୍ୱାରା ପ୍ରାକୃତିକ ଉପାୟରେ ଡୋପାମାଇନ୍ ଏବଂ ଏଣ୍ଡୋର୍‌ଫିନ ହର୍ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମଣିଷକୁ ଭଲ ମାନସିକ ସ୍ଥିତି ଆଡ଼କୁ ନେଇଥାଏ, ମାନସିକ ଅବସାଦକୁ ଦୂରେଇ ଦେଇଥାଏ ଏବଂ ଷ୍ଟ୍ରେସ୍ ହରମୋନ୍ କମାଇଦିଏ।

**ଫୋନ୍ ବ୍ୟବହାର କମାନ୍ତୁ:** ଯଥାସମ୍ଭବ ନିଜର ଫୋନ୍ ବ୍ୟବହାର ବିଶେଷକରି ସୋସିଆଲ୍ ମିଡିଆ ଦେଖିବା କମାଇବାକୁ ଚେଷ୍ଟା କରନ୍ତୁ। କାରଣ ସ୍କ୍ରିନ୍ ଟାଇମ୍ ଅଧିକ ରହିବା ଦ୍ୱାରା ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଫୋନ୍‌ରେ ଅଧିକ ସମୟ ରିଲ୍ସ, ଶର୍ଟ୍ସ ଦେଖିବା କମ୍ କଲେ ହଠାତ୍ ଡୋପାମାଇନ୍ ସ୍ତରରେ ହେଉଥିବା ଅସନ୍ତୁଳନ କମିଯିବ ଏବଂ ଏହା ଡୋପାମାଇନ୍ ଡିଟକ୍ସ ଭାବେ କାର୍ଯ୍ୟ କରିବ। ଏହି ସମୟରେ ଆପଣ ପାଠପଢ଼ା କିମ୍ବା କୌଣସି ଏଭଳି କାର୍ଯ୍ୟ କରନ୍ତୁ, ଯାହା ମାନସିକ ଖୁସି ଦେଇପାରିବ।

**ନିଜ ରୁଚି ଉପରେ ଧ୍ୟାନ ଦିଅନ୍ତୁ:** ମନକୁ ଖୁସି କରିବା ଲାଗି ଡିଜିଟାଲ୍ ଆଡିକ୍ସନ ରଖିବା ଉଚିତ୍ ନୁହେଁ। ବରଂ ଅଧିକରୁ ଅଧିକ ବହି ପଢ଼ିବା, ବୁଲାବୁଲି କରିବା, କିଛି ନୂଆ ଶିଖିବା, ଗାର୍ଡେନିଂ କରିବା, ପେଣ୍ଟିଂ, ଡ୍ୟାନ୍ସିଂ, ସିଙ୍ଗିଙ୍ଗ୍ ଭଳି ନିଜ ରୁଚି ଥିବା କାର୍ଯ୍ୟ କରିବା ଅଧିକ ଲାଭଦାୟକ। ଏହା ବ୍ୟତୀତ ପ୍ରତିଦିନ କିଛି ସମୟ ମେଡିଟେଶନ୍ କରନ୍ତୁ ଏହା ମନକୁ ପ୍ରାକୃତିକ ଉପାୟରେ ଖୁସି ଓ ଶାନ୍ତ ରଖିବାରେ ସାହାଯ୍ୟ କରିବ।

**ଡିଜିଟାଲ୍ ଡିଟକ୍ସ ଆପଣାନ୍ତୁ:** ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଡିଜିଟାଲ୍ ଗ୍ୟାଜେଟ୍ ଆଦୌ ବ୍ୟବହାର ନ କରିବା। ଏପରି କରିବା ଦ୍ୱାରା ମାନସିକ ଶାନ୍ତି ମିଳିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ହେବାରେ ବି ସାହାଯ୍ୟ କରିବ। ଏଥିପାଇଁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା କୌଣସି ଲାଭ ହେବ ନାହିଁ। ତେଣୁ ମୋବାଇଲ୍ ବ୍ୟବହାର ନ କରିବା ଲାଗି ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ। ଏଥିପାଇଁ ଆପଣଙ୍କୁ ନିଜ ମୋବାଇଲ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖି ବିଭିନ୍ନ ଆପ୍‌ଗୁଡ଼ିକର ନୋଟିଫିକେଶନ ଅଫ୍ କରିଦିଅନ୍ତୁ।

**ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ:** ବିଶେଷଜ୍ଞଙ୍କ ମତରେ ରାତିରେ ଶୋଇବା ବେଳେ ମୋବାଇଲ୍‌ରେ ଗେମ୍ ଖେଳିବା, ଭିଡିଓ ଦେଖିବା ଆଦି ଦ୍ୱାରା ଯଦିଓ ସେହି ସମୟରେ ଡୋପାମାଇନ୍ ବଢ଼ିବା ଯୋଗୁ ଖୁସି ଲାଗିଥାଏ ; ହେଲେ ଏହାଦ୍ୱାରା ନିଦ ସମ୍ପୂର୍ଣ୍ଣ ହୋଇ ନ ଥାଏ। ପ୍ରତିଦିନ ଏପରି ହେବା ଯୋଗୁ ଦିନରେ ନିଦ ଆସିବା, ମୁଣ୍ଡ ବୁଲେଇବା, ଥକାପଣ, ଗ୍ୟାସ୍, ବ୍ଲଡ୍‌ପ୍ରେସର ଭଳି ଅନେକ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ଷ୍ଟ୍ରେସ୍ ହର୍ମୋନ ବଢ଼ିବା ସହ ଇମ୍ୟୁନିଟି ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ମାନସିକ ସ୍ତରରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ତେଣୁ ରାତିରେ ଆଦୌ ମୋବାଇଲ୍ କିମ୍ବା ଅନ୍ୟ କୌଣସି ଡିଜିଟାଲ୍ ଗ୍ୟାଜେଟ୍ ବ୍ୟବହାର ନ କରି ଆବଶ୍ୟକ ପରିମାଣରେ ଶୁଅନ୍ତୁ। ଏହାଦ୍ୱାରା ଉଭୟ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥ ରହିପାରିବେ।



## ଏ ସପ୍ତାହର ପ୍ରଶ୍ନ ?

୧- ଯୋଗ ମହୋତ୍ସବ ୨୦୨୬ ...........ଠାରେ ଆୟୋଜିତ ହୋଇଛି ?
୨- କୁରୁମ୍ବା ଆର୍ଟ ମୁଖ୍ୟତଃ ଭାରତର ..........ଅଞ୍ଚଳରେ ଦେଖିବାକୁ ମିଳିଥାଏ ?
୩- ନ୍ୟାଶନାଲ୍ ଭ୍ୟାକ୍ସିନେଶନ୍ ଡେ' ପ୍ରତିବର୍ଷ ......... ତାରିଖରେ ପାଳନ କରାଯାଏ ?
୪- ଜ୍ଞାନପୀଠ ପୁରସ୍କାର ......... କ୍ଷେତ୍ରରେ ଦିଆଯାଏ ?
୫- ଆଙ୍ଗୋରା ଉଲ୍ ............ ଲୋମରୁ ପ୍ରସ୍ତୁତ କରାଯାଏ।

## ଗତ ଥରର ଉତ୍ତର

୧ ଏଣ୍ଟୁଅ ପ୍ରଜାତି
୨ ଆମେରିକା
୩ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନ୍ ଟେକ୍ନୋଲୋଜି
୪ ଭାରତର ସମସ୍ତ ଗ୍ରାମପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ କନେକ୍ସନ ଯୋଗାଇଦେବା
୫ ହ୍ୟୁମାନ୍ ମେଟାନ୍ୟୁମୋଭାଇରସ୍

## ଉତ୍ତରଦାତା

ସଚ୍ଚିଦାନନ୍ଦ ପରିଡ଼ା, ଭୁବନେଶ୍ୱର

ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ସର୍ବାଧିକ ଧାନ ଉତ୍ପାଦନକାରୀ ଦେଶ

୧. ଭାରତ ................ ୨୬୫,୦୯୮,୮୮୫ ଟନ୍
୨. ଚାଇନା ................ ୨୫୫,୨୪୫,୨୩୫ ଟନ୍
୩. ବାଂଲାଦେଶ ................ ୫୭,୧୮୯,୧୯୩ ଟନ୍
୪. ଇଣ୍ଡୋନେସିଆ ................ ୫୪,୭୪୮,୯୭୭ ଟନ୍
୫. ଭିଏତ୍‌ନାମ ................ ୪୨,୬୭୨,୩୩୯ ଟନ୍
୬. ଥାଇଲାଣ୍ଡ ................ ୩୪,୩୧୭,୦୨୮ ଟନ୍
୭. ମ୍ୟାନ୍‌ମାର୍ ................ ୨୪,୬୮୦,୨୦୦ ଟନ୍
୮. ଫିଲିପାଇନ୍ସ ................ ୧୯,୭୫୬,୩୯୨ ଟନ୍
୯. କାମ୍ବୋଡିଆ ................ ୧୧,୬୨୦,୦୦୦ ଟନ୍
୧୦. ପାକିସ୍ତାନ ................ ୧୦,୯୮୩,୦୮୧ ଟନ୍

## ୟୁଥ୍ ଆଲର୍ଟ

# ହାନିକାରକ ପ୍ୟାକେଟ୍ ଫ୍ରୁଟଜୁସ୍

**ଗରମ ବଢ଼ିବା ସହିତ ମାର୍କେଟ୍‌ରେ ବିଭିନ୍ନ ଥଣ୍ଡାପାନୀୟର ଡିମାଣ୍ଡ ବଢ଼ିବାରେ ଲାଗିଛି। ଏମିତିରେ ଅଧିକାଂଶ ଯୁବପିଢ଼ି ମାର୍କେଟ୍‌ରେ ମିଳୁଥିବା ପ୍ୟାକେଟ୍ ଫ୍ରୁଟ୍‌ଜୁସ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ ସ୍ୱାସ୍ଥ୍ୟ ପାଇଁ ଏହା ହାନିକାରକ ହୋଇପାରେ...**

▶ପ୍ୟାକେଟ୍ ଜୁସ୍‌ରେ ପ୍ରଚୁର ମାତ୍ରାରେ କୃତ୍ରିମ ମିଠା ଥିବା ବେଳେ ଫାଇବର୍ ମାତ୍ରା କମ୍ ରହିବା ଯୋଗୁ ଶରୀରରେ ଇନ୍‌ସୁଲିନ୍‌ର ମାତ୍ରା ବଢ଼ିଥାଏ। ଏଥିରେ ଶର୍କରା ଏବଂ କ୍ୟାଲୋରିର ମାତ୍ରା ମଧ୍ୟ ଅଧିକ ଥିବାରୁ ମେଦବହୁଳତା, ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦିଏ।

▶ ଫ୍ରୁଟଜୁସ୍ ପ୍ରସ୍ତୁତି କରିବା ସମୟରେ ସେଥିରେ କ୍ୟାଡମିୟମ, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇଥାଏ, ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ଏହିସବୁ ହାନିକାରକ ଉପାଦାନ କ୍ୟାନ୍‌ସର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ।

▶ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍, ଏସିଡିଟି, ଡାଇରିଆ ଏବଂ ବଦହଜମି ଭଳି ସ୍ୱାସ୍ଥ୍ୟ ସମସ୍ୟା ବି ଦେଖା ଦେଇଥାଏ।



▶ପ୍ୟାକେଡ୍ ଜୁସ୍ ପିଇବା ପରିବର୍ତ୍ତେ ଘର ତିଆରି ଫଳରସ ପିଇପାରିବେ।

▶ଅଧିକ ସମୟଯାଏଁ ଷ୍ଟୋର୍ କରି ରଖିବା ଲାଗି ପ୍ୟାକେଟ୍ ଫ୍ରୁଟ୍ ଜୁସ୍‌କୁ ଆର୍ଟିଫିସିଆଲ୍ କଲର୍ ମିଶାଯାଇଥାଏ, ଯାହା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।



## ଜାଣନ୍ତୁ ଦୁନିଆ

# କଳାଯାଦୁର ଗାଁ

**ଯାଦୁ, ଯାହାକୁ କିଏ କୁହେ ତନ୍ତ୍ର-ମନ୍ତ୍ର ତ ଆଉ କିଏ କୁହେ ହାତସଫେଇ। ହେଲେ ଏହି କଳା ମାତ୍ର ହାତଗଣତି କେତେଜଣଙ୍କୁ ହିଁ ଜଣା। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏଭଳି ଏକ ଗାଁ ଅଛି, ଯେଉଁଠି ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଯାଦୁ ଶିଖିଛନ୍ତି। ଜାଣନ୍ତୁ ସେହି ଗାଁ ସମ୍ପର୍କରେ...**

➤ ଆସାମର ରାଜଧାନୀ ଗୌହାଟୀଠାରୁ ୪୦କିମି. ଦୂରରେ ଅବସ୍ଥିତ ମାୟୋଙ୍ଗ ନାମକ ଗାଁ, ଯାହାକି କଳାଯାଦୁର ଗାଁ ଭାବେ ସାରା ଦେଶରେ ପରିଚିତ। ସଂସ୍କୃତ ଶବ୍ଦ ମାୟା ଅର୍ଥାତ୍ ଭ୍ରମରୁ ଏହି ଗାଁର ନାମ ଏପରି ରଖାଯାଇଥିବା ସ୍ଥାନୀୟ ଲୋକ ମତ ଦିଅନ୍ତି।



➤ଏଠାକାର ଲୋକେ ଆଖି ଆଗରୁ କାହାକୁ ଅଦୃଶ୍ୟ କରିଦେବା କିମ୍ବା ନିଜେ ଅଦୃଶ୍ୟ ହୋଇଯିବା ଅବା ନିଜକୁ ପଶୁରେ ବଦଳାଇ ଦେବାର କଳା ବେଶ୍ ଭଲ ଭାବେ ଜାଣନ୍ତି। ଏମିତିକି ସେମାନେ ଯାଦୁ ପ୍ରୟୋଗ କରି ହିଂସ୍ର ଜଙ୍ଗଲୀ ପଶୁଙ୍କୁ ବି ପୋଷା ମନେଇପାରନ୍ତି।

➤କୁହାଯାଏ, ଏଠାକାର ଲୋକେ ମନ୍ତ୍ର ଦ୍ୱାରା ରୋଗ ଭଲକରିବା, ଯାଦୁ ଦ୍ୱାରା ଚୋର ଧରିବା, ଭବିଷ୍ୟବାଣୀ କହିବା ଭଳି କାର୍ଯ୍ୟରେ ପାରଙ୍ଗମ।

➤ଏଠାକାର ଲୋକମାନଙ୍କ ମୁଖ୍ୟ ପେସା ଚାଷ ହୋଇଥିବା ବେଳେ ସମସ୍ତେ ଯାଦୁ ଶିକ୍ଷା କରନ୍ତି ଏବଂ ପିଲାମାନଙ୍କୁ ମଧ୍ୟ ଏହି କଳା ଶିଖାଯାଇଥାଏ।

➤ଏକ ପୌରାଣିକ କଥା ଅନୁଯାୟୀ, ୧୩୩୨ରେ ଆସାମକୁ ମୋଗଲ ବାଦଶାହ ମହମ୍ମଦ ଶାହ ଏକ ଲକ୍ଷ ଘୋଡ଼ାସବାରଙ୍କୁ ନେଇ ଆକ୍ରମଣ କରିଥିଲେ। ସେତେବେଳେ ସେଠାରେ ଉପସ୍ଥିତ ଥିବା ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ତାନ୍ତ୍ରିକ ମାୟୋଙ୍ଗ୍ ଗାଁକୁ ରକ୍ଷା କରିବା ଲାଗି ତନ୍ତ୍ର ବଳରେ ଏପରି ଏକ ପାଚେରି ଠିଆ କରିଦେଇଥିଲେ, ଯାହାକୁ ପାର କରିବା ମାତ୍ରେ ସୈନିକମାନେ ଅଦୃଶ୍ୟ ହୋଇଯାଉଥିଲେ। ତେବେ ସେହି ସେନାବାହିନୀ ବାସ୍ତବରେ କେଉଁଆଡ଼େ ଗଲେ ତାହା ସବୁଦିନ ପାଇଁ ରହସ୍ୟ ପାଲଟିଗଲା।



➤ଏହି ଗାଁ ମହାଭାରତ ସମୟର ବୋଲି ଅନେକେ କୁହନ୍ତି। ଭୀମଙ୍କ ପୁଅ ଘଟୋତ୍କଚ ଏହି ଗାଁର ରାଜା ଥିଲେ ବୋଲି କିମ୍ବଦନ୍ତୀ ରହିଛି।

➤ଏଠାରେ ଶକ୍ତି ପୂଜା ସହ ମହାଦେବ ଏବଂ ଗଣେଶଙ୍କ ପୂଜା ମଧ୍ୟ କରାଯାଏ। ଏହି ଗାଁ ମଧ୍ୟରେ ବୁଢ଼ା ମାୟୋଙ୍ଗ ନାମକ ଏକ ସ୍ଥାନ ରହିଛି, ଯାହାକୁ କଳାଯାଦୁର କେନ୍ଦ୍ର କୁହାଯାଏ। ସେଠାରେ ଅଷ୍ଟଦଳ ଏବଂ ଯୋନି ନାମକ ଦୁଇଟି କୁଣ୍ଡ ରହିଛି। ଅଷ୍ଟଦଳ କୁଣ୍ଡରେ ବୌଦ୍ଧଧର୍ମୀ ଏବଂ ଯୋନି କୁଣ୍ଡରେ ହିନ୍ଦୁମାନେ ତନ୍ତ୍ର ବିଦ୍ୟା ସାଧନା କରିଥାନ୍ତି। କୁହାଯାଏ କଳାଯାଦୁର ମନ୍ତ୍ରଶକ୍ତି ଯୋଗୁ ଏହି କୁଣ୍ଡ ଦ୍ୱୟରେ ପାଣି ସବୁବେଳେ ପୂର୍ଣ୍ଣ ରହିଥାଏ।

ଧରିତ୍ରୀ 52 Years

# ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୨୯ ମାର୍ଚ୍ଚ, ୨୦୨୬ | Bhubaneswar, Sunday, 29 March, 2026

# ଆର୍‌ସିବିର ସହଜ ବିଜୟ


ବିରାଟ କୋହଲି

**ବେଙ୍ଗାଲୁରୁ,୨୮।୩**

ଆଇପିଏଲ୍‌ର ୧୯ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହଜରେ ୬ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଗତ ବର୍ଷ ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ଲାଗି ନିରବ ପ୍ରାର୍ଥନା କରାଯାଇଥିଲା ଏବଂ ଆର୍‌ସିବି ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଏସ୍‌ଆର୍‌ଏଚ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୨୯ ରନ ମଧ୍ୟରେ ଟ୍ରାଭିସ ହେଡ୍ (୧୧), ଅଭିଷେକ ଶର୍ମା (୭), ନୀତୀଶ କୁମାର ରେଡ୍ଡୀ (୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟକ ଇଶାନ କିଶନ ଓ ହେନରିକ କ୍ଲାସେନ ଚତୁର୍ଥ ଉଇକେଟରେ ୫୩ ବଲରେ ୯୭ ରନର ପାର୍ଟନରଶିପ କରିଥିଲେ। କ୍ଲାସେନ ୩୧ (୨ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବାବେଳେ ୧୬ତମ ଓଭରରେ ବାଉଣ୍ଡ୍ରି ଲାଇନରେ ସଲ୍ଟଙ୍କ ଏକ ଚମତ୍କାର କ୍ୟାଚ୍ ଯୋଗୁ କିଶନଙ୍କ ଇନିଂସର ଅନ୍ତ ଘଟିଥିଲା। ସେ ୩୮ ବଲରେ ୮୦ (୮ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅନିକେତ ବର୍ମାଙ୍କ ୧୮ ବଲରେ ବିସ୍ଫୋରକ ୪୩ (୩ ଚୌକା ଓ ୪ ଛକା) ରନର ପାଳି ଖେଳିଥିଲେ। ଫଳରେ ଏସ୍‌ଆର୍‌ଏଚ୍ ୨୦ ଓଭରରେ ୯ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ଆର୍‌ସିବି ୧୫.୪ ଓଭରରେ ୪ ଉଇକେଟ ହରାଇ ୨୦୩ ରନ କରିନେଇଥିଲା। ଦଳ ପାଇଁ ବିରାଟ କୋହଲି ୩୮ ବଲରେ ଅପରାଜିତ ୬୯ (୫ ଲେଖାଏ ଚୌକା ଓ ଛକା) ଓ ଦେବଦତ୍ତ ପଡିକଲ ୨୬ ବଲରେ ୬୧ (୭ ଚୌକା ଓ ୪ ଛକା) ରନ କରିଥିଲେ। ଅନ୍ୟମାନଙ୍କ ଅଧିନାୟକ ରଜତ ପଟିଦାର ୧୨ ବଲରେ ୩୧ (୨ ଚୌକା ଓ ୩ ଛକା) ଓ ଟିମ ଡେଭିଡ୍ ଅପରାଜିତ ୧୬ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ୍: ୨୦ ଓଭରରେ ୨୦୧/୯(ଇଶାନ କିଶନ-୮୦, ଅନିକେତ ବର୍ମା-୪୩, ହେନରିକ କ୍ଲାସେନ-୩୧, ଜେକବ ଡଫି-୩/୨୨, ରୋମାରିଓ ଶେଫର୍ଡ-୩/୫୪)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୫.୪ ଓଭରରେ ୨୦୩/୪(ବିରାଟ କୋହଲି-୬୯*, ଦେବଦତ୍ତ ପଡିକଲ-୬୧, ରଜତ ପଟିଦାର-୩୧, ଡେଭିଡ ପେନ-୨/୩୫)।

**ଆଜିର ଆଇପିଏଲ୍ ମ୍ୟାଚ୍**

ମୁମ୍ବାଇ ବନାମ କେକେଆର୍
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ଉପରୁ ବ୍ୟାନ ହଟିନି

**ଢାକା,୨୮।୩**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରସାରଣ ଉପରୁ ବାଂଲାଦେଶରେ ବ୍ୟାନ ହଟାଯାଇଥିବା ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ଆଇପିଏଲ୍ ପ୍ରସାରଣ ଉପରେ ଲଗାଯାଇଥିବା ବ୍ୟାନ ଏବେ ବି ବଳବତ୍ତର ରହିଥିବା ଦେଶର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବାଂଲାଦେଶ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ପୂର୍ବ ସରକାର ଲଗାଇଥିବା ବ୍ୟାନ ଏବେ ବି ବଳବତ୍ତର ରହିଛି। ଏ ସଂକ୍ରାନ୍ତରେ ଗତ ୨୫ ତାରିଖରେ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ପ୍ରତିକ୍ରିୟା ରଖିବାକୁ ଚିଠି କରାଯାଇଥିଲା। ଏହାର ପ୍ରତିକ୍ରିୟା ଉପରେ ପରବର୍ତ୍ତୀ ନିଷ୍ପତ୍ତି ନିର୍ଭର କରେ। ପୂର୍ବରୁ ପ୍ରକାଶ ପାଇଥିବା କିଛି ଗଣମାଧ୍ୟମ ରିପୋର୍ଟରେ ଆଇପିଏଲ୍ ପ୍ରସାରଣ ଉପରୁ ବ୍ୟାନ ହଟାଯାଇଥିବା ଦାବି କରାଯାଇଥିଲା। ରିପୋର୍ଟରେ ନବ ନିଯୁକ୍ତ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଜାହିର ଉଦ୍ଦିନ ସ୍ୱପନ ଏକ ସାକ୍ଷାତ୍‌କାରରେ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଆମ ଦେଶରେ ଆଇପିଏଲ୍ ପ୍ରସାରଣ ଲାଗି କେହି ଆବେଦନ କରି ନାହାନ୍ତି। ଆମେ କ୍ରୀଡ଼ାରେ ରାଜନୀତିକୁ ସାମିଲ କରିବାକୁ ଚାହୁଁନୁ।

# ଆଇପିଏଲ୍‌ର ପ୍ରଥମ ଦୁଇ ସପ୍ତାହ ଖେଳିବେନି ଧୋନୀ

**ନୂଆଦିଲ୍ଲୀ, ୨୮।୩ (ପି.ଟି.)**


ଏମ୍‌ଏସ୍ ଧୋନୀ

ପେଣ୍ଡାରେ ଇଞ୍ଜୁରୀ ଯୋଗୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଆଇକନ୍ ଏମ୍‌ଏସ୍ ଧୋନୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ ଦୁଇ ସପ୍ତାହ ଖେଳିପାରିବେନି। ପେଣ୍ଡାରେ ଯନ୍ତ୍ରଣା ଯୋଗୁ ସେ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଧୋନୀ ଆଇପିଏଲ୍‌ରେ ତାଙ୍କ ଖେଳ ଜାରି ରଖିଛନ୍ତି। ପ୍ରତ୍ୟେକ ସିଜନରେ ସିଏସ୍‌କେର ଅଭିଯାନ ପରେ ଆଇପିଏଲ୍‌ରେ ଏହି ୪୪ ବର୍ଷୀୟ କ୍ରିକେଟରଙ୍କ ଭବିଷ୍ୟତକୁ ନେଇ ବେଶ୍ ଚର୍ଚ୍ଚା ହୋଇଥାଏ। ମ୍ୟାଚ୍ ଫିଟ୍‌ନେସ ବଜାୟ ରଖିବା ତାଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି। ଋତୁରାଜ ଗାଏକ୍ୱାଡ୍ ଯଦିଓ ଦଳର ଅଧିନାୟକ ଅଛନ୍ତି, ପ୍ରଚ୍ଛଦ ପଟେ ପ୍ରକୃତରେ ଧୋନୀ ଦଳର ନେତୃତ୍ୱ ନେଉଛନ୍ତି। ୨୦୦୮ରୁ ସେ ଦଳ ସହିତ ଅଛନ୍ତି। ଗତ ଆଇପିଏଲ୍‌ରେ ଧୋନୀ ୧୪ଟି ଗେମ୍ ଖେଳିଛନ୍ତି ଏବଂ ଫିନିଶର ଭୂମିକାରେ ବ୍ୟାଟିଂ ଅର୍ଡରରେ ସେ ଲୋୟର ଡାଉନ୍‌ରେ ଖେଳିଥିଲେ। ୨୦୨୩ରେ ଆଣ୍ଠୁରେ ଇଞ୍ଜୁରୀ ପାଇଁ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଛି। ମାର୍ଚ୍ଚ ୩୦ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳି ସିଏସ୍‌କେ ଆଇପିଏଲ୍ ୨୦୨୬ରେ ଏହାର ଅଭିଯାନ ଆରମ୍ଭ କରିବ।

# ଭୁବନେଶ୍ୱର ଚାମ୍ପିୟନ, ଖୋର୍ଦ୍ଧା ରନରଅପ୍


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ, ରନରଅପ୍ ଦଳର ଖେଳାଳି।

**ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ**

**ଭୁବନେଶ୍ୱର,୨୮।୩(ଅନାଦି କର)**

ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନ (କେଡିବିଏ) ଦ୍ୱାରା ଆୟୋଜିତ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ୪୮-୩୦ ବ୍ୟବଧାନରେ ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିପୂର୍ବରୁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କ୍ଲବ ଦି ଏଣ୍ଟରଟେନମେଣ୍ଟ ୩୬-୨୦ ବ୍ୟବଧାନରେ ଜିଜିଏସ୍‌ଏସ୍‌କୁ ପରାସ୍ତ କରିଥିଲା। ଚାମ୍ପିୟନ, ରନରଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଟ୍ରଫି ସହ ଯଥାକ୍ରମେ ୫, ୩, ୨ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭା ସ୍ପିକର ସୁରମା ପାଢ଼ି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ଅନ୍ତର୍ଜାତୀୟ ବାସ୍କେଟବଲ ଖେଳାଳି ସିତାମଣୀ ଟୁଡୁ, ଓଡ଼ିଶା ବାସ୍କେଟବଲ ଆସୋସିଏଶନର ସମ୍ପାଦକ ଅଶୋକ ସାହୁ, ସଭାପତି ଜ୍ଞାନରଞ୍ଜନ ପରିଡ଼ା, ପ୍ରଶାନ୍ତ କୁମାର ନାୟକ ଓ ଆର୍‌ପି ପାଣି ଉପସ୍ଥିତ ଥିଲେ।

# ଆଣ୍ଟୋନେଲିଙ୍କୁ ପୋଲ୍ ପୋଜିଶନ

**ସୁଜୁକା(ଜାପାନ), ୨୮।୩(ଏପି):** ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ରବିବାର ହେବାକୁଥିବା ଜାପାନିଜ୍ ଫର୍ମୁଲା-୧ ଗ୍ରାଁ.ପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଦୁଇ ସପ୍ତାହ ପୂର୍ବେ ସେ ଚାଇନିଜ୍ ଗ୍ରାଁ ପ୍ରିରେ ପୋଲ୍ ପୋଜିଶନ ସହ ତାଙ୍କ କ୍ୟାରିୟରର ପ୍ରଥମ ରେସ୍ ଜିତିଥିଲେ। ସେଣ୍ଟ୍ରାଲ ଜାପାନସ୍ଥିତ ସୁଜୁକା ସର୍କିଟ୍‌ରେ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ୧୯ ବର୍ଷୀୟ ଆଣ୍ଟୋନେଲି ୫.୮କି.ମି(୩.୬ ମାଇଲ୍) ଦୂରତାକୁ ୧ ମିନିଟ୍ ୨୮.୭୭୮ ସେକେଣ୍ଡରେ ଅତିକ୍ରମ କରିଥିଲେ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ତାଙ୍କ ଟିମ୍‌ମେଟ୍ ଜର୍ଜ ରସେଲ ରବିବାର ତାଙ୍କ ସହ ରେସ୍ ଆରମ୍ଭ କରିବେ। ରସେଲ ଅଷ୍ଟ୍ରେଲିଆରେ ସିଜନର ପ୍ରଥମ ରେସ୍‌ରେ ବିଜୟ ଲାଭ କରିଥିଲେ। ସେଠାରେ ମଧ୍ୟ ସେ ପୋଲ୍ ପୋଜିଶନ ହାସଲ କରିଥିଲେ। ୨୦୨୬ ଆରମ୍ଭରୁ ମର୍ସିଡିଜ୍ ତା'ର ଆଧିପତ୍ୟ ବିସ୍ତାର କରିଛି। ସିଜନରେ ଏପର୍ଯ୍ୟନ୍ତ ଗୋଟିଏହେଲେ ରେସ୍ ଆରମ୍ଭ କରି ନ ଥିବା ମ୍ୟାକ୍‌ଲରେନର ଓସ୍କାର ପିଆଷ୍ଟ୍ରି ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କ ସହ ଦ୍ୱିତୀୟ ଧାଡ଼ିରେ ସେମାନଙ୍କ ରେସ୍ ଆରମ୍ଭ କରିବେ। ସେହିପରି ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ଫେରାରିର ଲୁଇସ୍ ହାମିଲଟନ୍‌ଙ୍କ ସହ ତୃତୀୟ ଧାଡ଼ିରୁ ରେସ୍ ଆରମ୍ଭ କରିବେ। ଆଣ୍ଟୋନେଲି କହିଛନ୍ତି, କ୍ୱାଲିଫାଇଂ ସେସନ ତାଙ୍କ ପାଇଁ ଖୁବ୍ ଭଲ ଥିଲା। ସେ ତାଙ୍କ କାର୍ ସହ ଖୁବ୍ ସହଜ ଅନୁଭବ କରୁଛନ୍ତି। ବର୍ତ୍ତମାନ ସେମାନଙ୍କ ଧ୍ୟାନ ରବିବାର ରେସ୍ ଉପରେ ରହିଛି। କ୍ରମାଗତ ଦ୍ୱିତୀୟ ରେସ୍‌ରେ ଇଟାଲୀର ଏହି ଯୁବ ଡ୍ରାଇଭର ଅନୁଭବି ବ୍ରିଟିଶ୍ ଡ୍ରାଇଭରଙ୍କୁ ପଛରେ ପକାଇ ଦେଇଛନ୍ତି।









Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 52 Years
DHARITRI

# ଆର୍‌ସିବିର ସହଜ ବିଜୟ


ବିରାଟ କୋହଲି

**ବେଙ୍ଗାଲୁରୁ,୨୮।୩**

ଆଇପିଏଲ୍‌ର ୧୯ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହଜରେ ୬ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ୍ (ଏସ୍‌ଆର୍‌ଏଚ୍)କୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ

### ଆଜିର ଆଇପିଏଲ୍ ମ୍ୟାଚ୍

ମୁମ୍ବାଇ ବନାମ କେକେଆର୍
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

ଗତ ବର୍ଷ ଦଳାଚକଟାରେ ପ୍ରାଣ ହରାଇଥିବା ୧୧ ପ୍ରଶଂସକଙ୍କ ଲାଗି ନିରବ ପ୍ରାର୍ଥନା କରାଯାଇଥିଲା ଏବଂ ଆର୍‌ସିବି ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଏସ୍‌ଆର୍‌ଏଚ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୨୯ ରନ ମଧ୍ୟରେ ଟ୍ରାଭିସ ହେଡ୍ (୧୧), ଅଭିଷେକ ଶର୍ମା (୭), ନୀତୀଶ କୁମାର ରେଡ୍ଡୀ (୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟକ ଇଶାନ କିଶନ ଓ ହେନରିକ କ୍ଲାସେନ ଚତୁର୍ଥ ଉଇକେଟରେ ୫୩ ବଲରେ ୯୭ ରନର ପାର୍ଟନରଶିପ କରିଥିଲେ। କ୍ଲାସେନ ୩୧ (୨ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବାବେଳେ ୧୬ତମ ଓଭରରେ ବାଉଣ୍ଡ୍ରି ଲାଇନରେ ସଲ୍ଟଙ୍କ ଏକ ଚମତ୍କାର କ୍ୟାଚ୍ ଯୋଗୁ କିଶନଙ୍କ ଇନିଂସର ଅନ୍ତ ଘଟିଥିଲା। ସେ ୩୮ ବଲରେ ୮୦ (୮ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଅନିକେତ ବର୍ମାଙ୍କ ୧୮ ବଲରେ ବିସ୍ଫୋରକ ୪୩ (୩ ଚୌକା ଓ ୪ ଛକା) ରନର ପାଳି ଖେଳିଥିଲେ। ଫଳରେ ଏସ୍‌ଆର୍‌ଏଚ୍ ୨୦ ଓଭରରେ ୯ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ଆର୍‌ସିବି ୧୫.୪ ଓଭରରେ ୪ ଉଇକେଟ ହରାଇ ୨୦୩ ରନ କରିନେଇଥିଲା। ଦଳ ପାଇଁ ବିରାଟ କୋହଲି ୩୮ ବଲରେ ଅପରାଜିତ ୬୯ (୫ ଲେଖାଏ ଚୌକା ଓ ଛକା) ଓ ଦେବଦତ୍ତ ପଡିକଲ ୨୬ ବଲରେ ୬୧ (୭ ଚୌକା ଓ ୪ ଛକା) ରନ କରିଥିଲେ। ଅନ୍ୟମାନଙ୍କ ଅଧିନାୟକ ରଜତ ପଟିଦାର ୧୨ ବଲରେ ୩୧ (୨ ଚୌକା ଓ ୩ ଛକା) ଓ ଟିମ ଡେଭିଡ୍ ଅପରାଜିତ ୧୬ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ସନରାଇଜର୍ସ ହାଇଦ୍ରାବାଦ୍: ୨୦ ଓଭରରେ ୨୦୧/୯(ଇଶାନ କିଶନ-୮୦, ଅନିକେତ ବର୍ମା-୪୩, ହେନରିକ କ୍ଲାସେନ-୩୧,ଜେକବଡଫି-୩/୨୨, ରୋମାରିଓ ଶେଫର୍ଡ-୩/୫୪)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୫.୪ ଓଭରରେ ୨୦୩/୪(ବିରାଟ କୋହଲି-୬୯*, ଦେବଦତ୍ତ ପଡିକଲ-୬୧, ରଜତ ପଟିଦାର-୩୧, ଡେଭିଡ ପେନ-୨/୩୫)।

# ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ଉପରୁ ବ୍ୟାନ ହଟିନି

**ଢାକା,୨୮।୩**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରସାରଣ ଉପରୁ ବାଂଲାଦେଶରେ ବ୍ୟାନ ହଟାଯାଇଥିବା ନେଇ ପ୍ରକାଶ ପାଇଥିବା ରିପୋର୍ଟକୁ ମନ୍ତ୍ରଣାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ଆଇପିଏଲ୍ ପ୍ରସାରଣ ଉପରେ ଲଗାଯାଇଥିବା ବ୍ୟାନ ଏବେ ବି ବଳବତ୍ତର ରହିଥିବା ଦେଶର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବାଂଲାଦେଶ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ପୂର୍ବ ସରକାର ଲଗାଇଥିବା ବ୍ୟାନ ଏବେ ବି ବଳବତ୍ତର ରହିଛି। ଏ ସଂକ୍ରାନ୍ତରେ ଗତ ୨୫ ତାରିଖରେ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ପ୍ରତିକ୍ରିୟା ରଖିବାକୁ ଚିଠି କରାଯାଇଥିଲା। ଏହାର ପ୍ରତିକ୍ରିୟା ଉପରେ ପରବର୍ତ୍ତୀ ନିଷ୍ପତ୍ତି ନିର୍ଭର କରେ। ପୂର୍ବରୁ ପ୍ରକାଶ ପାଇଥିବା କିଛି ଗଣମାଧ୍ୟମ ରିପୋର୍ଟରେ ଆଇପିଏଲ୍ ପ୍ରସାରଣ ଉପରୁ ବ୍ୟାନ ହଟାଯାଇଥିବା ଦାବି କରାଯାଇଥିଲା। ରିପୋର୍ଟରେ ନବ ନିଯୁକ୍ତ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଜାହିର ଉଦ୍ଦିନ ସ୍ୱପନ ଏକ ସାକ୍ଷାତ୍‌କାରରେ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଆମ ଦେଶରେ ଆଇପିଏଲ୍ ପ୍ରସାରଣ ଲାଗି କେହି ଆବେଦନ କରି ନାହାନ୍ତି। ଆମେ କ୍ରୀଡ଼ାରେ ରାଜନୀତିକୁ ସାମିଲ କରିବାକୁ ଚାହୁଁନୁ।

# ଆଇପିଏଲ୍‌ର ପ୍ରଥମ ଦୁଇ ସପ୍ତାହ ଖେଳିବେନି ଧୋନୀ

**ନୂଆଦିଲ୍ଲୀ, ୨୮।୩ (ପି.ଟି.)**


ଏମ୍‌ଏସ୍ ଧୋନୀ

ପେଣ୍ଡାରେ ଇଞ୍ଜୁରୀ ଯୋଗୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଆଇକନ୍ ଏମ୍‌ଏସ୍ ଧୋନୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ ଦୁଇ ସପ୍ତାହ ଖେଳିପାରିବେନି। ପେଣ୍ଡାରେ ଯନ୍ତ୍ରଣା ଯୋଗୁ ସେ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି। ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଧୋନୀ ଆଇପିଏଲ୍‌ରେ ତାଙ୍କ ଖେଳ ଜାରି ରଖିଛନ୍ତି। ପ୍ରତ୍ୟେକ ସିଜନରେ ସିଏସ୍‌କେର ଅଭିଯାନ ପରେ ଆଇପିଏଲ୍‌ରେ ଏହି ୪୪ ବର୍ଷୀୟ କ୍ରିକେଟରଙ୍କ ଭବିଷ୍ୟତକୁନେଇ ବେଶ୍ ଚର୍ଚ୍ଚା ହୋଇଥାଏ। ମ୍ୟାଚ୍ ଫିଟ୍‌ନେସ ବଜାୟ ରଖିବା ତାଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି। ଋତୁରାଜ ଗାଏକ୍ୱାଡ୍ ଯଦିଓ ଦଳର ଅଧିନାୟକ ଅଛନ୍ତି, ପ୍ରଚ୍ଛଦ ପଟେ ପ୍ରକୃତରେ ଧୋନୀ ଦଳର ନେତୃତ୍ୱ ନେଉଛନ୍ତି। ୨୦୦୮ରୁ ସେ ଦଳ ସହିତ ଅଛନ୍ତି। ଗତ ଆଇପିଏଲ୍‌ରେ ଧୋନୀ ୧୪ଟି ଗେମ୍ ଖେଳିଛନ୍ତି ଏବଂ ଫିନିଶର ଭୂମିକାରେ ବ୍ୟାଟିଂ ଅର୍ଡରରେ ସେ ଲୋୟର ଡାଉନ୍‌ରେ ଖେଳିଥିଲେ। ୨୦୨୩ରେ ଆଣ୍ଠୁରେ ଇଞ୍ଜୁରୀ ପାଇଁ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଛି। ମାର୍ଚ୍ଚ ୩୦ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳି ସିଏସ୍‌କେ ଆଇପିଏଲ୍ ୨୦୨୬ରେ ଏହାର ଅଭିଯାନ ଆରମ୍ଭ କରିବ।






# ଭୁବନେଶ୍ୱର ଚାମ୍ପିୟନ, ଖୋର୍ଦ୍ଧା ରନରଅପ୍


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ, ରନରଅପ୍ ଦଳର ଖେଳାଳି।

**ଭୁବନେଶ୍ୱର,୨୮।୩(ଅନାଦି କର)**

### ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ

ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନ (କେଡିବିଏ) ଦ୍ୱାରା ଆୟୋଜିତ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ୪୮-୩୦ ବ୍ୟବଧାନରେ ଖୋର୍ଦ୍ଧା ଜିଲା ବାସ୍କେଟବଲ ଆସୋସିଏଶନକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିପୂର୍ବରୁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କ୍ଲବ ଦି ଏଣ୍ଟରଟେନମେଣ୍ଟ ୩୬-୨୦ ବ୍ୟବଧାନରେ ଜିଜିଏସ୍‌ଏସ୍‌କୁ ପରାସ୍ତ କରିଥିଲା। ଚାମ୍ପିୟନ, ରନରଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଟ୍ରଫି ସହ ଯଥାକ୍ରମେ ୫, ୩, ୨ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭା ସ୍ପିକର ସୁରମା ପାଢ଼ି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ଅନ୍ତର୍ଜାତୀୟ ବାସ୍କେଟବଲ ଖେଳାଳି ସିତାମଣୀ ଟୁଡୁ, ଓଡ଼ିଶା ବାସ୍କେଟବଲ ଆସୋସିଏଶନର ସମ୍ପାଦକ ଅଶୋକ ସାହୁ, ସଭାପତି ଜ୍ଞାନରଞ୍ଜନ ପରିଡ଼ା, ପ୍ରଶାନ୍ତ କୁମାର ନାୟକ ଓ ଆର୍‌ପି ପାଣି ଉପସ୍ଥିତ ଥିଲେ।

# ଆଣ୍ଟୋନେଲିଙ୍କୁ ପୋଲ୍ ପୋଜିଶନ

**ସୁଜୁକା(ଜାପାନ), ୨୮।୩(ଏପି):** ମର୍ସିଡିଜ୍ ଡ୍ରାଇଭର କିମି ଆଣ୍ଟୋନେଲି ରବିବାର ହେବାକୁଥିବା ଜାପାନିଜ୍ ଫର୍ମୁଲା-୧ ଗ୍ରାଁ.ପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଦୁଇ ସପ୍ତାହ ପୂର୍ବେ ସେ ଚାଇନିଜ୍ ଗ୍ରାଁ ପ୍ରିରେ ପୋଲ୍ ପୋଜିଶନ ସହ ତାଙ୍କ କ୍ୟାରିୟରର ପ୍ରଥମ ରେସ୍ ଜିତିଥିଲେ। ସେଣ୍ଟ୍ରାଲ ଜାପାନସ୍ଥିତ ସୁଜୁକା ସର୍କିଟ୍‌ରେ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ୧୯ ବର୍ଷୀୟ ଆଣ୍ଟୋନେଲି ୫.୮କି.ମି(୩.୬ ମାଇଲ୍) ଦୂରତାକୁ ୧ ମିନିଟ୍ ୨୮.୭୭୮ ସେକେଣ୍ଡରେ ଅତିକ୍ରମ କରିଥିଲେ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ତାଙ୍କ ଟିମ୍‌ମେଟ୍ ଜର୍ଜ ରସେଲ ରବିବାର ତାଙ୍କ ସହ ରେସ୍ ଆରମ୍ଭ କରିବେ। ରସେଲ ଅଷ୍ଟ୍ରେଲିଆରେ ସିଜନର ପ୍ରଥମ ରେସ୍‌ରେ ବିଜୟ ଲାଭ କରିଥିଲେ। ସେଠାରେ ମଧ୍ୟ ସେ ପୋଲ୍ ପୋଜିଶନ ହାସଲ କରିଥିଲେ। ୨୦୨୬ ଆରମ୍ଭରୁ ମର୍ସିଡିଜ୍ ତା'ର ଆଧିପତ୍ୟ ବିସ୍ତାର କରିଛି। ସିଜନରେ ଏପର୍ଯ୍ୟନ୍ତ ଗୋଟିଏହେଲେ ରେସ୍ ଆରମ୍ଭ କରି ନ ଥିବା ମ୍ୟାକ୍‌ଲରେନର ଓସ୍କାର ପିଆଷ୍ଟ୍ରି ଫେରାରିର ଚାର୍ଲ୍ସ ଲେକ୍‌ରେକ୍ଙ୍କ ସହ ଦ୍ୱିତୀୟ ଧାଡ଼ିରେ ସେମାନଙ୍କ ରେସ୍ ଆରମ୍ଭ କରିବେ। ସେହିପରି ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ଫେରାରିର ଲୁଇସ୍ ହାମିଲଟନ୍‌ଙ୍କ ସହ ତୃତୀୟ ଧାଡ଼ିରୁ ରେସ୍ ଆରମ୍ଭ କରିବେ। ଆଣ୍ଟୋନେଲି କହିଛନ୍ତି, କ୍ୱାଲିଫାଇଂ ସେସନ ତାଙ୍କ ପାଇଁ ଖୁବ୍ ଭଲ ଥିଲା। ସେ ତାଙ୍କ କାର୍ ସହ ଖୁବ୍ ସହଜ ଅନୁଭବ କରୁଛନ୍ତି। ବର୍ତ୍ତମାନ ସେମାନଙ୍କ ଧ୍ୟାନ ରବିବାର ରେସ୍ ଉପରେ ରହିଛି। କ୍ରମାଗତ ଦ୍ୱିତୀୟ ରେସ୍‌ରେ ଇଟାଲୀର ଏହି ଯୁବ ଡ୍ରାଇଭର ଅନୁଭବି ବ୍ରିଟିଶ୍ ଡ୍ରାଇଭରଙ୍କୁ ପଛରେ ପକାଇ ଦେଇଛନ୍ତି।








Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ